# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17




ମୋଦିଙ୍କୁ ଭେଟିଲେ ଶରଦ ପାୱାର

ପୃଷ୍ଠା ୫





ଛାତ୍ର ଆନ୍ଦୋଳନକୁ ସୁପ୍ରିମ୍‌କୋର୍ଟଙ୍କ ଝଟ୍‌କା

## ଭିଡିଓ ଦେଖାଇ ସମୟ ନଷ୍ଟ କରନି

**ଲାଠିଚାର୍ଜ ନେଇ ଅଭିଯୋଗ ଶୁଣିଲେନି ଖଣ୍ଡପୀଠ**

ନୂଆଦିଲ୍ଲୀ,୨୨।୭: ସ୍ଥାନୀୟ ଜନ୍ତର ମନ୍ତରଠାରେ ଗତ ସୋମବାର ଏକତ୍ରିତ ହୋଇ ପ୍ରତିବାଦ କରୁଥିବା ଛାତ୍ରଛାତ୍ରୀଙ୍କ ଉପରେ ପୁଲିସ୍‌ର କଥିତ ମାତ୍ରାଧିକ ଜୁଲୁମ୍‌କୁ ବିଚାରକୁ ନେଇ ନିଜ ଆଡୁ (ସୁ ମୋଟୁ) ମାମଲା ରୁଜୁ କରିବାକୁ ସର୍ବୋଚ୍ଚ ନ୍ୟାୟାଳୟ ଆଜି ସ୍ପଷ୍ଟ ଭାବେ ମନା କରିଦେଇଛନ୍ତି। ଏହି ମାମଲାରେ ଯେତେବେଳେ ପ୍ରତିବାଦକାରୀ ଛାତ୍ରଛାତ୍ରୀଙ୍କ ଉପରେ ପୁଲିସର ବର୍ବରୋଚିତ ଅତ୍ୟାଚାରର ଭିଡିଓଗ୍ରାଫି ପ୍ରମାଣ ତାଙ୍କ ନିକଟରେ ରହିଛି ବୋଲି ଜଣେ ଆଇନଜୀବୀ କହିଥିଲେ, ସେତେବେଳେ ମୁଖ୍ୟ ବିଚାରପତି (ସିଜେଆଇ) ସୂର୍ଯ୍ୟ କାନ୍ତ ଭିଡିଓଗ୍ରାଫିକୁ ଯାଞ୍ଚ୍ କରିବାକୁ ମୌଖିକ ଭାବେ ମନା କରିବା ସହ ଏପରି କରି ଅଦାଲତଙ୍କ ସମୟ ନଷ୍ଟ କରିବା ➪ ପୃଷ୍ଠା-୬

ବାହୁଡ଼ା ଯାତ୍ରା ପ୍ରସ୍ତୁତି ସମୀକ୍ଷା ବୈଠକ

# ଆଇନଶୃଙ୍ଖଳା ଓ ସୁରକ୍ଷାରେ ସାଲିସ କରାଯିବନି

▶▶ ଭିଡ଼ ପରିଚାଳନା ଓ ସୂଚନା ଉପରେ ଦିଆଯିବ ଗୁରୁତ୍ୱ

▶▶ ପ୍ରଶାସନ ଓ ପୁଲିସ ମାର୍ଗଦର୍ଶିକା ପାଳନ କରନ୍ତୁ ଶ୍ରଦ୍ଧାଳୁ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୨।୭(ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନରେ ଆସନ୍ତା ୨୪ ତାରିଖରେ ହେବାକୁ ଥିବା ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରା ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରି ଭିଡ଼ ପରିଚାଳନା ଓ ସୂଚନା ସଞ୍ଚାର ଉପରେ ଅଧିକ ଗୁରୁତ୍ୱ ଦେବାକୁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଏଥିସହ ମୁଖ୍ୟମନ୍ତ୍ରୀ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କୁ ପ୍ରଶାସନ ଓ ପୁଲିସର ମାର୍ଗଦର୍ଶିକା ପାଳନ କରିବାକୁ ମଧ୍ୟ ନିବେଦନ କରିଛନ୍ତି।

ବୈଠକରେ ହୋଇଥିବା ଆଲୋଚନାରୁ ଜଣାଯାଇଛି ଯେ ରଥଯାତ୍ରାଠାରୁ ଆଜି ପର୍ଯ୍ୟନ୍ତ ମହାପ୍ରଭୁଙ୍କ ସମସ୍ତ ନୀତିକାନ୍ତି ପ୍ରାୟତଃ ଠିକ ଭାବେ



ପରିଚାଳିତ ହୋଇଛି। ଲଗାଣ ବର୍ଷା, ପ୍ରତିକୂଳ ପାଗ, ଗରମ ଓ ଗୁଳୁଗୁଳି ସତ୍ତ୍ୱେ ଅଧିକାରୀ ଓ କର୍ମଚାରୀ ତଥା ଭକ୍ତମାନଙ୍କ ସେବା ଓ ସମର୍ପଣ କୌଣସି ମାତ୍ରାରେ ପ୍ରଭାବିତ ହୋଇନାହିଁ। ସେବାୟତମାନଙ୍କ ନିଷ୍ଠା ଓ ସମର୍ପଣ ମନୋଭାବର ଉଚ୍ଚ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଧନ୍ୟବାଦ ଦେଇଛନ୍ତି। ମହାପ୍ରଭୁଙ୍କ ସେବାରେ ସମସ୍ତ ଅଧିକାରୀ ଓ କର୍ମଚାରୀ ଟିମ ସ୍ପିରିଟ୍ ନେଇ କାମ କରୁଥିବାରୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଦେଇଛନ୍ତି।

ପୁରୀ ସହରରେ ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନ ସଜାଗ ରହି ସମସ୍ତ ବ୍ୟବସ୍ଥାର ନିୟମିତ ପରିଚାଳନା ଓ ତଦାରଖ କରୁଛନ୍ତି। ପହଣ୍ଡି, ରଥଟଣା, ଦକ୍ଷିଣୀ ମୋଡ଼, ଆଡ଼ପ ମଣ୍ଡପ ଦର୍ଶନ, ପ୍ରତ୍ୟେକ ସମୟରେ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ନିୟମିତ ତଦାରଖ କରୁଛନ୍ତି। ବୈଠକରେ ଭିଡ଼ ପରିଚାଳନା ଓ ନିରନ୍ତର ସୂଚନା ସଞ୍ଚାର ଉପରେ ଅଧିକ ଗୁରୁତ୍ୱ ଦେବାକୁ ମୁଖ୍ୟମନ୍ତ୍ରୀ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଭିଡ଼ରେ ଜନଗହଳିକୁ ବୈଜ୍ଞାନିକ ପଦ୍ଧତିରେ ଅନୁଧ୍ୟାନ କରିବାକୁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସିସିଟିଭିରୁ ମିଳୁଥିବା ସୂଚନାକୁ ଇଣ୍ଟିଗ୍ରେଟେଡ କମାଣ୍ଡ ଆଣ୍ଡ କଣ୍ଟ୍ରୋଲ ବ୍ୟବସ୍ଥା ଜରିଆରେ ସମସ୍ୟା ଥିବା ସ୍ଥାନକୁ ତୁରନ୍ତ ପ୍ରଦାନ କରାଗଲେ ସମସ୍ୟାର ସମାଧାନ ହୋଇପାରିବ। ଆଗକୁ ବାହୁଡ଼ା ଯାତ୍ରା ସହ ମହାପ୍ରଭୁଙ୍କ ସୁନାବେଶ ଓ ନିଳାଦ୍ରୀ ବିଜେ ଅନୁଷ୍ଠିତ ହେବ। ତେଣୁ ସମସ୍ତ ନୀତିକାନ୍ତି ଯେପରି ସୁଚାରୁ ରୂପେ ପାଳିତ ହେବ, ସେଥିପ୍ରତି ସ୍ୱତନ୍ତ୍ର ଧ୍ୟାନ ରଖିବାକୁ ମୁଖ୍ୟମନ୍ତ୍ରୀ କହିଛନ୍ତି।

ରଥଯାତ୍ରାରେ ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁଁ ଦୁଇ ଜଣ ଶ୍ରଦ୍ଧାଳୁଙ୍କ ଜୀବନହାନି ହୋଇଥିବାରୁ ଏଥିସକାଶେ ମୁଖ୍ୟମନ୍ତ୍ରୀ ଦୁଃଖ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ଗଭୀର ସମବେଦନା ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ ଯେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ମୃତ ଶ୍ରଦ୍ଧାଳୁଙ୍କ ପରିବାରବର୍ଗଙ୍କ ପାଇଁ ୧୦ ଲକ୍ଷ ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରାଯିବା ସକାଶେ ମଧ୍ୟ ଘୋଷଣା କରାଯାଇସାରିଛି।

ସେହିପରି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ ଅରବିନ୍ଦ ପାଢ଼ୀ ରଥଯାତ୍ରା ପରିଚାଳନା ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଛନ୍ତି। ➪ ପୃଷ୍ଠା-୬

ରାଜ୍ୟ ସରକାରଙ୍କ ବଡ଼ ନିଷ୍ପତ୍ତି

# ଏସ୍‌ସି/ଏସ୍‌ଟି ଆଇନ ଅଧୀନରେ ୬ ସ୍ୱତନ୍ତ୍ର କୋର୍ଟ

**ବିଚାରପତି ନିଯୁକ୍ତି ପାଇଁ ହାଇକୋର୍ଟଙ୍କୁ ଅନୁରୋଧ**

**ସମସ୍ତଙ୍କୁ କମ୍ ସମୟ ଭିତରେ ମିଳିବ ନ୍ୟାୟ: ମୁଖ୍ୟମନ୍ତ୍ରୀ**

ଭୁବନେଶ୍ୱର,୨୨।୭(ସଂଚାର ବ୍ୟୁରୋ): ରାଜ୍ୟରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବର୍ଗର ଲୋକଙ୍କୁ ଶୀଘ୍ର ଆଇନଗତ ନ୍ୟାୟ ପ୍ରଦାନ ଏବଂ ସେମାନଙ୍କ ଅଧିକାରର ସୁରକ୍ଷା ପାଇଁ ରାଜ୍ୟ ସରକାର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛନ୍ତି। ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି (ଅତ୍ୟାଚାର ନିରୋଧ) ଆଇନ, ୧୯୮୯ ଅଧୀନରେ ଆସୁଥିବା ମାମଲାଗୁଡ଼ିକର ତ୍ୱରିତ ଶୁଣାଣି ଏବଂ ଦଣ୍ଡବିଧାନ ପାଇଁ ରାଜ୍ୟର ୬ଟି ଜିଲ୍ଲାରେ ଏକ୍ସକ୍ଲୁସିଭ୍ ସ୍ୱତନ୍ତ୍ର କୋର୍ଟ ସ୍ଥାପନ ନେଇ ଆନୁଷ୍ଠାନିକ ବିଜ୍ଞପ୍ତି ପ୍ରକାଶ ପାଇଛି।

ଗୃହ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ଉଚ୍ଚ ନ୍ୟାୟାଳୟଙ୍କ ସୁପାରିଶ ଓ ସହମତି କ୍ରମେ ଏହି କୋର୍ଟଗୁଡ଼ିକ ସ୍ଥାପନ କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ



ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱରେ ରାଜ୍ୟ ସରକାର ସାମାଜିକ ନ୍ୟାୟ ଓ ଶୋଷିତ ବର୍ଗର ଅଧିକାର ସୁରକ୍ଷା ପାଇଁ ସଂକଳ୍ପବଦ୍ଧତା ପ୍ରଦର୍ଶନ କରିଛନ୍ତି। ଏହି ନୂତନ ସ୍ୱତନ୍ତ୍ର କୋର୍ଟଗୁଡ଼ିକ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍-କମ୍-ସ୍ୱତନ୍ତ୍ର କୋର୍ଟ ଭାବେ କାର୍ଯ୍ୟ କରିବେ। ଏଗୁଡ଼ିକ ଭଦ୍ରକ, ଗଞ୍ଜାମ (ବ୍ରହ୍ମପୁର), ଯାଜପୁର, କେନ୍ଦ୍ରାପଡ଼ା, ଓ ପୁରୀ ରାଜସ୍ୱ ଜିଲ୍ଲା ଏବଂ ଖୋର୍ଦ୍ଧା ରାଜସ୍ୱ ସବ-ଡିଭିଜନ୍ ପରିସୀମା ମଧ୍ୟରେ କାର୍ଯ୍ୟକାରୀ ହେବ। ଏହି କୋର୍ଟଗୁଡ଼ିକ ପ୍ରତିଷ୍ଠା ହେବା ଦ୍ୱାରା ବହୁ ଦିନରୁ ପଡ଼ିରହିଥିବା ମାମଲାଗୁଡ଼ିକର ତ୍ୱରିତ ନିଷ୍ପତ୍ତି ହୋଇପାରିବ।

ପୁଲିସ ମୁଖ୍ୟାଳୟର ରାଜ୍ୟ ମାନବାଧିକାର ସୁରକ୍ଷା ସେଲର ନିରନ୍ତର ସମୀକ୍ଷା ଓ ପ୍ରୟାସ ଫଳରେ ଏହି ପ୍ରସ୍ତାବ ସାକାର ହୋଇପାରିଛି। ଏଡିଜିପି ଯତୀନ୍ଦ୍ର କୋୟଲଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନ ଓ ପ୍ରଚେଷ୍ଟା ବଳରେ ପେଣ୍ଡିଂ ମାମଲାର ସଠିକ୍ ଆକଳନ କରାଯାଇ ଗୃହ ବିଭାଗ ମାଧ୍ୟମରେ ହାଇକୋର୍ଟଙ୍କ ଆବଶ୍ୟକୀୟ ସ୍ୱୀକୃତି ହାସଲ କରାଯାଇପାରିଛି। ଆନୁଷ୍ଠାନିକ ବିଜ୍ଞପ୍ତି ପରେ ଗୃହ ବିଭାଗ ପକ୍ଷରୁ ଉଚ୍ଚ ନ୍ୟାୟାଳୟଙ୍କୁ ଏହି ନୂତନ କୋର୍ଟଗୁଡ଼ିକ ପାଇଁ ବିଚାରପତି ନିଯୁକ୍ତ କରିବାକୁ ଅନୁରୋଧ କରାଯାଇଛି। ଏହା ସହିତ ➪ ପୃଷ୍ଠା-୬

## ଓଡ଼ିଶାରେ ପଶିଲା କରୋନା



● ଏମକେସିଜିରେ ସଂକ୍ରମିତ ମହିଳା

● ଭୟଭୀତ ହୁଅନ୍ତୁନି: ସ୍ୱାସ୍ଥ୍ୟ ସ୍ୱତନ୍ତ୍ର ସଚିବ

ବ୍ରହ୍ମପୁର,୨୨।୭(ସଂଚାର ବ୍ୟୁରୋ): ଓଡ଼ିଶାରେ ପଶିଲା କରୋନା। ପାଖାପାଖି ୬ ବର୍ଷ ତଳେ ଦେଶ ସହ ରାଜ୍ୟରେ ହଇଚଇ ସୃଷ୍ଟି କରିବା ସହ ପାଖାପାଖି ୧୦ ହଜାର ଲୋକଙ୍କ ଜୀବନ ନେଇଥିବା ଏହି ଘାତକ ଭୂତାଣୁ କିଛି ଦିନ ତଳେ ଆନ୍ଧ୍ର ପ୍ରଦେଶ ଓ କର୍ଣ୍ଣାଟକରେ ବ୍ୟାପିବା ଆରମ୍ଭ କରିଥିଲା। କିନ୍ତୁ ଆଜି ଏହି ଚୀନୀ ଭୂତାଣୁ ଓଡ଼ିଶାରେ ଜଣେ ମହିଳାଙ୍କଠାରେ ଚିହ୍ନଟ ହୋଇଛି। ଉକ୍ତ ମହିଳାଙ୍କୁ ୫୪ ବର୍ଷ ବୟସ ହୋଇଥିବା ବେଳେ ତାଙ୍କୁ ଏଠାକାର ଏମକେସିଜି ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ସେ ଗଞ୍ଜାମ ଜିଲ୍ଲାର ପୁରୁଷୋତ୍ତମପୁର ବ୍ଲକ୍‌ର ବାସିନ୍ଦା ହୋଇଥିବା ବେଳେ ନିଃଶ୍ୱାସପ୍ରଶ୍ୱାସଜନିତ ସମସ୍ୟା ନେଇ ଏମ୍‌କେସିଜିକୁ ଆସିଥିଲେ। ତାଙ୍କର ଆର୍‌ଟି-ପିସିଆର୍ ଟେଷ୍ଟ କରାଯିବା ପରେ ନମୁନା ପଜିଟିଭ୍ ଆସିବାରୁ ତାଙ୍କୁ ଆଇସୋଲେସନରେ ରଖାଯାଇଛି। ତେବେ ତାଙ୍କର ଟ୍ରାଭେଲ୍ ହିଷ୍ଟ୍ରି ସମ୍ପର୍କରେ ଅଦ୍ୟାବଧି କିଛି ବି ସ୍ପଷ୍ଟ ହୋଇପାରିନାହିଁ। ଏବେ ଉକ୍ତ ମହିଳାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ସେହିପରି ଉକ୍ତ ମହିଳାଙ୍କ ସଂସ୍ପର୍ଶରେ ଆସିଥିବା ସନ୍ଦେହ କରି ଅନ୍ୟ ଦୁଇ ଜଣଙ୍କୁ ମଧ ସେଲ୍‌ଫ-ଆଇସୋଲେସନ୍‌ରେ ରଖାଯାଇଥିବା ହସ୍ପିଟାଲ୍ ପକ୍ଷରୁ କୁହାଯାଇଛି। ଏଥିସହ ଏହାକୁ ନେଇ ଭୟଭୀତ ନ ହେବାକୁ ସ୍ୱାସ୍ଥ୍ୟ ବିଭାଗ ସ୍ୱତନ୍ତ୍ର ସଚିବ ଡାକ୍ତର ସନ୍ତୋଷ ମିଶ୍ର ଜନସାଧାରଣଙ୍କୁ ପରାମର୍ଶ ➪ ପୃଷ୍ଠା-୬

## ଛାତ୍ରଙ୍କ ସ୍ୱରକୁ ଦବାଅନି: ଅନ୍ନା

ନୂଆଦିଲ୍ଲୀ,୨୨।୭: ବାଦ ବିବାଦ କରିବାଠାରୁ କଥାବାର୍ତ୍ତା କରିବା ଭଲ ବୋଲି ସମାଜସେବୀ ଆନ୍ନା ହଜାରେ ବୁଧବାର ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖି ଆନ୍ଦୋଳନରତ ଛାତ୍ରମାନଙ୍କ ସହିତ ଆଲୋଚନା କରିବାକୁ ଅନୁରୋଧ କରିଛନ୍ତି। ଚିଠିରେ ସେ ଲେଖିଛନ୍ତି ଯେ, ଛାତ୍ରଛାତ୍ରୀଙ୍କ ପ୍ରତି ପୁଲିସର ବ୍ୟବହାର ତାଙ୍କୁ ଆଘାତ ଦେଇଛି। ଛାତ୍ରଛାତ୍ରୀଙ୍କ ସ୍ୱରକୁ ଦବାଇଦେଲେ ସମସ୍ୟାର ସମାଧାନ ହେବନାହିଁ; ସେମାନଙ୍କ ସହ ବସି ଆଲୋଚନା କଲେ ଫଳ ବାହାରିବ ବୋଲି ଆନ୍ନା ହଜାରେ ପରାମର୍ଶ ଦେଇଛନ୍ତି। ଏଥିସହିତ ପରିବେଶବିତ୍ ସୋନମ୍ ୱାଙ୍ଗଚୋକଙ୍କ ପ୍ରତି ସରକାର ଯେଉଁଭଳି ବ୍ୟବହାର କଲେ ତାହା ଅଗଣତାନ୍ତ୍ରିକ ବୋଲି ଆନ୍ନା କହିଛନ୍ତି।

■ ଜନ୍ତର ମନ୍ତରରେ ସାନି ହିଂସା

## ୫ ପୁଲିସ୍ ଆହତ, ଇଣ୍ଟରନେଟ୍ ବନ୍ଦ

ନୂଆଦିଲ୍ଲୀ, ୨୨।୭: ବୁଧବାର ଜନ୍ତର ମନ୍ତରରେ ଆନ୍ଦୋଳନରତ ଛାତ୍ର ଓ ପୁଲିସଙ୍କ ମଧ୍ୟରେ ସାନି ହିଂସା ଦେଖିବାକୁ ମିଳିଛି। ଭିଡ଼ ଭାଙ୍ଗିବା ପାଇଁ ପୁଲିସ୍ ଛାତ୍ରଛାତ୍ରୀଙ୍କଠାରେ ଲୁହବୁହା ଗ୍ୟାସ୍ ପ୍ରୟୋଗ କରିବା ସହ ଲାଠିଚାର୍ଜ କରିଛି। ଟଲଷ୍ଟୟ ମାର୍ଗରେ ଜଣେ ଏସିପି ର୍‍ୟାଙ୍କର ଅଧିକାରୀ ଆନ୍ଦୋଳନକାରୀଙ୍କ ଦ୍ୱାରା ପଥରମାଡ଼ରେ ଆହତ ହେବା ପରେ ସାନି ହିଂସା ଆରମ୍ଭ ହୋଇଥିଲା। ଦେଶର ବିଭିନ୍ନ ସ୍ଥାନରୁ ବସ୍ ଓ ଟ୍ରେନ୍ ଯୋଗେ ଛାତ୍ରଛାତ୍ରୀମାନେ ଆସି ଆନ୍ଦୋଳନରେ ଯୋଗ ଦେଉଛନ୍ତି। ବୁଧବାର ଏକ ବଡ଼ ଛାତ୍ରଗୋଷ୍ଠୀ ଆସି ଜନ୍ତର ମନ୍ତରରେ ଭାଗ ନେବାକୁ ଯାଉଥିବା ବେଳେ ପୁଲିସ ପକ୍ଷରୁ ଭିଡ଼ ହଟାଇବାକୁ ଚେଷ୍ଟାକରିଥିଲା। ଏହାପରେ ଆରମ୍ଭ ହୋଇଥିବା ସାନି ହିଂସାରେ ୫ଜଣ ପୁଲିସ୍ ଆହତ ହୋଇଛନ୍ତି। ଇଣ୍ଟରନେଟ୍ ସେବାକୁ ବନ୍ଦ କରିଦିଆଯାଇଛି।

## ଅସ୍ତ୍ର ଛାଡ଼ିଲେ ମହିଳା ମାଓବାଦୀ

କୋଇଡ଼ା,୨୨।୭(ସଂଚାର ବ୍ୟୁରୋ): ରାଜ୍ୟରେ ସୁରକ୍ଷାକର୍ମୀଙ୍କ ନିୟମିତ ଅପରେସନ୍ ଯୋଗୁଁ ମାଓବାଦୀଙ୍କ ଅଣ୍ଟା ଭାଙ୍ଗିଯାଇଥିବା ବେଳେ ଆଜି ଜଣେ ହାର୍ଡକୋର ମହିଳା ମାଓବାଦୀ ଝାଡ଼ଖଣ୍ଡରେ ସୁରକ୍ଷା ବାହିନୀ ନିକଟରେ ଆତ୍ମସମର୍ପଣ କରିଛନ୍ତି। ତାଙ୍କ ନାମ ଅନିତା କିସ୍କୁ ଓରଫ୍ ବବିତା ହୋଇଥିବା ବେଳେ ସେ ଦୀର୍ଘଦିନ ଧରି ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ମାଓବାଦୀ)ର କ୍ଷେତ୍ର କମିଟିର ସକ୍ରିୟ ସଦସ୍ୟ ଭାବେ କାର୍ଯ୍ୟ କରିଆସୁଥିଲେ। ତାଙ୍କ ମୁଣ୍ଡରେ ୨୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଥିଲା। ମିଳିଥିବା ସୂଚନାନୁଯାୟୀ, ଅନିତା ଝାଡ଼ଖଣ୍ଡର ବିଭିନ୍ନ ମାଓବାଦୀ ପ୍ରଭାବିତ ଅଞ୍ଚଳରେ ସଂଗଠନର ବିଭିନ୍ନ କାର୍ଯ୍ୟକଳାପରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ। ତାଙ୍କ ବିରୋଧରେ ଝାଡ଼ଖଣ୍ଡର ବିଭିନ୍ନ ଥାନାରେ ୫୦ରୁ ଅଧିକ ଆପରାଧିକ ମାମଲା ରହିଛି। ସେଥି ମଧ୍ୟରେ ସୁରକ୍ଷା ବାହିନୀ ଉପରେ ଆକ୍ରମଣ, ହିଂସାକାଣ୍ଡ, ଅସ୍ତ୍ରଶସ୍ତ୍ର ବ୍ୟବହାର ଓ ଅନ୍ୟାନ୍ୟ ସଙ୍ଗୀନ ଅପରାଧ ଆଦି ସାମିଲ ଥିବା ଜଣାପଡ଼ିଛି।

ଶିକ୍ଷା ମନ୍ତ୍ରୀଙ୍କ କନକ୍ଲେଭରେ କେନ୍ଦ୍ରମନ୍ତ୍ରୀ

# ପ୍ରତ୍ୟେକ ଶିଶୁର ସଫଳତା ଆମର ଉତ୍ତରଦାୟିତ୍ୱ



**ଏନ୍‌ଇପି ଅନୁଯାୟୀ ବିଭିନ୍ନ ଯୋଜନାର ସମୀକ୍ଷା**

ନୂଆଦିଲ୍ଲୀ,୨୨।୭(ସଂଚାର ବ୍ୟୁରୋ): ପ୍ରତ୍ୟେକ ଶିଶୁର ସଫଳତା ହିଁ ଆମର ଉତ୍ତରଦାୟିତ୍ୱ ବୋଲି ଆଜି ଏଠାକାର 'ଆଇସିଏଆର' ନାସ୍କ ପରିସରରେ ଶିକ୍ଷା ମନ୍ତ୍ରଣାଳୟର ବିଦ୍ୟାଳୟ ଶିକ୍ଷା ଓ ସାକ୍ଷରତା ବିଭାଗ ପକ୍ଷରୁ ଆୟୋଜିତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ଶିକ୍ଷା ମନ୍ତ୍ରୀମାନଙ୍କ ଦୁଇଦିନିଆ ସମ୍ମିଳନୀରେ ଅଧକ୍ଷତା କରିବା ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ନିଜ ଅଭିଭାଷଣରେ ଶ୍ରୀ ପ୍ରଧାନ ଗୁରୁତ୍ୱାରୋପ କରି କହିଥିଲେ ଯେ ବିଦ୍ୟାଳୟ ଶିକ୍ଷାକୁ ମଜବୁତ କରିବାରେ କେନ୍ଦ୍ର ଓ ରାଜ୍ୟଗୁଡ଼ିକ ସମାନ ଭାଗୀଦାର। ଜାତୀୟ ଶିକ୍ଷା ନୀତି (ଏନ୍‌ପି)ର ପରିକଳ୍ପନା ଅନୁଯାୟୀ, କେନ୍ଦ୍ରୀୟ ଯୋଜନାଗୁଡ଼ିକର ସଫଳ କାର୍ଯ୍ୟାନ୍ୱୟନକୁ ତ୍ୱରାନ୍ୱିତ କରିବା, ସହଯୋଗ ବୃଦ୍ଧି କରିବା ଓ ଉତ୍ତମ କାର୍ଯ୍ୟଶୈଳୀଗୁଡ଼ିକୁ ଆଦାନପ୍ରଦାନ କରିବା ପାଇଁ ଏହି ସମ୍ମିଳନୀ କେନ୍ଦ୍ର, ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ପ୍ରଦାନ କରୁଛି। ଏହି ଆଲୋଚନା ଏକ ଭବିଷ୍ୟତ-ଉପଯୋଗୀ, ଅନ୍ତର୍ଭୁକ୍ତ ଓ ଉଚ୍ଚ-ଗୁଣାତ୍ମକ ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥା ଗଠନ ଦିଗରେ ଆମର ସାମୂହିକ ପ୍ରତିବଦ୍ଧତାକୁ ଆହୁରି ସୁଦୃଢ଼ କରିବ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ହେବାକୁ ଥିବା ଆଗାମୀ 'ପ୍ରଗତି' ସମୀକ୍ଷାରେ ଯୋଗଦାନ ଦେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ➪ ପୃଷ୍ଠା-୬

ନବୀନଙ୍କ ମନ୍ତବ୍ୟକୁ ବିଜେପି ସାଂସଦଙ୍କ ସମୂହ ବିରୋଧ

# ବିଜେଡିର 'ଚଟୁ ଆମିଷ, ବେଣ୍ଟ ନିରାମିଷ' ନୀତି

● ଓଡ଼ିଆ ଲୋକଙ୍କୁ ଦୁର୍ବଳ ଭାବନ୍ତୁନି: ଭର୍ତ୍ତୃହରି

● ବାମପନ୍ଥୀଙ୍କ ପରି ବିଜେଡି ନିଜର ଜନାଦେଶ ହରାଉଛି

● ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ନେଇ ରାଜନୀତି କରା ନ ଯାଉ

ନୂଆଦିଲ୍ଲୀ,୨୨।୭(ସଂଚାର ବ୍ୟୁରୋ): ନିଟ୍ ପ୍ରଶ୍ନପତ୍ର ଲିକ ପ୍ରସଙ୍ଗରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଯେଉଁ ଢଙ୍ଗରେ ଓ ଯେଉଁ ବିଷୟରେ ବିବୃତି ଦେଇଛନ୍ତି, ତାହା ସମ୍ପୂର୍ଣ୍ଣ ତଥ୍ୟହୀନ, ଭିତ୍ତିହୀନ ଓ ଉଦ୍ଦେଶ୍ୟମୂଳକ। ବିଜେପି ପକ୍ଷରୁ ଆମେ ସମସ୍ତେ ମିଳିତ ଭାବେ ଏହାକୁ ଦୃଢ଼ ଶବ୍ଦରେ ନିନ୍ଦା କରୁଛୁ ବୋଲି ଆଜି ନୂଆଦିଲ୍ଲୀଠାରେ ଓଡ଼ିଶାର ବିଜେପି ସାଂସଦମାନେ ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ କହିଛନ୍ତି।

ସାଂସଦ ଭର୍ତ୍ତୃହରି ମହତାବ କହିଛନ୍ତି ଯେ ନବୀନ ପଟ୍ଟନାୟକ ବୋଧହୁଏ ଭାବିଛନ୍ତି ଯେ ଲୋକଙ୍କର ସ୍ମୃତିଶକ୍ତି କମ ଓ ଓଡ଼ିଶାବାସୀ



ସବୁକିଛି ଭୁଲିଯାଇଛନ୍ତି। କିନ୍ତୁ ଓଡ଼ିଆ ଲୋକଙ୍କୁ, ଓଡ଼ିଶାବାସୀଙ୍କୁ ଏତେ ଦୁର୍ବଳ କିମ୍ବା ଅଜ୍ଞ ମନେ କରିବା ଉଚିତ ନୁହେଁ। ୨୦୧୫ରୁ ୨୦୨୩ ପର୍ଯ୍ୟନ୍ତ ତାଙ୍କ ନିଜ ଶାସନ କାଳରେ ଓଡ଼ିଶାରେ ପ୍ରତ୍ୟେକ ବର୍ଷ ପ୍ରତିଯୋଗିତାମୂଳକ ପରୀକ୍ଷାଗୁଡ଼ିକରେ ବ୍ୟାପକ ଅନିୟମିତତା ଓ ପ୍ରଶ୍ନପତ୍ର ଲିକ୍ ଘଟିଥିଲା। ପୁଲିସ କନଷ୍ଟେବଳ ପରୀକ୍ଷା, ଓପିଏସସି, ଓଜେଏସଇ, ମାଟ୍ରିକ୍ ପରୀକ୍ଷା ଆଦି ଅନେକ ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍ ଓ ଦୁର୍ନୀତି ଯୋଗୁଁ ଓଡ଼ିଶା ହାଇକୋର୍ଟ ତତ୍କାଳୀନ ବିଜେଡି ସରକାରଙ୍କ କାର୍ଯ୍ୟକଳାପକୁ କଡ଼ା ଭର୍ତ୍ସନା କରିଥିଲେ। ସେ ସମୟରେ ବିରାଟ ଆନ୍ଦୋଳନ, ଶୋଭାଯାତ୍ରା ଓ ➪ ପୃଷ୍ଠା-୬

ସଂସଦର ମୌସୁମୀ ଅଧିବେଶନ

## ଚାଲିପାରୁନି ଗୃହ, ତୁତୁ ମେଁମେଁ ଜାରି

ଟିଏମ୍‌ସି ସାଂସଦ ନିଲମ୍ବିତ

ନୂଆଦିଲ୍ଲୀ,୨୨।୭: ନିଟ୍-ୟୁଜି ପ୍ରଶ୍ନପତ୍ର ପ୍ରଘଟ, ଜାତୀୟ ପରୀକ୍ଷଣ ସଂସ୍ଥା (ଏନ୍‌ଟିଏ)ରେ ସଂସ୍କାର ତଥା ଜନ୍ତର ମନ୍ତରରେ ପ୍ରତିବାଦକାରୀ ଛାତ୍ରଛାତ୍ରୀଙ୍କ ଉପରେ ପୁଲିସର ବର୍ବରୋଚିତ ଲାଠି ଚାଳନା ପ୍ରସଙ୍ଗରେ ବିରୋଧୀମାନେ ସଂସଦରେ ଅଡ଼ି ବସିଛନ୍ତି। ଫଳରେ ବାରମ୍ବାର ମୁଲତବୀ ହେବା ସହ ଲଗାତାର ତୃତୀୟ ଦିନଲାଗି ଗୃହର କାର୍ଯ୍ୟ ପ୍ରକ୍ରିୟା ବାଧାପ୍ରାପ୍ତ ହୋଇଛି। ତୃତୀୟ ଦିନରେ ଅଧିବେଶନ ଆରମ୍ଭରେ ଏକ କୌତୂହଳପୂର୍ଣ୍ଣ ଘଟଣା ଦେଖିବାକୁ ମିଳିଛି। ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ୍ ଗାନ୍ଧିଙ୍କ ସମେତ ଇଣ୍ଡିଆ ବ୍ଲକ୍‌ର ସାଂସଦମାନେ



କଳା ପୋଷାକ ପିନ୍ଧି ସଂସଦକୁ ଆସିବା ସହ ଆଜିର ଦିନକୁ 'ବ୍ଲାକ୍-ଡେ' ଭାବେ ଘୋଷଣା କରିଛନ୍ତି। କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧୀ ଭଦ୍ରା, ସମାଜବାଦୀ ମୁଖ୍ୟ ଅଖିଳେଶ ଯାଦବ, ଟିଏମସି ସାଂସଦ ମହୁଆ ମୋଇତ୍ର, ଜେଏମଏମ ସାଂସଦ ମହୁଆ ମାଜି ପ୍ରମୁଖ କଳା ପୋଷାକ ପିନ୍ଧି ସଂସଦର ମକର ଦ୍ୱାର ନିକଟରେ ଧାରଣା ଦେଇଥିଲେ।

ଅପର ପକ୍ଷରେ ସରକାର ନିଟ୍-ୟୁଜି ପ୍ରଶ୍ନପତ୍ର ଲିକ୍ ଓ ଅନ୍ୟାନ୍ୟ ପ୍ରସଙ୍ଗ ଉପରେ ଆଲୋଚନା କରିବାକୁ ରାଜି ଅଛନ୍ତି ବୋଲି ରାଜ୍ୟସଭାରେ କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ ଓ ➪ ପୃଷ୍ଠା-୬



## କାନ ଡେରିଆ

ସାମ୍ବାଦିକଟିକୁ ଜେଲ୍ ହୋଇଗଲେ
ସାମ୍ବାଦିକଟିଏ ହସୁଛି
ଗଣମାଧ୍ୟମଟି ପକ୍ଷ ରଖୁଥିଲେ
ମୁଣ୍ଡ ବିକିଦେଲା କହୁଛି
ଏମିତି କାହିଁକି ହେଉଛି ...
ବୁଢ଼ା ସାମ୍ବାଦିକ ଲେଖନୀ ମୂନରେ
ବଦଳାଇ ଦେବ ଭାବୁଛି
କହିଲେ କହିବ କହୁଛି ।

■ ଦେବାଶିଷ

ପ୍ରଶ୍ନପତ୍ର ଲିକ୍ ନେଇ ଚିଲ୍ଲାଉଛନ୍ତି ଯୁବରାଜ

# ଭୁଲିଗଲେ କି ୟୁପିଏ ଅମଳର ମାଳମାଳ କେଲେଙ୍କାରୀ ?

**ଜଣଙ୍କ ବିରୋଧରେ ବି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିଲା**

ଭୁବନେଶ୍ୱର,୨୨।୭(ସଂଚାର ବ୍ୟୁରୋ): ପ୍ରଶ୍ନପତ୍ର ଲିକ ଘଟଣାକୁ ନେଇ କଂଗ୍ରେସ ଯୁବରାଜ ତଥା ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ଏବେ କକ୍ରୋଚ ଜନତା ପାର୍ଟି (ସିଜେପି) ସହ ମିଶି ଦେଶରେ ଛାତ୍ରଛାତ୍ରୀଙ୍କୁ ନେଇ ଏକ ରାଜନୈତିକ ବିଦ୍ୱେଷ ଭାବ ସୃଷ୍ଟି କରୁଛନ୍ତି। ବୋଧହୁଏ ୨୦୦୪ରୁ ୨୦୧୪ ମଧ୍ୟରେ ୟୁପିଏ ସରକାର ସମୟରେ ଦେଶରେ ହୋଇଥିବା ପ୍ରଶ୍ନପତ୍ର ଲିକ ଘଟଣାକୁ ସେ ଭୁଲିଯାଇଛନ୍ତି। ୟୁପିଏ ସମୟରେ ହୋଇଥିବା ଏମିତି ଏକାଧିକ ପ୍ରଶ୍ନପତ୍ର ଲିକ ଘଟଣାର ଏବେ କିଛି ରାଜନୈତିକ ସମୀକ୍ଷକମାନେ ତାଲିକା ପ୍ରକାଶ




କରିଛନ୍ତି। ଆଉ ସବୁଠୁ ଆଶ୍ଚର୍ଯ୍ୟର କଥା ହେଉଛି ଯେ ସେ ସମୟରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ସ୍ୱର୍ଗତଃ ମନମୋହନ ସିଂଙ୍କୁ କୌଣସି ମନ୍ତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦେଇନଥିଲା ଖୋଦ୍ ଗାନ୍ଧି ପରିବାର।

୨୦୦୪ରେ ୟୁପିଏ ସରକାର ଶାସନ ଭାର ନେବାର କିଛି ମାସ ମଧ୍ୟରେ ପ୍ରଥମେ ଅଲ ଇଣ୍ଡିଆ ପ୍ରି-ମେଡିକାଲ ଟେଷ୍ଟ (ଏଆଇପିଏମଟି) ପ୍ରଶ୍ନପତ୍ର ଲିକ ହୋଇଥିଲା। ସେ ସମୟରେ ପ୍ରଧାନମନ୍ତ୍ରୀ ଥିଲେ ସ୍ୱର୍ଗତଃ ମନମୋହନ ସିଂ ଓ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଥିଲେ ଶୀଲା ଦୀକ୍ଷିତ। ଏହି ପ୍ରଶ୍ନପତ୍ର ଦିଲ୍ଲୀରୁ ଲିକ ହୋଇଥିଲା। ପରୀକ୍ଷା ପୂର୍ବ ରାତିରେ ୬ରୁ ୭ ଲକ୍ଷ ଟଙ୍କାରେ ପ୍ରଶ୍ନପତ୍ର ବିକ୍ରି ହୋଇଥିଲା। ଦିଲ୍ଲୀ ପୁଲିସ ଜାଣିବା ପରେ ପରୀକ୍ଷା ବାତିଲ ହେଲା। ଏହାଦ୍ୱାରା ସେ ସମୟରେ ୨.୪ ଲକ୍ଷ ଛାତ୍ରଛାତ୍ରୀ ପ୍ରଭାବିତ ହୋଇଥିଲେ। ଏହି ଗ୍ୟାଙ୍ଗ ୫ ବର୍ଷ ଧରି ପ୍ରଶ୍ନପତ୍ର ଲିକ୍ କରୁଥିଲା। ସେହିପରି ୨୦୦୬ରେ ଲିକ୍ ହେଲା ସିବିଏସଇ ଦ୍ୱାଦଶର ଆକାଉଣ୍ଟାସି ପେପର। କେନ୍ଦ୍ରରେ ୟୁପିଏ ସରକାର ଆଉ ଦେଶବ୍ୟାପୀ ଏହାର ପ୍ରଭାବ ➪ ପୃଷ୍ଠା-୬

**ରାହୁଲ-ନବୀନ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ**

ଭୁବନେଶ୍ୱର ରାମମନ୍ଦିରଠାରେ ବିଜେପି ପକ୍ଷରୁ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ମନ୍ତବ୍ୟକୁ ନେଇ ଦୃଢ଼ ପ୍ରତିବାଦ କରାଯାଇଛି। ରାଜ୍ୟରେ ବିଜେଡି ଓ କଂଗ୍ରେସର ମଧୁଚନ୍ଦ୍ରିକା ଏବଂ ଛାତ୍ରବିରୋଧୀ ଆଭିମୁଖ୍ୟ ବିରୋଧରେ ବିଜେପି ବିଧାୟକ ଓ କାର୍ଯ୍ୟକର୍ତ୍ତାମାନେ ରାଜରାସ୍ତାକୁ ଓହ୍ଲାଇ ପ୍ରତିବାଦ ସଭା ସହ ବିରୋଧ ପ୍ରଦର୍ଶନ କରିଛନ୍ତି। ଏକାମ୍ର-ଭୁବନେଶ୍ୱର ବିଧାୟକ ବାବୁ ସିଂହ କହିଛନ୍ତି ଯେ ଯେଉଁମାନେ ଦୀର୍ଘ ୨୪ ବର୍ଷ ଧରି ଏହି ରାଜ୍ୟରେ ଶାସନ କରୁଥିଲେ ➪ ପୃଷ୍ଠା-୬



**'କଂଗ୍ରେସବିରୋଧୀ' କହୁଥିବା ବିଜେଡିର ଦୋମୁହାଁ ନୀତି**

**ଆନ୍ଦୋଳନ ନାଁରେ ଦେଶବିରୋଧୀ ଶକ୍ତିଙ୍କୁ ବିଜେଡିର ସମର୍ଥନ**

# ଦୁର୍ଘଟଣାରେ ଯୁବକ ମୃତ



**ମାର୍ଶାଘାଇ,୨୨।୭(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ଅନ୍ତର୍ଗତ ପାରାଦୀପ - ଚଣ୍ଡିଖୋଲ ୫୩ ନମ୍ବର ଜାତୀୟ ରାଜପଥ ମାର୍ଶାଘାଇ କ୍ରସିଙ୍ଗ ଛକରେ ଆଜି ସଡକ ଦୂର୍ଘଟଣା ଘଟି ଜଣେ ଯୁବକଙ୍କର ମୃତ୍ୟୁ ଘଟିଛି । ଯୁବକ ଜଣକ ନିଜ ଘରୁ କେନ୍ଦ୍ରାପଡା ଅଭିମୁଖେ ଯାଉଥିବା ବେଳେ ପରାଦୀପରୁ ତେଲ ବୋଝେଇ ଟ୍ୟାଙ୍କର ତାଙ୍କ ପଛପଟୁ ଧକ୍କା ଦେଇଥିଲା । ଫଳରେ ଘଟଣାସ୍ଥଳରେ ଯୁବକଙ୍କର ମୃତ୍ୟୁ ଘଟିଥିଲା । ମୃତକ ମାର୍ଶାଘାଇ ଥାନା ଦୁମୁକା ଗାଁର ସତ୍ୟଜିତ୍ ଜେନା, ଯାହାଙ୍କ ବୟସ ୩୨ ବର୍ଷ ବୋଲି ଜାଣିବାକୁ ମିଳିଛି । ମାର୍ଶାଘାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣା ଘଟାଇଥିବା ଟ୍ୟାଙ୍କରକୁ ଜବତ କରିବା ସହିତ ଟ୍ୟାଙ୍କର ଡ୍ରାଇଭରକୁ ଅଟକ ରଖିଛି । ଅପରପକ୍ଷରେ ପୁଲିସ ମୃତଦେହ ଜବତ କରି ଶବ ବ୍ୟବଚ୍ଛେଦ ପାଇଁ କେନ୍ଦ୍ରାପଡା ଜିଲ୍ଲା ଡାକ୍ତରଖାନା ପଠାଇ ଅଧିକ ତଦନ୍ତ ଜାରି ରଖିଥିବା ସୂଚନା ମିଳିଛି ।

# ମାର୍ଶାଘାଇରେ ବାର୍‌ହା ଉପଦ୍ରବ

## ଦଳ ଦଳ ହୋଇ ବୁଲୁଛନ୍ତି, ଉଜାଡୁଛନ୍ତି ଫସଲ



**ମାର୍ଶାଘାଇ,୨୨।୭(ସଂଚାର ବ୍ୟୁରୋ):** ମାର୍ଶାଘାଇ ଅଞ୍ଚଳରେ ବାରହା ମାନଙ୍କ ଉପଦ୍ରବ ବଢ଼ିବାରେ ଲାଗିଛି । ତିନି ଚାରି ବର୍ଷ ପୂର୍ବେ ବଡ଼ପାଲଡିଆ-ଗିରଙ୍ଗ ମୋହନ ମୁରଲୀ ପଛ ପାର୍ଶ୍ୱ ଅଂଚଳରେ ଚାଷଜମି ନଷ୍ଟ କରୁଥିବା ନଜରକୁ ଆସିଥିଲା । ଏବେ ମାର୍ଶାଘାଇ ନୂଆ ଡାକବଙ୍ଗଳା ଛକ ପର୍ଯ୍ୟନ୍ତ ମାଡ଼ି ଆସିଲେଣି। ରାତି ହେଲେ ଜମ୍ବୁ- ମାର୍ଶାଘାଇ ମୁଖ୍ୟ ରାସ୍ତା ପାର ହୋଇ କେନାଲ ପାର୍ଶ୍ୱରେ ପଡୁଥିବା ବ୍ରୟଲର କୁକୁଡ଼ା ପର, କଟାମାଛର କାତିକୁ ଖାଇବା ପାଇଁ ଧାଡି ଲଗେଇ ଦେଉଛନ୍ତି । ଏହି ରାସ୍ତାର ଷ୍ଟ୍ରିଟ ଲାଇଟ ଏବେ ଅଚଳ ହୋଇ ପଡିଥିବାରୁ ଅନ୍ଧାରର ସୁଯୋଗ ନେଇ ଏହି ରାସ୍ତାରେ ମାର୍ଶାଘାଇ ନୂଆ ବଙ୍ଗଳାଛକ ପର୍ଯ୍ୟନ୍ତ ବାରହା ମାନେ ଆସିଯାଉଛନ୍ତି ।

ବଡ଼ପାଲ ଡିଆ ଗ୍ରାମର ଚାଷୀ ଦୁଷ୍ମନ୍ତ ନାୟକଙ୍କ ଧାନ ତଳି ନଷ୍ଟ କରିଦେଇଛନ୍ତି, ତୁଳସୀପୁର ବଟ ପଡ଼ିଆ ନିକଟ ଅଜୟ ସ୍ୱାଇଁଙ୍କ ନୂଆ ଗୁଆଗଛ, କୁସୁନପୁର ଗ୍ରାମର ହିମାଂଶୁ ନାୟକଙ୍କ ନଡ଼ିଆ ଚାରାର ମୂଳକୁ ତାଡ଼ି ଖାଇ ସଫା କରିଦେଇଛନ୍ତି । ଲୁଣାନଦୀ ପଠାର ପଳାସପୁର, ଗିରଙ୍ଗ, ଦୁମୁକା, ବଡ଼ପାଳଡିଆ ଗ୍ରାମ ଠାରୁ ଆରମ୍ଭ କରି କୁସୁନପୁର, ତୁଳସୀପୁର, ମାର୍ଶାଘାଇ ଯଜ୍ଞ ପଡ଼ିଆ ନିକଟ ଜମି, ବାଲିକଷୋଟି, ପେହେଣ୍ଟା, ଦରବଛା, ମଣିକୁଣ୍ଡା ପ୍ରଭୃତି ଗ୍ରାମର ଚାଷୀଙ୍କ ଫସଲ ନଷ୍ଟ କରିଦେଉଛନ୍ତି । ଧାନ ତଳି ଜମିରେ ତଳିକୁ ଖାଇବା ସହିତ କାଦୁଅରେ ଗଡ଼ି ଗଡ଼ି ସବୁ ତଳିକୁ ନଷ୍ଟ କରିଦେଉଛନ୍ତି । ବଟପଡ଼ିଆ ନିକଟ ଅଜୟ ସ୍ୱାଇଁଙ୍କ ଘରେ ଲାଗିଥିବା ସିସିଟିଭିରେ ବାରହାମାନଙ୍କ ଦଳ ଧାଡି ହୋଇ ବୁଲୁଥିବାର ଦୃଶ୍ୟ କଏଦ ହୋଇଛି । ସନ୍ଧ୍ୟା ହେଲେ କୁସୁନପୁର, ତୁଳସୀପୁର ବଟ ପଡ଼ିଆ ଏବଂ ଲୁଣା ନଦୀକୂଳରେ ଥିବା ଘରର ଲୋକମାନେ ବାହାରକୁ ବାହାରିବାକୁ ଭୟ କରୁଛନ୍ତି। ବାଲିକଷୋଟିର ପେହେଣ୍ଟା ବାଙ୍କ ପାଖ ନଦୀ କୁଳ ଜଙ୍ଗଲ ଏବଂ ବଡ଼ପାଳଡିଆ ପାଖ ନଦୀକୂଳର ଘଞ୍ଚ ଅଞ୍ଚଳ ଏହି ବାରହା ମାନଙ୍କର ବାସସ୍ଥାନ ପାଲଟିଛି ।

# ଆବାସ ତଦନ୍ତ ପଲ୍ଲୀସଭାକୁ ନେଇ ଅସନ୍ତୋଷ

**ସୂଚନା ଅଭାବ ଓ ଅଭିଯୋଗ ପ୍ରକ୍ରିୟାକୁ ନେଇ ଉଠିଲା ପ୍ରଶ୍ନ**

**ଜିଲ୍ଲାର ୯ ବ୍ଲକରେ ସମାନ ଚିତ୍ର ଥିବା ଅଭିଯୋଗ**

**ନିରପେକ୍ଷ ଯାଞ୍ଚ ଦାବି କଲେ ଅଞ୍ଚଳବାସୀ**

**କେନ୍ଦ୍ରାପଡ଼ା,୨୨।୭ (ସଂଚାର ବ୍ୟୁରୋ):** ଆବାସ ଯୋଜନାରେ ହୋଇଥିବା କଥିତ ଅନିୟମିତତାର ତଦନ୍ତ ପାଇଁ ଜିଲ୍ଲାର ବିଭିନ୍ନ ପଞ୍ଚାୟତରେ ଆୟୋଜିତ ପଲ୍ଲୀସଭାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ସଭା ଆୟୋଜନ ସମ୍ପର୍କରେ ପର୍ଯ୍ୟାପ୍ତ ପ୍ରଚାର ହୋଇନଥିବାରୁ ବହୁ ଗ୍ରାମବାସୀ ଏଥିରେ ଯୋଗ ଦେଇପାରିନଥିବା ଅଭିଯୋଗ କରିଛନ୍ତି।

ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ପଲ୍ଲୀସଭାର ତାରିଖ, ସମୟ ଓ ସ୍ଥାନ ସମ୍ପର୍କରେ ଗ୍ରାମବାସୀଙ୍କୁ ପୂର୍ବରୁ ଯଥେଷ୍ଟ ସୂଚନା ଦିଆଯାଇନଥିଲା। ଫଳରେ ଲୋକଙ୍କ ସକ୍ରିୟ ଅଂଶଗ୍ରହଣ ସମ୍ଭବ ହୋଇନଥିଲା ଏବଂ ପଲ୍ଲୀସଭାର ମୂଳ ଉଦ୍ଦେଶ୍ୟ ପୂରଣ ହୋଇନଥିବା ବୋଲି ମତ ପ୍ରକାଶ ପାଇଛି। ଅନେକ ସ୍ଥାନରେ ସମ୍ପୃକ୍ତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ନଥିବା ସହ କେବଳ ଅଭିଯୋଗ ବାକ୍ସ ରଖାଯାଇଥିଲା ବୋଲି କୁହାଯାଉଛି। ତେବେ ସେହି ବାକ୍ସରେ ଅଭିଯୋଗ ପଡ଼ିନଥିବା କଥା ମଧ୍ୟ ସ୍ଥାନୀୟ ଲୋକ ଦାବି କରିଛନ୍ତି। ଏହା ଫଳରେ ଅଭିଯୋଗ ଗ୍ରହଣ ପ୍ରକ୍ରିୟାର ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠିଛି।

ଗ୍ରାମବାସୀଙ୍କ ଆହୁରି ଅଭିଯୋଗ, ଆବେଦନକାରୀଙ୍କୁ କେବଳ ନିଜ ଆବାସ ସମ୍ପର୍କିତ ଅଭିଯୋଗ ଦେବାକୁ କୁହାଯାଇଥିଲା। ଫଳରେ ଅଯୋଗ୍ୟ ବ୍ୟକ୍ତିଙ୍କୁ ଆବାସ ମିଳିଥିବା, ଯୋଗ୍ୟ ହିତାଧିକାରୀ ବଞ୍ଚିତ ହୋଇଥିବା କିମ୍ବା ତାଲିକା ପ୍ରସ୍ତୁତିରେ ହୋଇଥିବା କଥିତ ଅନିୟମିତତା ସମ୍ପର୍କିତ ସାଧାରଣ ଅଭିଯୋଗ ଗ୍ରହଣ କରାଯାଇନଥିବାରୁ ପ୍ରକୃତ ତଦନ୍ତ ବାଧାପ୍ରାପ୍ତ ହୋଇଥିବା ସେମାନେ କହିଛନ୍ତି।

ଅଞ୍ଚଳବାସୀଙ୍କ ମତରେ, ପଲ୍ଲୀସଭାର ଉଦ୍ଦେଶ୍ୟ ହେଉଛି ଜନଭାଗୀଦାରୀ ମାଧ୍ୟମରେ ସ୍ୱଚ୍ଛ ଓ ନିରପେକ୍ଷ ଯାଞ୍ଚ ସୁନିଶ୍ଚିତ କରିବା। କିନ୍ତୁ ପର୍ଯ୍ୟାପ୍ତ ସୂଚନାର ଅଭାବ, ଉଚ୍ଚ ଅଧିକାରୀଙ୍କ ଅନୁପସ୍ଥିତି ଏବଂ ଅଭିଯୋଗ ଗ୍ରହଣର ପରିସର ସୀମିତ ରହିଥିବାରୁ ସମଗ୍ର ପ୍ରକ୍ରିୟାର ବିଶ୍ୱସନୀୟତା ଉପରେ ପ୍ରଶ୍ନ ଉଠିଛି।

ସୂଚନାନୁସାରେ, କେନ୍ଦ୍ରାପଡ଼ା ଜିଲ୍ଲାର ୯ଟି ବ୍ଲକରେ ଆୟୋଜିତ ପଲ୍ଲୀସଭାରେ ଏଭଳି ସମସ୍ୟା ଦେଖାଦେଇଥିବା ନେଇ ସମାନ ପ୍ରକାରର ଅଭିଯୋଗ ସାମ୍ନାକୁ ଆସିଛି। ଏହାକୁ ଦୃଷ୍ଟିରେ ରଖି ପଲ୍ଲୀସଭା ପ୍ରକ୍ରିୟାର ପୁନଃ ସମୀକ୍ଷା, ସମସ୍ତ ପ୍ରକାରର ଅଭିଯୋଗ ଗ୍ରହଣ ଏବଂ ନିରପେକ୍ଷ ତଦନ୍ତ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

ଏହି ଅଭିଯୋଗ ସମ୍ପର୍କରେ ସମ୍ପୃକ୍ତ ପ୍ରଶାସନିକ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ଦୁଇ ମାସ ହେଲା ମିଳୁନି ଭତ୍ତା: ଚିନ୍ତାରେ ଚନ୍ଦନ

**ମହାକାଳପଡ଼ା, ୨୨।୭ (ସଂଚାର ବ୍ୟୁରୋ):** ସରକାର ଅସହାୟ, ଦିବ୍ୟାଙ୍ଗ ଓ ଦୁର୍ବଳ ବର୍ଗଙ୍କ ମୁହଁରେ ହସ ଫୁଟାଇବା ପାଇଁ ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନା କରୁଛନ୍ତି। କିନ୍ତୁ ସେହି ଯୋଜନାର ସୁଫଳ ଯଦି ପ୍ରକୃତ ହିତାଧିକାରୀଙ୍କ ପାଖକୁ ସମୟରେ ନ ପହଞ୍ଚେ, ତେବେ ସେହି ଯୋଜନାର ମୂଲ୍ୟ କ'ଣ ? ଏଭଳି ଏକ ଦୁଃଖଦ ଚିତ୍ର ଦେଖିବାକୁ ମିଳିଛି ମହାକାଳପଡ଼ା ବ୍ଲକ ଦେଉଳପଡା ପଞ୍ଚାୟତ ଅନ୍ତର୍ଗତ ବାଙ୍କିଛନ୍ଦା ଗ୍ରାମରେ।



ଏହି ଗ୍ରାମର ରଘୁନାଥ ପାଇଟାଳଙ୍କ ପୁଅ ଚନ୍ଦନ ପାଇଟାଳ ଜଣେ ୮୦ ପ୍ରତିଶତ ଦିବ୍ୟାଙ୍ଗ। ଶାରୀରିକ ଅକ୍ଷମତା ଯୋଗୁଁ ସେ କୌଣସି ରୋଜଗାର କରିବାରେ ଅସମର୍ଥ। ପରିବାରର ଆର୍ଥିକ ସ୍ଥିତି ମଧ୍ୟ ଅତ୍ୟନ୍ତ ଦୟନୀୟ। ସରକାରଙ୍କ ଦିବ୍ୟାଙ୍ଗ ଭତ୍ତା ହିଁ ତାଙ୍କ ଜୀବନର ଏକମାତ୍ର ଆର୍ଥିକ ଆଶ୍ରୟ। ସେହି ଟଙ୍କାରେ ଔଷଧ, ଖାଦ୍ୟ ଓ ଅନ୍ୟାନ୍ୟ ଆବଶ୍ୟକତା ପୂରଣ ହେଉଥିଲା। କିନ୍ତୁ ଗତ ଜୁନ୍ ଓ ଜୁଲାଇ ମାସର ଭତ୍ତା ତାଙ୍କ ଖାତାକୁ ଆସିନାହିଁ। ଦୁଇ ମାସ ଧରି ଭତ୍ତା ବନ୍ଦ ହୋଇଯିବାରୁ ଚନ୍ଦନ ଓ ତାଙ୍କ ପରିବାର ଚରମ ଆର୍ଥିକ ସଙ୍କଟ ଦେଇ ଗତି କରୁଛନ୍ତି। ପ୍ରତି ମାସର ଆରମ୍ଭରେ ଏକ ଆଶା ନେଇ ସେ ବ୍ୟାଙ୍କ ଖାତା ଯାଞ୍ଚ କରୁଛନ୍ତି। ପ୍ରତ୍ୟେକ ଥର ନିରାଶ ହୋଇ ଫେରିବାକୁ ପଡୁଛି। ଭତ୍ତା ନ ମିଳିବାରୁ ଆବଶ୍ୟକ ଔଷଧ କିଣିବା, ଦୈନନ୍ଦିନ ଖର୍ଚ୍ଚ ଚଳାଇବା ଏବଂ ନିଜର ମୌଳିକ ଆବଶ୍ୟକତା ପୂରଣ କରିବା ମଧ୍ୟ କଷ୍ଟକର ହୋଇପଡ଼ିଛି। ଚନ୍ଦନଙ୍କ କହୁଛନ୍ତି,"ମୁଁ କାମ କରିପାରୁନି। ସରକାରଙ୍କ ଭତ୍ତା ହିଁ ମୋର ଏକମାତ୍ର ଭରସା। ଦୁଇ ମାସ ହେଲା ଟଙ୍କା ଆସିନି। ଏବେ ଔଷଧ କେମିତି କିଣିବି, ଘର କେମିତି ଚଳିବ, କିଛି ବୁଝିପାରୁନି।"

ଏବେ ପ୍ରଶ୍ନ ଉଠୁଛି ଜଣେ ୮୦ ପ୍ରତିଶତ ଦିବ୍ୟାଙ୍ଗ ଯୁବକଙ୍କ ଜୀବନ ସହ ଜଡ଼ିତ ଏହି ସହାୟତା ଦୁଇ ମାସ ଧରି କାହିଁକି ବନ୍ଦ ରହିଛି ? ଏହା ପଛରେ କାହାର ଅବହେଳା ?

ଏହାର ଶୀଘ୍ର ତଦନ୍ତ କରି ଚନ୍ଦନ ପାଇଟାଳଙ୍କୁ ବକେୟା ଭତ୍ତା ପ୍ରଦାନ କରିବା ସହ ଭବିଷ୍ୟତରେ ଏଭଳି ଘଟଣା ଯେପରି ଆଉ ନ ଘଟେ, ସେଥିପାଇଁ ପ୍ରଶାସନ ଆବଶ୍ୟକ ପଦକ୍ଷେପ ନେବ ବୋଲି ସାଧାରଣରେ ଦାବି ହେଉଛି।

**କାର୍ଯ୍ୟକାରୀ ହେଲାନି ଜିଲ୍ଲାପାଳଙ୍କ ନିର୍ଦ୍ଦେଶ**

# ୪୫ ଦିନ ପରେ ବି ବଦଳିଲେନି ପିଇଓ

## ଜୁନ ୧୦ ସୁଦ୍ଧା ରିଲିଭ୍ କରିବାକୁ ଥିଲା




**ମହାକାଳପଡ଼ା, ୨୨।୭ (ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକରେ ତିନି ବର୍ଷରୁ ଅଧିକ ସମୟ ଧରି କାର୍ଯ୍ୟରତ ଥିବା ପାଞ୍ଚ ଜଣ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ) ଙ୍କ ବଦଳି ନେଇ ଜାରି ହୋଇଥିବା ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନଥିବାରୁ ପ୍ରଶ୍ନ ଉଠିଛି।

ସୂଚନା ଅନୁଯାୟୀ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ହୋଇଥିବା ଚିଠି ନଂ- ୯୫୬ ଅନୁସାରେ ସୁକୁମାର ମଣ୍ଡଳ, ବିଭୁରଞ୍ଜନ ସାହୁ, ପ୍ରକାଶ ଚନ୍ଦ୍ର ମଲ୍ଲିକ, ମୃତ୍ୟୁଞ୍ଜୟ ରାଉତ ଏବଂ ଚନ୍ଦନ କୁମାର ଦାସଙ୍କୁ ଅନ୍ୟ ବ୍ଲକକୁ ବଦଳି କରାଯାଇଥିଲା। ସେମାନଙ୍କ ସ୍ଥାନରେ ସ୍ୱାଗତିକା ବେହେରା, ଧର୍ମାନନ୍ଦ ବେହେରା, ନିରୋଦ କୁମାର ସ୍ୱାଇଁ, ପ୍ରଭାତ କୁମାର ମଲ୍ଲିକ ଓ ସ୍ମୃତିରେଖା ମହାନ୍ତିଙ୍କୁ ମହାକାଳପଡ଼ା ବ୍ଲକରେ ଯୋଗଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ସେହି ଆଦେଶରେ ୧୦ ଜୁନ ସୁଦ୍ଧା ସମ୍ପୃକ୍ତ ଅଧିକାରୀମାନଙ୍କୁ ରିଲିଭ୍ କରି ରିପୋର୍ଟ ଦାଖଲ କରିବାକୁ ବିଡିଓଙ୍କୁ କୁହାଯାଇଥିଲା। ହେଲେ, ଆଦେଶ ଜାରି ହେବାର ୪୫ ଦିନ ବିତିଯାଇଥିଲେ ମଧ୍ୟ ସମ୍ପୃକ୍ତ ପିଇଓ ମାନଙ୍କୁ ଏପର୍ଯ୍ୟନ୍ତ ରିଲିଭ୍ କରାଯାଇନାହିଁ। ଏହାକୁ ନେଇ ସାଧାରଣ ଲୋକ ଓ ବିଭିନ୍ନ ମହଲରେ ଚର୍ଚ୍ଚା ଜୋର ଧରିଛି।

ଏଠି ପ୍ରଶ୍ନ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ବଦଳି ଆଦେଶ କାର୍ଯ୍ୟକାରୀ ନ ହେବାର କାରଣ କ'ଣ? ପ୍ରଶାସନ ଉପରେ କିଛି ବାହ୍ୟ ଚାପ ରହିଛି କି? ତେବେ ଖବର ପ୍ରକାଶ ପରେ ପ୍ରଶାସନର କ'ଣ ପଦକ୍ଷେପ ରହୁଛି ତାହା ଉପରେ ସମସ୍ତଙ୍କ ନଜର ରହିଛି।

# ବେସରକାରୀ ବିଦ୍ୟାଳୟରେ କମ୍ ଦରମାକୁ ନେଇ ଅସନ୍ତୋଷ

**ମୋଟା ଅଙ୍କର ଫି ଆଦାୟ, କିନ୍ତୁ ଶିକ୍ଷକଙ୍କୁ ମିଳୁଛି ମାତ୍ର ୨ରୁ ୩ ହଜାର ଟଙ୍କା**

**କେନ୍ଦ୍ରାପଡ଼ା,୨୨।୭ (ସଂଚାର ବ୍ୟୁରୋ):** ଜିଲ୍ଲାର କେତେକ ବେସରକାରୀ ବିଦ୍ୟାଳୟରେ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ଅତ୍ୟନ୍ତ କମ୍ ଦରମା ଦିଆଯାଉଥିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଅଭିଯୋଗ ଅନୁସାରେ, ଛାତ୍ରଛାତ୍ରୀଙ୍କଠାରୁ ବିଭିନ୍ନ ବାବଦରେ ମୋଟା ଅଙ୍କର ଫି ଆଦାୟ କରାଯାଉଥିଲେ ମଧ୍ୟ କେତେକ ଶିକ୍ଷକ ମାସକୁ ମାତ୍ର ୨ ହଜାରରୁ ୩ ହଜାର ଟଙ୍କା ପାଉଛନ୍ତି ବୋଲି କୁହାଯାଉଛି ।

ଅଭିଯୋଗ ଅନୁଯାୟୀ, ସକାଳରୁ ସନ୍ଧ୍ୟା ପର୍ଯ୍ୟନ୍ତ ନିୟମିତ ଶ୍ରେଣୀ ପରିଚାଳନା ସହ ବିଭିନ୍ନ ପ୍ରଶାସନିକ କାର୍ଯ୍ୟ କରିବାକୁ ଶିକ୍ଷକମାନଙ୍କୁ କୁହାଯାଉଛି । ଛୁଟିଦିନରେ ମଧ୍ୟ ବିଭିନ୍ନ କାମରେ ନିୟୋଜିତ କରାଯାଉଥିବା ସତ୍ତ୍ୱେ ଦରମାରେ ସେହି ଅନୁପାତରେ ବୃଦ୍ଧି ହେଉନଥିବା ଅଭିଯୋଗ ହେଉଛି ।

କେତେକ ବିଦ୍ୟାଳୟରେ ପର୍ଯ୍ୟାପ୍ତ ଶ୍ରେଣୀଗୃହ ଓ ଆସବାବପତ୍ରର ଅଭାବ ଥିବାରୁ ଛାତ୍ରଛାତ୍ରୀ ତଳେ ବସି ପାଠ ପଢ଼ୁଥିବା ମଧ୍ୟ ଅଭିଯୋଗ ଆସିଛି । ଏଭଳି ସ୍ଥିତିରେ ଉଚ୍ଚ ଫି ଆଦାୟ ଓ ଭିତ୍ତିଭୂମି ବିକାଶ ମଧ୍ୟରେ ସମନ୍ୱୟ ନଥିବାରୁ ଅଭିଭାବକ ଓ ସାଧାରଣ ଲୋକ ପ୍ରଶ୍ନ ଉଠାଇଛନ୍ତି ।

ଶିକ୍ଷାବିତ୍‌ମାନଙ୍କ ମତରେ, ଶିକ୍ଷକଙ୍କୁ ଯଥୋଚିତ ସମ୍ମାନ ଓ ଉପଯୁକ୍ତ ପାରିଶ୍ରମିକ ନ ମିଳିଲେ ତାହାର ପ୍ରଭାବ ଶିକ୍ଷାର ମାନ ଉପରେ ପଡ଼ିପାରେ । ଦୀର୍ଘଦିନ ଧରି କାମ କରୁଥିବା ଶିକ୍ଷକମାନେ ମଧ୍ୟ ଯଦି ନ୍ୟାୟସଙ୍ଗତ ପାରିଶ୍ରମିକରୁ ବଞ୍ଚିତ ହୁଅନ୍ତି, ତେବେ ସେମାନଙ୍କ ମନୋବଳ ଓ କାର୍ଯ୍ୟଦକ୍ଷତା ଉପରେ ଏହାର କୁପ୍ରଭାବ ପଡ଼ିବା ସ୍ୱାଭାବିକ ବୋଲି ସେମାନେ କହିଛନ୍ତି ।

ଏହି ପରିପ୍ରେକ୍ଷୀରେ ବେସରକାରୀ ବିଦ୍ୟାଳୟଗୁଡ଼ିକରେ ଶ୍ରମ ଆଇନ, ବେତନ ପ୍ରଦାନ ବ୍ୟବସ୍ଥା ଏବଂ ଶିକ୍ଷାର ଭିତ୍ତିଭୂମି ଉପରେ ସମ୍ପୃକ୍ତ ବିଭାଗ ପକ୍ଷରୁ ନିୟମିତ ଯାଞ୍ଚ କରାଯିବା ସହ ଶିକ୍ଷକମାନଙ୍କୁ ସରକାରୀ ନିୟମ ଅନୁଯାୟୀ ଯଥୋଚିତ ପାରିଶ୍ରମିକ ପ୍ରଦାନ ସୁନିଶ୍ଚିତ କରିବାକୁ ଦାବି ହେଉଛି ।

# କ୍ଷତ୍ରୀୟ ଖଣ୍ଡାୟତ ମହାସଙ୍ଘର ୩ ବ୍ଲକ ସଭାପତି ମନୋନୀତ

**କେନ୍ଦ୍ରାପଡ଼ା,୨୨।୭ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା କ୍ଷତ୍ରିୟ ଖଣ୍ଡାୟତ ମହାସଂଘ ପକ୍ଷରୁ ଜିଲ୍ଲାର ୩ଟି ବ୍ଲକ ପାଇଁ ସଭାପତି ମନୋନୀତ ହୋଇଛନ୍ତି। ସଂଘର ଡେରାବିଶ ବ୍ଲକ ଶାଖାର ସଭାପତି ଭାବେ ତରୁଣ ରଞ୍ଜନ ପ୍ରଧାନ ଓ ରାଜନଗର ବ୍ଲକ ଶାଖାର ସଭାପତି ଭାବେ ସନ୍ତୋଷ କୁମାର ରାଉତ ମନୋନୀତ ହୋଇଛନ୍ତି । କେନ୍ଦ୍ରାପଡ଼ା ବ୍ଲକର କାର୍ଯ୍ୟକାରୀ ସଭାପତି ଭାବେ ରତିକାନ୍ତ ସାମଲ ମନୋନୀତ ହୋଇଛନ୍ତି । ଜିଲ୍ଲା ସଭାପତି ଶରତ କୁମାର ବେହୁରା ଏହି କର୍ମକର୍ତ୍ତାମାନଙ୍କୁ ମନୋନୀତ କରିଛନ୍ତି । ସଂଘର କାର୍ଯ୍ୟକାରୀ ସଭାପତି ଗୋଲଖି ପଢିହାରୀ, ସଂଯୋଜକ ଚନ୍ଦନ ପରିଡ଼ା, ରାଜ୍ୟ ଆବାହକ ସୁଧାଂଶୁ ବେହୁରା ପ୍ରମୁଖ ସେମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ।

ଏ ନେଇ ସଂଘର ମନକରପୁର ସ୍ଥିତ ଜିଲ୍ଲା କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ସର୍ବସମ୍ମତିକ୍ରମେ ଉପରୋକ୍ତ ନିଷ୍ପତ୍ତି ନିଆଯାଇଛି ।

# ଜନଜାତି ସଂସ୍କୃତିର ସୁରକ୍ଷା ଓ ବିକାଶ ଉପରେ ଗୁରୁତ୍ୱାରୋପ

**ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପକ୍ଷରୁ ଆଲୋଚନାଚକ୍ର ଓ ବାଦ୍ୟଯନ୍ତ୍ର କର୍ମଶାଳା**




**ଫୁଲବାଣୀ,୨୨।୭ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲାର ଜନଜାତି ସମ୍ପ୍ରଦାୟର ଭାଷା, ସଂସ୍କୃତି, ପରମ୍ପରା ଓ ପାରମ୍ପରିକ ବାଦ୍ୟଯନ୍ତ୍ରର ସୁରକ୍ଷା, ସଂରକ୍ଷଣ ଏବଂ ପ୍ରଚାର-ପ୍ରସାରକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ, କନ୍ଧମାଳ ପକ୍ଷରୁ ବୁଧବାର ଫୁଲବାଣୀସ୍ଥିତ ଜିଲ୍ଲା ସାଂସ୍କୃତିକ କାର୍ଯ୍ୟାଳୟ ପରିସରରେ ଜିଲ୍ଲା ପ୍ରଶାସନଙ୍କ ସହଯୋଗରେ 'ଜନଜାତି ସଂସ୍କୃତି ଉପରେ ଆଲୋଚନାଚକ୍ର ଏବଂ ଜନଜାତି ବାଦ୍ୟଯନ୍ତ୍ର କର୍ମଶାଳା' ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି।

ଏହା ପୂର୍ବରୁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ, କନ୍ଧମାଳର କାର୍ଯ୍ୟାଳୟର ଗୃହ ପ୍ରବେଶ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପରବର୍ତ୍ତୀ ସମୟରେ ଅନୁଷ୍ଠିତଆଲୋଚନାଚକ୍ରରେ ଜନଜାତି ସମାଜର ପରମ୍ପରା, ଲୋକକଳା, ଭାଷା, ସାମାଜିକ ଜୀବନଧାରା ଏବଂ ଆଧୁନିକ ସମୟରେ ଏହାର ସଂରକ୍ଷଣ ଓ ବିକାଶ ନେଇ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ, କନ୍ଧମାଳର ଅଧ୍ୟକ୍ଷ ମାନଗୋବିନ୍ଦ ପ୍ରଧାନ, ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଉମାଚରଣ ମଲ୍ଲିକ, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଉପାଧ୍ୟକ୍ଷା କଳ୍ପନା କହଁର, ଜିଲ୍ଲାପାଳ ବେଦଭୂଷଣ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ରମେନ୍ଦ୍ର ପ୍ରସାଦ, ଆଇଟିଡିଏ ଫୁଲବାଣୀର ପ୍ରକଳ୍ପ ପ୍ରଶାସକ ଯୁଧିଷ୍ଠିର ମେହେର, ଆଇଟିଡିଏ ବାଲିଗୁଡାର ପ୍ରକଳ୍ପ ପ୍ରଶାସକ କୃପାସିନ୍ଧୁ ବେହେରା, କୁଇ ସମନ୍ୱୟ ସମିତିର ସଭାପତି ତଥା କୁଇ ସମାଜର ଭୀଷ୍ମ ପିତାମହ ଭାସ୍କର ପ୍ରଧାନ ପ୍ରମୁଖ ଉପସ୍ଥିତ ରହିଥିଲେ। ଅତିଥିମାନେ ନିଜ ଅଭିଭାଷଣରେ କହିଥିଲେ ଯେ, ଜନଜାତି ସମାଜର ଭାଷା, ସଂସ୍କୃତି, ଲୋକକଳା ଓ ପାରମ୍ପରିକ ବାଦ୍ୟଯନ୍ତ୍ର ଆମ ସାଂସ୍କୃତିକ ଐତିହ୍ୟର ଅମୂଲ୍ୟ ସମ୍ପଦ। ଏହାର ସଂରକ୍ଷଣ ସହିତ ନୂତନ ପିଢ଼ିଙ୍କ ନିକଟରେ ଏହାକୁ ପହଞ୍ଚାଇବା ପାଇଁ ସରକାର ଓ ସମାଜକୁ ମିଳିତ ଭାବେ କାର୍ଯ୍ୟ କରିବା ଆବଶ୍ୟକ। ଜନଜାତି ସମାଜର ଶିକ୍ଷା, ସାମାଜିକ, ଆର୍ଥିକ ଓ ସାଂସ୍କୃତିକ ବିକାଶ ନେଇ ମଧ୍ୟ ଆଲୋଚନା କରାଯାଇଥିଲା।

କର୍ମଶାଳାରେ କନ୍ଧମାଳର ବିଭିନ୍ନ ଅଞ୍ଚଳରୁ ଆସିଥିବା ଜନଜାତି କଳାକାରମାନେ ନିଜ ନିଜର ପାରମ୍ପରିକ ବେଶଭୂଷା ପରିଧାନ କରି ପାରମ୍ପରିକ ନୃତ୍ୟ ଓ ବାଦ୍ୟଯନ୍ତ୍ରର ମନୋମୁଗ୍ଧକର ପରିବେଷଣ କରିଥିଲେ।

# ମୟୂରଭଞ୍ଜରେ ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬ର ଅଗ୍ରଗତି ସମୀକ୍ଷା

**ବାରିପଦା,୨୨।୭ (ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲ୍ଲା ଗସ୍ତରେ ଆସିଥିବା ଉଚ୍ଚ ଶିକ୍ଷା ବିଭାଗର କମିଶନର-ତଥା-ସଚିବ ଅରବିନ୍ଦ ଅଗ୍ରୱାଲ ମୟୂରଭଞ୍ଜ ଜିଲ୍ଲାର ଭୋଟର ତାଲିକା ପର୍ଯ୍ୟବେକ୍ଷକ ଭାବେ ମୟୂରଭଞ୍ଜ ଗସ୍ତରେ ଆସି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ମହାତ୍ମା ଗାନ୍ଧୀ ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬ କାର୍ଯ୍ୟକ୍ରମର ଅଗ୍ରଗତିର ସମୀକ୍ଷା କରିଥିଲେ ।

ବୈଠକରେ ଏସଆଇଆର୍-୨୦୨୬ର ବିଭିନ୍ନ ପର୍ଯ୍ୟାୟର କାର୍ଯ୍ୟର ଅଗ୍ରଗତି ଉପରେ ବିସ୍ତୃତ ସମୀକ୍ଷା କରାଯାଇ ଏହାକୁ ସଠିକ୍ ସମୟରେ ସ୍ୱଚ୍ଛ ଓ ନିର୍ଭୁଲ ଭାବେ ସମ୍ପନ୍ନ କରିବା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ ।

ପର୍ଯ୍ୟବେକ୍ଷକ ଶ୍ରୀ ଅଗ୍ରୱାଲ କୌଣସି ଯୋଗ୍ୟ ଭୋଟର ଯେପରି ଭୋଟର ତାଲିକାରୁ ବାଦ ନପଡ଼ନ୍ତି ସେଥିପ୍ରତି ବିଶେଷ ଗୁରୁତ୍ୱାରୋପ କରିଥିଲେ । ନୋଟିସ ଜାରି ଓ ଶୁଣାଣି ପ୍ରକ୍ରିୟାକୁ ଅତ୍ୟନ୍ତ ସତର୍କତା, ସ୍ୱଚ୍ଛତା ଏବଂ ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ ସମ୍ପାଦନ କରିବାକୁ ସମସ୍ତ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ମାନଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ । ସଂଶୋଧିତ ଭୋଟର ତାଲିକା ଯେପରି ସଠିକ୍, ନିର୍ଭୁଲ ଓ ସର୍ବସମାବେଶୀ ହୁଏ, ସେଥିପାଇଁ ସମସ୍ତ ଅଧିକାରୀଙ୍କୁ ସମନ୍ୱିତ ଭାବେ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ ।

ଏହି ସମୀକ୍ଷା ବୈଠକରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ହେମକାନ୍ତ ସୟ ଙ୍କ ସମେତ ବାରିପଦା, ବଡ଼ସାହି, ବାଙ୍ଗିରିପୋଷି, ମୋରଡ଼ା ଏବଂ ରାଇରଙ୍ଗପୁର ବିଧାନସଭା ନିର୍ବାଚନମଣ୍ଡଳୀର ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଓ ସହକାରୀ ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ସାକ୍ଷୀଗୋପାଳ ଚନ୍ଦନ ପୁଷ୍କରିଣୀ ଜଳ ପ୍ରଦୂଷିତ

## ମଲାମାଛ ଦୁର୍ଗନ୍ଧରେ ଅତିଷ୍ଠ ଶ୍ରଦ୍ଧାଳୁ



**ସତ୍ୟବାଦୀ,୨୨।୭ (ସଂଚାର ବ୍ୟୁରୋ):** ଶ୍ରୀସାକ୍ଷୀଗୋପାଳ ମନ୍ଦିରର ଐତିହ୍ୟବାହୀ ଚନ୍ଦନ ପୁଷ୍କରିଣୀର ଜଳ ଅତ୍ୟଧିକ ପ୍ରଦୂଷିତ ହୋଇପଡ଼ିଛି। ବୁଧବାର ସକାଳେ ପୋଖରୀରେ ଶହ ଶହ ସଂଖ୍ୟାରେ ରୋହି, ଭାକୁର, ବାଳିଆ ସମେତ ବିଭିନ୍ନ ପ୍ରଜାତିର ବଡ଼ ଓ ଛୋଟ ମାଛ ମରି ଭାସୁଥିବା ଦେଖିବାକୁ ମିଳିଛି। ପଚିସଢ଼ି ଯାଇଥିବା ମାଛରୁ ବାହାରୁଥିବା ଦୁର୍ଗନ୍ଧରେ ଶ୍ରଦ୍ଧାଳୁ, ବ୍ୟବସାୟୀ ଓ ସ୍ଥାନୀୟ ବାସିନ୍ଦା ଅତିଷ୍ଠ ହୋଇପଡ଼ିଛନ୍ତି।

ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ପୁଷ୍କରିଣୀ ସହ ସଂଯୁକ୍ତ ନାଳ ଦେଇ ଆବର୍ଜନାଯୁକ୍ତ ପାଣି ପୋଖରୀକୁ ପ୍ରବେଶ କରୁଥିବାବେଳେ ଜଳ ନିଷ୍କାସନର ସଠିକ୍ ବ୍ୟବସ୍ଥା ନଥିବାରୁ ପାଣି ଦୂଷିତ ହେଉଛି। ଫଳରେ ମାଛ ମରିବା ସହ ପୋଖରୀରୁ ଦୁର୍ଗନ୍ଧ ବାହାରୁଛି। ପ୍ରତିବର୍ଷ ବର୍ଷା ଋତୁ ଆରମ୍ଭରେ ଏହି ସମସ୍ୟା ଦେଖାଦେଉଥିଲେ ମଧ୍ୟ ସ୍ଥାୟୀ ସମାଧାନ ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନଥିବାରୁ ସ୍ଥାନୀୟ ଲୋକେ କ୍ଷୋଭ ପ୍ରକାଶ କରିଛନ୍ତି। ମନ୍ଦିର ପ୍ରଶାସନ ପୁଷ୍କରିଣୀକୁ ମାଛଚାଷ ପାଇଁ ନିଲାମ ଦେଇଥିଲେ ମଧ୍ୟ ଏହାର ରକ୍ଷଣାବେକ୍ଷଣ ପ୍ରତି ଉଦାସୀନ ରହିଥିବା ଅଭିଯୋଗ ହୋଇଛି। ଦୈନିକ ରାଜ୍ୟ ଓ ରାଜ୍ୟ ବାହାରୁ ସାକ୍ଷୀଗୋପାଳଙ୍କ ଦର୍ଶନ ପାଇଁ ଆସୁଥିବା ଶ୍ରଦ୍ଧାଳୁଙ୍କ ଉପରେ ମଧ୍ୟ ଏହାର ପ୍ରଭାବ ପଡୁଛି।

ଉଲ୍ଲେଖଯୋଗ୍ୟ, ପରମ୍ପରା ଅନୁଯାୟୀ ସାକ୍ଷୀଗୋପାଳଙ୍କ ୨୧ ଦିନିଆ ଚନ୍ଦନଯାତ୍ରା ସମୟରେ ଏହି ପୁଷ୍କରିଣୀରେ ଚାପଖେଳ ଅନୁଷ୍ଠିତ ହୋଇଥାଏ। ବର୍ତ୍ତମାନ ଶ୍ରୀସିଦ୍ଧ ବଳରାମଦେବ ରଥଯାତ୍ରା ଅବସରରେ ଚନ୍ଦନ ମଣ୍ଡପରେ ନବଦିନ ବିଜେ କରିଥିବାରୁ ଏହି ପରିସ୍ଥିତିକୁ ନେଇ ଭକ୍ତମାନଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଛି। ଦୁର୍ଗନ୍ଧମୟ ପରିବେଶରେ ଠାକୁରଙ୍କ ଆଡ଼ପ ଭୋଗ ପ୍ରସ୍ତୁତ କରାଯାଉଥିବାରୁ ମଧ୍ୟ ଶ୍ରଦ୍ଧାଳୁମାନେ ଚିନ୍ତା ପ୍ରକାଶ କରିଛନ୍ତି।

# କାଳନ୍ଦୀ ମାର୍ଗ ରାସ୍ତା ପାଲଟିଛି ମଦୁଆଙ୍କ ଆଡ୍ଡାସ୍ଥଳୀ

**ପୁଲିସ ପାଟ୍ରୋଲିଂ ପାଇଁ ଦାବି କଲେ ସ୍ଥାନୀୟ ବାସିନ୍ଦା**

**ନିଶ୍ଚିନ୍ତକୋଇଲି,୨୨।୭ (ସଂଚାର ବ୍ୟୁରୋ):** କଟକ ଜିଲ୍ଲା ନେମାଳ ଥାନା ଅନ୍ତର୍ଗତ ନେମାଳ ଓ ତିଳକଣା ପଞ୍ଚାୟତ ସ୍ଥିତ ପୁନ୍ଦାଳ ଶାଖା କେନାଲ ଆର୍ ଆଣ୍ଡ ବି ରାସ୍ତାରୁ କଣ୍ଟାପାରି ଠାରୁ ବାଲିଆପଦାକୁ ଯାଇଥିବା କାଳନ୍ଦୀ ମାର୍ଗ ରାସ୍ତାର ପ୍ରାୟ ଏକ କିଲୋମିଟର ଅଞ୍ଚଳରେ କିଛି ଅସାମାଜିକ ବ୍ୟକ୍ତି ନିୟମିତ ଭାବେ ମଦ୍ୟପାନ କରି ଆଡ୍ଡା ଜମାଉଥିବା ଅଭିଯୋଗ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ଉଠିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଉକ୍ତ ରାସ୍ତାଟି ଅପେକ୍ଷାକୃତ ନିର୍ଜନ ହୋଇଥିବାରୁ କିଛି ମଦ୍ୟପ ବ୍ୟକ୍ତି ସେଠାରେ ଏକତ୍ରିତ ହୋଇ ମଦ୍ୟପାନ କରିବା ସହ ଯାତାୟାତ କରୁଥିବା ମହିଳା, ଯୁବତୀ ଏବଂ ସ୍କୁଲ-କଲେଜ ଛାତ୍ରୀମାନଙ୍କ ପ୍ରତି ଅଶୋଭନ ବ୍ୟବହାର କରୁଥିବା ଅଭିଯୋଗ ରହିଛି। ଏହାଫଳରେ ସାଧାରଣ ଲୋକ, ବିଶେଷକରି ମହିଳାମାନେ ଭୟ ଓ ଅସୁରକ୍ଷା ମଧ୍ୟରେ ଏହି ରାସ୍ତାରେ ଯାତାୟାତ କରିବାକୁ ବାଧ୍ୟ ହେଉଛନ୍ତି। ଅଞ୍ଚଳବାସୀଙ୍କ ମତରେ, ଦୀର୍ଘଦିନ ଧରି ଏଭଳି ପରିସ୍ଥିତି ଲାଗି ରହିଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ପ୍ରଭାବଶାଳୀ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଫଳରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ତେଣୁ ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଉକ୍ତ ରାସ୍ତାରେ ନିୟମିତ ପୋଲିସ ପାଟ୍ରୋଲିଂ ବ୍ୟବସ୍ଥା କରିବା ସହ ଅସାମାଜିକ କାର୍ଯ୍ୟକଳାପରେ ଜଡ଼ିତ ବ୍ୟକ୍ତିଙ୍କ ବିରୋଧରେ କଠୋର ଆଇନଗତ ପଦକ୍ଷେପ ନେବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

# ପୋଷାକ ବଣ୍ଟନରେ ଅନିୟମିତତା ଅଭିଯୋଗ

**ବ୍ଲକ ଓ ଜିଲ୍ଲା ଅଧିକାରୀଙ୍କ ଭୂମିକାକୁ ନେଇ ସନ୍ଦେହ**

**ନିର୍ଦ୍ଦିଷ୍ଟ ଏଜେନ୍ସି ଠାରୁ କିଣିବାକୁ ବାଧ୍ୟ କରାଯାଉଛି**

**ତଦନ୍ତ ନେଇ ସାଧାରଣରେ ଦାବି**

**ଧାମନଗର,୨୨।୭ (ସଂଚାର ବ୍ୟୁରୋ):** ବିକଶିତ ଓ ସମୃଦ୍ଧ ଓଡ଼ିଶା ଗଠନରେ ମହିଳା ମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏଥିସହ ରାଜ୍ୟରେ ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବା ଲକ୍ଷ୍ୟରେ ମିଶନ ଶକ୍ତି ବିଭାଗ ପକ୍ଷରୁ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ମାନଙ୍କୁ 'ଲକ୍ଷପତି ଦିଦି' ଓ 'ମହାଲକ୍ଷପତି ଦିଦି' ସୃଷ୍ଟି କରିବା ନେଇ ବିଭିନ୍ନ ଖସଡ଼ା ପ୍ରସ୍ତୁତ କରାଯାଉଛି। ଏହାସହ ମହିଳା ଉଦ୍ୟୋଗୀମାନଙ୍କୁ ଆଧୁନିକ ବ୍ୟବସାୟିକ କୌଶଳରେ ସଶକ୍ତ କରି ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ବିଭିନ୍ନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଦିଆଯାଉଛି। ହେଲେ ଧାମନଗର ବ୍ଲକ ମିଶନ ଶକ୍ତି ବିଭାଗ ପକ୍ଷରୁ ନିଯୁକ୍ତ ମହିଳା ମିଶନ ଶକ୍ତି ଏମବିକେ, ବ୍ୟାଙ୍କ ମିତ୍ର ଓ ସିଆରପି ଆଦି କର୍ମଚାରୀ ମାନଙ୍କୁ ୟୁନିଫର୍ମ ଯୋଗାଣରେ ଅନିୟମିତତା ହେଉଥିବା ନେଇ ସାଧାରଣରେ ଅଭିଯୋଗ ହୋଇଛି।

ସୂଚନା ଯୋଗ୍ୟ ଯେ ବ୍ଲକରେ ଏମବିକେ ୩୦, ବ୍ୟାଙ୍କ ମିତ୍ର ୧୬ ଓ ସିଆରପି ପ୍ରାୟ ୩୭୦ ନିଯୁକ୍ତ ଅଛନ୍ତି ବୋଲି ଜଣାପଡିଛି। ଓଡ଼ିଶା ସରକାରଙ୍କ ମିଶନ ଶକ୍ତି ବିଭାଗ ପକ୍ଷରୁ ପ୍ରତ୍ୟେକ କର୍ମଚାରୀଙ୍କୁ ୟୁନିଫର୍ମ ବାବଦକୁ ପ୍ରତ୍ୟେକ ୧ ହଜାର ଟଙ୍କା ସିଧାସଳଖ ବ୍ୟକ୍ତିଗତ ବ୍ୟାଙ୍କ ଏକାଉଣ୍ଟ୍ ଦିଆଯାଇଛି। ଏହି ଟଙ୍କାରେ ସେମାନେ ନିଜ ମନଇଚ୍ଛାରେ ଯେକୌଣସି ସ୍ଥାନରୁ କିଣିବେ ବୋଲି ନିର୍ଦ୍ଦେଶ ରହିଛି। କିନ୍ତୁ ଧାମନଗର ବ୍ଲକରେ ଚଳିତ ବର୍ଷ ଉକ୍ତ ମହିଳା କର୍ମଚାରୀଙ୍କୁ ମିଳିଥିବା ଟଙ୍କାରେ ଏକ ନିର୍ଦ୍ଦିଷ୍ଟ ଏଜେନ୍ସୀ ନିକଟରୁ କିଣିବାକୁ ବ୍ଲକ ବିପିଏମ ଓ ବିପିଏମ ବାଧ୍ୟ କରୁଛନ୍ତି ବୋଲି କିଛି ଏମବିକେ, ସିଆରପି ନିଜ ନାମ ଗୋପନରେ ରଖି କହିଥିଲେ। ଉକ୍ତ ଏଜେନ୍ସି ଠାରୁ ନିମ୍ନମାନର ୟୁନିଫର୍ମ ସହ ଦୁଇଟି କିଣିବାକୁ ମଧ୍ୟ ବାଧ୍ୟ କରାଯାଉଛି। ଏହା ପୂର୍ବରୁ ୟୁନିଫର୍ମ ବାବଦକୁ ଜିପିଏଲ୍ଏଫ୍ ଏକାଉଣ୍ଟକୁ ଟଙ୍କା ଆସୁଥିଲା, ସେଥିରୁ ନିଜ ନିଷ୍ପତି ଅନୁଯାୟୀ କିଣା ଯାଉଥିଲା। ସେହିପରି ନିଜ ନାମ ଗୋପନ ରଖି ଅନ୍ୟଜଣେ କର୍ମଚାରୀ କହିଛନ୍ତି ବନ୍ତ କାଦବରାଙ୍ଗ ଅଞ୍ଚଳର ଗୋଟେ ଏଜେଂସି ୟୁନିଫର୍ମ ଦେବ, ସମସ୍ତେ ମିଶନ ଶକ୍ତି ଅଫିସକୁ ଆସି ନେଇଯିବା। ବିଶେଷ କରି ବିପିସି ଓ ବିପିଏମ ଏଠାରୁ ନେବାକୁ ବାଧ୍ୟ କରିଥିଲେ। ଯାହାକି ଇଚ୍ଛା ନଥିଲେ ବି ସମସ୍ତେ ଏକ ହଜାର ଟଙ୍କା ଦେଇ ଦୁଇଟି ୟୁନିଫର୍ମ ନେଉଛନ୍ତି । ଏହା ଅତ୍ୟନ୍ତ ନିମ୍ନମାନର ସିନ୍ଥେଟିକ ମେଟେରିଆଲ୍ ଅଟେ।

ଅଭିଯୋଗକୁ ନେଇ ମଙ୍ଗଳବାର ବ୍ଲକ ମିଶନ ଶକ୍ତି କାର୍ଯ୍ୟାଳୟରେ ଉଭୟ ବିପିଏମ ମିନତି ସାମଲ ଏବଂ ପୀପିସି ସୁବ୍ରତ ନାୟକ ଉପସ୍ଥିତ ରହି ବିଭିନ୍ନ ପଞ୍ଚାୟତରୁ ଆସିଥିବା ମିଶନ ଶକ୍ତି ମହିଳା କର୍ମଚାରୀ ମାନଙ୍କୁ ୧ ହଜାର ଟଙ୍କା ନେଇ ଦୁଇଟି ୟୁନିଫର୍ମ ଦେଉଥିବା ନେଇ ଦେଖିବାକୁ ମିଳିଥିଲା।

ଅନ୍ୟପକ୍ଷରେ ଜିଲ୍ଲା ପ୍ରୋଗ୍ରାମ ମ୍ୟାନେଜର ଅଭିକ ନାରାୟଣ କହିଛନ୍ତି ୟୁନିଫର୍ମ ମିଶନ ଶକ୍ତି ବିଭାଗ ପକ୍ଷରୁ ସପ୍ଲାଏ କରାଯାଇଛି ଆମେ ବଣ୍ଟନ କରୁଛୁ।

ଏହାସହ ୟୁନିଫର୍ମ ବଣ୍ଟନ ନେଇ ସରକାରୀ ନିୟମ ରହିଛି କି ପଚାରିବାରୁ ବିରକ୍ତ ହୋଇ ମୁଁ ଆପଣଙ୍କ ସହ ସେୟାର କରିବାକୁ ବାଧ୍ୟ ନୁହେଁ ବୋଲି କଥା କୁ ଏଡ଼ାଇ ଯାଇଥିଲେ। ଏଥିରୁ ସ୍ପଷ୍ଟ ଅନୁମାନ କରାଯାଏ ଏହି ୟୁନିଫର୍ମ ବଣ୍ଟନ ନେଇ ବ୍ଲକ ମିଶନ ଶକ୍ତି ବିଭାଗ ଓ ଜିଲ୍ଲା ମିଶନ ଶକ୍ତି ବିଭାଗ କଥା ମଧ୍ୟରେ କୌଣସି ତାଳମେଳ ରହୁନଥିବାରୁ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ଯାହାକି ୟୁନିଫର୍ମ ବଣ୍ଟନ ଅନିୟମିତତା ନେଇ ଉପରିସ୍ଥ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି।

### କଳାହାଣ୍ଡି ଗସ୍ତରେ ଉପମୁଖ୍ୟମନ୍ତ୍ରୀ

# ମହିଳା ସଶକ୍ତିକରଣ ପାଇଁ ସରକାର ପ୍ରତିବଦ୍ଧ



ଭବାନୀପାଟଣା,୨୨।୭(ସଂଚାର ବ୍ୟୁରୋ): ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଜି କଳାହାଣ୍ଡି ଜିଲ୍ଲା ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି। ଗସ୍ତ ଅବସରରେ ସରକାରଙ୍କ ମହିଳା ସଶକ୍ତିକରଣ, ସ୍ୱୟଂ ସହାୟକ ଗୋଷ୍ଠୀର ଉନ୍ନତି ଓ ଗ୍ରାମୀଣ ବିକାଶକୁ ନେଇ ତାଙ୍କ ସହ ଆଲୋଚନା ହୋଇଛି। ଜିଲ୍ଲାର ପ୍ରଶାସନିକ ଅଧିକାରୀ, ଜନପ୍ରତିନିଧି, ବିଜେପି କର୍ମକର୍ତ୍ତା ଓ ବହୁ ସଂଖ୍ୟକ ଲୋକ ତାଙ୍କର ଏହି ଗସ୍ତକୁ ସ୍ୱାଗତ କରିଛନ୍ତି। ଗସ୍ତ ଆରମ୍ଭରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଭବାନୀପାଟଣାସ୍ଥିତ ସର୍କିଟ ହାଉସରେ ପହଞ୍ଚିଥିଲେ। ସେଠାରେ ବିଜେପିର ବରିଷ୍ଠ ନେତୃବୃନ୍ଦ, କର୍ମକର୍ତ୍ତା, ଜିଲ୍ଲାପାଳଙ୍କ ସମେତ ବିଭିନ୍ନ ବିଭାଗର ସରକାରୀ ଅଧିକାରୀ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ତାଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା ଜଣାଇଛନ୍ତି। ଉପମୁଖ୍ୟମନ୍ତ୍ରୀଙ୍କ ଆଗମନରେ ସର୍କିଟ ହାଉସ ପରିସର ଉତ୍ସବମୁଖର ହୋଇଉଠିଥିଲା। ସ୍ଥାନୀୟ ଜନପ୍ରତିନିଧି ଓ ଦଳୀୟ କର୍ମୀମାନେ ଜିଲ୍ଲାର ବିକାଶ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

ଏହାପରେ ଶ୍ରୀମତୀ ପରିଡ଼ା ସହିଦ ରେଣ୍ଡୋ ମାଝୀ ମେଡିକାଲ କଲେଜର ଅଡିଟୋରିୟମରେ ଆୟୋଜିତ ବିଏଲଏଫ ସଦସ୍ୟଙ୍କ ପକ୍ଷରୁ ଆୟୋଜିତ ଏକ ଆଲୋଚନା ସଭାରେ ଯୋଗଦେଇଥିଲେ। ସଭାରେ ଜିଲ୍ଲାର ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଉପସ୍ଥିତ ରହି ନିଜ ନିଜ କାର୍ଯ୍ୟକଳାପ, ସଫଳତା ଓ ସମସ୍ୟା ସମ୍ପର୍କରେ ମତାମତ ରଖିଥିଲେ। ମହିଳାଙ୍କ ଆର୍ଥିକ ସ୍ୱାବଲମ୍ବନ, ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବା, ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର ସଫଳ ରୂପାୟନ ଓ ସ୍ୱୟଂ ସହାୟକ ଗୋଷ୍ଠୀର ଭୂମିକାକୁ ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ଉପମୁଖ୍ୟମନ୍ତ୍ରୀ ମହିଳାମାନଙ୍କ ସଶକ୍ତିକରଣ ପାଇଁ ସରକାରଙ୍କ ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରିଥିଲେ ଓ ସେମାନଙ୍କ ଉନ୍ନତି ପାଇଁ ସରକାର ସବୁବେଳେ ସହଯୋଗ କରିବେ ବୋଲି ଶ୍ରୀମତୀ ପରିଡ଼ା କହିଥିଲେ। କାର୍ଯ୍ୟକ୍ରମ ପରେ ଉପମୁଖ୍ୟମନ୍ତ୍ରୀ ଶ୍ରମତୀ ପରିଡ଼ା ଗୋଷ୍ଠୀ ସହାୟକ କର୍ମଚାରୀମାନଙ୍କ ସହ ଏକ ସ୍ୱତନ୍ତ୍ର ଆଲୋଚନା ସଭାରେ ଯୋଗଦେଇଥିଲେ। ଏହି ସଭାରେ କର୍ମଚାରୀମାନେ ସେମାନଙ୍କ କାର୍ଯ୍ୟକ୍ଷେତ୍ରର ଅଭିଜ୍ଞତା, ସମସ୍ୟା, ଭତ୍ତା, ସୁବିଧା ଓ ବିଭିନ୍ନ ଦାବି ଉପମୁଖ୍ୟମନ୍ତ୍ରୀଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ। ସେ ଧୈର୍ଯ୍ୟର ସହ ସମସ୍ତଙ୍କ କଥା ଶୁଣିଥିଲେ ଓ ଯୁକ୍ତିଯୁକ୍ତ ଦାବିଗୁଡ଼ିକୁ ସରକାରଙ୍କ ଦୃଷ୍ଟିକୁ ନିଆଯାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେ କହିଥିଲେ ଯେ ଗୋଷ୍ଠୀ ସହାୟକ କର୍ମଚାରୀମାନେ ଗ୍ରାମାଞ୍ଚଳରେ ସରକାରୀ ଯୋଜନାକୁ ସଫଳ ଭାବେ କାର୍ଯ୍ୟକାରୀ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଉଛନ୍ତି ଓ ସେମାନଙ୍କ ଅବଦାନକୁ ସରକାର ସମ୍ମାନର ସହ ଗ୍ରହଣ କରୁଛନ୍ତି। ଏହି ଗସ୍ତ ପରିପ୍ରେକ୍ଷୀରେ ଜିଲ୍ଲା ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ବିଭିନ୍ନ ବିଭାଗର ଅଧିକାରୀ, ବିଜେପି ନେତୃବୃନ୍ଦ, ବିଏଲଏଫ ସଦସ୍ୟ, ଗୋଷ୍ଠୀ ସହାୟକ କର୍ମଚାରୀ ଓ ସାଧାରଣ ଲୋକଙ୍କ ଉପସ୍ଥିତିରେ ସମସ୍ତ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା। କଳାହାଣ୍ଡି ଜିଲ୍ଲାରେ ମହିଳା ସଶକ୍ତିକରଣ, ସ୍ୱୟଂ ସହାୟକ ଗୋଷ୍ଠୀର ଉନ୍ନତି ଓ ଗ୍ରାମୀଣ ବିକାଶକୁ ଆହୁରି ମଜବୁତ କରିବା ଦିଗରେ ଏହି ଗସ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ସମସ୍ତେ ମତ ଦେଇଥିଲେ।



# ମା' ରମାଦେବୀଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ

ଭୁବନେଶ୍ୱର,୨୨।୭(ସଂଚାର ବ୍ୟୁରୋ): ମା' ରମାଦେବୀଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମା' ରମାଦେବୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧା ସୁମନ ଅର୍ପଣ କରିଛନ୍ତି। ବିଧାନସଭା ପାର୍ଶ୍ୱରେ ଥିବା ମା' ରମାଦେବୀଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟମନ୍ତ୍ରୀ ଶ୍ରଦ୍ଧା ସୁମନ ଅର୍ପଣ କରିବା ସହ ମା' ରମାଦେବୀଙ୍କ ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ସ୍ୱାଧୀନତା ସଂଗ୍ରାମଠାରୁ ଆରମ୍ଭ କରି ସମାଜ ସଂସ୍କାର ଏବଂ ନାରୀ ସଶକ୍ତିକରଣ ଦିଗରେ ମା' ରମାଦେବୀଙ୍କ ଅବଦାନ ଅତୁଳନୀୟ। ସେବା ଓ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ମା' ରମାଦେବୀ। ମା' ରମାଦେବୀଙ୍କ ଦେଶପ୍ରେମ ଓ ସମାଜସେବା ସଦାସର୍ବଦା ଆମ ସମସ୍ତଙ୍କୁ ଏକ ସଶକ୍ତ ସମାଜ ଓ ସମୃଦ୍ଧ ରାଷ୍ଟ୍ର ନିର୍ମାଣ କରିବା ଦିଗରେ ଅନୁପ୍ରାଣିତ କରିବ। ଆଜି ମା' ରମାଦେବୀଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ସମେତ ବାଚସ୍ପତି ସୁରମା ପାଢ଼ୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସମାଜସେବୀ ପଦ୍ମ ଚରଣ ନାୟକ, ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ, ସତ୍ୟବ୍ରତ ରାଉତ, ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ, ଦେବଯାନୀ ଭୂୟାଁ ପ୍ରମୁଖ ଉପସ୍ଥିତ ମା' ରମାଦେବୀଙ୍କ ସ୍ମୃତିଚାରଣ କରିଛନ୍ତି।

## ହୀରାକୁଦର ୧୨ ଗେଟ୍ ଦେଇ ନିଷ୍କାସିତ ହେଉଛି ଜଳ



ସମ୍ବଲପୁର,୨୨।୭(ସଂଚାର ବ୍ୟୁରୋ): ହୀରାକୁଦ ଜଳଭଣ୍ଡାରର ଉପର ମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ହୀରାକୁଦ ଜଳଭଣ୍ଡାରକୁ ବିପୁଳ ପରିମାଣର ବନ୍ୟା ଜଳ ପ୍ରବେଶ କରିବାରେ ଲାଗିଛି। ଫଳରେ ଜଳଭଣ୍ଡାରର ଜଳ ସ୍ତର କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ହୀରାକୁଦର ଆଉ ୨ଟି ଗେଟ୍ ଖୋଲାଯାଇଛି। ପୂର୍ବରୁ ୧୦ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଥିଲା। ଏହି ଦୁଇଟି ଗେଟ୍ ଖୋଲିବା ପରେ ସମୁଦାୟ ୧୨ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ଜାରି ରହିଛି। ଡ୍ୟାମ୍ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଜାରି ହୋଇଥିବା ତଥ୍ୟ ଅନୁସାରେ, ସମ୍ପ୍ରତି ଜଳଭଣ୍ଡାର ଭିତରକୁ ପ୍ରତି ସେକେଣ୍ଡରେ ୧ ଲକ୍ଷ ୯୨ ହଜାର ୯୨୧ କ୍ୟୁସେକ୍ ପାଣି ପ୍ରବେଶ କରୁଥିବା ବେଳେ ୨ ଲକ୍ଷ ୧୬ ହଜାର ୬୯ କ୍ୟୁସେକ୍ ପାଣି ଡ୍ୟାମ୍‌ରୁ ଛଡ଼ାଯାଉଛି। ସେହିପରି ଏବେ ଜଳ ଭଣ୍ଡାରର ଜଳସ୍ତର ୬୧୩.୫୬ ଫୁଟ୍‌ରେ ସ୍ଥିର ରହିଛି। ଉଲ୍ଲେଖଯୋଗ୍ୟ ଯେ ଜଳଭଣ୍ଡାରରେ ଜଳସ୍ତର ବୃଦ୍ଧି ହେବାରୁ ଗତକାଲି ମୋଟ ୧୦ଟି ଗେଟ୍ ଖୋଲାଯାଇଥିଲା।

## ସ୍କୁଲ ବାରଣ୍ଡା ଛାତରୁ ଖସିଲା ପ୍ଲାଷ୍ଟର୍, ବର୍ତ୍ତିଲେ ଛାତ୍ରୀ




ଯୋଡ଼ା,୨୨।୭(ସଂଚାର ବ୍ୟୁରୋ): ସ୍କୁଲ୍ ବାରଣ୍ଡା ଛାତରୁ ପ୍ଲାଷ୍ଟର ଖସିଛି। ତେବେ ସୌଭାଗ୍ୟବଶତଃ ଭାବେ ଏଥିରେ କେହି ବି ଆହତ ହୋଇନାହାନ୍ତି। ବରଂ ପଢ଼ିବାକୁ ଆସିଥିବା ଛାତ୍ରୀମାନେ ଅଳ୍ପକେ ବର୍ତ୍ତିଯାଇଥିବା ଜଣାପଡ଼ିଛି। ମିଳିଥିବା ସୂଚନାନୁସାରେ, କେନ୍ଦୁଝର ଜିଲ୍ଲା ଚମ୍ପୁଆସ୍ଥିତ ମହତାବ ସରକାରୀ ଉଚ୍ଚ ବିଦ୍ୟାଳୟରେ ଆଜି ଏହି ଅପ୍ରତ୍ୟାଶିତ ଘଟଣା ଘଟିଛି। ଆଜି ସ୍କୁଲ ବାରଣ୍ଡା ଉପର ଛାତରୁ ହଠାତ୍ ପ୍ଲାଷ୍ଟର ଖସିପଡ଼ିଥିଲା। ସେହି ସମୟରେ ବାରଣ୍ଡାରେ କେତେକ ଛାତ୍ରୀ ଥିଲେ। କିନ୍ତୁ ସୌଭାଗ୍ୟବଶତଃ ସେମାନେ ଅଳ୍ପକେ ରକ୍ଷା ପାଇଯାଇଛନ୍ତି। ଫଳତଃ କୌଣସି ବଡ଼ ଅଘଟଣ ଘଟିନାହିଁ। ନିକଟରେ ପିଏମ୍ ଶ୍ରୀ ସ୍କୁଲର ମାନ୍ୟତା ପାଇଥିବା ଏହି ବିଦ୍ୟାଳୟରେ ବର୍ଷା ସମୟରେ ଛାତରୁ ପାଣି ଝରୁଥିବା ଅଭିଯୋଗ ହୋଇଆସୁଥିଲା। ଏହାକୁ ଦୃଷ୍ଟିରେ ରଖି ଗତ ଗ୍ରୀଷ୍ମ ଛୁଟିରେ ମରାମତି କାମ କରାଯାଇଥିଲା। ତେବେ ନିମ୍ନ ମାନର କାମ ଯୋଗୁଁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା କୁହାଯାଉଛି। ଆଜିର ଏହି ଘଟଣା ପରେ ମରାମତି କାମର ଗୁଣବତ୍ତା ଓ ବିଦ୍ୟାର୍ଥୀଙ୍କ ସୁରକ୍ଷାକୁ ନେଇ ଅଭିଭାବକ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଗଭୀର ଚିନ୍ତା ପ୍ରକାଶ ପାଇଛି।

# ସାରା ରାଜ୍ୟରେ ସାରର ଘୋର ଅଭାବ: ବିଜେଡି

### ପ୍ରଶାସନିକ ବିଫଳତା ଓ କଳାବଜାରୀ ଯୋଗୁଁ ଚାଷୀ ହନ୍ତସନ୍ତ



ଭୁବନେଶ୍ୱର,୨୨।୭(ସଂଚାର ବ୍ୟୁରୋ): ଚଳିତ ଖରିଫ ଚାଷ ଋତୁରେ ସମଗ୍ର ଓଡ଼ିଶାରେ ଦେଖାଦେଇଥିବା ସାରର ଘୋର ଅଭାବ, ବ୍ୟାପକ କଳାବଜାରୀ ଓ ପ୍ରଶାସନିକ ବିଫଳତା ଯୋଗୁଁ ଲକ୍ଷ ଲକ୍ଷ ଚାଷୀ ହନ୍ତସନ୍ତ ହେଉଛନ୍ତି। ସରକାରଙ୍କ ଚାଷୀ ମାରଣ ନୀତି ଯୋଗୁଁ ଚାଷୀ କଳବଲ ହେଉଥିବାରୁ ଡବଲ ଇଞ୍ଜିନ ସରକାରଙ୍କୁ କଡ଼ା ସମାଲୋଚନା କରିଛି ବିଜେଡି।

ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଡ ଅରୁଣ କୁମାର ସାହୁ କହିଥିଲେ ଯେ ଓଡ଼ିଶାର ପ୍ରାୟ ୭୦ ପ୍ରତିଶତ ଲୋକ କୃଷି ଉପରେ ନିର୍ଭରଶୀଳ ଥିବା ବେଳେ ପ୍ରତିବର୍ଷ ପ୍ରାୟ ୩୯ ଲକ୍ଷ ହେକ୍ଟର ଜମିରେ ଖରିଫ ଧାନ ଚାଷ କରାଯାଏ। ଚଳିତ ଖରିଫ ଋତୁରେ ରାଜ୍ୟକୁ ପ୍ରାୟ ୧୧.୪୩ ଲକ୍ଷ ମେଟ୍ରିକ ଟନ୍ ସାରର ଆବଶ୍ୟକତା ରହିଛି। କିନ୍ତୁ ଗତ ୧୭ ତାରିଖ ସୁଦ୍ଧା ମାତ୍ର ପ୍ରାୟ ୧.୮୧ ଲକ୍ଷ ମେଟ୍ରିକ ଟନ୍ ସାର ପ୍ରାଥମିକ କୃଷି ସମବାୟ ସମିତିଗୁଡ଼ିକରେ ପହଞ୍ଚିଛି। ଚାଷୀଙ୍କୁ ପ୍ରାୟ ୧.୧୪ ଲକ୍ଷ ମେଟ୍ରିକ ଟନ୍ ସାର ବଣ୍ଟନ କରାଯାଇଛି। ସମଗ୍ର ଖରିଫ ଋତୁରେ ଆବଶ୍ୟକତାର ମାତ୍ର ୧୦ ପ୍ରତିଶତ ସାର ଯୋଗାଣ ହୋଇଥିବାରୁ ରାଜ୍ୟରେ କୃତ୍ରିମ ସାର ସଙ୍କଟ ସୃଷ୍ଟି ହୋଇଛି। 'ଡବଲ ଇଞ୍ଜିନ ସରକାର' ବାସ୍ତବରେ ଓଡ଼ିଶାର ଚାଷୀଙ୍କ ପାଇଁ "ଟ୍ରବୁଲ ଇଞ୍ଜିନ ସରକାର'ରେ ପରିଣତ ହୋଇଛି ବୋଲି ସେ କହିଛନ୍ତି।

ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ କହିଥିଲେ ଯେ ରାଜ୍ୟରେ ସାରର କୌଣସି ଅଭାବ ନ ଥିବା ସରକାରଙ୍କ ଦାବି ସମ୍ପୂର୍ଣ୍ଣ ଅମୂଳକ। ବହୁ ଜିଲ୍ଲାରେ ଚାଷୀମାନେ ଗୋଟିଏ ବସ୍ତା ୟୁରିଆ ପାଇଁ ପ୍ୟାକ୍ସ ଓ ସାର ଦୋକାନ ଆଗରେ ସାରା ରାତି ଅପେକ୍ଷା କରି ରହୁଛନ୍ତି। ୟୁରିଆ ଅଭାବକୁ ଲୁଚାଇବା ପାଇଁ ସରକାର କମ୍ପ୍ଲେକ୍ସ ସାର ଓ ବିକଳ୍ପ ସାର ବ୍ୟବହାରକୁ ପ୍ରୋତ୍ସାହନ ଦେବା ଦୁର୍ଭାଗ୍ୟଜନକ। ସରକାର ୟୁରିଆ ଓ ଡିଏପିର ଅଭାବକୁ ସ୍ୱୀକାର କରି ବିକଳ୍ପ ସାର ଚାଷୀଙ୍କୁ ଯୋଗାଇଦେବା ପାଇଁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେବାରୁ ଏହା ସ୍ପଷ୍ଟ ପ୍ରମାଣିତ ଯେ ଚାଷୀଙ୍କ ସମସ୍ୟା ଦୂର କରିବାରେ ସରକାର ସମ୍ପୂର୍ଣ୍ଣ ବିଫଳ। ସେହିପରି ସଞ୍ଜୟ ଦାସବର୍ମା କହିଥିଲେ ଯେ ଭାରତ ସରକାରଙ୍କ ଜାତୀୟ ସାର ବଣ୍ଟନ ନୀତିକୁ କାର୍ଯ୍ୟକାରୀ କରିବାରେ ଓଡ଼ିଶା ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ରାଜ୍ୟରେ ସାରର କୌଣସି ଅଭାବ ନ ଥିବା ସମବାୟ ମନ୍ତ୍ରୀ ଦାବି କରୁଥିବା ବେଳେ ସମବାୟ ବିଭାଗର ପ୍ରମୁଖ ଶାସନ ସଚିବ ୟୁରିଆ ଓ ଡିଏପିର ଅଭାବକୁ ସ୍ୱୀକାର କରି ଜିଲ୍ଲା ପ୍ରଶାସନକୁ ବିକଳ୍ପ ସାର ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି, ଯାହା ସରକାରଙ୍କ ଦୋମୁହାଁ ନୀତିକୁ ପଦାରେ ପକାଇଛି।

# ପୁରୀରୁ ହରିଶଙ୍କରକୁ ଗଡ଼ିଲା ଜଗନ୍ନାଥ ଏକ୍ସପ୍ରେସ



ଭୁବନେଶ୍ୱର,୨୨।୭(ସଂଚାର ବ୍ୟୁରୋ): ଶ୍ରୀକ୍ଷେତ୍ର ପୁରୀରୁ ପ୍ରଥମ ଥର ପାଇଁ ଆଜି ହରିଶଙ୍କରକୁ ଗଡ଼ିଛି ଓଏସଆରଟିସିର ଜଗନ୍ନାଥ ଏକ୍ସପ୍ରେସ ବସ। ରଥଯାତ୍ରାକୁ ଦୃଷ୍ଟିରେ ରଖି ଆଜିଠାରୁ ପୁରୀରୁ ହରିଶଙ୍କର ରୁଟ୍‌ରେ ଆରମ୍ଭ ହୋଇଛି ସରକାରୀ ବସ ସେବା। କିଛିଦିନ ତଳେ ଏହି ରୁଟ୍‌ରେ ସରକାରୀ ବସ ଚଳାଚଳ ପାଇଁ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ପରିବହନ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାପରେ ରଥଯାତ୍ରାକୁ ଲକ୍ଷ୍ୟ କରି ଆଜିଠାରୁ ଏହି ରୁଟରେ ବସ ଚଳାଚଳ ଆରମ୍ଭ ହୋଇଛି। ପ୍ରଥମ ଦିନରେ ହିଁ ଏହି ବସ ସେବାକୁ ଯାତ୍ରୀଙ୍କ ପକ୍ଷରୁ ସକାରାତ୍ମକ ପ୍ରତିକ୍ରିୟା ମିଳିଛି। ୫୦ ସିଟ ବିଶିଷ୍ଟ ବସରେ ପ୍ରଥମ ଦିନରେ ୩୮ ଜଣ ଯାତ୍ରୀ ଗମନ କରିଛନ୍ତି। ଦୀର୍ଘଦିନ ପରେ ପୁରୀରୁ ହରିଶଙ୍କରକୁ ସରକାରୀ ବସ ସେବା ଆରମ୍ଭ ହେବା ନେଇ ଯାତ୍ରୀଙ୍କ ମଧ୍ୟରେ ଦେଖାଦେଇଛି ଉତ୍ସାହ। ଏହାଦ୍ୱାରା ଶ୍ରୀକ୍ଷେତ୍ର ପୁରୀରୁ ହରିଶଙ୍କର ଯାତ୍ରା କରୁଥିବା ଯାତ୍ରୀଙ୍କୁ ମିଳିବ ଅଧିକ ସୁବିଧା। ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ମଧ୍ୟ ପ୍ରଥମ ଥର ପାଇଁ ସରକାରୀ ବସରେ ଯାତ୍ରା କରିଛନ୍ତି। ଆଗକୁ ଏହି ବସ ସେବା ପ୍ରତିଦିନ ଚାଲିବ ବୋଲି ସେ ସୂଚନା ଦେଇଛନ୍ତି।

### ପୂର୍ବତଟ ରେଳବାଇରେ ସୁରକ୍ଷା ସୁନିଶ୍ଚିତ କରିବ ରୋବର୍ଟ

# ଏଆଇ ସଞ୍ଚାଳିତ 'ଡିଏସ୍‌ସି ଅର୍ଜୁନ'ର ଶୁଭାରମ୍ଭ




ଭୁବନେଶ୍ୱର,୨୨।୭(ସଂଚାର ବ୍ୟୁରୋ): ଉନ୍ନତ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ରେଳ ସୁରକ୍ଷାକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ପୂର୍ବ ତଟ ରେଳପଥର ରେଳ ସୁରକ୍ଷା ବଳ (ଆରପିଏଫ) 'ଡିଏସସି ଅର୍ଜୁନ' ନାମକ ଏକ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ବା କୃତ୍ରିମ ବୁଦ୍ଧିମତ୍ତା ସଞ୍ଚାଳିତ ରୋବୋଟିକ୍ ନିରୀକ୍ଷଣ ପ୍ଲାଟଫର୍ମର ଶୁଭାରମ୍ଭ କରିଛି। ଏହି ଅତ୍ୟାଧୁନିକ ବ୍ୟବସ୍ଥା ଯାତ୍ରୀ ସୁରକ୍ଷା, ଷ୍ଟେସନ ସୁରକ୍ଷା ଏବଂ ରେଳ ପରିଚାଳନାର ଦକ୍ଷତାକୁ ଆହୁରି ବୃଦ୍ଧି କରିବ। ପୂର୍ବତଟ ରେଳପଥର ମହାପ୍ରବନ୍ଧକ, ବରିଷ୍ଠ ରେଳ ଅଧିକାରୀ ଏବଂ ରେଳ ସୁରକ୍ଷା ବଳର ଅଧିକାରୀମାନଙ୍କ ଉପସ୍ଥିତିରେ ଏହି ଏଆଇ-ସଞ୍ଚାଳିତ ରୋବୋଟିକ୍ ସୁରକ୍ଷା ପ୍ଲାଟଫର୍ମର ଉନ୍ମୋଚନ କରାଯାଇଥିଲା।

ଡିଏସସି ଅର୍ଜୁନର ପ୍ରଚଳନ ପୂର୍ବତଟ ରେଳପଥର ସ୍ମାର୍ଟ ଏବଂ ପ୍ରଯୁକ୍ତିବିଦ୍ୟା-ସଞ୍ଚାଳିତ ସୁରକ୍ଷା ବ୍ୟବସ୍ଥା ଗଠନ ଦିଗରେ ଆଉ ଏକ ମାଇଲଖୁଣ୍ଟ ସୃଷ୍ଟି କରିଛି। କୃତ୍ରିମ ବୁଦ୍ଧିମତ୍ତା (ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ), କମ୍ପ୍ୟୁଟର ଭିଜନ, ମେସିନ୍ ଲର୍ଣ୍ଣିଂ ଓ ଇଣ୍ଟରନେଟ ଅଫ୍ ଥିଙ୍ଗ୍ସ ଭଳି ଅତ୍ୟାଧୁନିକ ପ୍ରଯୁକ୍ତିରେ ସଜ୍ଜିତ ଏହି ବୁଦ୍ଧିମାନ ରୋବୋଟିକ ପ୍ଲାଟଫର୍ମ ରେଳ ସୁରକ୍ଷା ବଳଙ୍କୁ ଅଧିକ ସକ୍ରିୟ, ଦକ୍ଷ ଓ ତ୍ୱରିତ ସୁରକ୍ଷା ସେବା ପ୍ରଦାନରେ ସହାୟତା କରିବ।

୨୦୨୦ରେ ଭାରତୀୟ ରେଳବାଇରେ ରୋବୋର୍ଟ ଦ୍ୱାରା ନିରୀକ୍ଷଣ ବ୍ୟବସ୍ଥା ଆରମ୍ଭ ହୋଇଥିଲା। ସେତେବେଳେ ଫ୍ରଣ୍ଟଲାଇନ୍ ରେଳ କର୍ମଚାରୀମାନଙ୍କୁ ସୁରକ୍ଷା ଦେବାରେ ସହାୟତା କରିବା ପାଇଁ କେନ୍ଦ୍ରୀୟ ରେଳବାଇ ଦ୍ୱାରା କ୍ୟାପଟେନ୍ ଅର୍ଜୁନ ବିକଶିତ କରାଯାଇଥିଲା। ଏହି ପଦକ୍ଷେପକୁ ଆଗକୁ ବଢ଼ାଇ ପୂର୍ବତଟ ରେଳପଥ ୨୦୨୬ ଜାନୁଆରୀରେ ବିଶାଖାପାଟଣା ରେଳ ଷ୍ଟେସନରେ 'ଏଏସସି ଅର୍ଜୁନ' ନାମକ ହ୍ୟୁମାନଏଡ୍ ରୋବୋଟ୍‌ର ବ୍ୟବହାର କରିଥିଲା। ନୂତନ ଭାବେ ବିକଶିତ ଡିଏସସି ଅର୍ଜୁନ ଏହି ବୈଷୟିକ ବିକାଶର ପରବର୍ତ୍ତୀ ପର୍ଯ୍ୟାୟର ପ୍ରତିନିଧିତ୍ୱ କରୁଛି। ଏଥିରେ ଉନ୍ନତ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ସକ୍ଷମ ନିରୀକ୍ଷଣ ପ୍ରଣାଳୀ ଓ ବିଶ୍ଳେଷଣାତ୍ମକ ପ୍ରଯୁକ୍ତି ବିଦ୍ୟାକୁ ସମନ୍ୱିତ କରି ଏକ ଉନ୍ନତ ରେଳ ସୁରକ୍ଷା ପ୍ଲାଟଫର୍ମ ରୂପେ ବିକଶିତ କରାଯାଇଛି।

# ସମ୍ବେଦନହୀନ, ନିଷ୍ଠୁର ସରକାର ଗାଦି ଛାଡ଼ିବା ଉଚିତ




ଭୁବନେଶ୍ୱର,୨୨।୭(ସଂଚାର ବ୍ୟୁରୋ): ନିଟ ପ୍ରଶ୍ନପତ୍ର ମାମଲାକୁ ନେଇ ଦେଶବ୍ୟାପୀ ଛାତ୍ରଙ୍କ ବିକ୍ଷୋଭ ପ୍ରଦର୍ଶନ ଓ ଛାତ୍ରମାନଙ୍କ ସମର୍ଥନରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ପ୍ରଧାନମନ୍ତ୍ରୀଙ୍କ ବାସଭବନ ଆଗରେ ପ୍ରତିବାଦ ଓ ତାଙ୍କ ଉପରେ କେନ୍ଦ୍ର ସରକାର ଇଙ୍ଗିତରେ ଅମାନୁଷିକ ବ୍ୟବହାର ତଥା ଓଡ଼ିଶା ରାଜଭବନ ଆଗରେ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କୁ ଗିରଫ ଆଦି ବିଷୟକୁ କଂଗ୍ରେସ ଭବନଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲେ।

ସାମ୍ପ୍ରତିକ ପ୍ରଶ୍ନପତ୍ର ଲିକ୍ ମାମଲା ଦେଶର କେବଳ ଯୁବପିଢ଼ି ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନୁହେଁ, ବରଂ ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ ଓ ସମସ୍ତ ଗଠନମୂଳକ ବିରୋଧୀ ନେତୃତ୍ୱଙ୍କ ମଧ୍ୟରେ ବ୍ୟାପକ ଅସନ୍ତୋଷ, ନିରାଶା ଓ କ୍ରୋଧ ସୃଷ୍ଟି କରିଛି। ବିଜେପି ନେତୃତ୍ୱାଧୀନ ସରକାର ଯେଉଁଳି ଭାବେ ଏହି ପ୍ରସଙ୍ଗକୁ ଏଡ଼ାଇ ସରକାର ଦେଶ ଶାସନ କରିବାର ସମସ୍ତ ନୈତିକ ଅଧିକାର ହରାଇଛନ୍ତି ବୋଲି କହିଛନ୍ତି କଂଗ୍ରେସ ନେତା ସୁଦର୍ଶନ ଦାସ।

ସଂସଦ ନିକଟରେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରୁଥିବା ଛାତ୍ରଛାତ୍ରୀମାନଙ୍କୁ ନିର୍ଦ୍ଦୟ ଭାବେ ଲାଠିଚାର୍ଜ କରାଯାଇଛି। ଛାତ୍ରୀମାନଙ୍କ ବସ୍ତ୍ରହରଣ ଓ ସେମାନଙ୍କ ଚୁଟି ଧରି ଘୋଷାରି ପ୍ରତାରିତ କରାଯାଇଛି। ଏଥିରେ ସାମିଲ ଥିଲେ ପୁଲିସ ଓ ବିଜେପିର ଗୁଣ୍ଡା, ଯାହା ଲାଠି ଧରିଥିବା ଚେହେରାରୁ ସ୍ପଷ୍ଟ ଜଣାପଡୁଥିଲା। ଛାତ୍ରଛାତ୍ରୀମାନଙ୍କୁ ଭୟଭୀତ କରିବା ପାଇଁ ଦିଲ୍ଲୀ ପୁଲିସ ବଜରଙ୍ଗ ଦଳ ଓ ଆରଏସଏସର ଗୁଣ୍ଡାମାନଙ୍କୁ ଭଡ଼ାରେ ଆଣିଥିଲା ବୋଲି ସୋନାଲି ସାହୁ ଅଭିଯୋଗ କରିଛନ୍ତି।

### କାଉଡ଼ିଆ ଯାତ୍ରା ପାଇଁ ଗଡ଼ଗଡ଼ିଆ ଘାଟରେ ମେୟରଙ୍କ ସମୀକ୍ଷା

# କାଉଡ଼ିଆଙ୍କ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା: ମେୟର

- ଅଘଟଣ ଏଡ଼ାଇବାକୁ ଓଡ୍ରାଫ୍, ଅଗ୍ନିଶମ ବିଭାଗକୁ ନିର୍ଦ୍ଦେଶ
- ନିର୍ଦ୍ଧାରିତ ବ୍ୟାରିକେଡ୍ ମଧ୍ୟରେ ହିଁ ଜଳ ଉଠାଇବେ ଭକ୍ତ ଓ ଶ୍ରଦ୍ଧାଳୁ



କଟକ,୨୨।୭(ସଂଚାର ବ୍ୟୁରୋ): ଶ୍ରାବଣ ସୋମବାରର ପ୍ରସିଦ୍ଧ କାଉଡ଼ିଆ ଯାତ୍ରା ପାଇଁ କଟକ ମହାନଗର ନିଗମ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି ଯାତ୍ରା ବେଳେ ମହାନଦୀରୁ ଲକ୍ଷାଧିକ ଭକ୍ତ ଜଳଭାର ନେଇ ବିଭିନ୍ନ ଶୈବପୀଠକୁ ଯାତ୍ରା କରିଥାନ୍ତି। କାଉଡ଼ିଆଙ୍କର ସୁରକ୍ଷା ଓ ନଦୀରୁ ଜଳଭାର ସଂଗ୍ରହ ସମୟରେ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିବା ଦିଗରେ ସର୍ବୋଚ୍ଚ ପ୍ରାଥମିକତା ଦିଆଯିବ ବୋଲି କଟକ ମହାନଗର ନିଗମର ମେୟର ସୁବାସ ସିଂହ କହିଛନ୍ତି। ଆଜି ମହାନଦୀର ଐତିହାସିକ ଗଡ଼ଗଡ଼ିଆ ଘାଟରେ କେଏମସିର ମେୟର କାଉଡ଼ିଆ ଯାତ୍ରା ପରିଚାଳନା ନେଇ ପ୍ରସ୍ତୁତିର ସମୀକ୍ଷା କରିଥିଲେ।

କାଉଡ଼ିଆମାନେ କିଭଳି ସୁରକ୍ଷିତ ଭାବେ ସୁରୁଖୁରୁରେ, ସୁବିଧାରେ ଓ ଶୃଙ୍ଖଳାର ସହ ନଦୀରୁ ଜଳ ନେଇ ମହାଦେବଙ୍କୁ ଅର୍ପଣ କରିପାରିବେ ସେ ନେଇ ବିସ୍ତୃତ ଭାବେ ମେୟର ଆଲୋଚନା କରିଥିଲେ। ସେମାନଙ୍କର ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯିବ ଏବଂ ଯେକୌଣସି ପ୍ରକାରର ଅଘଟଣକୁ ଏଡ଼ାଇବାକୁ ଓଡ୍ରାଫ୍ ଠାରୁ ଅଗ୍ନିଶମବାହାନୀ ଯାଏଁ ସମସ୍ତେ ପ୍ରସ୍ତୁତ ରହିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ସମୀକ୍ଷା ସମୟରେ ମହାନଗର ନିଗମର ସମସ୍ତ ବିଭାଗର ଅଧିକାରୀଙ୍କ ସହ ଓଡ୍ରାଫ, ଅଗ୍ନିଶମ, ଜଳସେଚନ ଓ ନଗର ସ୍ୱାସ୍ଥ୍ୟ ସମିତିର ଅଧିକାରୀମାନେ ମଧ୍ୟ ସାମିଲ ହୋଇଥିଲେ।

କାଉଡ଼ିଆ ଯାତ୍ରା ପୂର୍ବରୁ ଗଡ଼ଗଡ଼ିଆ ଘାଟରେ ଏକ ଅସ୍ଥାୟୀ କ୍ୟାମ୍ପ ଅଫିସର ପ୍ରତିଷ୍ଠା କରିବାକୁ ମେୟର ନିର୍ଦ୍ଦେଶ ଦେଇଛନ୍ତି। ଯାତ୍ରୀମାନଙ୍କୁ ପାନୀୟଜଳ ଯୋଗାଣ, ସ୍ଥାନୀୟ ଅଞ୍ଚଳରେ ପର୍ଯ୍ୟାପ୍ତ ଆଲୋକୀକରଣ ସହ ନିୟମିତ ଭାବେ ସ୍ୱଚ୍ଛତା ରକ୍ଷା କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଶ୍ରଦ୍ଧାଳୁଙ୍କ ସୁରକ୍ଷା ପାଇଁ ଓଡ୍ରାଫ ଓ ଅଗ୍ନିଶମ ବାହିନୀ ମୁତୟନ ରହିବେ। ସମସ୍ତ କାଉଡ଼ିଆ ନିର୍ଦ୍ଧାରିତ ସ୍ଥାନରୁ ଏବଂ ପୂର୍ବରୁ ନିର୍ମିତ ବ୍ୟାରିକେଡ ମଧ୍ୟ ଦେଇ ଜଳ ଉଠାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଏ ନେଇ ସେମାନଙ୍କ ସୂଚନା ପାଇଁ ବିଭିନ୍ନ ସ୍ଥାନରେ ସତର୍କ ସୂଚନା ବୋର୍ଡ ଲାଗୁ କରିବାକୁ ମେୟର କହିଛନ୍ତି।

# ପୁଲିସ୍ ଆଧୁନିକୀକରଣ, କେନ୍ଦ୍ରୀୟ ମଞ୍ଜୁରୀ ବୃଦ୍ଧି




ଭୁବନେଶ୍ୱର,୨୨।୭: ଓଡ଼ିଶା ପୁଲିସ୍‌ର ଆଧୁନିକୀକରଣ ପାଇଁ କେନ୍ଦ୍ର ସରକାର ଯୋଗାଉଥିବା ଅର୍ଥ ପରିମାଣ ଗୋଟିଏ ବର୍ଷରେ ଦୁଇ ଗୁଣ ବୃଦ୍ଧି କରିଛନ୍ତି। ୨୦୨୪-୨୫ ବର୍ଷରେ ଏ ବାବଦରେ ଅଢ଼େଇ ହଜାର କୋଟି ଟଙ୍କା ମଞ୍ଜୁର କରିଥିବା ବେଳେ ୨୦୨୫-୨୬ ବର୍ଷରେ ୫ ହଜାର କୋଟି ଟଙ୍କାକୁ ଟପିଯାଇଛି। ରାଜ୍ୟର ପୁଲିସ୍ ଆଧୁନିକୀକରଣ ପାଇଁ କେନ୍ଦ୍ର ସରକାର ଯୋଗାଉଥିବା ଅନୁଦାନ ସଂକ୍ରାନ୍ତରେ ବିଜେଡି ସାଂସଦ ସୁଲତା ଦେଓ ପଚାରିଥିବା ପ୍ରଶ୍ନରେ ଏହି ସୂଚନା ଦେଇଛନ୍ତି କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ।

କେନ୍ଦ୍ର ମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ ୨୦୨୩-୨୪ ବର୍ଷରେ କେନ୍ଦ୍ର ସରକାର ଆଧୁନିକୀକରଣ ୨୩୧୮ କୋଟି ଟଙ୍କାର ବ୍ୟବସ୍ଥା ହୋଇଥିଲା। ଏଥିମଧ୍ୟରେ ଗାଡ଼ିମୋଟର ପାଇଁ ୪୬୩ କୋଟିର ବ୍ୟୟବରାଦ ଥିବା ବେଳେ ସାଇବର ପୁଲିସିଂ ପାଇଁ ୭୦ କୋଟି ଟଙ୍କା ରହିଥିଲା। ଏହିବର୍ଷ ରାଜ୍ୟର ଫିଙ୍ଗରପ୍ରିଣ୍ଟ ବ୍ୟୁରୋ ଓ ସାଇବର କ୍ରାଇମ୍ ୟୁନିଟ ପାଇଁ ୨୮୦ କୋଟି ଟଙ୍କାର ଅତିରିକ୍ତ ବ୍ୟବସ୍ଥା ହୋଇଥିଲା। ୨୦୨୪-୨୫ ବର୍ଷରେ କେନ୍ଦ୍ର ସରକାର ଓଡ଼ିଶାର ପୁଲିସର ଆଧୁନିକୀକରଣ ପାଇଁ ୨୦୨୪-୨୫ ବର୍ଷରେ ମଞ୍ଜୁର କରିଥିବା ଅର୍ଥ ପରିମାଣ ୨୫୫୦ ଟଙ୍କାରେ ପହଞ୍ଚିଥିଲା। ଏହି ବର୍ଷ ସାଇବର ପୁଲିସ୍ ପାଇଁ ଅର୍ଥ ପରିମାଣ ପୂର୍ବ ବର୍ଷ ତୁଳନାରେ ଅର୍ଥ ପରିମାଣ ତିନି ଗୁଣ ବୃଦ୍ଧି ପାଇ ୨୧୦ କୋଟି ଟଙ୍କା ହୋଇଥିଲା। ଏହାବାଦ୍ ଫୋରେନସିକ୍ ଯନ୍ତ୍ରପାତି ପାଇଁ ମଧ୍ୟ ୬୩ କୋଟି ଟଙ୍କାର ବ୍ୟୟବରାଦ ହୋଇଥିଲା।

ଗତ ଆର୍ଥିକ ବର୍ଷ ଅର୍ଥାତ୍ ୨୦୨୫-୨୬ ବର୍ଷରେ କେନ୍ଦ୍ର ସରକାର ଓଡ଼ିଶା ପୁଲିସ୍‌ର ଆଧୁନିକୀକରଣ ପାଇଁ ମଞ୍ଜୁର କରିଥିବା ଅର୍ଥର ପରିମାଣ ୫ ହଜାର କୋଟି ଟଙ୍କାକୁ ଟପିଯାଇଛି। ଏଥିରେ ସ୍ମାର୍ଟ ପୁଲିସିଂ ପାଇଁ ୧୫୦୯ କୋଟି ଟଙ୍କାର ବ୍ୟୟବରାଦ ହୋଇଥିବା ବେଳେ ଗୁଇନ୍ଦା ସାଜସରଞ୍ଜାମ ପାଇଁ ୧୩୧୬ କୋଟି, ତାଲିମ ପାଇଁ ୫୦୭ କୋଟି, ଯୋଗାଯୋଗ ଯନ୍ତ୍ରପାତି ପାଇଁ ୩୪୩ କୋଟି, ସୁରକ୍ଷା ଓ ଅନ୍ୟାନ୍ୟ ସାଜସରଞ୍ଜାମ ପାଇଁ ୫୮୮ କୋଟି ଟଙ୍କାର ଅର୍ଥ ମଞ୍ଜୁର ହୋଇଛି। ଏଠାରେ ଉଲ୍ଲେଖ କରାଯାଇପାରେ ଯେ ଦିନକୁ ଦିନ ଅପରାଧର ଢାଞ୍ଚା ବଦଳୁଥିବାରୁ ପୁଲିସ୍ ଆଧୁନିକୀକରଣ ଜରୁରୀ ହୋଇ ପଡୁଛି। ଉଭୟ ଜଙ୍ଗଲ, ଜଳପଥ ଆଦିରେ ଅପରାଧୀ ଓ ଅନୁପ୍ରବେଶକାରୀଙ୍କୁ ମୁକାବିଲା କରିବା ସହିତ ସାଇବର ଅପରାଧ ମୁକାବିଲା ଏବେ ଓଡିଶା ପୁଲିସ୍ ପାଇଁ ବଡ ଚ୍ୟାଲେଞ୍ଜ ହୋଇଛି। ଯଦିଓ ପୁଲିସ୍ ପରିଚାଳନା ଦାୟିତ୍ୱ ରାଜ୍ୟ ସରକାରଙ୍କ ଅଧିନରେ ରହିଛି କିନ୍ତୁ ଏହାର ଆଧୁନିକୀକରଣ ପାଇଁ କେନ୍ଦ୍ର ସରକାର ପାଣ୍ଠି ଯୋଗାଇ ଦେଇଥାନ୍ତି। (ତଥ୍ୟ)

### ଓଡ଼ିଆ କବିତାରେ ଜାତୀୟତାବାଦୀ ଚେତନା ଆଲୋଚନାଚକ୍ର

# କବିତାରେ ଦେଶଭକ୍ତି ଓ ଭାଷାପ୍ରୀତି ପ୍ରତିଫଳିତ



ଭୁବନେଶ୍ୱର,୨୨।୭(ସଂଚାର ବ୍ୟୁରୋ): ସାହିତ୍ୟ ଏକାଡେମି ଓ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ମିଳିତ ଭାବେ ଆଜି ଭୁବନେଶ୍ୱରସ୍ଥିତ ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ 'ଓଡ଼ିଆ କବିତାରେ ଜାତୀୟତାବାଦୀ ଚେତନା' ବିଷୟବସ୍ତୁ ଉପରେ ଏକ ଆଲୋଚନାଚକ୍ର ଆୟୋଜିତ ହୋଇଯାଇଛି। ଆଜିର କାର୍ଯ୍ୟକ୍ରମରେ ସାହିତ୍ୟ ଏକାଡେମିର ସଚିବ ବରୁଣ ଗୁଲାଟି, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ, ବିଶିଷ୍ଟ ଲେଖିକା ଶକୁନ୍ତଳା ବଳିଆରସିଂହ, ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡ. ଚନ୍ଦ୍ର ଶେଖର ହୋତା, ଗୌରହରି ଦାସ ଯୋଗଦେଇଥିଲେ।

ସାହିତ୍ୟ ହେଉଛି ସମାଜର ଦର୍ପଣ। ସମାଜର ସାମ୍ପ୍ରତିକ ସ୍ଥିତି ସାହିତ୍ୟ ମାଧ୍ୟମରେ ପ୍ରକାଶିତ ହୋଇଥାଏ। ଦେଶରେ ସ୍ୱାଧୀନତା ଆନ୍ଦୋଳନ ସମୟଠାରୁ ଆରମ୍ଭ କରି ସାମ୍ପ୍ରତିକ ସମୟ ପର୍ଯ୍ୟନ୍ତ ଅନେକ ଲେଖକ ଓ ଲେଖିକାମାନେ ନିଜ ସାହିତ୍ୟ ସର୍ଜନାରେ ଜାତୀୟତାବାଦୀ ଚେତନାକୁ ପ୍ରସ୍ଫୁଟିତ କରିଛନ୍ତି। ବିଶେଷକରି ଓଡ଼ିଆ ସାହିତ୍ୟ ଜଗତରେ ବହୁ ସାହିତ୍ୟିକମାନେ ନିଜର କବିତା ମାଧ୍ୟମରେ ନିଜର ଦେଶପ୍ରୀତିକୁ ପରିପ୍ରକାଶ କରିଛନ୍ତି। ଓଡ଼ିଆ ସାହିତ୍ୟ ଜଗତର ସାରସ୍ୱତ ସ୍ରଷ୍ଟା ରାଧାନାଥ ରାୟ, ଫକୀରମୋହନ ସେନାପତି, ମଧୁସୂଦନ ଦାସ, ଗଙ୍ଗାଧର ମେହେର, ନନ୍ଦକିଶୋର ବଳ, କୁନ୍ତଳା କୁମାରୀ ସାବତଙ୍କ ସମେତ ଅନେକ କବି ନିଜର କବିତାରେ ମାତୃଭୂମି ପ୍ରୀତି, ଭାଷାପ୍ରୀତି ଓ ଜାତୀୟ ଚେତନାର ଯଥାର୍ଥ ପରିଚୟ ପ୍ରଦାନ କରିଛନ୍ତି। ଓଡ଼ିଆ ସାହିତ୍ୟ ଜଗତର କାଳଜୟୀ ରଚନାରେ ପ୍ରତିଫଳିତ ହୋଇଥିବା ଦେଶ ପ୍ରେମ ଓ ଜାତୀୟ ଚେତନା ଆଗାମୀ ଦିନରେ ଯୁବ ସାହିତ୍ୟିକମାନଙ୍କୁ ନିଶ୍ଚିତ ଭାବେ ପ୍ରେରିତ କରିବ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ।

# ଆନ୍ଦୋଳନକୁ କିଏ କରୁଛି ସ୍ପନ୍ସର?

ସମ୍ପ୍ରତି ଦିଲ୍ଲୀର ଜନ୍ତର ମନ୍ତରରେ ଛାତ୍ର ଓ ଯୁବକମାନଙ୍କ ଏକ ବିରାଟ ପ୍ରତିବାଦ ଚାଲିଛି। କକ୍ରୋଚ ଜନ୍ତା ପାର୍ଟି (ସିଜେପି) ନାମକ ଏକ ଅନଲାଇନ ଗ୍ରୁପ ନେତୃତ୍ୱରେ ଏହି ଆନ୍ଦୋଳନ ଚାଲୁଛି, ଯେଉଁଥିରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରାଯାଉଛି। ନିଟ-ୟୁଜି ପ୍ରଶ୍ନପତ୍ର ଲିକ୍ ଓ ଅନ୍ୟାନ୍ୟ ପରୀକ୍ଷା ଅନିୟମିତତା ନେଇ ଏହି ପ୍ରତିବାଦ ଆରମ୍ଭ ହୋଇଥିଲା ଏବଂ ଏହା ଏକ ସପ୍ତାହରୁ ଅଧିକ ସମୟ ଧରି ଚାଲୁ ରହିଛି। ଛାତ୍ରମାନେ ଥାଳି-ଚାମୁଚ୍ ବଜାଇ, ମାସ୍କ ପିନ୍ଧି ଏବଂ ୱାଙ୍ଗଚୁକ୍ ଯୋଗ ଦେଇଛନ୍ତି ଏବଂ ଅନଶନ ମଧ ଆରମ୍ଭ କରିଛନ୍ତି। ପ୍ରତିବାଦରେ ଛାତ୍ର, ଅଭିଭାବକ ଓ ଯୁବକମାନେ ସାମିଲ୍ ହୋଇଛନ୍ତି। ସେମାନେ ପରୀକ୍ଷା ବ୍ୟବସ୍ଥାର ସୁଧାର, ଦାୟିତ୍ୱ ନିର୍ଧାରଣ ଏବଂ ପ୍ରଧାନଙ୍କ ଇସ୍ତଫା ଦାବି କରୁଛନ୍ତି। ଏହା ଏକ ବୈଧ ଦାବି ହୋଇପାରେ, କାରଣ ପରୀକ୍ଷା ଲିକ୍ ଯୋଗୁଁ ଅନେକ ଛାତ୍ରଙ୍କ ଭବିଷ୍ୟତ ପ୍ରଭାବିତ ହୋଇଛି ଏବଂ କେତେକ ଆତ୍ମହତ୍ୟା ମଧ ଘଟିଛି ବୋଲି ଅଭିଯୋଗ ଉଠିଛି।

କିନ୍ତୁ ପ୍ରଶ୍ନ ହେଉଛି ସ୍ପନ୍ସରସିପ୍ ବିଷୟରେ। ଏହି




ସ୍ଲୋଗାନ୍ ଦେଇ ପ୍ରତିବାଦ କରୁଛନ୍ତି। କିନ୍ତୁ ପ୍ରଶ୍ନ ଉଠୁଛି ଏହି ଛାତ୍ର ପ୍ରତିବାଦକୁ କିଏ ସ୍ପନ୍ସର୍ କରୁଛି? ଏହା କେବଳ ଛାତ୍ରଙ୍କ ସ୍ୱତଃସ୍ଫୂର୍ତ୍ତ ଆନ୍ଦୋଳନ ନା ରାଜନୈତିକ ଷଡ଼ଯନ୍ତ୍ରର ଏକ ଅଂଶ?

ପ୍ରଥମେ ଘଟଣାର ପୃଷ୍ଠଭୂମି ବୁଝିବା ଦରକାର। ଏହି ଆନ୍ଦୋଳନର ମୁଖ୍ୟ ନେତା ଅଭିଜିତ୍ ଦୀପ୍କେ। ସେ ଆମେରିକାରୁ ଆସି ଏହି ପ୍ରତିବାଦ ପରିଚାଳନା କରୁଛନ୍ତି। ସେଥିରେ ଲାଦାଖ୍ କର୍ମୀ ସୋନାମ୍ ଆନ୍ଦୋଳନ କେବଳ ଛାତ୍ରଙ୍କ ଦ୍ୱାରା ପରିଚାଳିତ ହୋଇଥିବା କଥା କହିଲେ ପୂରା ସତ୍ୟ ହେବ ନାହିଁ। ବିରୋଧୀ ଦଳଗୁଡ଼ିକ କଂଗ୍ରେସ, ଆମ୍ ଆଦମୀ ପାର୍ଟି, ସମାଜୱାଦୀ ପାର୍ଟି ଏବଂ ଅନ୍ୟାନ୍ୟମାନେ ଏହାକୁ ସମର୍ଥନ କରୁଛନ୍ତି। ରାହୁଲ ଗାନ୍ଧୀ, ଅରବିନ୍ଦ କେଜରୀୱାଲ୍ ଆଦି ନେତାମାନେ ଏହି ଦାବିକୁ ଉଠାଇଛନ୍ତି। ପାର୍ଲାମେଣ୍ଟରେ ମଧ ଏହି ପ୍ରସଙ୍ଗ ଉଠିଛି ଏବଂ ବିରୋଧୀମାନେ ପ୍ରଧାନଙ୍କ ଇସ୍ତଫା ଦାବି କରି ପ୍ରତିବାଦ କରୁଛନ୍ତି। ଏହା ସ୍ପଷ୍ଟ ଯେ ରାଜନୈତିକ ଦଳଗୁଡ଼ିକ ଏହି ଛାତ୍ର ଆନ୍ଦୋଳନକୁ ନିଜର ରାଜନୈତିକ ଲାଭ ପାଇଁ ବ୍ୟବହାର କରୁଛନ୍ତି। ଛାତ୍ରଙ୍କ ବୈଧ ଦୁଃଖକୁ ରାଜନୈତିକ ହାତିଆର ବନାଇବା ଏକ ଦୁର୍ଭାଗ୍ୟଜନକ ପରମ୍ପରା।

ଅଭିଜିତ୍ ଦୀପ୍କେଙ୍କ ପୃଷ୍ଠଭୂମି ମଧ ପ୍ରଶ୍ନବାଚୀ। ସେ ଏକ ଡିଜିଟାଲ୍ ସ୍ୟାଟାୟାରିକାଲ୍ ପ୍ଲାଟଫର୍ମରୁ ଆରମ୍ଭ କରି ଏହି ଆନ୍ଦୋଳନ ଗଢ଼ିଛନ୍ତି ଏବଂ ସୋସିଆଲ୍ ମିଡିଆରେ ବିପୁଳ ଫଲୋଅର୍ ଅର୍ଜନ କରିଛନ୍ତି। କିନ୍ତୁ ଏହି ପ୍ରକାର ଆନ୍ଦୋଳନ ପରିଚାଳନା ପାଇଁ ଅର୍ଥ, ଲୋଜିଷ୍ଟିକ୍ସ ଏବଂ ପ୍ରଚାର ଆବଶ୍ୟକ ହୁଏ। କିଏ ଏହାର ଆର୍ଥିକ ସମର୍ଥନ ଦେଉଛି? ସରକାରୀ ପକ୍ଷରୁ ଏହାକୁ ବିଦେଶୀ ହସ୍ତକ୍ଷେପ ବା ବିରୋଧୀ ରାଜନୈତିକ ଷଡ଼ଯନ୍ତ୍ର ବୋଲି ଅଭିଯୋଗ କରାଯାଉଛି। ପ୍ରଧାନଙ୍କ ପକ୍ଷରୁ ମଧ ଏହି ଗ୍ରୁପ୍ କୁ ଆକ୍ରମଣ କରାଯାଇଛି। କିନ୍ତୁ ପ୍ରମାଣ ବିନା ଏପରି ଅଭିଯୋଗ ଉଠାଇବା ମଧ ଠିକ୍ ନୁହେଁ। ସରକାର ଏହି ପ୍ରସଙ୍ଗରେ ପାର୍ଲାମେଣ୍ଟରେ ଆଲୋଚନା କରିବାକୁ ପ୍ରସ୍ତୁତ ଥିବା କହିଛନ୍ତି ଏବଂ ସୁଧାର ପାଇଁ ପ୍ରତିଶ୍ରୁତି ଦେଇଛନ୍ତି।

ଏହି ଆନ୍ଦୋଳନର ଦୁଇଟି ପାର୍ଶ୍ୱ ଅଛି। ଗୋଟିଏ ହେଉଛି ଛାତ୍ରଙ୍କ ବୈଧ କ୍ଷୋଭ, ପରୀକ୍ଷା ବ୍ୟବସ୍ଥାର ତ୍ରୁଟି ସମାଧାନ ହେବା ଉଚିତ୍। ଅନ୍ୟଟି ହେଉଛି ରାଜନୈତିକ ବ୍ୟବହାର। ବିରୋଧୀ ଦଳଗୁଡ଼ିକ ଏହାକୁ ସରକାର ବିରୋଧୀ ଆନ୍ଦୋଳନରେ ପରିଣତ କରିବାକୁ ଚେଷ୍ଟା କରୁଛନ୍ତି। ଏହା ଗଣତନ୍ତ୍ରର ଅଂଶ, କିନ୍ତୁ ଛାତ୍ରଙ୍କୁ ରାଜନୈତିକ ଟୁଲ୍ ବନାଇବା ଠିକ୍ ନୁହେଁ। ସରକାରଙ୍କ ଦାୟିତ୍ୱ ହେଉଛି ପରୀକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା, ଦୋଷୀଙ୍କୁ ଦଣ୍ଡ ଦେବା ଏବଂ ଛାତ୍ରଙ୍କ ଆଶ୍ୱାସ ଦେବା। ଧର୍ମେନ୍ଦ୍ର ପ୍ରଧାନ ଏକ ଅଭିଜ୍ଞ ନେତା ଏବଂ ଓଡ଼ିଶାର ଗର୍ବ। ତାଙ୍କ ଉପରେ ବ୍ୟକ୍ତିଗତ ଆକ୍ରମଣ ନୁହେଁ, ବରଂ ସିଷ୍ଟମ ସୁଧାର ଉପରେ ଧ୍ୟାନ ଦେବା ଉଚିତ।

## ଭ୍ରମ ଦୂର କରିବାର ମାଧ୍ୟମ ଭ୍ରମଣ

ଅରିଜିତ ମିଶ୍ର



ମଣିଷ ସର୍ବଦା କର୍ମ ଚଞ୍ଚଳତା ମଧ୍ୟରେ ରହି ନିଜକୁ ଏକ ସାଂସାରିକ ଜୀବନରେ ବାନ୍ଧି ଚଳିଥାଏ। କିନ୍ତୁ ଅନେକ ମଣିଷ ଅଛନ୍ତି ଯେଉଁମାନେ କି ଭ୍ରମଣ ପ୍ରିୟ। ସାଂସାରିକ ଜୀବନରେ ରହି ମଧ ନିଜ କର୍ମ ଭିତରେ କିଛି ସମୟ ବାହାର କରି ଭ୍ରମଣ ନିମନ୍ତେ ଆଗ୍ରହ ପ୍ରକାଶ କରନ୍ତି। 'ଭ୍ରମ ଦୂର କରିବାର ମାଧମ ଭ୍ରମଣ' କହିଲେ, ଅନେକ ପ୍ରକାରର ସ୍ଥାନ ରହିଛି ଯାହାକୁ ମଣିଷ ସ୍ୱଚ୍ଛକ୍ଷୁରେ ନଦେଖି କେବଳ ଉକ୍ତ ସ୍ଥାନର ରହସ୍ୟ ସତ ହେଉ ବା ମିଛ ରୂପେ ଶୁଣିଥାଏ। କିନ୍ତୁ ଯେତେବେଳେ ମଣିଷ ସେହି ସ୍ଥାନକୁ ଯାଏ ଏବଂ ଠିକ୍ ଭାବେ ଭ୍ରମଣ କରି ସମସ୍ତ ଘଟଣାକୁ ନିଜେ ସ୍ୱଚ୍ଛକ୍ଷୁରେ ଦେଖି ହୃଦବୋଧ କରେ ସେହି ସମୟରେ ହିଁ ମଣିଷର ମନ ମଧ୍ୟରୁ ଉକ୍ତ ସ୍ଥାନ ପ୍ରତି ରହିଥିବା ଭ୍ରମ ଦୂର ହୋଇଥାଏ। ତେଣୁ ବାସ୍ତବରେ କହିବାକୁ ଗଲେ ପୃଥିବୀରେ ହେଉ ବା ଆମ ଭାରତରେ ଅନେକ ସ୍ଥାନ ରହିଛି ଯାହାକୁ ଭ୍ରମଣ କରିବା ଦ୍ୱାରା ହିଁ ଭ୍ରମ ଦୂରୀଭୁତ ହୁଏ। ସର୍ବ ଧର୍ମର ସମନ୍ୱୟର ଦେଶ ହେଉଚି ଆମ ଭାରତ। ଏଠାରେ ବିଭିନ୍ନ ପ୍ରକାରର ଧର୍ମ, ବର୍ଣ୍ଣ, ଭାଷା, ଜାତି ରହିଛନ୍ତି ଯାହାଙ୍କର ସମ୍ପ୍ରଦାୟ ବିଷୟରେ ଅନେକ ଭ୍ରମାତ୍ମକ ଧାରଣା ରହିଥାଏ। କିନ୍ତୁ ଉକ୍ତ ସ୍ଥାନକୁ ଯାଇ ସେଠିକାର ସମ୍ପ୍ରଦାୟ ସହିତ ମିଶି କଥୋପକଥନ କରିବା ପରେ ଭ୍ରମ ସଂଶୋଧନ ହୁଏ। ଭାରତରେ ବିଶେଷ ଭାବରେ ଦେଖାଯାଏ ବଙ୍ଗାଳୀ ପରିବାର ମାନେ ଅଧିକନ୍ତୁ ଭ୍ରମଣ ପ୍ରିୟ। ଶ୍ରୀକ୍ଷେତ୍ର ଦର୍ଶନ ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ପରମ୍ପରାର ରହସ୍ୟକୁ ଜାଣିବା ନିମନ୍ତେ ସେମାନେ ଅଧିକ ମାତ୍ରାରେ ପୁରୀ ଆସିବାର ଆମେ ଦେଖିଥାଉ। ଖାଲି ଯେ ପୁରୀ ନୁହେଁ ତତ୍ସହିତ ଭାରତରେ ଥିବା ପ୍ରାୟ ସମସ୍ତ ସ୍ଥାନରେ ମଧ ଆମେ ବଙ୍ଗାଳୀ ମଣିଷ ମାନଙ୍କୁ ଭ୍ରମଣ କରୁଥିବାର ଦେଖିବାକୁ ପାଇବା। ଠିକ୍ ସେହିପରି ଭାରତରେ ଅନେକ ତୀର୍ଥ କ୍ଷେତ୍ର ରହିଛି ଯେପରିକି କାଶୀ, ଗୟା, ପ୍ରୟାଗ, ଉଜ୍ଜୈନ, କାମାକ୍ଷା ଆଦି କ୍ଷେତ୍ର ଗୁଡ଼ିକର ବିଭିନ୍ନ ପ୍ରକାରର ରହସ୍ୟ ଶୁଣିବା ସହିତ ଭ୍ରମ ମଧ ମନରେ ସୃଷ୍ଟି ହୋଇଥାଏ। ତେଣୁ ଉକ୍ତ କ୍ଷେତ୍ର ଗୁଡ଼ିକରେ ପୁରୀ ପରି ବର୍ଷ ସାରା ପୃଥିବୀର ବିଭିନ୍ନ ପ୍ରାନ୍ତରୁ ଭ୍ରମଣକାରୀ ମାନେ ଆସୁଥିବାର ଦେଖାଯାଏ। ପିଲା ଦିନରେ ବହିରେ ପଢିଥିବା ତପ୍ତପାଣି ବା ଅତ୍ରି ଉଷ୍ଣପ୍ରସ୍ରବଣ ବିଷୟରେ ଶୁଣିଲେ ମନ ମଧ୍ୟରେ କେମିତି ଏକ ଭ୍ରମ ସୃଷ୍ଟି ହୋଇଥାଏ, କିପରି କୂପ ଭିତରେ ଥିବା ପାଣିରୁ ଆପେ ଆପେ ଧୂଆଁ ବାହାରିବା ଘଟଣା ଏହା ସତ୍ୟ ନା ମିଥ୍ୟା? ଯେତେବେଳେ ଆମେ ବାସ୍ତବରେ ସେ ସ୍ଥାନକୁ ଭ୍ରମଣ ନିମନ୍ତେ ଯାଇ ଦେଖିଥାଉ ସଙ୍ଗେ ସଙ୍ଗେ ଆମର ମନ ଭିତରେ ଥିବା ଭ୍ରମ ଦୂରେଇଯାଏ। ବିଶେଷ ଭାବରେ ଗବେଷକ ମାନେ ନିଜର ଭ୍ରମ ଦୂର କରିବା ପାଇଁ ଭ୍ରମଣ କରନ୍ତି। ଏକାଧିକ ସ୍ଥାନର ରହସ୍ୟରେ ଅନେକ ଭ୍ରମାତ୍ମକ ତଥ୍ୟ ଶୁଣିବାକୁ ମିଳେ। ତେଣୁ ଉକ୍ତ ଭ୍ରମ ସଂଶୋଧନ କେବଳ ଗବେଷକ ମାନଙ୍କ ଦ୍ୱାରା ହିଁ ହୋଇଥାଏ ଭ୍ରମଣ ବଳରେ। ବିଶେଷ କରି ଭୂଗୋଳ, ଇତିହାସ, ବିଜ୍ଞାନ ଏବଂ ସମାଜ ବିଜ୍ଞାନୀ ମାନଙ୍କର ଭ୍ରମଣ ଦ୍ୱାରା ଅନେକ ଭ୍ରମ ସଂଶୋଧନ ହୋଇଥାଏ। କେତେକ କ୍ଷେତ୍ରରେ ଦେଖାଯାଏ ଅଘୋର ସାଧନା, ପ୍ରେତ ବିଦ୍ୟମାନ ଥିବା ପରି ଆଦି କଥା ମଣିଷର ମନ ମଧ୍ୟରେ ଏକ ଭ୍ରମ ସୃଷ୍ଟି କରେ। ତେଣୁ ସେହି ସ୍ଥାନକୁ ଯାଇ ଦେଖିଲେ ହିଁ ଭ୍ରମ ସଂଶୋଧନ ହୁଏ ଯାହାକି କେତେଦୂର ଯୁକ୍ତିଯୁକ୍ତ। ପ୍ରକୃତି ଦ୍ୱାରା ବାରମ୍ବାର ବିପର୍ଯ୍ୟୟ ହୋଇ ସମୁଦ୍ର ବା ନଦୀ କୂଳ ଖାଇବା ସହିତ ଏକାଧିକ ଜନବସତି, ମନ୍ଦିର ବା ପର୍ବତ ସେହି ନଦୀ ବା ସମୁଦ୍ର ଗର୍ଭରେ ବୁଡିରହିଥିବାର ଖବର ମିଳେ ଯାହକି ଏକ ଭ୍ରମ ସୃଷ୍ଟି କରେ ମନରେ। ତେଣୁ ସେହି ସ୍ଥାନକୁ ଭ୍ରମଣ ନିମନ୍ତେ ଯାଇ ବିଭିନ୍ନ ଗବେଷକ ମାନେ ଦୁନିଆର ଏବଂ ନିଜର ଭ୍ରମ ଦୂର କରନ୍ତି। ଭ୍ରମଣ ଦ୍ୱାରା ସତ୍ୟତାର ପରିପ୍ରକାଶ ଘଟି ମନ ଭିତରେ ଥିବା ଭ୍ରମ ନିଶ୍ଚିତ ଭାବେ ଦୂରୀଭୂତ ହୁଏ। ତେଣୁ ଭ୍ରମଣକୁ ସତ୍ୟତାର ଅନୁସନ୍ଧାନ କହିଲେ ଅତ୍ୟୁକ୍ତି ହେବନାହିଁ। ଭ୍ରମଣ ହେଉଚି ଜୀବନର ସର୍ବଶ୍ରେଷ୍ଠ ଶିକ୍ଷାନୁଷ୍ଠାନ। ଯାହା ପାଇଁ ଅନେକ ଜ୍ଞାନ ଆହରଣ କରିହୁଏ ଏବଂ ମନ ଭିତରେ ଥିବା ଜିଜ୍ଞାସାର ଅନ୍ତ ଘଟେ। ବର୍ତ୍ତମାନ ଡିଜିଟାଲ ଯୁଗ ଯାହା ଫଳରେ ସାମାଜିକ ଗଣମାଧ୍ୟମରେ ଅନେକ ପ୍ରକାରର ଭ୍ରମାତ୍ମକ ତଥ୍ୟ ଦେଖିବାକୁ ମିଳୁଛି। ତେଣୁ ସେଠାକୁ ଯାଇ ଭ୍ରମ ଦୂର କରିବାର ବଳିଷ୍ଠ ମାଧମ ହେଉଛି ଭ୍ରମଣ। ଭ୍ରମଣ କେବଳ ଏକ ସମୟ କାଟିବାର ମାଧମ ନୁହେଁ। ଭ୍ରମଣ ଦ୍ୱାରା ମଣିଷର ଅନୁଭୂତି, ଜ୍ଞାନ, ବିଚାରଶକ୍ତି ଏବଂ ବ୍ୟକ୍ତିତ୍ୱକୁ ବିକାଶିତ କରିବାର ଏହା ଏକ ସଠିକ୍ ଉପାୟ। ଭ୍ରମଣ ମଣିଷକୁ ଆତ୍ମବିଶ୍ୱାସୀ, ସକାରାତ୍ମକ ଏବଂ ଧୈର୍ଯ୍ୟଶୀଳ କରାଏ। ନୂତନ ମଣିଷ ମାନଙ୍କ ସହିତ ଆଲୋଚନା, ଅଜଣା ସ୍ଥାନ ବିଷୟରେ ଜ୍ଞାନ ଏବଂ ନୂତନ ସମସ୍ୟାର ସମାଧାନ କରିବା ନିମନ୍ତେ ମଣିଷର ବ୍ୟକ୍ତିତ୍ୱକୁ ପରିପକ୍ୱ କରେ। ଯାହା ଦ୍ୱାରା ମାନବର ମନ ମଧ୍ୟରେ ଥିବା ବିଭିନ୍ନ ପ୍ରକାରର ଭୟ, ସଙ୍କୋଚ ଏବଂ ଭ୍ରାନ୍ତ ଧାରଣା ଆଦି କ୍ଷୁର୍ଣ୍ଣ ହୋଇ ନୂତନ ଚିନ୍ତାଧାରାର ପ୍ରତିଫଳନ ଘଟେ। ତେଣୁ ଭ୍ରମଣ ନିଶ୍ଚିତ ଭାବରେ ମଣିଷକୁ ଆତ୍ମତୃପ୍ତି ପ୍ରଦାନ କରେ, ଏହା ନିଃସନ୍ଦେହ।


ବୀରନରସିଂହପୁର, ପୁରୀ
ମୋବାଇଲ୍- ୯୦୪୦୩୫୦୦୮୯


# ସଂଘଃ ବିଦେଶରେ ଭୟ, ଭାରତରେ ନିର୍ଭୟ କାହିଁକି ?



ଗୋପାଳ ମହାପାତ୍ର

ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘକୁ ନେଇ ଏବେ ବିବାଦ ଆରମ୍ଭ ହୋଇଛି। ଗତମାସ (ଜୁନମାସ)ରେ କର୍ଣ୍ଣାଟକ ଗୃହମନ୍ତ୍ରୀ ପ୍ରିୟଙ୍କା ଖଡ଼ଗେ ସଂଘ ମୁଖ୍ୟ ମୋହନ ଭାଗବତଙ୍କୁ ଏକ ପତ୍ର ଲେଖି ସଂଘକୁ ପଞ୍ଜିକୃତ କରାଇବା ପାଇଁ କହିଥିଲେ। ଖଡ଼େଗେଙ୍କ ପତ୍ରର ପରଦିନ ସଂଘ ମୁଖ୍ୟ ମୋହନ ଭାଗବତ ଏକ କାର୍ଯ୍ୟକ୍ରମ ଅବସରରେ କହିଥିଲେ ଯେ "ଅନେକ ଅଣ ପଞ୍ଜିକୃତ ସଂସ୍ଥା ଚାଲିଛି, ହିନ୍ଦୁ ଧର୍ମମଧ ପଞ୍ଜିକୃତ ନୁହେଁ।" ଏ ଘଟଣାକୁ ନେଇ ଦେଶରେ ରାଜନୀତି ମଧ ଜୋର ଧରିଛି। ଇତି ମଧ୍ୟରେ "ଦି ଓ୍ୟାର" ନାମକ ଏକ ସମ୍ବାଦ ସଂସ୍ଥା ପକ୍ଷରୁ ପ୍ରକାଶ ପାଇଥିବା ରିପୋର୍ଟ ହତଚକିତ କଲା ଭଳି ହୋଇଛି। ସମ୍ପୃକ୍ତ ସମ୍ବାଦ ସଂସ୍ଥା ପକ୍ଷରୁ ପ୍ରକାଶିତ ରିପୋର୍ଟ ଅନୁସାରେ ସଂଘ ମୁଖ୍ୟ ଅନେକ ତଥ୍ୟ ଲୁଚାଉଥିବା ଭଳି ଜଣାପଡୁଛି। ଜଣାପଡ଼ିଛି ଯେ ସଂଘ ଭାରତ ବାହାରର ବା ଅନ୍ୟ ଦେଶର ସରକାରଙ୍କ ଆଇନକୁ ମାନିବାକୁ ପ୍ରସ୍ତୁତ କିନ୍ତୁ ଭାରତୀୟ ଆଇନ୍‌କୁ ମାନିବାକୁ ନାରାଜ। ପ୍ୟାରିସର ସିଇ ଆର ଆଇ ସାଇନ୍ସ ପୋ ଦ୍ୱାରା ପ୍ରଦତ୍ତ ତଥ୍ୟ ଏବଂ ଦି କାରଭାନ ପତ୍ରିକାରେ ପ୍ରକାଶିତ ତଥ୍ୟ ଅନୁସାରେ ସଂଘର ନେଟୱାର୍କ ଭାରତ ବାହାରେ ୩୮ଟି ଦେଶରେ ରହିଛି ଏବଂ ଏହି ଦେଶ ମାନଙ୍କରେ ୨୫୦୨ ଅଲଗା ଅଲଗା ସଂଗଠନ କାର୍ଯ୍ୟ କରୁଛି ଓ ଏହି ସବୁ ସଂଗଠନ ମାନଙ୍କର ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପ୍ରତି ନିଷ୍ଠା (ସମ୍ପର୍କ) ରହିଛି। ଭାରତ ବାହାରେ ଥିବା ସଂଗଠନ ମାନଙ୍କ ମଧ୍ୟରୁ ଦୁଇ ତୃତୀୟାଂଶ ସଂଗଠନ ପଞ୍ଜିକୃତ ହୋଇଛି ଓ ସଂଗଠନ ଗୁଡିକ ସମ୍ପୃକ୍ତ ଦେଶର ଆଇନ୍ କାନୁନ୍‌କୁ ମାନୁଛନ୍ତି। ବିଦେଶରେ ଥିବା ୨୫୦୨ ସଂଗଠନ ମଧ୍ୟରୁ ମାତ୍ର ୭୪୭ ଟି ସଂଗଠନ ଅଣ ପଞ୍ଜିକୃତ ଅଟେ। ଅର୍ଥାତ୍ ୭୦ ପ୍ରତିଶତରୁ ଅଧିକ ସଂଘ ସହ ଜଡିତ ସଂଗଠନ ସମ୍ପୃକ୍ତ ଦେଶର ଆଇନ୍‌କୁ ମାନୁଛନ୍ତି।

ସଂଘ ସହ ଯୋଡିହୋଇଥିବା ପ୍ରାୟ ସବୁ ସଂଗଠନ ଭିନ୍ନ ଭିନ୍ନ ପ୍ରକାରରେ ପଞ୍ଜିକୃତ – କେତେକ ପ୍ରାଇଭେଟ କମ୍ପାନୀ ହିସାବରେ ଏବଂ କେତେକ ଆଡ଼ଭୋକେସି/ଲବିଙ୍ଗ୍ କରୁଥିବା ସଂଗଠନ। ଏଥିମଧ୍ୟରୁ କେତେକ ଅଣ ସରକାରୀ ସଂସ୍ଥା ଓ କେତେକ ଅଣ ଲାଭଦାୟକ ସଂସ୍ଥା ଅଟନ୍ତି। ୨୦୨୫ରେ ସ୍ୱାଧିନତା ଦିବସ ଅବସରରେ ଦିଲ୍ଲୀର ଲାଲକିଲ୍ଲାରୁ ଦେଶକୁ ସମ୍ବୋଧିତ କଲାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ରମୋଦୀ ସଂଘକୁ ବିଶ୍ୱର ସବୁଠାରୁ ବଡ଼ ଏନ୍‌ଜିଓ ବୋଲି କହିଥିଲେ ଏବଂ ଦେଶରେ ସଂଘର ୮୮ହଜାର ଶାଖା ଚାଲୁଛି ବୋଲି କହିଥିଲେ। ପ୍ରଧାନମନ୍ତ୍ରୀଙ୍କ କଥା ଅନୁସାରେ ସଂଘ ଯଦି ଏନ୍‌ଜିଓ ତେବେ ଭାରତରେ ଥିବା ଅନ୍ୟ ଏନ୍‌ଜିଓ (ଅଣ ସରକାରୀ ସଂଗଠନ) ମାନଙ୍କ ଭଳି ପଞ୍ଜିକୃତ ହୋଇନାହିଁ କାହିଁକି? ସଂଘର ଆୟ ବ୍ୟୟର ଅଡ଼ିଟ କରାଯାଉନାହିଁ କାହିଁକି? ସଂଘ ଏ ସବୁକୁ ଅଣଦେଖା କରୁଛି କାହିଁକି? ସଂଘର କର୍ମକର୍ତ୍ତା ମାନେ ବୋଧହୁଏ ଭାବୁଛନ୍ତି ଯେ ସଂଘକୁ ଔପଚାରିକ ଭାବେ ପଞ୍ଜିକୃତ କରାଯିବା ଉଚିତ୍ ନୁହେଁ। କାରଣ ପଞ୍ଜିକୃତ ହେଲେ ଉତ୍ତର ଦାୟୀତ୍ୱ ବଢ଼ିବ, ଆୟ ବ୍ୟୟର ଅଡିଟ ହେବ ଇତ୍ୟାଦି ଅନେକ କଥାର ସମ୍ମୁଖୀନ ହେବାକୁ ପଡ଼ିବ। ସଂଘର ମୁଖପତ୍ର ଅର୍ଗାନାଇଜର (୨୦୨୫)ରେ ରତନ ସାରଦାଙ୍କର ଏକ ଆଲୋଖ୍ୟ ପ୍ରକାଶ ପାଇଥିଲା। ତାଙ୍କ ଲେଖାରୁ ଏସବୁ କଥା ସ୍ପଷ୍ଟ।

ସଂଘର ଭାରତ ବାହାରେ ଚାଲିଥିବା ସଂଗଠନ ପଞ୍ଜିକୃତ ହେଉଥିବା ବେଳେ ଭାରତୀୟ ଆଇନ୍‌କୁ ମାନିବାକୁ ସଂଘ ନାରାଜ। ତଥ୍ୟ ଅନୁସାରେ ୟୁନାଇଟେଡ୍ ଷ୍ଟେଟସ୍‌ରେ ସଂଘ ସହ ଜଡିତ ୧୦୭ ସଂଗଠନ ରହିଛି। ଏସବୁ ସଂଗଠନ ମଧ୍ୟରୁ କେତେକ ବିଶ୍ୱ ହିନ୍ଦୁ ପରିଷଦ ସହ ଯୋଡି ହୋଇ ବିଶ୍ୱ ହିନ୍ଦୁ ପରିଷଦ - ଆମେରିକା ନାମରେ ସେଠାରେ କାର୍ଯ୍ୟକରୁଛନ୍ତି। ଏହି ସଂସ୍ଥା ଏକ ସୋସାଇଟି ଭଳି ପଞ୍ଜିକୃତ ହୋଇଛି। କିଛି ସଂଗଠନ ମଧ ସଂଘ ସହ ସମ୍ପର୍କୀତ ସଂଗଠନ ମାନଙ୍କ ସହ ଜଡିତ ହୋଇଛନ୍ତି। ଆମେରିକାରେ ଥିବା ୧୦୭ ସଂଗଠନ ମଧ୍ୟରୁ କେବଳ ୧୦ଟି ସଂଗଠନ ଅଣ ପଞ୍ଜିକୃତ ହୋଇଥିବା ବେଳେ ୯୭ ସଂଗଠନ ଆମେରିକାର ନିୟମ ଅନୁସାରେ ପଞ୍ଜିକୃତ। ଏହାର ସିଧାସଳଖ ଅର୍ଥ ହେଉଛି ଏହି ୯୭ ପଞ୍ଜିକୃତ ସଂଗଠନ ମାନେ ଆମେରିକାର ନିୟମ ମାନି ଚଳୁଛନ୍ତି ଏବଂ ଅଣ ଲାଭକାରୀ ସଂସ୍ଥା ହିସାବରେ ଆୟ ବ୍ୟୟର ରିପୋର୍ଟ ମଧ ଦେଉଛନ୍ତି। ଆମେରିକାରେ ଥିବା ହିନ୍ଦୁ ସ୍ୱୟଂସେବକ ସଂଘ ଯିଏ ସଂଘ ବିଚାର ଧାରାରେ ପ୍ରେରିତ ସଂସ୍ଥା ଆମେରିକାରେ ମଧ ପଞ୍ଜିକୃତ ହୋଇଛି। ଏହି ସଂସ୍ଥାର ଆୟବ୍ୟୟ ମଧ ସାର୍ବଜନୀନ କରୁଛି। ଏହି ସଂସ୍ଥା କଂଗ୍ରେସ ବିରୋଧି ଏଜେଣ୍ଡା ଚଳାଉଥିବାର ଅଭିଯୋଗ ମଧ ହୋଇଛି। ଏକ ବ୍ରିଟିଶ ନ୍ୟୁଜ ଚାନେଲ ମଧ ଏହି ସଂସ୍ଥା ବିରୋଧରେ ସମ୍ବାଦ ପ୍ରକାଶ କରିଥିଲା।

ଇଂଲଣ୍ଡରେ ମଧ ସଂଘ ସହ ଜଡ଼ିତ ୨୬ଟି ସଂଗଠନ ରହିଥିବା ବାବଦରେ ଜଣାପଡ଼ିଛି। ଏହି ସଂଗଠନ ମାନଙ୍କ ମଧ୍ୟରୁ ମାତ୍ର ୩ଟି ସଂଗଠନ ଅଣ ପଞ୍ଜିକୃତ। କାଲିଫର୍ଣ୍ଣିଆର ସାନ୍ତାକ୍ଲାରା ବିଶ୍ୱବିଦ୍ୟାଳୟର ଜନୈକ ପ୍ରଫେସର ରୋହିତ ଚୋପ୍ରା ସଂଘ ପ୍ରସଙ୍ଗରେ ଅନେକ କଥା କହିଛନ୍ତି। ପ୍ରଫେସର ଚୋପ୍ରା କହିଛନ୍ତି ଯେ ଆମେରିକାରେ ପଞ୍ଜିକୃତ ସଂସ୍ଥାମାନେ ବିଭିନ୍ନ କମ୍ପାନୀ ମାନଙ୍କଠାରୁ ଚାନ୍ଦା ଗ୍ରହଣ କରି ସଂଘ ସହ ଯୋଡିହୋଇଥିବା ଭାରତୀୟଙ୍କୁ ଏହି ଅର୍ଥ ଦେଇଥାନ୍ତି। ୨୦୦୨ରେ "ଦି କ୍ୟାମ୍ପେନ ଟୁ ଷ୍ଟପ ଫଣ୍ଡିଙ୍ଗ ହେଟ" ପକ୍ଷରୁ ପ୍ରକାଶିତ ରିପୋର୍ଟ ଅନୁସାରେ ଆମେରିକାରେ ଥିବା ସଂଘ ସହ ଜଡିତ ସଂଗଠନ ମାନେ ଭାରତରେ ଥିବା ସଂଘ ସହ ଯୋଡି ହୋଇଥିବା ସଂଗଠନ ମାନଙ୍କୁ ୩୦ ଲକ୍ଷ ଡ଼ଲାରରୁ ଅଧିକ ଅର୍ଥ ପ୍ରଦାନ କରିଥିଲେ। ୨୦୨୪ରେ ସାଉଥ ଏସିଆନ୍ ୱେ୍ୟବ ନାମକ ଏକ ୱେ୍ୟବସାଇଟ ଉଲ୍ଲେଖ କରିଥିଲା ଯେ ଆମେରିକାରେ ସଂଘ ସହ ଜଡିତ ସଂଗଠନ ମାନେ ୨୦୦୧ ରୁ ୨୦୧୨ ମଧ୍ୟରେ ଭାରତରେ ଥିବା ସଂଗଠନ ମାନଙ୍କୁ ୩୦ ନିୟୁତ ଡ଼ଲାର ପ୍ରଦାନ କରିଥିଲେ।

ଭାରତରେ ସଂଘ ସହ ଯୋଡିହୋଇଥିବା ଅନେକ ସଂଗଠନ ପଞ୍ଜିକୃତ ଥିବା ବେଳେ ପ୍ରମୁଖ ସଂଗଠନ ମାନେ ଅଣପଞ୍ଜିକୃତ ଅଟନ୍ତି କିନ୍ତୁ ଏମାନେ ସକ୍ରିୟ ଅଛନ୍ତି। ସଂଘ ସହ ଜଡିତ ଅଣ ପଞ୍ଜିକୃତ ସଂଗଠନ ମାନଙ୍କ ମଧ୍ୟରେ ରହିଛି ବଜରଙ୍ଗ ଦଳ। ଏହା ବିଶ୍ୱ ହିନ୍ଦୁ ପରିଷଦର ଯୁବ ସଂଗଠନ ଓ ୧୯୮୪ ରେ ଏହାର ପ୍ରାରମ୍ଭ ହୋଇଥିଲା। ଏକ ରିପୋର୍ଟ ଅନୁସାରେ ବିଦେଶରେ ଥିବା ସଂଗଠନ ମାନଙ୍କ ସହ ସଂଘର ନିୟମିତ ନେଣଦେଣ ହୋଇଥାଏ। "ଦି କାରଭାନ"ରେ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ ଦିଲ୍ଲୀରେ ୧୫୦ କୋଟିରୁ ଅଧିକ ଟଙ୍କା ବ୍ୟୟରେ ସଂଘ ଏକ ବହୁତଳ ବିଶିଷ୍ଟ କାର୍ଯ୍ୟାଳୟ ନିର୍ମାଣ କରିଛି। ୨୦୨୫ରେ ଏହାର ଉଦ୍‌ଘାଟ ହୋଇଥିଲା। ଏହି କାର୍ଯ୍ୟାଳୟ ନିର୍ମାଣ ଅର୍ଥ ଶ୍ରୀକେଶବ ସ୍ମାରକ ସମିତି ମାଧମରେ ପଠାଯାଇଥିଲା। କୋରେନା ୧୯ ସମୟରେ ଆମେରିକାରେ ଥିବା ବିଶ୍ୱ ହିନ୍ଦୁ ପରିଷଦ ଆମେରିକା, ଇନଫିନିଟି ଫାଉଣ୍ଡେସନ, ସେବା ଇଣ୍ଟରନ୍ୟାସନାଲ ଏବଂ ହିନ୍ଦୁ ଆମେରିକା ଫାଉଣ୍ଡେସନ ଭଳି ସଂଗଠନ ଭାରତରେ ଥିବା ସଂଘ ସହ ଜଡିତ ସଂଗଠନ ମାନଙ୍କୁ ୮କୋଟି ୪୦ଲକ୍ଷ ଟଙ୍କା ପ୍ରଦାନ କରିଥିଲେ। ମହାତ୍ମା ଗାନ୍ଧୀଙ୍କ ହତ୍ୟା ପରେ ସଂଘ ଉପରେ ପ୍ରତିବନ୍ଧ ଲଗା ଯାଇଥିଲା। ପୁଣି ୧୯୭୦ ଦଶକରେ ଏହି ପ୍ରତିବନ୍ଧ ଜାରି ରହିଥିଲା। ଅନେକ ତଦନ୍ତ ରିପୋର୍ଟ ମଧ ସଂଘ ବିରୋଧୀରେ ରହିଛି। ୧୯୯୮ରେ ବିଜେପି କେନ୍ଦ୍ରରେ ମେଣ୍ଟ ସରକାର ଗଠନ କରିବା ପରେ ସଂଘର ଶକ୍ତି ବଢ଼ିଥିଲା। ସରକାରୀ କର୍ମଚାରୀ ମାନେ ସଂଘ ଏବଂ ଜାମାତ-ଏ-ଇସଲାମୀ ସହ ସମ୍ପର୍କ ରଖି ପାରିବେ ନାହିଁ ବୋଲି ନିୟମ ଥିଲା। କିନ୍ତୁ ୨୦୧୪ ପରେ ଏହି ନିୟମରୁ ସଂଘକୁ ବାଦ ଦିଆଯାଇଛି। ସଂଘ ବର୍ଷରେ ଥରେ ଗୁରୁଦକ୍ଷିଣା ଗ୍ରହଣ କରେ ଓ ଏଥିରେ ସଂଘକାର୍ଯ୍ୟ ଚାଲେ ବୋଲି କୁହାଯାଏ। ୧୯୬୭ -୬୮ ଏବଂ ୧୯୭୫ -୭୬ରେ ଆୟକର ବିଭାଗ ସଂଘର ଆୟ ଉପରେ ଆୟକର ପାଇଁ ଆଦେଶ ଦେଇଥିଲେ କିନ୍ତୁ ମାମଲା କୋର୍ଟକୁ ଯିବା ପରେ ଗୁରୁଦକ୍ଷିଣା ଉପରେ ଆୟକର ଲଗାଯାଇପାରିବ ନାହିଁ ବୋଲି କୋର୍ଟ କହିଥିଲେ। ଭାରତୀୟ ନିୟମ ଅନୁସାରେ ଅଣ ସରକାରୀ ସଂଗଠନ ମାନେ ଆୟକର ରିଟର୍ଣ୍ଣ ଦାଖଲ କରିବା ଓ ଦାନଦାତାଙ୍କ ତାଲିକା ଦାଖଲ କରିବା ଅନିର୍ବାର୍ଯ୍ୟ ଅଟେ। ୨୦୧୦ ଜୁନ ୨୨ ତାରିଖର ଅଧିନିୟମ ଅନୁସାରେ ଅଣ ସରକାରୀ ସଂଗଠନ ନିୟନ୍ତ୍ରଣ ଆଇନ ଅଧିକ କଠୋର ହୋଇଛି। ଦାତା ବା ଦାନ ଦେଉଥିବା ବ୍ୟକ୍ତିଙ୍କ ସମ୍ପର୍କରେ ସୂଚନା ନ ଦେବା ମଧ ଏଫସିଆର ଏ ଆଇନ୍‌ର ଉଲଂଘନ। ସଂଘର ଏମିତି କ'ଣ ଭିତିରି କଥା ଅଛି ଯେ ପଞ୍ଜିକରଣ ପାଇଁ ଡ଼ରୁଛି? ବିଦେଶରେ ସେ ଦେଶର ଆଇନକୁ ମାନୁଛନ୍ତି ସଂଘ ସହ ଯୋଡି ହୋଇଥିବା ସଂଘଠନମାନେ। ତେବେ ଭାରତର ଆଇନ୍‌କୁ ମାନିବାକୁ ସଂଘ ଅରାଜି କାହିଁକି?


ରାମଚନ୍ଦ୍ରପୁର, ରଣପୁର
ମୋ:୯୪୩୮୪୮୫୦୯୪


# ରାଜନୈତିକ ସ୍ୱାର୍ଥ ସାଧନର ମୋହରା ଛାତ୍ର ଆନ୍ଦୋଳନ: ମୋଦି ସରକାରଙ୍କ ବଳିଷ୍ଠ ସଂସ୍କାର ଓ ସ୍ୱଚ୍ଛତା ଆଗରେ ପରାଜିତ ବିରୋଧୀଙ୍କ ହୀନ ଷଡ଼ଯନ୍ତ୍ର



ସୌଭାଗ୍ୟ ମୋହାନ୍ତି

ଆଜି ଅନେକ ହୋଇଗଲା— ଦେଶର ବିକାଶ ଗାଡ଼ିକୁ ଅଟକାଇବା ପାଇଁ ରାଜପଥରେ ସୃଷ୍ଟି କରାଯାଉଥିବା ନାଟକ, ଛାତ୍ର ଶକ୍ତିକୁ ନିଜର ବ୍ୟକ୍ତିଗତ ଓ ରାଜନୈତିକ ସ୍ୱାର୍ଥ ପାଇଁ ବ୍ୟବହାର କରିବାର ହୀନ ମାନସିକତା ଏବଂ ଗଣତାନ୍ତ୍ରିକ ପ୍ରତିବାଦ ନାମରେ ନିରୀହ ଯୁବବର୍ଗଙ୍କୁ ଗୁମରାହ କରିବାର ଅପଚେଷ୍ଟା ଆଜି ସୀମା ପାର ହୋଇସାରିଛି। ଦେଶର ରାଜଧାନୀରେ ଛାତ୍ର ଆନ୍ଦୋଳନ ନାମରେ ଯେଉଁ ଅରାଜକତା ସୃଷ୍ଟି କରାଯାଉଛି, ତାହା ପ୍ରକୃତରେ ପରୀକ୍ଷାର୍ଥୀଙ୍କ ଭବିଷ୍ୟତ ପାଇଁ ନୁହେଁ, ବରଂ ନିଜର ଅସ୍ତିତ୍ୱ ହରାଇସାରିଥିବା ବିରୋଧୀ ଦଳଗୁଡ଼ିକର ସ୍ୱାର୍ଥପର ରାଜନୀତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାର ଦେଶର ଶିକ୍ଷା ବ୍ୟବସ୍ଥାକୁ ସ୍ୱଚ୍ଛ, ଦୁର୍ନୀତିମୁକ୍ତ ଏବଂ ଆଧୁନିକ କରିବା ପାଇଁ ଯେଉଁ ଐତିହାସିକ ପଦକ୍ଷେପମାନ ଗ୍ରହଣ କରୁଛନ୍ତି, ତାହାକୁ ଭଙ୍ଗୁର କରିବାକୁ ଏକ ନିର୍ଦ୍ଦିଷ୍ଟ ମହଲ କ୍ରମାଗତ ଭାବେ ଷଡ଼ଯନ୍ତ୍ର ରଚିବାରେ ଲାଗିଛି। ଯେତେବେଳେ ଦେଶର ସର୍ବୋଚ୍ଚ ଆଦାଲତ ସ୍ପଷ୍ଟ ଭାବେ କହିସାରିଛନ୍ତି ଯେ ବିଭ୍ରାନ୍ତିକର ତଥ୍ୟ ଓ ଆବେଗକୁ ନେଇ କୋର୍ଟଙ୍କ ସମୟ ନଷ୍ଟ କରାଯାଇପାରିବ ନାହିଁ, ସେତେବେଳେ ପ୍ରମାଣିତ ହୁଏ ଯେ ଏହି ସମସ୍ତ ଆନ୍ଦୋଳନ କେବଳ ଭ୍ରମ ସୃଷ୍ଟି କରିବାର ଏକ ନିର୍ଦ୍ଦିଷ୍ଟ ରଣନୀତି।

ଦେଶର ସର୍ବୋଚ୍ଚ ଆଦାଲତଙ୍କ ଏହି ସ୍ପଷ୍ଟ ଆଭିମୁଖ୍ୟ ପରେ ବିରୋଧୀ ଦଳଗୁଡ଼ିକର ମୁଖା ସମ୍ପୂର୍ଣ୍ଣ ଭାବେ ଖୋଲିଯାଇଛି। ଯେଉଁମାନେ ଆଇନଗତ ପ୍ରକ୍ରିୟା ଉପରେ ଆସ୍ଥା ନରଖି ରାଜପଥରେ ହଙ୍ଗାମା ସୃଷ୍ଟି କରୁଛନ୍ତି, ସେମାନଙ୍କର ପ୍ରକୃତ ଲକ୍ଷ୍ୟ ପରୀକ୍ଷାର୍ଥୀଙ୍କ ସମସ୍ୟାର ସମାଧାନ ନୁହେଁ, ବରଂ ଦେଶରେ ଅସ୍ଥିରତା ସୃଷ୍ଟି କରିବା। ପରୀକ୍ଷା ପରିଚାଳନାରେ ଦେଖାଦେଉଥିବା ପ୍ରଶ୍ନପତ୍ର ପ୍ରକାଶ ଭଳି ସମସ୍ୟା ଦଶନ୍ଧି ଦଶନ୍ଧି ଧରି ବିରୋଧୀଙ୍କ ଶାସନ କାଳରେ ଏକ ନିୟମିତ ଘଟଣା ଥିଲା, ଯାହାକୁ କୌଣସି ପୂର୍ବତନ ସରକାର ଦୃଢ଼ହସ୍ତରେ ଦମନ କରିବାକୁ ସାହସ



ଦେଖାଇନଥିଲେ। ସେତେବେଳେ କୋଟି କୋଟି ମେଧାବୀ ଯୁବକଙ୍କ ଭବିଷ୍ୟତ ଅନ୍ଧକାରମୟ ହୋଇପଡୁଥିଲା ଏବଂ କୌଣସି ତଦନ୍ତ କିମ୍ବା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିଲା। ମାତ୍ର ମୋଦୀ ସରକାର ଏହି ସମସ୍ୟାର ସମୂଳ ନାଶ ପାଇଁ ଅତ୍ୟନ୍ତ କଠୋର ଆଇନ ପ୍ରଣୟନ କରିବା ସହ ଦୋଷୀଙ୍କ ବିରୋଧରେ ବିନା କୌଣସି କୋହଳ ମନୋଭାବରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି।

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କ୍ରମାଗତ ଭାବେ ସ୍ପଷ୍ଟ କରିଆସିଛନ୍ତି ଯେ କୋଟି କୋଟି ପରୀକ୍ଷାର୍ଥୀଙ୍କ ଭବିଷ୍ୟତ, ପରୀକ୍ଷା ପ୍ରଣାଳୀର ସୁରକ୍ଷା ଓ ସ୍ୱଚ୍ଛତା ସହ କୌଣସି ସାଲିସ୍ କରାଯିବ ନାହିଁ। ସରକାର ନିଜଆଡୁ ପରୀକ୍ଷା ପରିଚାଳନା ବ୍ୟବସ୍ଥାରେ ସଂସ୍କାର ଆଣିବା ପାଇଁ ଉଚ୍ଚସ୍ତରୀୟ ବିଶେଷଜ୍ଞ କମିଟି ଗଠନ କରିଛନ୍ତି ଏବଂ ପ୍ରତ୍ୟେକ ଅନିୟମିତତାର କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ଦ୍ୱାରା ନିରପେକ୍ଷ ତଦନ୍ତ ସୁନିଶ୍ଚିତ କରିଛନ୍ତି।

ସେହିପରି ଦେଶର ରାଜଧାନୀରେ ଆଇନ ଶୃଙ୍ଖଳା ରକ୍ଷା କରିବା, ସଂସଦର ନିରାପତ୍ତା ବଜାୟ ରଖିବା ଏବଂ ସାଧାରଣ ନାଗରିକଙ୍କ ନିତ୍ୟଦିନିଆ ଜୀବନଯାତ୍ରାକୁ ସ୍ୱାଭାବିକ ରଖିବା ପାଇଁ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ନିର୍ଦ୍ଦେଶରେ ଆରକ୍ଷୀ ବାହିନୀ ଅତ୍ୟନ୍ତ ସଂଯମ ଓ ଦୃଢ଼ତାର ସହ କାର୍ଯ୍ୟ କରୁଛନ୍ତି। ସଂସଦର ମୌସୁମୀ ଅଧିବେଶନ ଚାଲିଥିବା ସମୟରେ ଗୃହ ମଧ୍ୟରେ ଗଠନମୂଳକ ଆଲୋଚନା ଓ ବିଚାରବିମର୍ଶ କରିବା ପରିବର୍ତ୍ତେ ବିରୋଧୀ ଦଳର ନେତାମାନେ କଳା ବସ୍ତ୍ର ପରିଧାନ କରି ବିକ୍ଷୋଭ କରିବା, ନାରାବାଜି କରିବା ଏବଂ ଗୃହ କାର୍ଯ୍ୟକୁ ପଣ୍ଡ କରିବା ସେମାନଙ୍କର ଗଣତାନ୍ତ୍ରିକ ପ୍ରକ୍ରିୟା ପ୍ରତି ଥିବା ଅବହେଳାକୁ ଦର୍ଶାଉଛି। ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏବଂ ପ୍ରିୟଙ୍କା ଗାନ୍ଧୀ ଭାଦ୍ରାଙ୍କ ଭଳି ନେତୃବୃନ୍ଦ ଛାତ୍ରମାନଙ୍କର କାନ୍ଧରେ ବନ୍ଧୁକ ରଖି ନିଜର ପରାଜିତ ରାଜନୈତିକ ଅସ୍ତିତ୍ୱକୁ ବଞ୍ଚାଇବା ପାଇଁ ଚେଷ୍ଟା କରୁଛନ୍ତି। ଆରକ୍ଷୀ ବାହିନୀ ନିଜର କର୍ତ୍ତବ୍ୟ ସମ୍ପାଦନ କରି ଶାନ୍ତି ଓ ନିରାପତ୍ତା ବଜାୟ ରଖିବା ପାଇଁ ଗ୍ରହଣ କରିଥିବା ଆଇନଗତ ପଦକ୍ଷେପକୁ 'ବର୍ବରତା' ଆଖ୍ୟା ଦେଇ ସୁରକ୍ଷା କର୍ମୀଙ୍କ ମନୋବଳକୁ ଭାଙ୍ଗିବା ପାଇଁ ଏକ ହୀନ ଉଦ୍ୟମ କରାଯାଉଛି।

ମୋଦୀ ସରକାର ଦେଶର ପ୍ରତ୍ୟେକ ମେଧାବୀ, ପରିଶ୍ରମୀ ଓ ନିଷ୍ଠାପର ଛାତ୍ରଛାତ୍ରୀଙ୍କ ସହ ପାହାଡ଼ ଭଳି ଦୃଢ଼ ଭାବେ ଛିଡ଼ା ହୋଇଛନ୍ତି। ପରୀକ୍ଷା ପ୍ରଣାଳୀରେ ଆମୂଳଚୂଳ ସୁଧାର, କୋଠର ଦଣ୍ଡବିଧାନ, ଏବଂ ଜାତୀୟ ସ୍ତରରେ ସ୍ୱଚ୍ଛତା ପ୍ରତିଷ୍ଠା ପାଇଁ ସରକାରଙ୍କ ପ୍ରତିବଦ୍ଧତା ଅପ୍ରତିହତ। ଯେଉଁମାନେ ରାଜପଥରେ ଅରାଜକତା ସୃଷ୍ଟି କରି ଦେଶର ପ୍ରଗତି ଓ ଯୁବପିଢ଼ିଙ୍କ ସ୍ୱପ୍ନକୁ ବଳି ପକାଇବାକୁ ଚାହୁଁଛନ୍ତି, ସେମାନଙ୍କୁ ଆଜିର ସଚେତନ ଭାରତ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରିସାରିଛି। ଦେଶର ଯୁବବର୍ଗ ଶାନ୍ତି, ବିକାଶ ଏବଂ ସ୍ୱଚ୍ଛ ସୁଯୋଗ ଚାହାଁନ୍ତି, କୌଣସି ବିରୋଧୀ ଦଳର ରାଜନୈତିକ ସ୍ୱାର୍ଥର ହାତବାରିସି ହେବାକୁ ଚାହାଁନ୍ତି ନାହିଁ। ଏହି ଷଡ଼ଯନ୍ତ୍ରକାରୀ ଓ ବିକାଶବିରୋଧୀ ମାନସିକତା ବିରୋଧରେ ସ୍ୱର ଉତ୍ତୋଳନ କରିବାର ସମୟ ଆସିଯାଇଛି। ସରକାରଙ୍କ ଦୂରଦୃଷ୍ଟିସମ୍ପନ୍ନ ନୀତି, ସ୍ୱଚ୍ଛ ଶାସନ ଏବଂ ନିର୍ଦ୍ଦୟ କାର୍ଯ୍ୟାନୁଷ୍ଠାନ ହିଁ ଭାରତର ଶିକ୍ଷା ବ୍ୟବସ୍ଥାକୁ ବିଶ୍ୱସ୍ତରୀୟ ଓ ସଂସ୍କାରପୂର୍ଣ୍ଣ କରିଗଢ଼ିତୋଳିବ।


(ମୋବାଇଲ: ୯୪୩୭୯୯୪୩୭୯)

# ସନ୍ଦିଗ୍ଧ ପିକାକ୍ସ ପର୍ବତ ଉଡ଼ାଇବ ଆମେରିକା

**ଶତ୍ରୁର ସବୁ ଚାଲ୍ କାଟିବାକୁ ପ୍ରସ୍ତୁତ: ଇରାନ୍**

- ୧୧ ରାତିରେ ତେହରାନ ଉପରେ ପ୍ରଚଣ୍ଡ ଆକ୍ରମଣ
- ଆମେରିକାର ୮ ଏମ୍‌କ୍ୟୁ-୯ ଡ୍ରୋନ୍, ୨ ଲଢୁଆ ହେଲିକପ୍ଟର ନଷ୍ଟ
- ଯୁଦ୍ଧରେ ଆମେରିକାର ଖର୍ଚ୍ଚ ହେଲାଣି ୩୭.୫ ବିଲିଅନ୍ ଡଲାର
- ଜୁଲାଇ ୭ଠାରୁ ୧୮ ମାର୍କିନ୍ ସେନା ଆହତ



ୱାଶିଂଟନ୍/ତେହରାନ୍, ୨୨।୭: ମଧ୍ୟପ୍ରାଚ୍ୟରେ ଜାରି ରହିଥିବା ଇରାନ୍ ଓ ଆମେରିକାର ଆକାଶୀ-ଲଢ଼େଇ (ଏୟାର ଫାଇଟ୍) ଚରମ ପର୍ଯ୍ୟାୟରେ ପହଞ୍ଚିଛି। ଜୁଲାଇ ୭ ତାରିଖରୁ ଦୁଇଦେଶ ମଧ୍ୟରେ ଆରମ୍ଭ ହୋଇଥିବା ଆକ୍ରମଣକୁ ୧୧ ଦିନ ପୂରିଛି। ପୂର୍ବ ରାତିଗୁଡ଼ିକ ପରି ଏକାଦଶ (୧୧ତମ) ରାତିରେ ମଧ୍ୟ ଆମେରିକା ଇରାନ୍ ଉପରେ ଭାରି ଆକ୍ରମଣ କରିଛି। ଅପରପକ୍ଷରେ, ଇରାନ୍ କଡ଼କଣା ସତ୍ତ୍ୱେ ହର୍ମୁଜ ଅତିକ୍ରମ କରିବାକୁ ଉଦ୍ୟମ କରୁଥିବା ତୈଳ ଟ୍ୟାଙ୍କର ଉପରେ ଇରାନ୍ ତା'ର ମିସାଇଲ୍ ଆକ୍ରମଣ ଜାରି ରଖିଛି। ଆମେରିକାର ପରରାଷ୍ଟ୍ର ସଚିବ ମାର୍କୋ ରୁବିଓ ହର୍ମୁଜ ପ୍ରଣାଳୀରେ ତୈଳ ଟ୍ୟାଙ୍କର ଉପରେ ଇରାନ୍‌ର ଆକ୍ରମଣକୁ 'ଗ୍ରହଣୀୟ ନୁହେଁ' ବୋଲି କହିବା ସହ ଆମେରିକା ଅନ୍ତର୍ଜାତୀୟ ଜାହାଜ ଚଳାଚଳକୁ ସୁରକ୍ଷା ଦେବା ଜାରି ରଖିବ ବୋଲି କହିଛନ୍ତି। ୧୧ତମ ରାତିରେ ଆମେରିକା କରିଥିବା ଆକ୍ରମଣର ଜବାବ ଦେଇ ଇରାନ୍ ବାହାରିନ୍, କୁଏତ୍ ଓ ଜୋର୍ଡାନ୍ ଉପରେ ଆକ୍ରମଣକୁ ବଢ଼ାଇ ଦେଇ ପ୍ରଚଣ୍ଡ ମିସାଇଲ୍ ଓ ଡ୍ରୋନ୍ ମାଡ଼ କରିଛି। ଜୋର୍ଡାନର କିଙ୍ଗ ଫୈଜାଲ ଓ ପ୍ରିନ୍ସ ହାସନ୍ ଘାଟିରେ ଥିବା ଆମେରିକାର ଏଫ୍-୧୫ ଫାଇଟର୍, ଡ୍ରୋନ୍ ପ୍ରଭୃତି ଭିତ୍ତିଭୂମି ଓ ହେଲିକପ୍ଟର ଷ୍ଟୋରେଜକୁ ଏହା ଟାର୍ଗେଟ୍ କରିଛି। ଇରାନ୍ ଆକ୍ରମଣରେ ଆମେରିକାର ୮ଟି ଏମ୍‌କ୍ୟୁ-୯ ଡ୍ରୋନ୍, ଦୁଇଟି ହେଲିକପ୍ଟର ନଷ୍ଟ ହୋଇଥିବା ସମ୍ବାଦ ସରବରାହ ସଂସ୍ଥା ଇର୍‌ନା ରିପୋର୍ଟ କରିଛି। ତେବେ ଇରାନ୍‌ର ଡ୍ରୋନ୍ ମିସାଇଲ୍ ଓ ଡ୍ରୋନ୍‌କୁ ଶୂନ୍ୟମାର୍ଗରେ ନଷ୍ଟ କରିଦେଇଥିବା ବାହାରିନ୍, କୁଏତ୍ ଓ ଜୋର୍ଡାନ୍ ଦାବି କରିଛନ୍ତି। ଏଭଳି ପରିପ୍ରେକ୍ଷୀରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଏକ ବକ୍ତବ୍ୟକୁ ନେଇ ଇରାନ୍ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ଇରାନ୍‌ର ପିକାକ୍ସ ନାମକ ଏକ ପର୍ବତରେ ଇରାନ୍ ତା'ର ପରମାଣୁ କାର୍ଯ୍ୟକ୍ରମ ଜାରି ରଖିଛି ବୋଲି ଆମେରିକା ସନ୍ଦେହ କରୁଛି। ଏହି ସନ୍ଦିଗ୍ଧ ପିକାକ୍ସ ପର୍ବତ ଉପରେ ଖୁବ୍ ଶୀଘ୍ର ପ୍ରଚଣ୍ଡ ଆକ୍ରମଣ କରାଯିବ ବୋଲି ଆରେିକାର ରାଷ୍ଟ୍ରପତି ଧମକ ଦେବାର କିଛି ସମୟ ପରେ ଏହା ଶତ୍ରୁର ଯେକୌଣସି ଆକ୍ରମଣାତ୍ମକ କୂଟନୀତିକୁ ସାମ୍ନା କରିବାକୁ ପ୍ରସ୍ତୁତ ରହିଛି ବୋଲି ଇରାନ୍ ସ୍ପଷ୍ଟ କରିଛି। ଆମେରିକା ଓ ଇରାନ ମଧ୍ୟରେ ଦୁର୍ବଳ ଅସ୍ତ୍ରବିରତି ଚୁକ୍ତି ଭାଙ୍ଗିଯିବା ପରଠାରୁ ମଧ୍ୟପ୍ରାଚ୍ୟରେ ବୃଦ୍ଧି ପାଉଥିବା ଆକ୍ରମଣରେ ଆମେରିକାର ବହୁସଂଖ୍ୟକ ସୈନ୍ୟ ଆହତ ହୋଇଛନ୍ତି। କେବଳ ଜୁଲାଇ ୭ ଆକ୍ରମଣ ପରେ ୪ ଜଣ ମାର୍କିନ୍ ସେନା ନିହତ ହୋଇଛନ୍ତି ବୋଲି ପେଣ୍ଟାଗନ୍ କହିଛି। ପେଣ୍ଟାଗନ୍ ମୁଖପାତ୍ର ସିଆନ୍ ପାରନେଲ୍ ଏକ ବିବୃତ୍ତିଦେଇ କହିଛନ୍ତି ଯେ, ଜୁଲାଇ ୭ ଆକ୍ରମଣ ପରଠାରୁ ଆମେରିକୀୟ ସେନାର ଅତିକମ୍‌ରେ ୧୮ ଜଣ ସେବାସଦସ୍ୟ ଆହତ ହୋଇଛନ୍ତି। ଫେବୃଆରୀ ୨୮ରେ ଆମେରିକା-ଇସ୍ରାଏଲ୍ ମିଳିତ ଭାବରେ ଇରାନ ଉପରେ ଏୟାରଷ୍ଟ୍ରାଇକ୍ କରିବାପରଠାରୁ ଆନୁମାନିକ ଭାବରେ ୫୦୦ ସୈନ୍ୟ ଆହତ ହୋଇଛନ୍ତି।

ଇରାନ୍ ସହ ଯୁଦ୍ଧକରି ଆମେରିକା ଇତିମଧ୍ୟରେ ବିପୁଳ ଆର୍ଥିକ ଖର୍ଚ୍ଚ କରି ସାରିଛି। ଆମେରିକାର ପ୍ରତିରକ୍ଷା ମନ୍ତ୍ରୀ ପିଟ୍ ହେଗସେଥ୍ ସିନେଟ୍ ଆପ୍ରୋପ୍ରିଏସନ୍ କମିଟିକୁ ସୂଚନା ଦେଇ କହିଛନ୍ତି ଯେ, ଇରାନ ସହ ଯୁଦ୍ଧରେ ବ୍ୟାପୃତ ରହି ଆମେରିକା ୩୭.୫ ବିଲିଅନ୍ ଡଲାର ଖର୍ଚ୍ଚ କରିଛି, ଯାହା ଯୁଦ୍ଧର ପ୍ରାଥମିକ ଅବସ୍ଥାରେ କରାଯାଇଥିବା ଆକଳନଠାରୁ ୮ ବିଲିଅନ୍ ଡଲାର ଅଧିକ। ନ୍ୟୁୟର୍କ ଟାଇମ୍ସର ଏକ ରିପୋର୍ଟ ଅନୁଯାୟୀ, ହେଗସେଥ୍ ଏବଂ ଟ୍ରମ୍ପ ପ୍ରଶାସନ ଏବେ ଇରାନ ଯୁଦ୍ଧର ଖର୍ଚ୍ଚ ପୂରଣ କରିବା ଏବଂ ନୂତନ ଅସ୍ତ୍ରଶସ୍ତ୍ର କିଣିବା ତଥା ସୈନ୍ୟଙ୍କ ପାଇଁ ୭୦ ବିଲିୟନ ଡଲାର ପର୍ଯ୍ୟନ୍ତ ଜରୁରୀକାଳୀନ ସାମରିକ ଖର୍ଚ୍ଚ ଲୋଡ଼ିଛନ୍ତି। ପେଣ୍ଟାଗନ୍ ଉତ୍ପାଦନ ଲାଇନ୍ ବିସ୍ତାର କରିବା ଏବଂ ପ୍ରିସିସନ୍ ଗାଇଡେଡ୍ ମ୍ୟୁନିସନ୍ସ, ହାଇପରସୋନିକ୍ ମିସାଇଲ୍ ଏବଂ କାଉଣ୍ଟର-ଡ୍ରୋନ୍ ସିଷ୍ଟମ୍ ଭଳି ଉଚ୍ଚ-ଚାହିଦା ଅସ୍ତ୍ରଶସ୍ତ୍ରର ଯୋଗାଣକୁ ତ୍ୱରାନ୍ୱିତ କରିବା ପାଇଁ ୪୬ ବିଲିୟନ ଡଲାର ଚାହୁଁଛି।

● ଲାଭରୋଭଙ୍କୁ ଜୟଶଙ୍କରଙ୍କ ସ୍ପଷ୍ଟ ବାର୍ତ୍ତା

## ୪ ଭାରତୀୟ ନାବିକଙ୍କ ମୃତ୍ୟୁ ଗ୍ରହଣୀୟ ନୁହେଁ

ମାନିଲା, ୨୨।୭: ରୁଷ ସମ୍ମୁଖରେ ଭାରତ ଯୁଦ୍ଧକାଳୀନ ସଂଘର୍ଷ ଅଞ୍ଚଳରେ କାର୍ଯ୍ୟ କରୁଥିବା ଭାରତୀୟ ନାବିକଙ୍କ ସୁରକ୍ଷା ପ୍ରସଙ୍ଗ ଉଠାଇଛି। ଫିଲିପାଇନ୍ସର ରାଜଧାନୀ ମାନିଲାରେ ରୁଷର ବୈଦେଶିକ ମନ୍ତ୍ରୀ ସେରଗେଇ ଲାଭରୋଭଙ୍କ ସହ ଆଲୋଚନା ସମୟରେ ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର ଭାରତୀୟ ନାବିକଙ୍କ ସୁରକ୍ଷା ସମ୍ପର୍କରେ ଭାରତର ଗଭୀର ଚିନ୍ତାକୁ ଦୋହରାଇ କହିଛନ୍ତି ଯେ, ୪ ଭାରତୀୟ ନାବିକଙ୍କ ମୃତ୍ୟୁ ଗ୍ରହଣୀୟ ନୁହେଁ।



ଦୁଇ ନେତା ଦ୍ୱିପାକ୍ଷିକ ସମ୍ପର୍କ ସମୀକ୍ଷା କରିବା ଏବଂ ଗୁରୁତ୍ୱପୂର୍ଣ୍ଣ ଆଞ୍ଚଳିକ ଏବଂ ବିଶ୍ୱ ବିକାଶ ଉପରେ ଆଲୋଚନା କରିବା ସମୟରେ ଏହି ଆଲୋଚନା ହୋଇଛି। ରୁଷ ଏମଭି ଗୋଲଡେନ୍ ଲିଓ ଜାହାଜ ଉପରେ ଆକ୍ରମଣ ଘଟଣାରେ ଚାରି ଜଣ ଭାରତୀୟ ନାଗରିକଙ୍କ ମୃତ୍ୟୁ ପରେ ଏହି ବୈଠକ ହୋଇଛି। ବୈଠକ ସମ୍ପର୍କରେ ସୂଚନା ପ୍ରଦାନ କରି, ଜୟଶଙ୍କର ସୋସିଆଲ ମିଡିଆ ଏକ୍ସରେ ଏକ ପୋଷ୍ଟରେ କହିଛନ୍ତି, "ମୁଁ ରୁଷର ବୈଦେଶିକ ମନ୍ତ୍ରୀ ସେରଗେଇ ଲାଭରୋଭଙ୍କ ସହ ଆମର ଦ୍ୱିପାକ୍ଷିକ ସମ୍ପର୍କର ବିସ୍ତୃତ ସମୀକ୍ଷା କରିଛି। ମୁଁ ଏହି ଅଞ୍ଚଳରେ ଭାରତୀୟ ନାବିକଙ୍କ ସୁରକ୍ଷା ସମ୍ପର୍କରେ ମୋର ଗଭୀର ଚିନ୍ତାକୁ ଦୋହରାଇଥିଲି।" ବୈଦେଶିକ ମନ୍ତ୍ରୀ କହିଛନ୍ତି, ଆଲୋଚନାରେ ଭାରତ-ରୁଷ ସହଯୋଗିତାର ବିଭିନ୍ନ ଦିଗକୁ ଅନ୍ତର୍ଭୁକ୍ତ କରାଯାଇଥିଲା, ଯେଉଁଥିରେ ବାଣିଜ୍ୟ ଏବଂ ନିବେଶ, ଶକ୍ତି ଏବଂ ସଂଯୋଗୀକରଣ, ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ଏବଂ ଗତିଶୀଳତା ଆଦି ପ୍ରସଙ୍ଗ ଅନ୍ତର୍ଭୁକ୍ତ ଥିଲା।

## ମୋଦିଙ୍କୁ ଭେଟିଲେ ଶରଦ ପାୱାର



ନୂଆଦିଲ୍ଲୀ, ୨୨।୭: ଏନସିପି ମୁଖ୍ୟ ଶରଦ ପାୱାର ଓ ତାଙ୍କ ଝିଅ ସୁପ୍ରିୟା ସୁଲେ ବୁଧବାର ସଂସଦ ଭବନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟିଛନ୍ତି। ସାକ୍ଷାତ ସମୟରେ ପ୍ରଧାନମନ୍ତ୍ରୀ ଶରଦ ପାୱାରଙ୍କ ହାତ ଧରି ତାଙ୍କୁ ଭିତରକୁ ନେଉଥିବାର ଦେଖାଯାଇଥିଲା। ଶରଦ ପାୱାର ଏବଂ ସୁପ୍ରିୟା ସୁଲେ ଯନ୍ତର ମନ୍ତର ଗସ୍ତ କରିବାର ଗୋଟିଏ ଦିନ ପରେ ଏହି ସାକ୍ଷାତ ହୋଇଛି। ଶରଦ ଏବଂ ସୁପ୍ରିୟା ଖୋଲାଖୋଲି ଭାବରେ କକ୍ରୋଚ୍ ଜନତା ପାର୍ଟି(ସିଜେପି) ଏବଂ ପ୍ରତିବାଦ କରୁଥିବା ଛାତ୍ରମାନଙ୍କୁ ସମର୍ଥନ କରିଥିଲେ। ସେମାନେ ଛାତ୍ରମାନଙ୍କ ଉପରେ ଲାଠିଚାର୍ଜକୁ ମଧ୍ୟ ନିନ୍ଦା କରିଥିଲେ। ସଂସଦର ମୌସୁମୀ ଅଧିବେଶନ ସମୟରେ ହୋଇଥିବା ଏହି ବୈଠକ ଏବେ ରାଜନୈତିକ କଳ୍ପନାଜଳ୍ପନା ସୃଷ୍ଟି କରି ପରିବେଶକୁ ଉଷ୍ମ କରିଛି।

● ଦେଶ ଡେଇଁଲା ନିଟ୍ ପ୍ରତିବାଦ

## ରାସ୍ତାକୁ ଓହ୍ଲାଇଲେ ପ୍ରବାସୀ ଭାରତୀୟ

ନୂଆଦିଲ୍ଲୀ, ୨୨।୭: ନିଟ୍ ପରୀକ୍ଷାରେ ହୋଇଥିବା ଅନିୟମିତତା ପ୍ରତିବାଦରେ ଓ ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଦାବି କରି ଅନଶନ କରିଥିବା ସୋନମ ୱାଙ୍ଗଚୁକ୍‌ଙ୍କୁ ଏବେ ସାରା ବିଶ୍ୱରୁ ସମର୍ଥନ ମିଳୁଛି। ତାଙ୍କ ସମର୍ଥନରେ ଆମେରିକା, ବ୍ରିଟେନ ଏବଂ ୟୁରୋପରେ ପ୍ରଦର୍ଶନ ହେଉଛି। ତାଙ୍କୁ ସମର୍ଥନ ଜଣାଇ ଆମେରିକାର ଏକ ଅଧିକାର ଗୋଷ୍ଠୀର କର୍ମୀମାନେ ନ୍ୟୁୟର୍କ ଏବଂ ସାନ ଜୋସରେ ପ୍ରଦର୍ଶନ କରିଛନ୍ତି। ଫଳରେ ଏନଇଇଟି ପ୍ରତିବାଦ ଏବେ ଦେଶ ଡେଇଁ ବିଦେଶରେ ପହଞ୍ଚିଛି।




ସୋମବାର ସନ୍ଧ୍ୟାରେ ନ୍ୟୁୟର୍କ ସହରର ୟୁନିଅନ୍ ସ୍କୋୟାର ଏବଂ ସାନ ଜୋସ୍‌ସ୍ଥିତ ମହାତ୍ମା ଗାନ୍ଧୀ ପ୍ରତିମୂର୍ତ୍ତି ନିକଟରେ ହିନ୍ଦୁସ୍ ଫର୍ ହ୍ୟୁମାନ୍ ରାଇଟ୍ସର କର୍ମୀମାନେ ଏକତ୍ରିତ ହୋଇଥିଲେ। ସେମାନେ ୱାଙ୍ଗଚୁକ୍‌ଙ୍କ ସମର୍ଥନରେ ସ୍ଲୋଗାନ୍ ଲେଖାଥିବା ପ୍ଲାକାର୍ଡ ଧରିଥିଲେ। ସେହିପରି ମଙ୍ଗଳବାର ଦିନ ହିନ୍ଦୁସ୍ ଫର୍ ହ୍ୟୁମାନ୍ ରାଇଟ୍ସ ଏକ ବିବୃତ୍ତିରେ କହିଛି ଯେ, ଲଣ୍ଡନରେ ଥିବା ଭାରତୀୟ ହାଇକମିସନ୍ ଏବଂ ଡବଲିନ୍‌ରେ ଥିବା ଭାରତୀୟ ଦୂତାବାସ ବାହାରେ ପ୍ରତିବାଦ କରାଯାଇଥିଲା। ଆମର ପ୍ରତିବାଦ ଏକ ସ୍ପଷ୍ଟ ବାର୍ତ୍ତା ଦେଇଛି ଯେ, ନ୍ୟୁୟର୍କ ହେଉ କି ଲଣ୍ଡନ, ସାନ ଜୋସ୍ କିମ୍ବା ଡବଲିନ୍, ଭାରତୀୟ ଛାତ୍ରଛାତ୍ରୀମାନଙ୍କ ସହିତ ନ୍ୟାୟ, ନିରପେକ୍ଷ ଏବଂ ସମ୍ମାନର ସହିତ ବ୍ୟବହାର କରାଯିବା ଉଚିତ।

## ଆସାମରେ ବନ୍ୟା ମୃତ୍ୟୁ ସଂଖ୍ୟା ୨୧ ଛୁଇଁଲା

ଗୁଆହାଟୀ, ୨୨।୭: ଲଗାଣ ବର୍ଷା ଯୋଗୁଁ ଆସାମର ବିଭିନ୍ନ ଜିଲ୍ଲାରେ ବନ୍ୟା ପରିସ୍ଥିତି ଅତ୍ୟନ୍ତ ଭୟଙ୍କର ରୂପ ଧାରଣ କରିଛି। ବୁଧବାର ସୁଦ୍ଧା ବନ୍ୟାଜନିତ ଦୁର୍ଘଟଣାରେ ଆଉ ୨୧ ଜଣଙ୍କର ମୃତ୍ୟୁ ଘଟିବା ସହ ଚଳିତ ବର୍ଷ ବନ୍ୟାଜନିତ ମୋଟ ମୃତ୍ୟୁସଂଖ୍ୟା ୩୧ କୁ ବୃଦ୍ଧି ପାଇଛି। ରାଜ୍ୟର ୧୨ଟି ଜିଲ୍ଲାରେ ପ୍ରାୟ ୫.୬୫ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଜଳବନ୍ଦୀ ହୋଇ ରହିଛନ୍ତି। ସିବସାଗର, ଯୋରହାଟ, ଚରାଇଦେଓ, ଗୋଲାଘାଟ, ଡିବ୍ରୁଗଡ଼, ତିନିସୁକିଆ, କାମରୂପ ଏବଂ ନଗାଓଁ ଭଳି ଜିଲ୍ଲାଗୁଡ଼ିକରେ ବନ୍ୟାର ପ୍ରକୋପ ଅଧିକ ଦେଖିବାକୁ ମିଳିଛି। ଗତ ୨୪ ଘଣ୍ଟା ମଧ୍ୟରେ ସିବସାଗରରୁ ସର୍ବାଧିକ ୧୩ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଚରାଇଦେଓରୁ ୫, ଗୋଲାଘାଟରୁ ୨ ଏବଂ ଯୋରହାଟରୁ ଜଣଙ୍କର ମୃତ୍ୟୁ ଘଟିଛି।

ମାନିଲେ ସରକାର

## ଇ-୨୦ ପେଟ୍ରୋଲରେ କମୁଛି ଗାଡ଼ିର ମାଇଲେଜ୍

ନୂଆଦିଲ୍ଲୀ, ୨୨।୭: କେନ୍ଦ୍ର ସରକାର ବୁଧବାର କହିଛନ୍ତି ଯେ ଇ-୨୦ ପେଟ୍ରୋଲ (୨୦ ପ୍ରତିଶତ ଏଥାନୋଲ ମିଶ୍ରିତ ପେଟ୍ରୋଲ) ବ୍ୟବହାର ଦ୍ୱାରା ଇ-୧୦ ପେଟ୍ରୋଲ ପାଇଁ ଡିଜାଇନ୍ କରାଯାଇଥିବା କିଛି ପୁରୁଣା ଗାଡ଼ିର ଇନ୍ଧନ ଦକ୍ଷତା (ମାଇଲେଜ୍)ରେ ସାମାନ୍ୟ ହ୍ରାସ ଆସିପାରେ। ତେବେ ଏଥାନୋଲ ମିଶ୍ରିତ ପେଟ୍ରୋଲ କାରଣରୁ ବ୍ୟାପକ ଭାବେ ଇଞ୍ଜିନ୍ ଖରାପ ହେବା କିମ୍ବା ଗାଡ଼ିରେ ତ୍ରୁଟି ଦେଖାଦେବାର କୌଣସି ସତ୍ୟ ପ୍ରମାଣ ମିଳିନାହିଁ।




ରାଜ୍ୟସଭାରେ ପଚରାଯାଇଥିବା ପ୍ରଶ୍ନର ଲିଖିତ ଉତ୍ତରରେ ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ୍ ରାଜ୍ୟମନ୍ତ୍ରୀ ସୁରେଶ ଗୋପୀ ଜଣାଇଛନ୍ତି ଯେ ଇ-୧୦ ପାଇଁ ଡିଜାଇନ୍ କରାଯାଇଥିବା ପୁରୁଣା ଗାଡ଼ିଗୁଡ଼ିକରେ ମାଇଲେଜ୍ ହ୍ରାସ ସାଧାରଣତଃ ପ୍ରାୟ ୩ ରୁ ୫ ପ୍ରତିଶତ ମଧ୍ୟରେ ସୀମିତ ରହିଥାଏ। ସେ କହିଛନ୍ତି ଯେ କୌଣସି ଗାଡ଼ିର ମାଇଲେଜ୍ କେବଳ ପେଟ୍ରୋଲରେ ଏଥାନୋଲର ପରିମାଣ ଉପରେ ନିର୍ଭର କରେ ନାହିଁ, ବରଂ ଡ୍ରାଇଭିଂ ଅଭ୍ୟାସ, ଗାଡ଼ିର ରକ୍ଷଣାବେକ୍ଷଣ, ଟାୟାର୍ ପ୍ରେସର, ହୁଇଲ୍ ଆଲାଇନ୍‌ମେଣ୍ଟ ଏବଂ ଏୟାର କଣ୍ଡିସନରର ବ୍ୟବହାର ଭଳି ଅନେକ କାରକ ଉପରେ ମଧ୍ୟ ନିର୍ଭର କରେ। ସୁରେଶ ଗୋପୀ କହିଛନ୍ତି, ଇ-୧୦ ପାଇଁ ଡିଜାଇନ୍ କରାଯାଇଥିବା କିଛି ପୁରୁଣା ଗାଡ଼ିରେ ଇନ୍ଧନ ଦକ୍ଷତାରେ ହେଉଥିବା ହ୍ରାସ ସାଧାରଣତଃ ସାମାନ୍ୟ (ପ୍ରାୟ ୩-୫ ପ୍ରତିଶତ) ହୋଇଥାଏ।

## ଅନନ୍ତନାଗରେ ଆତଙ୍କବାଦୀ ହମ୍‌ଲା, ୧ ମୃତ

ଶ୍ରୀନଗର, ୨୨।୭: ଜମ୍ମୁ ଓ କାଶ୍ମୀରର ଅନନ୍ତନାଗର ଲାଲ ଚୌକ ନିକଟରେ ଆତଙ୍କବାଦୀ ଆକ୍ରମଣରେ ଜଣେ କନଷ୍ଟେବଲଙ୍କ ମୃତ୍ୟୁ ହୋଇଛି। ଆକ୍ରମଣକାରୀ ଘଟଣାସ୍ଥଳରୁ ପଳାଇଯାଇଛି। ଆତଙ୍କବାଦୀଙ୍କୁ ଠାବ କରିବା ପାଇଁ ସର୍ଚ୍ଚ ଅପରେସନ୍ ଜାରି ରହିଛି। ପିସିଆର ଅନନ୍ତନାଗରୁ ମିଳିଥିବା ସୂଚନା ଅନୁଯାୟୀ ମଧ୍ୟାହ୍ନ ପ୍ରାୟ ସାଢ଼େ୧୨ଟା ସମୟରେ ଅନନ୍ତନାଗ ପୁଲିସ ଷ୍ଟେସନ ଅଧୀନସ୍ଥ ଲାଲ ଚୌକର କୋଟୱାଲ ଗଲି ଅଞ୍ଚଳରେ କିଛି ଅଜ୍ଞାତ ଆତଙ୍କବାଦୀ ଏକ ପୁଲିସ ଦଳ ଉପରେ ଗୁଳି ଚଳାଇଥିଲେ। ଏଥିରେ ଆଇଆରର ତୃତୀୟ ବାଟାଲିୟନର ହେଡ୍ କନଷ୍ଟେବଲ ଆଶିକ୍ ହୁସେନ କୁରେଶୀଙ୍କ ଦେହରେ ଗୁଳି ବାଜିଥିଲା।

## ସାର୍ବଜନୀନ ହେଲା ୪ ନିହତ ସେବା ସଦସ୍ୟଙ୍କ ପରିଚୟ

ପେଣ୍ଟାଗନ୍, ୨୨।୭: ଇରାନ ସହ ଯୁଦ୍ଧରେ ନିହତ ହୋଇଥିବା ଆମେରିକାର ୪ ଜଣ ସେବା ସଦସ୍ୟଙ୍କ ପରିଚୟ ସ୍ପଷ୍ଟ ପ୍ରଥମଥର ପାଇଁ ସର୍ବସାଧାରଣ କରିଛି ପେଣ୍ଟାଗନ୍। ନିହତ ହୋଇଥିବା ୪ ଜଣ ସେବା ସଦସ୍ୟ ହେଉଛନ୍ତି ଇସାବେଲା ଗୋନଜାଲେସ୍, ଫାଷ୍ଟ ଲେଫ୍ଟନାଣ୍ଟ ଟେଲର ଫିହାନ୍, ସର୍ଜେଣ୍ଟ ଆଞ୍ଜେଲ୍ ଏସ. ରାମପର୍ସାଦ ଏବଂ ସର୍ଜେଣ୍ଟ ମାଇକେଲ ଇମାନୁଏଲ୍ ସ୍ୱିନଟନ୍।




**ଇସାବେଲା ଗୋଞ୍ଜାଲେସ୍:** ୧୯ ବର୍ଷୀୟା ପିଏଫସି ଇସାବେଲା ଗୋଞ୍ଜାଲେସ୍ ଗତ ବର୍ଷ ସେନାରେ ସାମିଲ ହୋଇଥିଲେ। ଇରାନୀ ଆକ୍ରମଣରୁ ଆମେରିକୀୟ ଘାଟିଗୁଡ଼ିକୁ ସୁରକ୍ଷା ଦେବା ପାଇଁ ଗୁରୁତ୍ୱପୂର୍ଣ୍ଣ ସିଷ୍ଟମଗୁଡ଼ିକୁ ରକ୍ଷଣାବେକ୍ଷଣ ଓ ବ୍ୟବହାର କରିବାରେ ବାୟୁ ଏବଂ କ୍ଷେପଣାସ୍ତ୍ର ପ୍ରତିରକ୍ଷା କୁ ସଦସ୍ୟ ଭାବରେ କାର୍ଯ୍ୟ କରୁଥିଲେ। ଜୋର୍ଡାନର ମୁୱାଫାକ ସାଲଟି ବାୟୁ ଘାଟିରେ ଇରାନୀ କ୍ଷେପଣାସ୍ତ୍ର ଓ ଡ୍ରୋନ୍ ଆକ୍ରମଣ ସମୟରେ ଶୁକ୍ରବାର ତାଙ୍କର ମୃତ୍ୟୁ ହୋଇଥିଲା।

**ଟେଲର୍ ଫିହାନ୍:** ହାୱାଇର ଇଓ୍ୱା ବିଚ୍‌ର ପ୍ରଥମ ଲେଫ୍ଟନାଣ୍ଟ ଟାଇଲର୍ ଫିହାନ୍ ଶୁକ୍ରବାର ଜୋର୍ଡାନ ଏୟାର ବେସ୍‌ରେ ହୋଇଥିବା ଆକ୍ରମଣରେ ମୃତ୍ୟୁବରଣ କରିଛନ୍ତି। ସେ ୨୦୧୯ରେ ହାୱାଇ ଆର୍ମି ନ୍ୟାସନାଲ୍ ଗାର୍ଡରେ ଏକ ଯୁଦ୍ଧ ଇଞ୍ଜିନିୟର ଭାବରେ ସେନାରେ ସାମିଲ ହୋଇଥିଲେ। ପରେ ସେ ୨୦୨୪ ମସିହାରେ ବ୍ରିଘାମ ୟଙ୍ଗ୍ ବିଶ୍ୱବିଦ୍ୟାଳୟରୁ ସକ୍ରିୟ-କର୍ତ୍ତବ୍ୟ ଏୟାର ଡିଫେନ୍ସ ଆର୍ଟିଲାରୀ ଅଫିସର ଭାବରେ କମିଶନ ହୋଇଥିଲେ। ତାଙ୍କୁ ଉତ୍ତର କାରୋଲିନାର ଫୋର୍ଟ ବ୍ରାଗରେ ଦ୍ୱିତୀୟ ବାଟାଲିୟନ, ୫୫ତମ ଏୟାର ଡିଫେନ୍ସ ଆର୍ଟିଲାରୀ ରେଜିମେଣ୍ଟ, ୩୨ତମ ଆର୍ମି ଏୟାର ଏବଂ ମିସାଇଲ୍ ଡିଫେନ୍ସ କମାଣ୍ଡରେ ନିଯୁକ୍ତି ଦିଆଯାଇଥିଲା।

**ଆଞ୍ଜେଲ ଏସ୍. ରାମପର୍ସାଦ:** ନ୍ୟୁୟର୍କର ଓଜୋନ୍ ପାର୍କର ୨୮ ବର୍ଷୀୟା ଆର୍ମି ସାର୍ଜେଣ୍ଟ ଆଞ୍ଜେଲ ଏସ୍. ରାମପର୍ସାଦ ଶୁକ୍ରବାର ଜୋର୍ଡାନର ଏକ ଆମେରିକୀୟ ଘାଟି ଉପରେ ଇରାନ ଆକ୍ରମଣ ସମୟରେ ନିହତ ହୋଇଛନ୍ତି। ମାର୍ଚ୍ଚ ୨୦୧୯ରେ ତାଲିକାଭୁକ୍ତ ହୋଇଥିବା ରାମପର୍ସାଦଙ୍କୁ ଜର୍ମାନୀର ଆନ୍ସବାଚରେ ପ୍ରଥମ ବାଟାଲିୟନ, ୫୭ତମ ଏୟାର ଡିଫେନ୍ସ ଆର୍ଟିଲାରୀ ରେଜିମେଣ୍ଟ, ୫୨ତମ ଏୟାର ଡିଫେନ୍ସ ଆର୍ଟିଲାରୀ ବ୍ରିଗେଡ, ୧୦ମ ଆର୍ମି ଏୟାର ଆଣ୍ଡ ମିସାଇଲ ଡିଫେନ୍ସ କମାଣ୍ଡରେ ନିଯୁକ୍ତି ଦିଆଯାଇଥିଲା। ସେ ରେଡିଓ ଏବଂ ଅନ୍ୟାନ୍ୟ ଯୋଗାଯୋଗ ଉପକରଣ ପରିଚାଳନା ଏବଂ ରକ୍ଷଣାବେକ୍ଷଣ କରିବା ସହିତ ସିଗନାଲ ଅପରେସନ ସପୋର୍ଟ ବିଶେଷଜ୍ଞ ଭାବରେ କାର୍ଯ୍ୟ କରିଥିଲେ।

**ମାଇକେଲ୍ ଇମାନୁଏଲ୍ ସ୍ୱିନଟନ୍:** ଇରାକର ଏରବିଲ୍ ବାୟୁସେନା ଘାଟିରେ ଏକ ଇରାନୀ ଆକ୍ରମଣ ଡ୍ରୋନର ନିୟନ୍ତ୍ରିତ ବିସ୍ଫୋରଣରେ ରବିବାର ଉତ୍ତର କାରୋଲିନାର ଫାଏଟଭିଲର ୩୦ ବର୍ଷୀୟ ସେନା ସାର୍ଜେଣ୍ଟ ମାଇକେଲ୍ ଇମାନୁଏଲ୍ ସ୍ୱିନଟନ୍ ମୃତ୍ୟୁବରଣ କରିଛନ୍ତି। 'ମାଇକେଲ୍ ଜଣେ ଆଶ୍ଚର୍ଯ୍ୟଜନକ ବ୍ୟକ୍ତି ଥିଲେ,' ତାଙ୍କ ପତ୍ନୀ ମିଆ ଗୋଞ୍ଜାଲେଜ୍-ସ୍ୱିଣ୍ଟନ୍ ଏକ ବିବୃତ୍ତିରେ ଏବିସି ନ୍ୟୁଜ୍‌କୁ କହିଛନ୍ତି। ସେ ଜଣେ ଆଶ୍ଚର୍ଯ୍ୟଜନକ ପିତା ଏବଂ ଜଣେ ଆଶ୍ଚର୍ଯ୍ୟଜନକ ସ୍ୱାମୀ ଥିଲେ।

**ରାମ ମନ୍ଦିର ଟ୍ରଷ୍ଟର ଗୁରୁତ୍ୱପୂର୍ଣ୍ଣ ବୈଠକ**

## ନୂତନ ବ୍ୟବସ୍ଥା ଓ ନିଯୁକ୍ତି ଉପରେ ଆସିପାରେ ନିଷ୍ପତ୍ତି

ଲକ୍ଷ୍ନୌ, ୨୨।୭: ବୁଧବାର ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବାକୁ ଯାଉଛି। ଏହି ବୈଠକରେ ମନ୍ଦିରର ନୂତନ ବ୍ୟବସ୍ଥା, ଶ୍ରଦ୍ଧାଳୁଙ୍କ ସୁବିଧା ଏବଂ ଟ୍ରଷ୍ଟରେ ଖାଲି ପଡ଼ିଥିବା କିଛି ପ୍ରମୁଖ ପଦବୀ ପୂରଣ ସମ୍ପର୍କରେ ଆଲୋଚନା ହେବାର ସମ୍ଭାବନା ରହିଛି। ନିକଟରେ ସାମ୍ନାକୁ ଆସିଥିବା ଦାନ ବା ଚଢ଼ାଉ ଚୋରି ଘଟଣା ଏବଂ ଏହାର ତଦନ୍ତ ପରେ ଟ୍ରଷ୍ଟ ବର୍ତ୍ତମାନ ପ୍ରଶାସନିକ ବ୍ୟବସ୍ଥାକୁ ଅଧିକ ମଜବୁତ କରିବା ଦିଗରେ ପଦକ୍ଷେପ ନେଉଛି। ଏହି କ୍ରମରେ ନୂତନ କାର୍ଯ୍ୟପ୍ରଣାଳୀ ପ୍ରସ୍ତୁତ କରିବା, ଅଧିକାରୀଙ୍କ ଜବାବଦେହିତା ବୃଦ୍ଧି କରିବା ଏବଂ ଆର୍ଥିକ କାରବାର ଉପରେ ନଜର ରଖିବା ପାଇଁ ବ୍ୟବସ୍ଥାକୁ ଅଧିକ ପ୍ରଭାବଶାଳୀ କରିବା ଉପରେ ବିସ୍ତୃତ ଆଲୋଚନା କରାଯିବ।

ରାମ ମନ୍ଦିର ଟ୍ରଷ୍ଟର ପୂର୍ବତନ ସାଧାରଣ ସମ୍ପାଦକ ଚମ୍ପତ ରାୟ ଏବଂ ସଦସ୍ୟ ଡକ୍ଟର ଅନିଲ ମିଶ୍ରଙ୍କ ଇସ୍ତଫା ପରେ ଖାଲି ପଡ଼ିଥିବା ପଦବୀଗୁଡ଼ିକ ପାଇଁ ନୂତନ ନାମ ଘୋଷଣା କରାଯାଇପାରେ। ସୂଚନା ଅନୁଯାୟୀ, ଏହି ବୈଠକ ଦୁଇଟି ପର୍ଯ୍ୟାୟରେ ଆୟୋଜିତ ହୋଇଛି।



ଉଦ୍ଧବ ଠାକ୍‌ରେଙ୍କୁ ଝଟ୍‌କା

## ୬ ଏମ୍‌ପିଙ୍କ ମିଶ୍ରଣକୁ ସୁପ୍ରିମକୋର୍ଟଙ୍କ ସ୍ୱୀକୃତି

ନୂଆଦିଲ୍ଲୀ, ୨୨।୭: ଶିବସେନାରେ ମିଶ୍ରଣକୁ ଅନୁମୋଦନ କରିବା ପାଇଁ ଲୋକସଭା ବାଚସ୍ପତି ଓମ୍ ବିର୍ଲା ଦେଇଥିବା ଆଦେଶକୁ ବୁଧବାର ଅସ୍ଥାୟୀ ଭାବରେ ସ୍ଥଗିତ ରଖିବାକୁ ମନା କରିଦେଇଛନ୍ତି ସୁପ୍ରିମକୋର୍ଟ। ଏନେଇ ବାଚସ୍ପତିଙ୍କ କାର୍ଯ୍ୟାଳୟ ଏବଂ ମିଶ୍ରଣରେ ଅଂଶଗ୍ରହଣ କରିଥିବା ୬ ଜଣ ଏମ୍‌ପିଙ୍କୁ ନୋଟିସ୍ ଜାରି କରିଛନ୍ତି ସୁପ୍ରିମକୋର୍ଟ। ଏହି ମାମଲାର ଶୁଣାଣି ଦୁଇ ସପ୍ତାହ ମଧ୍ୟରେ ହେବ। ସଂସଦର ମୌସୁମୀ ଅଧିବେଶନ ପୂର୍ବରୁ ୬ ଜଣ ଶିବସେନା (ୟୁବିଟି) ଏମ୍‌ପିଙ୍କ ମିଶ୍ରଣକୁ ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ଅନୁମୋଦନ କରିଥିଲେ।



ବର୍ତ୍ତମାନ ଉଦ୍ଧବ ଠାକ୍‌ରେଙ୍କ ଶିବସେନାରେ କେବଳ ତିନି ଜଣ ଏମ୍‌ପି ଅଛନ୍ତି। ସଞ୍ଜୟ ଦେଶମୁଖ (ଯବତମାଲ), ସଞ୍ଜୟ ଯାଦବ (ପରଭାଣୀ) ସଞ୍ଜୟ ଦିନା ପାଟିଲ (ମୁମ୍ବାଇ ଉତ୍ତର ପୂର୍ବ), ନାଗେଶ ପାଟିଲ (ହିଙ୍ଗୋଲି), ଓମ୍‌ପ୍ରକାଶ ରାଜେ ନିମ୍ବାଲକର (ଧାରାଶିଭ୍), ବାବୁସାହେବ ୱାକଚେର (ଶିରିଡ଼ି) ଅଲଗା ହୋଇଛନ୍ତି। ଏହି ୬ ଏମ୍‌ପି ଅଲଗା ହେବା ସହିତ ଉଦ୍ଧବ ଠାକ୍‌ରେ ତାଙ୍କ ଲୋକ ସଭାରେ କେବଳ ତିନିଜଣ ଏମ୍‌ପି ରହିଛନ୍ତି। ଏଥିମଧ୍ୟରେ ଅରବିନ୍ଦ ସାୱନ୍ତ (ମୁମ୍ବାଇ ସାଉଥ), ଅନିଲ ଦେଶାଇ (ମୁମ୍ବାଇ ସାଉଥ ସେଣ୍ଟ୍ରାଲ) ଏବଂ ରାଜଭାହା ଭେଜ (ନାଶିକ)।

## ନିଟ୍ ପରୀକ୍ଷା ବନ୍ଦ ପାଇଁ ସିଏମ୍ ବିଜୟଙ୍କ ଦାବି

ଚେନ୍ନାଇ, ୨୨।୭: କକ୍ରୋଚ୍ ଜନତା ପାର୍ଟି(ସିଜେପି)ର ବିରୋଧ ମଧ୍ୟରେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ବିଜୟ ଥାଲାପତି କେନ୍ଦ୍ର ସରକାରଙ୍କ ନିକଟରେ ଏକ ବଡ଼ ଦାବି କରିଛନ୍ତି। ସେ ନିଟ୍ ପରୀକ୍ଷାକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଆହ୍ୱାନ କରିଛନ୍ତି। ପ୍ରତିବାଦ ସମୟରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ଅଟକ ଉପରେ ମଧ୍ୟ ମୁଖ୍ୟମନ୍ତ୍ରୀ ବିଜୟ ପ୍ରତିକ୍ରିୟା ଦେଇଛନ୍ତି।



ବିଜୟ ଥାଲାପତିଙ୍କ ପାର୍ଟି ଟିଭିକେ ସୋସିଆଲ ମିଡିଆ ଏକ୍ସରେ ପୋଷ୍ଟ କରି କହିଛି, ନିଟ୍ ପରୀକ୍ଷା ଲାଗୁ ହେବା ପରଠାରୁ କେବଳ ଏହାର ବିଶ୍ୱସନୀୟତା କ୍ଷୁର୍ଣ୍ଣ ହୋଇଛି ତାହା ନୁହେଁ, ବରଂ ଛାତ୍ରଛାତ୍ରୀମାନେ ମାନସିକ ଚାପର ସମ୍ମୁଖୀନ ହେଉଛନ୍ତି ଏବଂ ସେମାନଙ୍କର ଭବିଷ୍ୟତର ସ୍ୱପ୍ନ ଏକ ବଡ଼ ପ୍ରଶ୍ନବାଚୀ ପାଲଟିଛି। ନିଟ୍ ପରୀକ୍ଷା ଦ୍ୱାରା ପ୍ରତିବର୍ଷ ଛାତ୍ରଛାତ୍ରୀଙ୍କ ଉପରେ ହେଉଥିବା କ୍ଷତି ଅସୀମ। ତେଣୁ ଆମେ କେନ୍ଦ୍ର ସରକାରଙ୍କୁ ନିଟ୍ ପରୀକ୍ଷାକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବାକୁ ଦୃଢ଼ ଅନୁରୋଧ କରୁଛୁ। ପ୍ରଧାନମନ୍ତ୍ରୀଙ୍କ ବାସଭବନ ବାହାରେ ପ୍ରତିବାଦରେ ବସିଥିବା ରାହୁଲ ଗାନ୍ଧୀ, ମଲ୍ଲିକାର୍ଜୁନ ଖାର୍ଗେ ଏବଂ ପ୍ରିୟଙ୍କା ଗାନ୍ଧୀଙ୍କ ସମେତ ବରିଷ୍ଠ ନେତାମାନଙ୍କୁ ଅଟକ ରଖିବା ବିଷୟରେ ଟିଭିକେ କହିଛନ୍ତି ଯେ ରାଜଧାନୀରେ ଗଣତନ୍ତ୍ରର ଏପରି ଦମନ ଅତ୍ୟନ୍ତ ନିନ୍ଦନୀୟ। ଦିଲ୍ଲୀରେ ଯୁବବର୍ଗଙ୍କ ଅହିଂସା ପ୍ରତିବାଦକୁ ସମର୍ଥନ କରି ଧାରଣା ଦେଇଥିବା ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ଦିଲ୍ଲୀ ପୁଲିସ ଟାଣି ଟାଣି ହାତକଡ଼ି ଲଗାଇବା ଗଣତାନ୍ତ୍ରିକ ଅଧିକାର ଉପରେ ଏକ ଖୋଲା ଆକ୍ରମଣ।

## ସୋନମ ୱାଙ୍ଗଚୁକଙ୍କୁ ଭେଟିଲେ ନଡ୍ଡା

ଗୁରୁଗ୍ରାମ, ୨୨।୭: ଦିଲ୍ଲୀ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ସଫଦରଜଙ୍ଗ ହସ୍ପିଟାଲରୁ ଗୁରୁଗ୍ରାମସ୍ଥିତ ମେଦାନ୍ତ ହସ୍ପିଟାଲକୁ ସ୍ଥାନାନ୍ତର ହେବାର କିଛି ଘଣ୍ଟା ପରେ ମଙ୍ଗଳବାର ବିଳମ୍ବିତ ରାତିରେ ପରିବେଶବିତ୍ ସୋନମ ୱାଙ୍ଗଚୁକଙ୍କୁ ଭେଟିଛନ୍ତି କେନ୍ଦ୍ରମନ୍ତ୍ରୀ ଜେ.ପି. ନଡ୍ଡା ଓ ଜିତେନ୍ଦ୍ର ସିଂହ। ପରୀକ୍ଷା ଆକଳନରେ ଅନିୟମିତତାକୁ ନେଇ ଜୁନ୍ ୨୮ ରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଅନଶନରେ ଥିବା ୱାଙ୍ଗଚୁକଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ତାଙ୍କ ପତ୍ନୀ ଗୀତାଞ୍ଜଳି ଆଙ୍ଗମୋ ଆବେଦନ କରିଥିଲେ।

ବେଙ୍ଗାଲୁରୁ ଟ୍ରିପଲ ମର୍ଡର

# ହତ୍ୟାର ଫର୍ମୁଲା ବତାଇଥିଲା ଏଆଇ

ନୂଆଦିଲ୍ଲୀ, ୨୨।୭: ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ଯୁଗରେ ଅପରାଧୀମାନେ ଅପରାଧ କରିବାକୁ ନୂଆ ନୂଆ ଟେକ୍ନୋଲୋଜି ଆପଣାଉଛନ୍ତି। କୃତ୍ରିମ ବୁଦ୍ଧିମତ୍ତା ବା ଏଆଇର ଅପବ୍ୟବହାର କରି ଅପରାଧ ରଚନା କରିବାର ଏକ ସାଂଘାତିକ ମାମଲା ବେଙ୍ଗାଲୁରୁରୁ ସାମ୍ନାକୁ ଆସିଛି।

ଜୁନ୍ ୨୨ ତାରିଖ। ବେଙ୍ଗାଲୁରୁର ସୀଗେହଲ୍ଲୀ ଅଞ୍ଚଳ। ସୋମସୁନ୍ଦର ତାଙ୍କ ସ୍ତ୍ରୀ ମୁଥୁଲକ୍ଷ୍ମୀ ଏବଂ ଝିଅ ସୁପ୍ରିୟାଙ୍କୁ ଛୁରୀ ଭୁସି କରି ହତ୍ୟା କରାଯାଇଥିଲା। ତଦନ୍ତରୁ ଜଣାପଡିଛି ଯେ ମୁଖ୍ୟ ଅଭିଯୁକ୍ତ କିଛି ମାସ ଧରି ଏକ ଏଆଇ ଚାଟବଟ୍ ବ୍ୟବହାର କରିଥିଲା। ହତ୍ୟା ଯୋଜନାଠାରୁ ଆରମ୍ଭ କରି ପ୍ରମାଣ ନଷ୍ଟ କରିବା ପର୍ଯ୍ୟନ୍ତ ସବୁକିଛି ପାଇଁ ଏଥିରୁ ସୂଚନା ସଂଗ୍ରହ କରିଥିଲା।





ପୁଲିସ ବର୍ତ୍ତମାନ ଏଆଇ କମ୍ପାନୀଠାରୁ ଅଭିଯୁକ୍ତଙ୍କ ଚାଟ ହିଷ୍ଟ୍ରି ମାଗିଛି।

ବେଙ୍ଗାଲୁରୁର ସିଗେହାଲ୍ଲି ଅଞ୍ଚଳରେ ସୋମସୁନ୍ଦରମ୍, ତାଙ୍କ ପତ୍ନୀ ମୁଥୁଲକ୍ଷ୍ମୀ ଏବଂ ଝିଅ ସୁପ୍ରିୟାଙ୍କୁ ଛୁରି ଭୁସି ହତ୍ୟା କରାଯାଇଥିଲା। କିଛି ଦିନ ପରେ, ପୋଲିସ ପୁଡୁଚେରୀରୁ ସେମାନଙ୍କ ବଡ଼ ଝିଅ ଶ୍ୱେତା ଏବଂ ତାଙ୍କ ଲିଭ୍-ଇନ୍ ପାର୍ଟନର୍ କେନେଥଙ୍କୁ ଗିରଫ କରିଥିଲା। ପୋଲିସ ଦାବି କରିଛି ଯେ ଦୁହେଁ ଏକାଠି ଅପରାଧ କରିବା ପାଇଁ ଷଡ଼ଯନ୍ତ୍ର କରିଥିଲେ।

ତଦନ୍ତ ସମୟରେ, ପୋଲିସ ଜାଣିପାରିଛି ଯେ କେନେଥ୍ ପ୍ରାୟ ଛଅ ମାସ ଧରି ଏଆଇ ଚାଟବଟ୍ ସହିତ କଥାବାର୍ତ୍ତା କରୁଥିଲେ। ପୋଲିସ ଅନୁଯାୟୀ, ସେ କାହାକୁ ହତ୍ୟା କରିବା, ରକ୍ତ ଦାଗ ହଟାଇବା, ମୃତଦେହକୁ ନଷ୍ଟ କରିବା ଏବଂ ପ୍ରମାଣ ନଷ୍ଟ କରିବା ଶିଖିବାକୁ ଚେଷ୍ଟା କରିଥିଲେ। ପଚରାଉଚରା ସମୟରେ, ଅଭିଯୁକ୍ତ ଏହା ମଧ୍ୟ ପ୍ରକାଶ କରିଛି ଯେ ଏଆଇ ଚାଟବଟ୍ ସହିତ କଥା ହେବା ପରେ ମୃତଦେହକୁ ଚୁଲିରେ ପୋଡ଼ି ଦେବାର ଧାରଣା ତାଙ୍କ ମନକୁ ଆସିଥିଲା। ଏହି ସମସ୍ତ ଅଭିଯୋଗ ପୋଲିସ ତଦନ୍ତର ଅଂଶ ଏବଂ କୋର୍ଟରେ ଏପର୍ଯ୍ୟନ୍ତ ବିଚାର ଏବଂ ଶୁଣାଣି ବିଚାରାଧୀନ ଅଛି।

ବର୍ତ୍ତମାନ, ବେଙ୍ଗାଲୁରୁ ପୁଲିସ ଏଆଇ କମ୍ପାନୀକୁ ଚିଠି ଲେଖିଛି ଯାହାର ଚାଟବଟ୍ ବ୍ୟବହାର ହୋଇଥିବା ଦାବି କରାଯାଉଛି। ପୁଲିସ ଅଭିଯୁକ୍ତଙ୍କ ସମ୍ପୂର୍ଣ୍ଣ ଚାଟ୍ ଇତିହାସ ଏବଂ ଲଗ୍ ଇନ୍ କରିବାକୁ ଚାହୁଁଛି। ତଦନ୍ତକାରୀ ଏଜେନ୍ସିଗୁଡ଼ିକ ବିଶ୍ୱାସ କରନ୍ତି ଯେ ଯଦି ଏହି ରେକର୍ଡଗୁଡ଼ିକ ମିଳିପାରିଲେ, ତେବେ ସେଗୁଡ଼ିକ ମାମଲାରେ ଗୁରୁତ୍ୱପୂର୍ଣ୍ଣ ଡିଜିଟାଲ୍ ପ୍ରମାଣ ହୋଇପାରିବେ।

ଏହି ମାମଲା ମଧ୍ୟ ଅନନ୍ୟ କାରଣ ଭାରତରେ ପ୍ରଥମ ଥର ପାଇଁ, ଏକ ଏଆଇ ଚାଟବଟର ଚାଟ୍ ହିଷ୍ଟ୍ରିକୁ ବଡ଼ ହତ୍ୟା ମାମଲାର ତଦନ୍ତରେ ପରିସରଭୁକ୍ତ କରାଯାଇଥିଲା। ପୂର୍ବରୁ, ଆମେରିକାରେ ଗୁଳିକାଣ୍ଡ ପରେ ଓପନ ଏଆଇକୁ ମଧ୍ୟ ଅଭିଯୁକ୍ତ କରାଯାଇଥିଲା।

# ବିଭିନ୍ନ ରାସ୍ତା ପ୍ରକଳ୍ପର ସମୀକ୍ଷା କଲେ ପୂର୍ତ୍ତ ମନ୍ତ୍ରୀ

- କୋଇଡ଼ା-ଚଣ୍ଡିଖୋଲ, ରିମୁଳି-ଚମ୍ପୁଆ ରାସ୍ତା ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ
- ଭୁବନେଶ୍ୱର ଭିଡ଼ ନିୟନ୍ତ୍ରଣ ଓ ଟ୍ରାଫିକ ସମସ୍ୟାର ସମାଧାନ ନେଇ ସମୀକ୍ଷା



ଭୁବନେଶ୍ୱର,୨୨।୭(ସଂଚାର ବ୍ୟୁରୋ): ଆଜି ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କୋଇଡା-ଚଣ୍ଡିଖୋଲ ଏବଂ ରିମୁଳି-ଚମ୍ପୁଆ ଜାତୀୟ ରାଜପଥର ଉନ୍ନତି ଓ ପ୍ରଶସ୍ତୀକରଣ ନେଇ ଆସିଥିବା ପ୍ରସ୍ତାବ ଉପରେ ଆଲୋଚନା କରିଛନ୍ତି। ବୈଠକରେ ରାସ୍ତା ନିର୍ମାଣ ନେଇ ନକ୍ସା ପ୍ରସ୍ତୁତି, ଜମି ଅଧିଗ୍ରହଣ, ଜଙ୍ଗଲ ଜମି ଅନୁମୋଦନ ସମେତ ସମସ୍ତ ଆବଶ୍ୟକୀୟ ସରକାରୀ ଅନୁମୋଦନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରି ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ସେ ଜାତୀୟ ରାଜପଥ କର୍ତ୍ତୃପକ୍ଷ, ପୂର୍ତ୍ତ ବିଭାଗର ବରିଷ୍ଠ ଅଧିକାରୀ ଓ ଇଞ୍ଜିନିୟରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଏହି ଦୁଇଟି ଜାତୀୟ ରାଜପଥର ଉନ୍ନତି ଦ୍ୱାରା ରାଜ୍ୟର ଖଣିଜ ଅର୍ଥନୀତି, ଶିଳ୍ପ, ପର୍ଯ୍ୟଟନ ଏବଂ ଗମନାଗମନ ବ୍ୟବସ୍ଥା ଅଧିକ ସୁଦୃଢ଼ ହେବା ସହ ଓଡ଼ିଶାର ସାମଗ୍ରିକ ବିକାଶକୁ ନୂଆ ଗତି ମିଳିବ ବୋଲି ସେ କହିଛନ୍ତି। ଅପରାହ୍ଣରେ ଅନୁଷ୍ଠିତ ଅନ୍ୟ ଏକ ବୈଠକରେ ପୂର୍ତ୍ତ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ରାଜଧାନୀ ଭୁବନେଶ୍ୱରର ବଢୁଥିବା ଟ୍ରାଫିକ ସମସ୍ୟାର ସ୍ଥାୟୀ ସମାଧାନ, ଭିଡ଼ ନିୟନ୍ତ୍ରଣ ଏବଂ ଯାନବାହନ ଚଳାଚଳକୁ ସୁଗମ କରିବା ପାଇଁ ବିଭିନ୍ନ ସଡ଼କ ଭିତ୍ତିଭୂମି ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କରାଯାଇଥିଲା।

ଏହି ଅବସରରେ ଭୁବନେଶ୍ୱର ଇନର ଓ ଆଉଟର୍ ରିଙ୍ଗ ରୋଡ୍, ଜୟଦେବ ବିହାର- ନନ୍ଦନକାନନ ରାସ୍ତା, ବାମ ସମାନ୍ତରାଳ ରାସ୍ତା, ପଥରଗାଡ଼ିଆ-ଦାରୁଠେଙ୍ଗ ରାସ୍ତା, ଶିଖରଚଣ୍ଡୀ-ପଥରଗାଡ଼ିଆ-ରଘୁନାଥପୁର ସଂଯୋଗୀ ରାସ୍ତା, କେଳୁଚରଣ ପାର୍କ-ପଟିଆ ରେଳ ଷ୍ଟେସନ ରାସ୍ତା, କେଳୁଚରଣ ପାର୍କ-ଫୁଲନଖରା ରୋଡ୍, କୁଆଖାଇ ନଦୀ ଉପରେ ୬ ଲେନ୍ ବିଶିଷ୍ଟ ହାଇଲେଭେଲ ସେତୁ, ଡିଏନ୍ ରେଗାଲିଆ-କଳିଙ୍ଗ ନଗର ରାସ୍ତା, ସମ୍ ହସ୍ପିଟାଲ-ସାମପୁର ରାସ୍ତା, ଖଣ୍ଡଗିରି-ପୋଖରୀପୁଟ ଇଲେଭେଟେଡ୍ କରିଡର, ଏନ୍ଏଚ୍ ୧୬ରୁ ଏମ୍ସ ଛକ ସଂଯୋଗୀ ରାସ୍ତା, ପାୱାର ହାଉସ-ସିଆରପିଏଫ୍ ଛକ ରାସ୍ତାର ସମ୍ପୂର୍ଣ୍ଣ ସର୍ଭେ, ଦୟା ୱେଷ୍ଟ କେନାଲ ରୋଡ୍ ଏବଂ ଭୁବନେଶ୍ୱର- ପୁରୀ ରାସ୍ତାରେ ପ୍ରସ୍ତାବିତ ଇଲେଭେଟେଡ୍ କରିଡର ନିର୍ମାଣ କାର୍ଯ୍ୟର ଅଗ୍ରଗତି ଉପରେ ବିସ୍ତୃତ ଆଲୋଚନା ହୋଇଥିଲା।

ପୂର୍ତ୍ତ ମନ୍ତ୍ରୀ ସମ୍ପୃକ୍ତ ଅଧିକାରୀମାନଙ୍କୁ ସମସ୍ତ ପ୍ରକଳ୍ପର ସର୍ଭେ, ଡିଜାଇନ, ଆବଶ୍ୟକୀୟ ଅନୁମୋଦନ ଓ କାର୍ଯ୍ୟାନ୍ୱୟନକୁ ତ୍ୱରାନ୍ୱିତ କରିବା ସହ ଉଚ୍ଚମାନର କାର୍ଯ୍ୟ ସୁନିଶ୍ଚିତ କରିବାକୁ ପରାମର୍ଶ ଦେଇଥିଲେ। ବିଶ୍ୱସ୍ତରୀୟ ସଡ଼କ ନେଟୱର୍କ ସୃଷ୍ଟି ସହ ରାଜଧାନୀର ଟ୍ରାଫିକ ପରିଚାଳନାକୁ ଅଧିକ ସୁବ୍ୟବସ୍ଥିତ କରିବା ଦିଗରେ ଏହି ପ୍ରକଳ୍ପଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ ବୋଲି ସେ କହିଥିଲେ।

## ୧୭୫ ବୋତଲ ମଦ ଜବତ, ଜଣେ ଗିରଫ

କୋଲକାତା,୨୨।୭ (ସଂଚାର ବ୍ୟୁରୋ): ମୟନାଗୁଡ଼ି ଥାନା ପୁଲିସ ବେଆଇନ ମଦ ଗଚ୍ଛିତ ରଖିବା ଅଭିଯୋଗରେ ମହେଶ ମହାସେଠ ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ଏଥିସହ ମଙ୍ଗଳବାର ରାତିରେ ପାନବାଡି ଅଞ୍ଚଳର ଏକ ରେଷ୍ଟୁରାଣ୍ଟ ଉପରେ ଚଢ଼ାଉ କରି ୧୭୫ ବୋତଲ ମଦ ଜବତ କରିଛି। ଚଳିତ ମାସ ଆରମ୍ଭରେ ପୁଲିସ ଦକ୍ଷିଣ ଭୁଷ୍କଡାଙ୍ଗା ଅଞ୍ଚଳରୁ ଆଉ ୧୮୩ ବୋତଲ ମଦ ଜବତ କରିଥିଲା।

## ଫୋନ୍ ଚୋରାଚାଲାଣ ଉଦ୍ୟମ ପଣ୍ଡ

କୋଲକାତା,୨୨।୭(ସଂଚାର ବ୍ୟୁରୋ): ମାଲଦାରେ କାଲିଆଚକ ଥାନା ପୁଲିସ ମୋବାଇଲ ଫୋନ୍ ଚୋରା ଚାଲାଣ ଯୋଜନାକୁ ପଣ୍ଡ କରିଛି। ଏଥିସହ କୋରିଅର ଯୋଗେ ହେଉଥିବା ପ୍ରାୟ ଶହେଟି ମୋବାଇଲକୁ ଜବତ କରିଛି। ମାଲଦା ଜିଲ୍ଲା ପୁଲିସ ଅଧୀକ୍ଷକ ଅନୁପମ ସିଂହ କହିଛନ୍ତି ଯେ, ବୁଧବାର ଆନ୍ଧ୍ରପ୍ରଦେଶରୁ ଦୁଇଟି ପାର୍ସଲରେ ବହୁ ସଂଖ୍ୟକ ମୋବାଇଲ୍ ଚୋରା ଚାଲାଣ ହେଉଥିବା ସମ୍ପର୍କରେ କାଲିଆଚକ ପୁଲିସକୁ ସୂଚନା ମିଳିଥିଲା। ସୂଚନା ଆଧାରରେ ପୁଲିସ ଚଢ଼ାଉ କରି ଚୋରା ଚାଲାଣକାରୀ ଦଳକୁ ଠାବ କରିଛି।

## ଇସ୍ତଫା ଦେଲେ କାଉନସିଲର

କୋଲକାତା,୨୨।୭(ସଂଚାର ବ୍ୟୁରୋ): ଭୂଷଣ ସିଂହ କୁଚବିହାର ପୌରସଭାର କାଉନସିଲର ପଦରୁ ଇସ୍ତଫା ଦେଇଛନ୍ତି। ସେ ପୂର୍ବରୁ ତୃଣମୂଳ କଂଗ୍ରେସ ପ୍ରଶାସନ ଅଧୀନରେ ପୌରସଭା ବୋର୍ଡର ଅଧ୍ୟକ୍ଷ ଭାବରେ କାର୍ଯ୍ୟ କରିଥିଲେ। ଗତ ପୌରସଭା ନିର୍ବାଚନରେ ସେ ସହରର ୪ ନମ୍ବର ୱାର୍ଡରୁ ସ୍ୱାଧୀନ ପ୍ରାର୍ଥୀ ଭାବରେ ଜିତିଥିଲେ। ବୁଧବାର ଅପରାହ୍ଣରେ ଭୂଷଣ ଉପ-ବିଭାଗୀୟ ଅଧିକାରୀଙ୍କୁ ତାଙ୍କର ଇସ୍ତଫା ପତ୍ର ପ୍ରଦାନ କରିଛନ୍ତି।

## ତମନ୍ନା ମାମଲାରେ ଚାର୍ଜସିଟ୍ ଦାଖଲ

କୋଲକାତା,୨୨।୭(ସଂଚାର ବ୍ୟୁରୋ): ନଦିଆର ତମନ୍ନା ହତ୍ୟା ମାମଲାରେ କାଲିଗଞ୍ଜ ଥାନା ପୁଲିସ ଚାର୍ଜସିଟ୍ ଦାଖଲ କରିଛି। ତଦନ୍ତ ସମୟରେ ଏଫ୍ଆଇଆର୍‌ରେ ନାମିତ ୨୪ ଅଭିଯୁକ୍ତଙ୍କ ମଧ୍ୟରୁ ୧୩ ଜଣଙ୍କ ବିରୁଦ୍ଧରେ ପୂର୍ବରୁ ଏକ ଚାର୍ଜସିଟ୍ ଦାଖଲ କରାଯାଇଥିଲା। ଏହି ୧୩ ଜଣଙ୍କ ମଧ୍ୟରୁ ୧୧ ଜଣଙ୍କୁ ଗିରଫ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ଜଣେ ପରେ କୋଲକାତା ହାଇକୋର୍ଟରୁ ଜାମିନ ପାଇଥିଲେ। ଅନ୍ୟ ଦୁଇଜଣ ଫେରାର୍ ଅଛନ୍ତି।

## ଅଟୋରେ ମହିଳାଙ୍କୁ ଦୁଷ୍କର୍ମ ଅଭିଯୋଗ, ଜଣେ ଅଟକ

କୋଲକାତା,୨୨।୭(ସଂଚାର ବ୍ୟୁରୋ): ମଙ୍ଗଳବାର ରାତିରେ ଜଣେ ମହିଳା ଦମ୍‌ଦମ୍ କ୍ୟାଣ୍ଟନମେଣ୍ଟରୁ ଅଟୋରେ ଘରକୁ ଫେରୁଥିବା ବେଳେ ତାଙ୍କ ପ୍ରତି ଦୁଷ୍କର୍ମ ଉଦ୍ୟମ ହୋଇଥିବା ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ସେ ଗାଡ଼ିରେ ଚଢ଼ିବା ପରେ ଜଣେ ପୁରୁଷ ଯାତ୍ରୀ ତାଙ୍କ ସହିତ ଅନ୍ୟ ଜଣେ ମହିଳାଙ୍କ ପ୍ରତି ଅଶାଳୀନ ବ୍ୟବହାର କରିବା ଆରମ୍ଭ କରିଥିଲେ। ସେମାନେ ପୁରୁଷ ଯାତ୍ରୀଙ୍କୁ ବହୁଥର ଚେତାବନୀ ଦେଇଥିଲେ ମଧ୍ୟ ସେ ଅଟକି ନଥିଲେ। ତେବେ ଅଟୋ ଡ୍ରାଇଭର ଏକ ଜନଗହଳିପୂର୍ଣ୍ଣ ଅଞ୍ଚଳରେ ଗାଡ଼ିକୁ ଅଟକାଇବା ପରେ ପୁରୁଷ ଯାତ୍ରୀ ଖସିଯିବାକୁ ଚେଷ୍ଟା କରିଥିଲେ। ମାତ୍ର ସ୍ଥାନୀୟ ଲୋକେ ତାଙ୍କୁ କାବୁ କରି ପୁଲିସକୁ ଖବର ଦେଇଥିଲେ। ପୁଲିସ ସେହି ପୁରୁଷ ଯାତ୍ରୀଜଣଙ୍କୁ ଥାନାରେ ଅଟକ ରଖିଛନ୍ତି।

## ମହିଳା ହିଂସା ବିରୋଧରେ ମୁଖ୍ୟମନ୍ତ୍ରୀଙ୍କ କଠୋର ମନୋଭାବ

କୋଲକାତା,୨୨।୭(ସଂଚାର ବ୍ୟୁରୋ): ମହିଳା ନିର୍ଯାତନା ରୋକିବା ପାଇଁ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଏକ ବଡ଼ ପଦକ୍ଷେପ ନେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ମୁଁ ପ୍ରତ୍ୟେକ ବୈଠକରେ ପୁଲିସକୁ କହିଛି ଯେ ଯଦି କୌଣସି ଝିଅ କିମ୍ବା ମହିଳାଙ୍କ ସହିତ କୌଣସି ଘଟଣା ଘଟେ, ତେବେ କାହାରି ନିର୍ଦ୍ଦେଶ ପାଇଁ ଅପେକ୍ଷା କରିବାର ଆବଶ୍ୟକତା ନାହିଁ। ଯାହା ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ। ମୁଖ୍ୟମନ୍ତ୍ରୀ ତୁମକୁ ଢାଲ ପରି ସୁରକ୍ଷା ଦେବେ।

## ସିଏନ୍‌ଜି ଟ୍ରକରେ ନିଆଁ, ଜଳିଗଲା ୮ ବାଇକ୍

କୋଲକାତା,୨୨।୭(ସଂଚାର ବ୍ୟୁରୋ): ବୁଧବାର ସକାଳେ ସିଏନ୍‌ଜି ସିଲିଣ୍ଡର ବୋଝେଇ ଟ୍ରକ୍‌ରେ ନିଆଁ ଲାଗିଯାଇଛି। ଡ୍ରାଇଭର ଓ ହେଲପର ସଠିକ ସମୟରେ ଗାଡ଼ିରୁ ଓହ୍ଲାଇଯିବାରୁ କେହି ମୃତାହତ ହୋଇନାହାନ୍ତି। ତେବେ ନିଆଁ ଟ୍ରକ୍‌ରୁ ରାସ୍ତାକଡ଼କୁ ବ୍ୟାପି ଯିବାରୁ ଆଠଟି ମୋଟରସାଇକେଲ ଓ ଗୋଟିଏ କୁକୁଡ଼ା ଦୋକାନ ପୋଡ଼ି ପାଉଁଶ ହୋଇଯାଇଛି। ବାଙ୍କୁଡାରୁ ଦୁଇଟି ଦମକଳ ଗାଡ଼ି ଆସି ନିଆଁକୁ ନିୟନ୍ତ୍ରଣ କରିଛି। ଗ୍ୟାସ୍ ଲିକ୍ ଯୋଗୁଁ ଗାଡ଼ିରେ ନିଆଁ ଲାଗିଥିବା ଅନୁମାନ କରାଯାଉଛି।

## ଅନୁରାଗ ଜୈନ ନୀତି ଆୟୋଗ ସିଇଓ

ନୂଆଦିଲ୍ଲୀ,୨୨।୭: ମଧ୍ୟପ୍ରଦେଶ ମୁଖ୍ୟ ଶାସନ ସଚିବ ଅନୁରାଗ ଜୈନ ନୀତିଆୟୋଗ ସିଇଓ ନିଯୁକ୍ତ ହୋଇଛନ୍ତି। ୧୯୮୯ ବ୍ୟାଚ୍ ଆଇଏଏସ ଅଫିସରଙ୍କ ଏହି ନିଯୁକ୍ତି ସହିତ ଗତ ୫ ମାସ ହେଲା ଜାରି ଅନ୍ତରୀଣ ବ୍ୟବସ୍ଥା ସମାପ୍ତ ହୋଇଯାଇଛି। ଏହି ସମୟରେ ନିଧି ଛିବର ଅତିରିକ୍ତ ପ୍ରଭାରୀ ଭାବେ ଏହି ଦାୟିତ୍ୱ ତୁଲାଇ ଆସୁଥିଲେ। କ୍ୟାବିନେଟ ନିଯୁକ୍ତି କମିଟି (ଏସିସି) ଭାରତ ସରକାରଙ୍କ ସଚିବ ପଦ ଓ ବେତନରେ ଅନୁରାଗ ଜୈନଙ୍କ ନିଯୁକ୍ତିକୁ ମଞ୍ଜୁରୀ ଦେଇଛନ୍ତି। ଡିପାର୍ଟମେଣ୍ଟ ଓ ପର୍ସନେଲ ଆଣ୍ଡ ଟ୍ରେନିଂ (ଡିଓପିଟି) ଅନୁସାରେ ତାଙ୍କ କାର୍ଯ୍ୟକାଳ କାର୍ଯ୍ୟଭାର ଗ୍ରହଣ ଠାରୁ ଆରମ୍ଭ ହେବ। ସେ ମୋଟ ୨ ବର୍ଷ ଅଥବା ପରବର୍ତ୍ତି ଆଦେଶ ପର୍ଯ୍ୟନ୍ତ ଏହି ପଦରେ ରହିବେ।

## ଦକ୍ଷିଣ ଓଡ଼ିଶା ଉନ୍ନୟନ ପରିଷଦର ଚିନ୍ତନ ବୈଠକ ଅନୁଷ୍ଠିତ



ଭୁବନେଶ୍ୱର,୨୨।୭(ସଂଚାର ବ୍ୟୁରୋ): ଆଜି ସ୍ଥାନୀୟ ସହିଦ ଲକ୍ଷ୍ମଣ ନାୟକ ଭବନଠାରେ ଦକ୍ଷିଣ ଓଡ଼ିଶା ଉନ୍ନୟନ ପରିଷଦର ଏକ ଗୁରୁତ୍ୱପୂର୍ଣ୍ଣ ଚିନ୍ତନ ବୈଠକ ଭୃଗୁ ବକ୍ସିପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ବୈଠକରେ ଦକ୍ଷିଣ ଓଡ଼ିଶାର ୭ଟି ଜିଲ୍ଲା ଅନ୍ତର୍ଗତ ୧୨ଟି ଉପଖଣ୍ଡର ବିଭିନ୍ନ ସାମାଜିକ, ସାଂସ୍କୃତିକ ଓ ଜନକଲ୍ୟାଣମୂଳକ ୪୫ଟି ସଂଗଠନର ଦେଢ଼ ଶହରୁ ଊର୍ଦ୍ଧ୍ୱ ପ୍ରତିନିଧି ଓ ବିଶିଷ୍ଟ ବୁଦ୍ଧିଜୀବୀ ଅଂଶଗ୍ରହଣ କରିଥିଲେ। ୧୫ ସୂତ୍ରୀ ବିଷୟବସ୍ତୁକୁ ବିସ୍ତୃତ ଭାବେ ଆଲୋଚନା କରିବା ସହ ସେଥିରେ ଅନେକ ବିକାଶମୂଳକ ପ୍ରସଙ୍ଗ ଯୋଡ଼ି ଏକ ଚିଠା ଖସଡ଼ା ପ୍ରସ୍ତୁତ କରି ସରକାରଙ୍କୁ ଦେବା ପାଇଁ ଉନ୍ନୟନ ପରିଷଦର ଚିନ୍ତନ ବୈଠକରେ ନିଷ୍ପତ୍ତି ହୋଇଥିଲା। ଦକ୍ଷିଣ ଓଡ଼ିଶାବାସୀ ଦୈନନ୍ଦିନ ଜୀବନରେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଓ ବିକାଶମୂଳକ ପ୍ରସଙ୍ଗକୁ ରାଜ୍ୟ ସରକାରଙ୍କ ଦୃଷ୍ଟିକୁ ଆଣି ତ୍ୱରିତ ସମାଧାନ ପାଇଁ ନିବେଦନ କରାଯିବ। ଦକ୍ଷିଣ ଓଡ଼ିଶାର ଅବସରପ୍ରାପ୍ତ ପ୍ରଫେସର, ପ୍ରଶାସନିକ ଅଧିକାରୀଙ୍କ ସମେତ ବିଭିନ୍ନ କ୍ଷେତ୍ରର ଗବେଷକ ଓ ଅଭିଜ୍ଞ ବ୍ୟକ୍ତିଙ୍କ ସମେତ ବିଭିନ୍ନ ସଂଗଠନର ପ୍ରତିନିଧି ଓ ସାମାଜିକ କର୍ମୀ, ଅଧିବକ୍ତା, ସାମ୍ବାଦିକ ଅନୁଭବ ଓ ଅଭିଜ୍ଞତା ଉପସ୍ଥାପନ କରିଥିଲେ।

ବୈଠକରେ ମାଲକାନଗିରି କୃଷକ ସଂଗଠନ, ପିପୁଲ୍ ଏଗେନଷ୍ଟ ପୋଲାଭରମ୍ ପ୍ରୋଜେକ୍ଟ (ପିଏପିପି), କଳିଙ୍ଗ ଇତିହାସ ଆଣ୍ଡ କୋରାପୁଟ ଇନଟାକ୍, ନିର୍ମାଣ ଶ୍ରମିକ ମିଳିତ ସଂଘ, ଜୟପୁର ଜାଗରଣ ପରିଷଦ, ଜୟପୁର ସ୍ୱାଭିମାନୀ ମୋର୍ଚ୍ଚା, ସୂର୍ଯ୍ୟଭାନୁ ପାଠାଗାର ବୋରିଗୁମ୍ମା, କୋଟପାଟ ଆଞ୍ଚଳିକ ଉନ୍ନୟନ ପରିଷଦ, ପବ୍ଲିକ୍ ପୁଲିସ୍ ଆଣ୍ଡ ଆଡମିନିଷ୍ଟ୍ରେସନ୍ କୋଅର୍ଡିନେସନ୍, ନବନିର୍ବାଣ ସମିତି ଗୁଣୁପୁର, ୟୁଥ୍ ଫର୍ ଚେଞ୍ଜ୍ ଗୁଡ଼ାରି, ଦଣ୍ଡକାରଣ୍ୟ ବିକାଶ ମହାମଞ୍ଚ, ଗଜପତି ନାଗରିକ ମଞ୍ଚ, ଉତ୍କଳ ହିତୈଷିନୀ, ପାରଳା ଗଜପତି ବିକାଶ ମଞ୍ଚ, କୃଷ୍ଣଚନ୍ଦ୍ର ଗଜପତି ବିକାଶ ମଞ୍ଚ, ଋଷିକୁଲ୍ୟା ରୟତ ମହାସଭା, ଭାରତୀୟ ବିକାଶ ପରିଷଦ, ଗୋପାଳପୁର-ରାୟଗଡ଼ା ରେଲ୍ ଲିଙ୍କ୍ ଷ୍ଟିଅରିଂ କମିଟି, ସାଉଥ୍ ଓଡ଼ିଶା ଇକୋନାମିକ୍ ଆସୋସିଏସନ୍, ଦନ୍ତପୁର କଲ୍‌ଚରାଲ୍ ସେଣ୍ଟର୍, ଜାଗ୍ରତ କନ୍ଧମାଳ, କନ୍ଧମାଳ ପିପୁଲ୍ସ ଫୋରମ୍, କନ୍ଧମାଳ ସୁରକ୍ଷା ଅଭିଯାନ, କନ୍ଧମାଳ ମିଳିତ ମଞ୍ଚ, କନ୍ଧମାଳ ବିକାଶ ପରିଷଦ, ସୋସିଆଲ୍ ୱାର୍କ୍ସ ଅଫ୍ କନ୍ଧମାଳ, ଶବରୀ ସାଂସ୍କୃତିକ ପରିଷଦର ପ୍ରତିନିଧି ଯୋଗଦେଇଥିଲେ। କାର୍ଯ୍ୟକାରୀ କମିଟି ସଦସ୍ୟ ସ୍ୱଦେଶ ସୁନ୍ଦର ପଟ୍ଟନାୟକ ଉପସଂହାର କରିଥିବା ବେଳେ ଉପାଧ୍ୟକ୍ଷ ଇଂ. ବିପିନ ବିହାରୀ ପଣ୍ଡା ଧନ୍ୟବାଦ ଦେଇଥିଲେ।

## ବିଜୁ ଯୁବ ଓ ଛାତ୍ର ଜନତା ଦଳର ବିକ୍ଷୋଭ



ଭୁବନେଶ୍ୱର,୨୨।୭(ସଂଚାର ବ୍ୟୁରୋ): ବିଜୁ ଯୁବ ଜନତା ଦଳର ସଭାପତି ଚିନ୍ମୟ ସାହୁ ଓ ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଈପସିତା ସାହୁଙ୍କ ନେତୃତ୍ୱରେ ଆଜି ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନ ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଶତାଧିକ ଯୁବ ଓ ଛାତ୍ର ନେତା, କର୍ମକର୍ତ୍ତା, କାର୍ଯ୍ୟକର୍ତ୍ତା ଓ ବିଜେଡି ସମର୍ଥକ ଏଥିରେ ଯୋଗଦେଇ ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ। ଶ୍ରୀ ସାହୁ କହିଥିଲେ ଯେ ଦେଶରେ ବାରମ୍ବାର ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଯୋଗୁଁ ଛାତ୍ରଛାତ୍ରୀ ଓ ସେମାନଙ୍କ ଅଭିଭାବକମାନେ ଏବେ ଚିନ୍ତାରେ ଦିନ କାଟୁଛନ୍ତି। ପରୀକ୍ଷା ସୁପରିଚାଳନା କରିବାରେ କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଲକ୍ଷ ଲକ୍ଷ ମେଧାବୀ ଛାତ୍ରଛାତ୍ରୀ ବର୍ଷ ବର୍ଷ ଧରି କଠିନ ପରିଶ୍ରମ କରି ପରୀକ୍ଷା ପାଇଁ ପ୍ରସ୍ତୁତି କରୁଥିବା ବେଳେ ସରକାରଙ୍କ ଅପାରଗତା ଯୋଗୁଁ ସେମାନଙ୍କ ଭବିଷ୍ୟତ ବିପନ୍ନ ହେଉଛି। ସେହିପରି ଶ୍ରୀମତୀ ସାହୁ କହିଥିଲେ ଯେ ବାରମ୍ବାର ପ୍ରଶ୍ନପତ୍ର ଲିକ୍ ଓ ପରୀକ୍ଷାରେ ଅନିୟମିତତା ଯୋଗୁଁ ଦେଶର ଛାତ୍ରଛାତ୍ରୀମାନେ ଅନିଶ୍ଚିତତା ମଧ୍ୟରେ ଜୀବନ ବିତାଉଛନ୍ତି। ସରକାରୀ ଅବହେଳା ଓ ପ୍ରଶାସନିକ ଅପାରଗତା ପାଇଁ ଆଜି ଦେଶର ଯୁବପିଢ଼ିଙ୍କ ଭବିଷ୍ୟତକୁ ବଳି ପକାଯାଉଛି। ପ୍ରତ୍ୟେକ ମେଧାବୀ ଛାତ୍ରଛାତ୍ରୀଙ୍କର ଏକ ସ୍ୱଚ୍ଛ, ନିରପେକ୍ଷ ଓ ଦୁର୍ନୀତିମୁକ୍ତ ପରୀକ୍ଷା ବ୍ୟବସ୍ଥାରେ ପ୍ରତିଯୋଗିତା କରିବାର ଅଧିକାର ରହିଛି। ଦେଶରେ ପରୀକ୍ଷା ବ୍ୟବସ୍ଥାରେ ବ୍ୟାପକ ସଂସ୍କାର ଆଣିବାକୁ କେନ୍ଦ୍ର ସରକାର ପଦକ୍ଷେପ ନେବା ଉଚିତ।

## ଏୟାରଲାଇନ କ୍ରୁ ସଦସ୍ୟାଙ୍କୁ କ୍ୟାବ୍ ଡ୍ରାଇଭରଙ୍କ ଦୁଷ୍କର୍ମ

ହାଇଦ୍ରାବାଦ,୨୨।୭: ଏକ ଘରୋଇ ଏୟାରଲାଇନର ମହିଳା ଚାଳକଦଳ ସଦସ୍ୟ(କ୍ରୁ)ଜୁଲାଇ ୨୦ ତାରିଖ ଦିନ ବିମାନ ବନ୍ଦର ଯିବା ରାସ୍ତାରେ କ୍ୟାବ ଡ୍ରାଇଭର (ଟ୍ୟାକ୍ସି ଚାଳକ)ଙ୍କ ଦ୍ୱାରା ଦୁଷ୍କର୍ମର ଶିକାର ହୋଇଥିବା ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ଆରଜିଆଇ ଆଉଟପୋଷ୍ଟ ପୋଲିସ କ୍ୟାବ୍ ଡ୍ରାଇଭରକୁ ଗିରଫ କରି ବିଚାରବିଭାଗୀୟ ହାଜତକୁ ପଠାଇ ଦେଇଛି। ପୋଲିସ ଅନୁସାରେ ବିମାନ ବନ୍ଦର ନିକଟରେ ଏକ ନିର୍ମାଣାଧୀନ ସ୍କୁଲ ନିକଟସ୍ଥ ନିଛାଟିଆ ସ୍ଥାନରେ ଘଟିଛି। ଅଭିଯୁକ୍ତ ଶୌଚ ବାହାନା କରି ସେହି ନିଛାଟିଆ ସ୍ଥାନକୁ ନେଇଯାଇଥିଲା। କଥିତ ଦୁଷ୍କର୍ମ ପରେ ଅଭିଯୁକ୍ତ ପୀଡ଼ିତାଙ୍କୁ ଘଟଣାସ୍ଥଳରେ ଛାଡି କ୍ୟାବ୍ ନେଇ ପଳାଇଥିଲା। ପୀଡ଼ିତା ପୋଲିସ ସହ ସମ୍ପର୍କ କରିଥିଲେ ଓ ତାଙ୍କୁ ପରାମର୍ଶ ନିମନ୍ତେ 'ଭରସା କେନ୍ଦ୍ର'କୁ ପଠାଯାଇଥିଲା।

## ୧୬ ବର୍ଷ ପରେ ଫେରିବେ ଲଳିତ ମୋଦି

ନୂଆଦିଲ୍ଲୀ,୨୨।୭: ୨୦୦୯ ଆଇପିଏଲ ଦକ୍ଷିଣ ଆଫ୍ରିକା ଫେମା ମାମଲାରେ ଆଇପିଏଲ ପ୍ରତିଷ୍ଠାତା ଲଳିତ ମୋଦି ଏବଂ ଅନ୍ୟମାନଙ୍କୁ ଏକ ବଡ଼ ଆଶ୍ୱସ୍ତି ମିଳିଛି । ଯାହା



ପରେ ଲଳିତ ମୋଦୀ ଶେଷରେ ୧୬ ବର୍ଷ ପରେ ଭାରତ ଫେରିବେ। ସେ ନିଜେ ଏହି ଖବର ଜନସାଧାରଣଙ୍କ ସହ ସେୟାର କରିଛନ୍ତି। ତାଙ୍କର ଏକ ଭିଡିଓ ସୋସିଆଲ ମିଡିଆରେ ପ୍ରକାଶ ପାଇଛି ଯେଉଁଥିରେ ସେ କହିଛନ୍ତି ଯେ, ସେ ଟ୍ରିବ୍ୟୁନାଲର ନିଷ୍ପତ୍ତିରେ ବହୁତ ଖୁସି ଏବଂ ଭାରତ ଫେରିବାକୁ ଆଗ୍ରହୀ। ନ୍ୟୁଜ ଏଜେନ୍ସି ଏଏନଆଇ ଲଳିତ ମୋଦିଙ୍କ ଏହି ଭିଡିଓ ସେୟାର କରିଛି, ଯେଉଁଥିରେ ସେ କହିଛନ୍ତି, ଗତକାଲି ଆସିଥିବା ନିଷ୍ପତ୍ତିରେ ମୁଁ ବହୁତ ଖୁସି। ସତରେ, ଏହି ଦିନଟି ବହୁତ ଭଲ ଦିନ ଥିଲା। ମୁଁ ୧୬ ବର୍ଷ ଧରି ଲଢ଼ିଥିଲି, ଏବଂ ମୁଁ ଗଣମାଧ୍ୟମ ଏବଂ ଅନ୍ୟ ସମସ୍ତଙ୍କୁ ଯାହା କହିଥିଲି ତାହା ଶେଷରେ ସତ୍ୟ ପ୍ରମାଣିତ ହୋଇଛି।

ମୁଁ ବହୁତ ଖୁସି ଯେ ଟ୍ରିବ୍ୟୁନାଲ ମୋ ସପକ୍ଷରେ ରାୟ ଦେଇଛି।" ସେ ଆହୁରି କହିଛନ୍ତି, ମୁଁ କେବଳ ଆଇପିଏଲ ର ମଙ୍ଗଳ ପାଇଁ ଚିନ୍ତିତ ଥିଲି ଆଉ କିଛି ନୁହେଁ। ଏହା ମୋ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ରାୟ ପରେ ସେ ତାଙ୍କର ଅଫିସିଆଲ୍ ଏକ୍ସ ଆକାଉଣ୍ଟରେ ଏହାର ଏକ ଭିଡିଓ ସେୟାର କରି ତାଙ୍କର ବିଜୟ ପାଳନ କରିଛନ୍ତି।

# ଶିକ୍ଷକ ନିଯୁକ୍ତି, କାର୍ଯ୍ୟକାରୀ ହେଉନି ଷ୍ଟାଣ୍ଡିଂ କମିଟି ସୁପାରିସ୍

ଭୁବନେଶ୍ୱର,୨୨।୭: ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧିନରେ ଥିବା ବିଭିନ୍ନ ସରକାରୀ ସ୍କୁଲଗୁଡିକରେ ଖାଲି ପଡ଼ିଥିବା ଶିକ୍ଷକ ପଦବୀମାନ ପୂରଣ କରିବା ପାଇଁ ବିଧାନସଭାର ବିଭାଗୀୟ ଷ୍ଟାଣ୍ଡିଂ କମିଟି ବାରମ୍ବାର ସୁପାରିସ୍ କରୁଥିଲେ ମଧ୍ୟ ସ୍ଥିତିରେ ବିଶେଷକିଛି ଉନ୍ନତି ପରିଲକ୍ଷିତ ହେଉନାହିଁ। ଠିକା ଶିକ୍ଷକ ନିଯୁକ୍ତି କରି ତାକୁ ଛଅବର୍ଷ ପରେ ନିୟମିତ କରିବାପାଇଁ ଥିବା ପ୍ରଥାକୁ ରଦ୍ଦକରି ନିୟମିତ ନିଯୁକ୍ତି ଦେବାପାଇଁ ଗତବର୍ଷ ବିଧାନସଭା ଷ୍ଟାଣ୍ଡିଂ କମିଟି ସୁପାରିଶ୍ କରିଥିଲେ। ସରକାରଙ୍କ ପକ୍ଷରୁ କୁହାଯାଇଥିଲା ଯେ ଏ ସଂକ୍ରାନ୍ତରେ ଅନ୍ୟ ବିଭାଗମାନଙ୍କ ସହ ଆଲୋଚନା କରାଯାଇଛି ଏବଂ ନିୟମିତ ପ୍ରାଥମିକ ଶିକ୍ଷକ ନିଯୁକ୍ତି ଲାଗି କାର୍ଯ୍ୟାନୁଷ୍ଠାନ ସରକାରୀ ସ୍ତରରେ ଚାଲିଛି।

ଚଳିତ ବର୍ଷ ବିଧାନସଭା ଷ୍ଟାଣ୍ଡିଂ କମିଟି ଗତ ମାର୍ଚ୍ଚ ୫ ତାରିଖରେ ଏହାର ଅଧ୍ୟକ୍ଷ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ଅଧ୍ୟକ୍ଷତାରେ ବସିଥିଲା। ଏହି କମିଟି ୨୦୨୬-୨୭ ବର୍ଷର ବଜେଟ୍ ଅଟକଳ ସମ୍ପର୍କରେ ଆଲୋଚନା ପର୍ଯ୍ୟାଲୋଚନା କରିବା ସଂଗେ ସଂଗେ ଯୁକ୍ତ ଦୁଇ ଶିକ୍ଷାନୁଷ୍ଠାନଗୁଡିକରେ ଖାଲି ପଡିଥିବା ପଦବୀଗୁଡିକୁ ସ୍ୱଚ୍ଛତାର ସହ ପୂରଣ କରିବାପାଇଁ ସୁପାରିଶ୍ କରିଥିଲେ। ଶିକ୍ଷକ ନିଯୁକ୍ତି ଠିକଣା ଭାବେ ହେଲେ ଶିକ୍ଷାର ଗୁଣାତ୍ମକ ବିକାଶ ବାଧାପ୍ରାପ୍ତ ହେବନାହିଁ ବୋଲି କମିଟି ମତ ଦେଇଥିଲେ। ଏହାଛଡ଼ା ପ୍ରାଥମିକ, ଉଚ୍ଚପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟ ସ୍ତରରେ ଖାଲି ପଡିଥିବା ଶିକ୍ଷକ ପଦବୀଗୁଡିକ ଯେତେଶୀଘ୍ର ସମ୍ଭବ ପୂରଣ କରି ଗୁଣାତ୍ମକ ଶିକ୍ଷାର ମାନ ଅଭିବୃଦ୍ଧି ଲାଗି ବିଧାନସଭା କମିଟି ସ୍ପଷ୍ଟଭାବେ ସୁପାରିସ୍ କରିଛନ୍ତି। ଏହାଛଡା ବିଦ୍ୟାଳୟଗୁଡିକ ଲାଗି ଅଧିକ ଶ୍ରେଣୀଗୃହ ବ୍ୟବସ୍ଥା କରିବା ଏବଂ ଭିତ୍ତିଭୂମିରେ ଉନ୍ନତି ଆଣିବାପାଇଁ ମଧ୍ୟ ସୁପାରିଶ୍ କରାଯାଇଥିଲା। ଷ୍ଟାଣ୍ଡିଂ କମିଟିର ରିପୋର୍ଟ ବିଧାନସଭାରେ ଗତ ମାର୍ଚ୍ଚ ୯ତାରିଖରେ ମଧ୍ୟ ଉପସ୍ଥାପନ କରାଯାଇଥିଲା।

ଏହି ରିପୋର୍ଟ ଉପସ୍ଥାପନ କରିବାର ଇତି ମଧ୍ୟରେ ପ୍ରାୟ ୪ମାସରୁ ଅଧିକ ସମୟ ବିତିଗଲାଣି। ଗ୍ରୀଷ୍ମାବକାଶ ପରେ ବିଦ୍ୟାଳୟଗୁଡିକ ଖୋଲିଥିଲେ ମଧ୍ୟ କେଉଁଠି ଶିକ୍ଷକ ଅଭାବରୁ ତ ଆଉ କେଉଁଠି ଶ୍ରେଣୀଗୃହ ଅଭାବରୁ ପାଠପଢ଼ା ବ୍ୟାହତ ହେଉଥିବା ଘେନି ଗଣମାଧ୍ୟମରେ ବାରମ୍ବାର ସମ୍ବାଦ ପ୍ରକାଶ ପାଉଛି। ଏମିତିକି କେତେକ ସ୍ଥାନରେ କୁନି କୁନି ପିଲା, ଅଭିଭାବକ ଓ ଗ୍ରାମବାସୀମାନେ ଏ ପ୍ରସଙ୍ଗରେ ଆନ୍ଦୋଳନ ମଧ୍ୟ କରୁଛନ୍ତି। ଏସବୁ ସତ୍ତ୍ୱେ ଶିକ୍ଷକ ମରୁଡ଼ି ଉତ୍କଟ ଅବସ୍ଥାରେ ରହିଛି। ଦଶନ୍ଧି ଦଶନ୍ଧି ଧରି ଶିକ୍ଷକ ମରୁଡ଼ି ଓ ଶ୍ରେଣୀଗୃହ ସମସ୍ୟା ଲାଗି ରହିବା ଫଳରେ ପ୍ରାଥମିକ ସ୍ତରରୁ ପିଲାମାନଙ୍କ ମୂଳଦୂଆ ଦୁର୍ବଳ ହେଉଛି। ଯାହା ଫଳରେ ପ୍ରଥମରୁ ଯାଇ ଦଶମରେ ପହଞ୍ଚିଲା ବେଳକୁ ଲକ୍ଷ ଲକ୍ଷ ପିଲା ପାଠପଢ଼ା ଛାଡି ଦେଉଛନ୍ତି। ଏମିତିକି ମାଟ୍ରିକ ପରୀକ୍ଷା ଦେବା ପାଇଁ ଫର୍ମ ପୂରଣ କରିଥିବା ହଜାର ହଜାର ଛାତ୍ରଛାତ୍ରୀ ବି ପରୀକ୍ଷା ଦେଉନଥିବା ଚିନ୍ତାର ବିଷୟ ହୋଇଛି। ଏହାର ପ୍ରମୁଖ କାରଣ ଶିକ୍ଷକ ମରୁଡି ଓ ଶ୍ରେଣୀଗୃହର ଅଭାବ ବୋଲି ଶିକ୍ଷାବିତ୍‌ମାନେ କହୁଛନ୍ତି। ବିଦ୍ୟାଳୟର ଶିକ୍ଷା ଅବସ୍ଥା ଏଭଳି ସ୍ଥିତିରେ ଥିବାବେଳେ ବେଡି ଉପରେ କୋରାଡା ଭଳି ପ୍ରଥମ ରୁ ଅଷ୍ଟମଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟପୁସ୍ତକରେ ସାଂଘାତିକ ତ୍ରୁଟି ଏବର୍ଷ ଗୁରୁତର ପରିସ୍ଥିତି ସୃଷ୍ଟି କରିଛି। ବହୁ ସ୍ଥାନରେ ଶିକ୍ଷକ ଶିକ୍ଷୟିତ୍ରୀମାନେ ଜନଗଣନା, ଏସ୍ଆଇଆର ଆଦି କାମରେ ବ୍ୟସ୍ତ ରହୁଥିବାରୁ ସମସ୍ୟା ଅଧିକ ଉତ୍କଟର ହେଉଛି। ରାଜ୍ୟରେ ବିଏଡ୍, ଏମଏଡ୍, ସିଟି ତାଲିମପ୍ରାପ୍ତ ଲକ୍ଷ ଲକ୍ଷ ଯୁବକ ଯୁବତୀ ବେକାର ହୋଇ ବୁଲୁଥିବାବେଳେ ଏମାନଙ୍କୁ ଖାଲିଥିବା ଶିକ୍ଷକ ପଦବୀରେ କିନ୍ତୁ ତୁରନ୍ତ ନିଯୁକ୍ତି ଦିଆଯାଇ ପାରୁନଥିବା ଘେନି ଗୁରୁତର ଅଭିଯୋଗ ହେଉଛି। (ତଥ୍ୟ)

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଆଇନଶୃଙ୍ଖଳା ଓ ସୁରକ୍ଷାରେ...

ପୁଲିସ ମହାନିର୍ଦ୍ଦେଶକ ୱାଇବି ଖୁରାନିଆ, ଅଗ୍ନିଶମ ପୁଲିସ ମହାନିର୍ଦ୍ଦେଶକ ଡଃ ସୁଧାଂଶୁ ଷଡ଼ଙ୍ଗୀ, ପୁଲିସ ମଡର୍ଣ୍ଣାଇଜେସନ୍‌ର ଅତିରିକ୍ତ ମହାନିର୍ଦ୍ଦେଶକ ସୌମେନ୍ଦ୍ର ପ୍ରିୟଦର୍ଶୀ ପୁଲିସ ପ୍ରଶାସନର ବିଭିନ୍ନ ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଛନ୍ତି। ବୈଠକରେ ଆଇନ ଓ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର ଡିକେ ସିଂ ଉପସ୍ଥିତ ରହି ବାହୁଡ଼ା ଓ ସୁନାବେଶ ପରିଚାଳନା ସମ୍ପର୍କରେ ନିଜ ନିଜ ମତାମତ ରଖିଛନ୍ତି।

### ଏସ୍‌ସି/ଏସ୍‌ଟି ଆଇନ...

ଅଧିକ ମାମଲା ପେଣ୍ଡିଂ ଥିବା ଅନ୍ୟାନ୍ୟ ଜିଲ୍ଲାଗୁଡ଼ିକରେ ମଧ୍ୟ ଆଗାମୀ ଦିନରେ ଏହିପରି ସ୍ୱତନ୍ତ୍ର କୋର୍ଟ ଓ ସ୍ୱତନ୍ତ୍ର ସରକାରୀ ଓକିଲ ନିଯୁକ୍ତି ନେଇ ସରକାର ବିଚାର କରୁଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ 'ଅନ୍ତ୍ୟୋଦୟ' ଓ 'ସବ କା ସାଥ୍, ସବ୍ କା ବିକାଶ, ସବ୍ କା ବିଶ୍ୱାସ, ସବ୍ କା ପ୍ରୟାସ' ମନ୍ତ୍ରକୁ ପାଥେୟ କରି 'ଡବଲ୍ ଇଞ୍ଜିନ୍ ସରକାର' ସମାଜର ଶେଷ ଧାଡ଼ିରେ ଛିଡ଼ା ହୋଇଥିବା ପ୍ରତିଟି ଜନସାଧାରଣଙ୍କ ସୁରକ୍ଷା, ସଶକ୍ତିକରଣ ଓ ଆଇନଗତ ଅଧିକାର ରକ୍ଷା ପାଇଁ ସଂକଳ୍ପବଦ୍ଧ। ଜନଜାତି, ଦଳିତ ଓ ଶୋଷିତ ବର୍ଗଙ୍କୁ ଉପଯୁକ୍ତ ସାମାଜିକ ନ୍ୟାୟ ଦେବା କେବଳ ଏକ ନିଷ୍ପତ୍ତି ନୁହେଁ, ବରଂ ଏହା ଆମ ସରକାରଙ୍କର ମୂଳ ନୈତିକ ପ୍ରତିଶ୍ରୁତି। ଦୀର୍ଘ ଦଶନ୍ଧି ଧରି ପୂର୍ବତନ ଶାସନ କାଳରେ ଆଇନଗତ ପ୍ରକ୍ରିୟାରେ ହୋଇଥିବା ଶିଥିଳତା ଓ ହଜାର ହଜାର ମାମଲା ବର୍ଷ ବର୍ଷ ଧରି ବିଚାରାଧୀନ ରହିବା କାରଣରୁ ନିରୀହ ପୀଡ଼ିତମାନେ ନ୍ୟାୟରୁ ବଞ୍ଚିତ ହେଉଥିଲେ। ସେହି ଅବହେଳାର ଅନ୍ତ ଘଟାଇବାକୁ ଡବଲ୍ ଇଞ୍ଜିନ୍ ସରକାର ଉପରୋକ୍ତ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛନ୍ତି। ଏହା ସମସ୍ତଙ୍କୁ ସମ୍ମାନର ସହ କମ୍ ସମୟ ମଧ୍ୟରେ ନ୍ୟାୟ ପ୍ରଦାନ କରିପାରିବ ବୋଲି ସେ ଆଶା କରିଛନ୍ତି।

### ଓଡ଼ିଶାରେ ପଶିଲା...

ଦେଇଛନ୍ତି। ସେ କହିଛନ୍ତି ଯେ ଥଣ୍ଡା, କାଶ, ଜ୍ୱର ପରି ଏହା ଭୂତାଣୁ ସଂକ୍ରମଣରୁ ହୋଇଛି। ଅନ୍ୟ ଭାଇରସ୍ ଭଳି କୋଭିଡ ଭୂତାଣୁ ମଧ୍ୟ ସଂକ୍ରମିତ ହେଉଛି। ଏଣୁ ଏହାକୁ ନେଇ କେହି ବି ବ୍ୟସ୍ତବିବ୍ରତ ହେବାର କୌଣସି କାରଣ ନାହିଁ ବୋଲି ଡା. ମିଶ୍ର ସ୍ପଷ୍ଟ କରିଦେଇଛନ୍ତି। ସେହିପରି ଏମକେସିଜି ମେଡ଼ିକାଲ କଲେଜ ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ଡାକ୍ତର ସୁଦୀପା ଦାଶ ମଧ୍ୟ ସମାନ କଥା କହିଛନ୍ତି। ସମ୍ପୃକ୍ତ ମହିଳା ଜଣଙ୍କୁ କେବଳ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଆଇସୋଲେସନ୍‌ରେ ରଖାଯାଇଛି ବୋଲି ସେ କହିବା ସହ କୋଭିଡ ଭାରିଆଣ୍ଟ ଦୁର୍ବଳ, ତେଣୁ କୋଭିଡକୁ ନେଇ ଡରିବାର କିଛି କାରଣ ନାହିଁ ବୋଲି ଡା. ଦାଶ କହିଛନ୍ତି।

### ବିଜେଡିର 'ଚଟୁ ଆମିଷ,...

ବିକ୍ଷୋଭ ହୋଇଥିଲେ ସୁଦ୍ଧା ସେତେବେଳର ସରକାର ଜଣେ ହେଲେ ମନ୍ତ୍ରୀଙ୍କ ଇସ୍ତଫା ନେଇ ନ ଥିଲେ। ଯେଉଁଭଳି ଭାବେ ନବୀନ ପଟ୍ଟନାୟକ ଓ ବିଜେଡି କଂଗ୍ରେସ ଓ ସିଜେପିର ଦେଶବିରୋଧୀ ଓ ହିଂସାତ୍ମକ କାର୍ଯ୍ୟକଳାପକୁ ସମର୍ଥନ କରିବାକୁ ଆଗେଇ ଆସିଛନ୍ତି, ତାହା ତାଙ୍କର ନିମ୍ନ ମନୋବୃତ୍ତିର ପରିପ୍ରକାଶ କରୁଛି। ଗଣତନ୍ତ୍ରରେ ଧାରଣା ଦେବା ଓ ମତ ପ୍ରକାଶ କରିବାର ଅଧିକାର ସମସ୍ତଙ୍କର ରହିଛି। କିନ୍ତୁ ସୁରକ୍ଷା ବ୍ୟାରିକେଡ୍ ଗୋଟାଏ ପରେ ଗୋଟାଏ ଭାଙ୍ଗି ପାର୍ଲାମେଣ୍ଟ ଭିତରକୁ ଜୋରଜବରଦସ୍ତି ପଶିବାକୁ ଚେଷ୍ଟା କରିବା ଦେଶବିରୋଧୀ। ଘରେ ବସି ଏହି ହିଂସାକାଣ୍ଡକୁ ସମର୍ଥନ କରିବା ପୂର୍ବରୁ ନବୀନ ପ୍ରଥମେ ହିଂସାକାଣ୍ଡକୁ ନିନ୍ଦା କରିବା ଦରକାର ଥିଲା, ଯାହା ସେ କରିନାହାନ୍ତି ବୋଲି ବିଜେପି ସାଂସଦମାନେ କହିଛନ୍ତି। ବିଜେଡିର କିଛି ନେତା କହୁଛନ୍ତି ଯେ ଆମେ ସିଜେପିକୁ ସମର୍ଥନ କରୁନୁ, ଆନ୍ଦୋଳନକୁ ସମର୍ଥନ କରୁଛୁ। ଏହା 'ଚଟୁ ଆମିଷ, ବେଷ୍ଟ ନିରାମିଷ' ଭଳି ଦୋମୁହାଁ ନୀତି। ଏଥିରୁ ସ୍ପଷ୍ଟ ପ୍ରମାଣିତ ହେଉଛି ଯେ ବିଜେଡି ନେତାମାନଙ୍କର ସମ୍ପୂର୍ଣ୍ଣ ମତିଭ୍ରମ ଘଟିଛି। ନିଟ୍ ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍ ଅଭିଯୋଗ ନଜରକୁ ଆସିବା କ୍ଷଣି କେନ୍ଦ୍ର ସରକାର ଓ ଶିକ୍ଷା ମନ୍ତ୍ରଣାଳୟ ତୁରନ୍ତ ଦୃଢ଼ ଓ ସଂଶୋଧନାତ୍ମକ ପଦକ୍ଷେପ ଗ୍ରହଣ କରିଛନ୍ତି। ପ୍ରତ୍ୟେକ ରାଜ୍ୟ ସରକାର ଏବଂ ପ୍ରତିରକ୍ଷା ବିଭାଗର ସହଯୋଗରେ ବିମାନ ଯୋଗେ ପ୍ରଶ୍ନପତ୍ର ପଠାଯାଇ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ପୁନଃପରୀକ୍ଷା ସଫଳତାର ସହ ପରିଚାଳିତ ହୋଇଛି। ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଖାତାଦେଖା ଶେଷ ହୋଇ ରେଜଲ୍ଟ ମଧ୍ୟ ପ୍ରକାଶ ପାଇସାରିଲାଣି। ସମଗ୍ର ଦେଶରେ କମ୍ୟୁନିଷ୍ଟମାନେ ନିଜର ଜନାଦେଶ ହରାଇସାରିଛନ୍ତି। ଓଡ଼ିଶାରେ ମଧ୍ୟ ବିଜେଡି ଖୁବ୍ ଦ୍ରୁତ ଗତିରେ ନିଜର ଜନାଦେଶ ହରାଉଛି ବୋଲି ବିଜେପି ସାଂସଦମାନେ ଆକ୍ଷେପ କରିଛନ୍ତି।

### ଭିଡିଓ ଦେଖାଇ...

ଉଚିତ ନୁହେଁ ବୋଲି ସେ ପରାମର୍ଶ ଦେଇଛନ୍ତି। ମୁଖ୍ୟ ବିଚାରପତିଙ୍କ ଅଧ୍ୟକ୍ଷତାରେ ବସିଥିବା ଖଣ୍ଡପୀଠ ନିକଟରେ ଉପସ୍ଥିତ ହୋଇ ବୁଧବାର ଆଇନଜୀବୀ କହିଥିଲେ ଯେ ଛାତ୍ରଛାତ୍ରୀଙ୍କ ଉପରେ ପୁଲିସ କିଭଳି ଆକ୍ରାମକ ଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି, ତା'ର ଭିଡିଓ ଫୁଟେଜ୍ ତାଙ୍କ ନିକଟରେ ରହିଛି। ସର୍ବୋଚ୍ଚ ଅଦାଲତ ସେହି ଭିଡିଓ ଆଧାରରେ ନିଜଆଡ଼ୁ ମାମଲା ରୁଜୁକରି ବିଚାର ପ୍ରକ୍ରିୟା ଆରମ୍ଭ କରିବା ଉଚିତ ବୋଲି ସେ ଆହୁରି କହିଥିଲେ ଯେ ଜାତୀୟ ପରୀକ୍ଷଣ ସଂସ୍ଥା (ଏନଟିଏ)ରେ ସଂସ୍କାର ଆଣିବା ବାବଦରେ ପ୍ରତିବାଦ କରୁଛନ୍ତି। ଏବେ ମଧ୍ୟ ଜନ୍ତର ମନ୍ତରରେ ଛାତ୍ର ଆନ୍ଦୋଳନ ଜାରି ରହିଛି। ମାତ୍ର ପୁଲିସ୍ ଛାତ୍ରଛାତ୍ରୀଙ୍କ ଉପରେ ମାଡ଼ମାରି କ୍ରୁଦ୍ଧ କରୁଛି ବୋଲି ଆଇନଜୀବୀ ସର୍ବୋଚ୍ଚ ଅଦାଲତଙ୍କ ନିକଟରେ ପକ୍ଷ ରଖିଥିଲେ। ମାତ୍ର ମୁଖ୍ୟ ବିଚାରପତି ତାଙ୍କୁ ଏ ଦିଗରେ ଅଧିକ ଆଗକୁ ବଢ଼ିବାକୁ ନ ଦେଇ କହିଥିଲେ ଯେ ଆମର ସମୟ ନଷ୍ଟ କରନି କି ତୁମ ସମୟ ମଧ୍ୟ ନଷ୍ଟ କରନାହିଁ।

### ଚାଲିପାରୁନି ଗୃହ...

ଜେପି ନଡ୍ଡା କହିଥିଲେ ମଧ୍ୟ ବିରୋଧୀ ଦଳଙ୍କ ଉପରେ ତାହାର କୌଣସି ପ୍ରଭାବ ପଡ଼ିନାହିଁ। ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦେବା ପରେ ଯାଇ ସଂସଦରେ ଯେକୌଣସି ସୁସ୍ଥ ଆଲୋଚନା ହେବ ବୋଲି ରାଜ୍ୟସଭାରେ ବିରୋଧୀ ଦଳର ନେତା ମଲ୍ଲିକାର୍ଜ୍ଜୁନ ଖାର୍ଗେ ସ୍ପଷ୍ଟ କରିଛନ୍ତି। ସଂସଦର ନିମ୍ନ ସଦନରେ ମଧ୍ୟ କଂଗ୍ରେସ ସାଂସଦ କେସି ଭେଣୁଗୋପାଳ ପେପର ଲିକ୍ ଓ ଛାତ୍ରଛାତ୍ରୀଙ୍କ ପ୍ରତି ପୁଲିସ ଅମାନବିକତାକୁ ନେଇ ହଙ୍ଗାମା ଜାରି ରଖିଥିଲେ। ଲଗାତାର ତୃତୀୟ ଦିନ ଗୃହ ଅଚଳ ହେବାକୁ ନେଇ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ବିରୋଧୀ ଦଳକୁ ସମାଲୋଚନା କରିଥିଲେ। ବୁଧବାର ଲୋକସଭା ବାଚସ୍ପତି ଓମ୍ ବିର୍ଲା ତୃଣମୂଳ କଂଗ୍ରେସ ସାଂସଦ କଲ୍ୟାଣ ବାନାର୍ଜୀଙ୍କୁ ସଂସଦରୁ ବାକିଥିବା ମୌସୁମୀ ଅଧିବେଶନରୁ ନିଲମ୍ବିତ କରିଛନ୍ତି। ତୃଣମୂଳ ବିଦ୍ରୋହୀ ମହିଳା ସାଂସଦ ମିତାଲି ବାଗ୍, ଶତାବ୍ଦୀ ରାୟ ଓ କାକୋଲି ଘୋଷ ଦସ୍ତିଦାରଙ୍କ ପ୍ରତି ଅଶାଳୀନ ପ୍ରୟୋଗ କରିଥିବା ଅଭିଯୋଗରେ ବାଚସ୍ପତି ଏଭଳି ପଦକ୍ଷେପ ନେଇଛନ୍ତି।

### ପ୍ରତ୍ୟେକ ଶିଶୁର...

ଏହି ଅବସରରେ ସେ ସମଗ୍ର ଶିକ୍ଷା, ପିଏମ ଶ୍ରୀ, ନିପୁଣ ଭାରତ, ପିଏମ ପୋଷଣ ଓ ଉଲ୍ଲାସ ଭଳି ପଦକ୍ଷେପଗୁଡ଼ିକ ମାଧ୍ୟମରେ ବିଦ୍ୟାଳୟ ଶିକ୍ଷାରେ ହୋଇଥିବା ଅଗ୍ରଗତି ବିଷୟରେ ଆଲୋକପାତ କରିଥିଲେ। 'ବିକଶିତ ଭାରତ ୨୦୪୭'ର ଲକ୍ଷ୍ୟ ହାସଲ ଦିଗରେ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନକୁ ମଜବୁତ କରିବା, ଶିକ୍ଷକଙ୍କୁ ସଶକ୍ତ କରିବା, ପ୍ରଯୁକ୍ତିବିଦ୍ୟା ଓ ଏଆଇର ବ୍ୟବହାର କରିବା, ନୂତନତାକୁ ପ୍ରୋତ୍ସାହିତ କରିବା ଓ ପ୍ରତ୍ୟେକ ଶିକ୍ଷାର୍ଥୀର ସର୍ବାଙ୍ଗୀନ ବିକାଶ ନିଶ୍ଚିତ କରିବା ପାଇଁ ଏକଜୁଟ କାର୍ଯ୍ୟ କରିବାକୁ ସେ ଆହ୍ୱାନ ଜଣାଇଛନ୍ତି।

### ଭୁଲିଗଲେ କି...

ଦେଶକୁ ମିଳିଲା ସିବିଏସଇ ଏଥର ଅସ୍ୱୀକାର କରିଥିଲେ ମଧ୍ୟ ବହୁ ସଂଖ୍ୟାରେ ଅଭିଭାବକ ଏହା ବିରୋଧରେ ରାସ୍ତାକୁ ଓହ୍ଲାଇଥିଲେ। ୨୦୦୭ରେ ଲିକ୍ ହୋଇଥିଲା ଅନ୍ୟତମ ପ୍ରତିଯୋଗିତାମୂଳକ ଇଞ୍ଜିନିୟରିଂ ପ୍ରବେଶିକା ପରୀକ୍ଷା ଆଇଆଇଟିଜେଇଇର ପ୍ରଶ୍ନପତ୍ର। ୨୦୦୮ରେ ଡାକ୍ତରୀ ମେଡ଼ିକାଲ ପାଇଁ ହୋଇଥିବା ସର୍ବଭାରତୀୟ ପ୍ରି-ମେଡିକାଲ ଟେଷ୍ଟ (ପିଏମଟି) ପ୍ରଶ୍ନପତ୍ର ଲିକ ହୋଇଥିଲା। ୨୦୧୧ରେ ପୁଣିଥରେ ଏଆଇଟ୍ରିପଲଇ ପରୀକ୍ଷା ପ୍ରଶ୍ନପତ୍ର ଲିକ ହେଲା। ଉତ୍ତରପ୍ରଦେଶର ଲକ୍ଷ୍ନୌରୁ ଏହି ପ୍ରଶ୍ନପତ୍ର ଲିକ୍ ହୋଇଥିଲା ବେଳେ ସେ ସମୟରେ ଉତ୍ତର ପ୍ରଦେଶର ମୁଖ୍ୟମନ୍ତ୍ରୀ ଥିଲେ ସୁଶ୍ରୀ ମାୟାବତୀ। ଏହି ଲିକ ଫଳରେ ୧୧ ଲକ୍ଷ ପରୀକ୍ଷାର୍ଥୀ କ୍ଷତିଗ୍ରସ୍ତ ହୋଇଥିଲେ। ୨୦୧୨ରେ ଏସ୍‌ସି ସର୍ବଭାରତୀୟ ପରୀକ୍ଷାର ପ୍ରଶ୍ନପତ୍ର ଲିକ୍ ହୋଇଥିଲା। ଦିଲ୍ଲୀରୁ ଏହି ପ୍ରଶ୍ନପତ୍ର ଲିକ ହୋଇଥିବା ବେଳେ ସେ ସମୟରେ ପ୍ରଧାନମନ୍ତ୍ରୀ ଥିଲେ ସ୍ୱର୍ଗତ ମନମୋହନ ସିଂ ଓ ମୁଖ୍ୟମନ୍ତ୍ରୀ ଥିଲେ ଶୀଲା ଦୀକ୍ଷିତ। ସାରା ଦେଶର ଛାତ୍ରଛାତ୍ରୀ ଏଥିଦ୍ୱାରା ପ୍ରଭାବିତ ହୋଇଥିଲେ। ୨୦୧୩ରେ ମହାରାଷ୍ଟ୍ର ଉଚ୍ଚ ମାଧ୍ୟମିକ ପରୀକ୍ଷା ପ୍ରଶ୍ନପତ୍ର ଲିକ ହୋଇଥିଲା। ମହାରାଷ୍ଟ୍ରରେ କଂଗ୍ରେସ ଓ ଏନସିପି ମେଣ୍ଟ ସରକାରର ମୁଖ୍ୟମନ୍ତ୍ରୀ ଥିଲେ ପୃଥ୍ୱୀରାଜ ଚୌହାନ। ୨୦୧୪ରେ ରାଜସ୍ଥାନ ପ୍ରଶାସନିକ ସେବା ପ୍ରିଲିମ୍ସ ଓ ରାଜସ୍ଥାନ ବିଶ୍ୱବିଦ୍ୟାଳୟ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ହେଲା। ସେ ସମୟରେ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଥିଲେ କଂଗ୍ରେସର ଅଶୋକ ଗେହଲଟ। ଏହିଠି ଯୁପିଏର ୧୦ ବର୍ଷ ଶାସନ କାଳରେ ମାମଲାକୁ ଯଦି ଦେଖାଯିବ ତେବେ ସେ ସମୟରେ ବିରୋଧୀ ଆଇନକୁ ହାତକୁ ନେଇ ନ ଥିଲେ କି ଛାତ୍ରଛାତ୍ରୀଙ୍କୁ ରାଜନୀତିର ମୋହରା କରି ନ ଥିଲେ ବୋଲି ରାଜନୈତିକ ସମୀକ୍ଷକ କହୁଛନ୍ତି।

### ରାହୁଲ-ନବୀନ...

ଏବଂ ନିଜକୁ 'କଂଗ୍ରେସବିରୋଧୀ' ବୋଲି ଡିଣ୍ଡିମ ପିଟୁଥିଲେ, ଆଜି ସେମାନଙ୍କର ପ୍ରକୃତ ମୁଖା ଖୋଲିଯାଇଛି। ନିଜ ଦୀର୍ଘ ଶାସନ କାଳରେ ବାରମ୍ବାର ପରୀକ୍ଷା ପ୍ରଶ୍ନପତ୍ର ଲିକ୍, ୨୦୧୮ ଓ ୨୦୨୨ର ମାଟ୍ରିକ ପରୀକ୍ଷା ସମେତ ବିଭିନ୍ନ ନିଯୁକ୍ତି ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍ ଓ ବ୍ୟାପକ ଦୁର୍ନୀତି କରିଥିବା ବିଜେଡି ସରକାର କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରିବା ଏକ ଅଦ୍ଭୁତ ହାସ୍ୟାସ୍ପଦ ବିଷୟ। ଆମେ କଂଗ୍ରେସ ସହ ଯାଉନାହୁଁ ବୋଲି କହୁଥିବା ବିଜେଡି ତାଙ୍କ ଆନ୍ଦୋଳନକୁ ସମର୍ଥନ କରୁଛୁ ବୋଲି କହିବା ନିହାତି ଏକ ଦୋମୁହାଁ ନୀତି। 'ଲୁଚିକି ନା ଗୋଡ଼ ଦିଶୁଛି' ନ୍ୟାୟରେ ବିଜେଡି କଥା ନବୀନବାବୁ ଆଜି ରାହୁଲ ଗାନ୍ଧୀଙ୍କ ଆଗରେ ଆତ୍ମସମର୍ପଣ କରୁଛନ୍ତି। ସେ କଂଗ୍ରେସ ସହ ନା ଓଡ଼ିଶାର ରାଜ୍ୟବାସୀଙ୍କ ସହ ଅଛନ୍ତି? ଏହି ଦୋମୁହାଁ ରାଜନୀତି ବିରୋଧରେ ଆଜି ବିଜେପି ରାଜରାସ୍ତାକୁ ଓହ୍ଲାଇଛି। ଯେଉଁମାନେ ଅତୀତରେ ଯୁବକମାନଙ୍କ ଉପରେ ଆକ୍ରମଣ କରିଥିଲେ, ସେମାନଙ୍କ ସହ ଏକାଠି ହୋଇ ନବୀନବାବୁ ଯେଭଳି ମଞ୍ଚ ଦେଉଛନ୍ତି, ତାହା ଦୁର୍ଭାଗ୍ୟପୂର୍ଣ୍ଣ ଓ ଚିନ୍ତାଜନକ।

# ଟ୍ରେଜେରୀ ଅଡିଟ୍ ଖୋଲିଦେଲା କିରାଣୀଙ୍କ ଗୁମର

## ୩୧ ଲକ୍ଷରୁ ଊର୍ଦ୍ଧ୍ୱ ସରକାରୀ ଅର୍ଥ ଚଳୁ / ଥାନାରେ ଅଭିଯୋଗ କଲେ ବ୍ଲକ ଶିକ୍ଷାଧିକାରୀ




ବାଲିଆପାଳ, ୨୨।୭ (ସଂଚାର ବ୍ୟୁରୋ): ବାଲିଆପାଳ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଲକ୍ଷାଧିକ ଟଙ୍କାର ମହାଘୋଟାଲା ହୋଇଥିବା ନେଇ ଜଣାପଡ଼ିଛି। ଘଟଣା ସମ୍ପର୍କରେ ବିଇଓ ସୋମା ରାଣୀ ସେଠି ବାଲିଆପାଳ ଥାନାରେ ଲିଖିତ ଅଭିଯୋଗ କରିବା ସହିତ ଜିଲାପାଳଙ୍କୁ ଜଣାଇଛନ୍ତି।

ସୂଚନାରୁ ପ୍ରକାଶ ବାଲିଆପାଳ ବିଇଓ ଅଫିସରେ ଦୀର୍ଘ ପାଞ୍ଚ ବର୍ଷ ଧରି କାର୍ଯ୍ୟରତ କିରାଣୀ ଦେବଦ୍ୟୁତି ନନ୍ଦ ନିଜ ସ୍ତ୍ରୀ ତନୁଜା ବିଶ୍ୱାଳ ସମେତ ଅନ୍ୟ କିଛି ଆକାଉଣ୍ଟକୁ ଜାଲ ଟ୍ରେଜେରୀ ଚାଲାଣ କରି ବର୍ଷ ବର୍ଷ ଧରି ଲକ୍ଷାଧିକ ଟଙ୍କା ହଡ଼ପ କରିଆସୁଥିଲେ। ତେବେ ନିକଟରେ ଟ୍ରେଜେରୀରେ ହୋଇଥିବା ଅଡିଟ ଏହି ଦୁର୍ନୀତିଖୋର କିରାଣୀଙ୍କ ମୁଖା ଖୋଲିଦେଇଛି। ହଜାରେ କି ଦୁଇ ହଜାର ନୁହଁ ପ୍ରାୟ ୩୧ଲକ୍ଷ ଟଙ୍କାକୁ ଚଞ୍ଚକତା କରି କୁବେର ହୋଇଛନ୍ତି ଏହି କିରାଣୀ ଜଣକ। ବ୍ଲକ ଶିକ୍ଷାଧିକାରୀ ମାନଙ୍କ ଆଖିରେ ଧୂଳିଦେଇ ନିଜ ସ୍ତ୍ରୀ ଏବଂ କିଛି ସମର୍କୀୟଙ୍କ ଆକାଉଣ୍ଟକୁ ଏହିସବୁ ଟଙ୍କା ଟ୍ରାନ୍ସଫର କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଏପରିକି ନିଜର ସ୍ତ୍ରୀକୁ ଜାଲ କାଗଜପତ୍ରରେ ସରକାରୀ ଚାକିରିଆ ଭାବେ ଦର୍ଶାଇଥିବା ଜଣାଯାଇଛି।

୨୦୨୦ ମସିହାରୁ ବିଇଓ କାର୍ଯ୍ୟାଳୟରେ କାର୍ଯ୍ୟ କରିଆସୁଥିବା ବେଳେ ନିକଟରେ ଏହି ବ୍ଲକ ପଦ୍ମଲୋଚନ ସରକାରୀ ଉଚ୍ଚ ବିଦ୍ୟାଳୟ ଜଗାଇକୁ ବଦଳି କରାଯାଇଛି। ଏହି ଘଟଣା ଜଣାପଡ଼ିବା ପରେ କିରିଣୀ ନନ୍ଦ ତାଙ୍କ ପରିବାର ସହ ଫେରାର ହୋଇଯାଇଥିବା ଜଣାଯାଇଛି। ତେବେ ଏ ସମ୍ପର୍କରେ ବ୍ଲକ ଶିକ୍ଷାଧି କାରିଣୀ ସୋମାରାଣୀ ସେଠୀ ଥାନାରେ ଲିଖିତ ଅଭିଯୋଗ କରାଯିବା ସହିତ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

ତେବେ ବର୍ଷ ବର୍ଷ ଧରି ଚାଲିଥିବା ଏହି ହରିଲୁଟ୍ ପଛରେ ଅନ୍ୟ କାହାର ହାତ ରହିଛି ତାହାର ଉଚ୍ଚ ସ୍ତରୀୟ ତଦନ୍ତ କରିବା ସହ ତୁରନ୍ତ ଦୋଷୀମାନଙ୍କୁ ବିରୋଧରେ ଆଇନ ଗତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି।

### ଜିଦ୍ ଥିଲେ ସଫଳତା ନିଶ୍ଚିତ

## ନିଟ୍‌ରେ ରାମଦୂତଙ୍କ ବାଜିମାତ୍



କାକଟପୁର/ଅସ୍ତରଙ୍ଗ,୨୨।୭ (ସଂଚାର ବ୍ୟୁରୋ): ଲୋକେ କହୁଥିଲେ - "ଚାଷୀ ପୁଅ ଡାକ୍ତର ହେବନି"। କିନ୍ତୁ ସେ ପ୍ରମାଣ କଲେ - ଜିଦ୍ ଥିଲେ ସବୁ ସମ୍ଭବ। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ କଣ୍ଟାବାଉଁଶ ଗ୍ରାମର ରାମଦୂତ ସୂର୍ଯ୍ୟଶିଷ ପ୍ରଧାନ ନିଟ୍ ୨୦୨୬ରେ ସର୍ବଭାରତୀୟ ସ୍ତରରେ ୫୧୦୭ ରାଙ୍କ ଓ ୫୯୭ ମାର୍କ ହାସଲ କରି ଯୁବ ପିଢିଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି।

ରାମଦୂତଙ୍କ କାହାଣୀ ସାଧାରଣ ନୁହେଁ। ପ୍ରଥମ ଥର ନିଟ୍‌ରେ ସେ ସଫଳ ହୋଇପାରିନଥିଲେ। ଅନେକ କହିଲେ "ଛାଡିଦେ"। କିନ୍ତୁ ସେ ଛାଡିଲେ ନାହିଁ। ବିଫଳତା ଶେଷ ନୁହେଁ, ଏହା ଆରମ୍ଭ" - ଏହି ମନ୍ତ୍ର ଧରି ସେ ଦ୍ୱିତୀୟ ଥର ଲଢେଇ ଆରମ୍ଭ କଲେ। ଭୁବନେଶ୍ୱରରେ ରହି ସେ ଦୈନିକ ୧୮ ଘଣ୍ଟା ପଢିଲେ। ମୋବାଇଲ, ସୋସିଆଲ ମିଡିଆ, ବନ୍ଧୁଙ୍କ ସହ ଆଡ୍ଡା - ସବୁ ଛାଡିଦେଲେ। ଲକ୍ଷ୍ୟ ଗୋଟିଏ - ଡାକ୍ତର ହେବି। ଶେଷରେ ପରିଶ୍ରମ ରଙ୍ଗ ଆଣିଲା।

ରାମଦୂତଙ୍କ ପିତା ପୁଷ୍ପକ ପ୍ରଧାନ ଜଣେ ଚାଷୀ ଏବଂ ମାତା ସନ୍ଧ୍ୟା ରାଣୀ ସ୍ୱାଇଁ ଶିକ୍ଷୟିତ୍ରୀ। କୋଣାର୍କ ନବୋଦୟ ଓ ଭଗବତୀ ବିଦ୍ୟାପୀଠରୁ ପାଠ ପଢିଥିବା ରାମଦୂତ କୁହନ୍ତି, "ମୁଁ ଡାକ୍ତର ହୋଇ ଗାଁକୁ ଫେରିବି। ଗରିବ ଲୋକଙ୍କ ସେବା କରିବି। ଟଙ୍କା ପାଇଁ ନୁହେଁ, ମାନବ ସେବା ପାଇଁ ଡାକ୍ତର ହେବି। "ତାଙ୍କର ଏହି ସଫଳତା ଆଜି ଅସ୍ତରଙ୍ଗ ବ୍ଲକର ହଜାର ହଜାର ଯୁବକ-ଯୁବତୀଙ୍କୁ ନୂଆ ଶକ୍ତି ଦେଉଛି।

## ନିଟ୍ ପରୀକ୍ଷାରେ ଦେବ ଇଣ୍ଟରନ୍ୟାସନାଲ ସ୍କୁଲର ୫୦ ପ୍ରତିଶତ ସଫଳତା



ଯାଜପୁର ରୋଡ୍, ୨୨।୭ (ସଂଚାର ବ୍ୟୁରୋ): ଯାଜପୁର ଜିଲ୍ଲାର ଗର୍ବ ଓ ଗୌରବର ଶିକ୍ଷାନୁଷ୍ଠାନ କୁସୁନ୍ଦପୁର ସ୍ଥିତ ଦେବାଂଶ ଗ୍ରୁପର ଦେବ ଇଂଟରନେସନାଲ ସ୍କୁଲର ଛାତ୍ର ଛାତ୍ରୀ ମାନେ ଚଳିତ ବର୍ଷ ନିଟ ପ୍ରବେଶିକା ପରୀକ୍ଷାରେ ସଫଳତା ଅର୍ଜନ କରିଥିବା ଦେଖିବାକୁ ମିଳିଛି। ଚଳିତ ବର୍ଷ ୬୦ଜଣ ଛାତ୍ର ଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୩୦ଜଣ ସଫଳତା ଅର୍ଜନ କରିଥିବା ବେଳେ ସତ୍ୟବ୍ରତ ଜେନା ୬୩୩ନମ୍ବର ରଖି ଟପର ହୋଇଥିବା ଚେୟାରମ୍ୟାନ ବୃନ୍ଦଦେବ ରାଉତ ସୂଚନା ଦେଇଥିଲେ। ସମସ୍ତ କୃତି ଛାତ୍ର ଛାତ୍ରୀଙ୍କ ସହ ତାଙ୍କ ଅଭିଭାବକ ମାନଙ୍କୁ ଆଜି ଶିକ୍ଷାନୁଷ୍ଠାନ ତରଫରୁ ଏକ ବର୍ଣ୍ଣାଢ୍ୟ ପରିବେଶରେ ପୁଷ୍ପଗୁଚ୍ଛ,ଉତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧନା କରାଯାଇଥିଲା। ଛାତ୍ର ଛାତ୍ରୀଙ୍କ ଅକ୍ଲାନ୍ତ ପରିଶ୍ରମ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଉନ୍ନତ ମାନର ଶିକ୍ଷାଦାନର ପ୍ରଣାଳୀ ପାଇଁ ଆଜି ଛାତ୍ର ଛାତ୍ରୀ ମାନେ ସ୍କୁଲ ପାଇଁ ଗୌରବ ଆଣିଥିବା ପ୍ରଶାସନିକ ଅଧିକାରୀ ନିର୍ମଳ କୁମାର ରଣା କହିଥିଲେ। ଆଜିର ଏହି ସମ୍ବର୍ଦ୍ଧନା ଉତ୍ସବରେ ଚେୟାରମ୍ୟାନ, ପ୍ରଶାସନିକ ଅଧିକାରୀଙ୍କ ସମେତ ଉପାଧ୍ୟକ୍ଷ ଆର ଏନ ରୟତ ସିଂ, ଏକାଡେମୀକ କୋଅଡିନେଟର ସୋନିଆ ଦେବି,ସିସିଏ ମୁଖ୍ୟ ବଲବୀର ସିଂ ଓ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଓ କର୍ମଚାରୀ ମାନେ ଉପସ୍ଥିତ ରହି ଛାତ୍ର ଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇବା ଶହ ଉଜ୍ଜଳ ଭବିଷ୍ୟତ ପାଇଁ ଶୁଭକାମନା ଜଣାଇଥିଲେ।

## ପୌର ପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ସଫେଇ କର୍ମଚାରୀ ସଂଘର ବିକ୍ଷୋଭ



ଯାଜପୁର ରୋଡ୍, ୨୨।୭ (ସଂଚାର ବ୍ୟୁରୋ): ମୁନସିପାଲଟି ସଫେଇ କର୍ମଚାରୀ ସଂଘ ପକ୍ଷରୁ ଆଜି ସକାଳ ସମୟରେ ସଂଘ ସଭାପତି ପ୍ରଫୁଲ୍ଲ ନାୟକଙ୍କ ସଭାପତିତ୍ୱରେ ବ୍ୟାସନଗର ପୌରପରିଷଦ କାର୍ଯ୍ୟାଳୟ ଫାଟକ ସମ୍ମୁଖରେ ସଫେଇ କର୍ମଚାରୀମାନେ ଦିର୍ଘ ସମୟ ଧରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ୯୦ ଜଣ ସଫେଇ କର୍ମଚାରୀଙ୍କ ଅନ୍ୟାୟ ଛଟେଇର ପ୍ରତିବାଦ, ପୁନଃନିଯୁକ୍ତି, ନ୍ୟାୟଗତ ପ୍ରାପ୍ୟ ଦାବି ଏବଂ ୮ ଦଫା ଦାବି ସମ୍ବନ୍ଧରେ ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା।

ଗତ ମଇ ମାସ ୧୩ ତାରିଖ ଦିନ କୌଣସି କାରଣ ନଥାଇ ବିନର ନୋଟିସ୍‌ରେ ୯୦ଜଣ ସଫେଇ କର୍ମଚାରୀଙ୍କୁ ଅନ୍ୟାୟ ଭାବେ ଛଟେଇ କରାଯାଇଥିଲା ଏହି ସମୟ ମଧ୍ୟରେ ପୁରୁଣା ଠିକାଦାର ପରିବର୍ତ୍ତନ ହୋଇ ଜୁଲାଇ ୧ରୁ ନୂତନ ଠିକାଦାର ନିରାକାର ଏଜେନ୍ସି କାମ କରୁଛି। ଏଣୁ ଛଟେଇ କରାଯାଇଥିବା ୯୦ ଜଣ ସଫେଇ କର୍ମଚାରୀଙ୍କୁ ତୁରନ୍ତ ପୁନଃନିଯୁକ୍ତି ଦିଆଯାଉ, ସଫେଇ କର୍ମଚାରୀମାନେ ଅର୍ଦ୍ଧକୁଶଳୀରେ ଯାଉଥିବାରୁ ସେମାନଙ୍କୁ ଅର୍ଦ୍ଧକୁଶଳୀର ଦରମା ପ୍ରଦାନ କରାଯାଉ, ଜାତୀୟ ଛୁଟି ଦିବସରେ ସଫେଇ କର୍ମଚାରୀଙ୍କ ଦରମାକୁ ଦ୍ୱିଗୁଣିତ କରାଯାଉ, କାମ କରୁଥିବାବେଳେ ଯେଉଁମାନେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି ସେମାନଙ୍କ ପାଇଁ ତୁରନ୍ତ ପ୍ରତିକାର ବ୍ୟବସ୍ଥା, ସମସ୍ତ ସଫେଇ କର୍ମଚାରୀମାନଙ୍କୁ ଚିହ୍ନଟ କରାଯାଇ ବାସଗୃହ ଯୋଗାଇବା, ବର୍ଷାଦିନେ ରେନ୍ କୋର୍ଟ କିମ୍ବା ରେନ୍ କୋର୍ଟ ବାବଦରେ ଆର୍ଥିକ ସହାୟତା, ସମସ୍ତ ସଫେଇ କର୍ମଚାରୀଙ୍କୁ ବର୍ଷରେ ଥରେ ସ୍ୱାୟତ୍ ଶାସନ ଦିବସରେ ବୋନସ୍ ପ୍ରଦାନ ସହ ସମସ୍ତ ସଫେଇ କର୍ମଚାରୀଙ୍କୁ ସୁରକ୍ଷା ସାମଗ୍ରୀ ପ୍ରଦାନ କରାଯାଉ ଭଳି ଦାବି ଆଧାରରେ ସଫେଇ କର୍ମଚାରୀ ମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏହି ଦାବି ପୂରଣ ଯଦି ନହୁଏ ତାହେଲେ ଏପରି ବିକ୍ଷୋଭ ପ୍ରଦର୍ଶନ ଜାରି ରହିବ ବୋଲି ସଂଘ ସଭାପତି ଶ୍ରୀ ନାୟକ ଚେତାବନୀ ଦେଇଥିଲେ।

## ବିଦ୍ୟୁତ ବିଭାଗର କର୍ମଚାରୀଙ୍କୁ ବନ୍ଧୁକ ଦେଖାଇ ମାରିଦେବାକୁ ଧମକ, ଅଭିଯୁକ୍ତ ଗିରଫ



ମାଲକାନଗିରି, ୨୨।୭ (ସଂଚାର ବ୍ୟୁରୋ): ବିଦ୍ୟୁତ୍ ବିଲ୍ ସଂଗ୍ରହକୁ ନେଇ ଦିନିକୁ ଦିନ ବିଭିନ୍ନ ଜାଗାରେ ହିଂସକ ମାମଲା ଦେଖା ଦେଉଥିବା ବେଳେ ଏହି ଭଳି ଏକ ଘଟଣା ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲାରେ ମାତ୍ର ୧୪୦ ଟଙ୍କାର ମାସିକ ବିଦ୍ୟୁତ ବିଲ୍ ପୈଠକୁ କେନ୍ଦ୍ର କରି ଏକ ଅଭାବନୀୟ କାଣ୍ଡ ଘଟିଯାଇଛି। ନୀଳିମାରିଗୁଡ଼ା ଗ୍ରାମରେ ଜଣେ ଗ୍ରାହକ ବିଦ୍ୟୁତ ବିଭାଗର କର୍ମଚାରୀ ଦୀପକ ବିଶ୍ୱାସଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ, ମାସିକ ବିଦ୍ୟୁତ ବିଲ୍ ୧୪୦ ଟଙ୍କାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଗ୍ରାହକ ଜଣକ ପ୍ରଥମେ ଏକ ଧାରୁଆ ଅସ୍ତ୍ରରେ ଦୀପକଙ୍କୁ ଆକ୍ରମଣ କରିବାକୁ ଚେଷ୍ଟା କରିଥିଲେ। ଏତିକିରେ ମନ ବୁଝିନଥିଲା ଯେ, ସେ ନିଜ ଘରୁ ଏକ ବନ୍ଧୁକ ଆଣି ଗୁଳି ଚଳାଇବାକୁ ମଧ୍ୟ ଉଦ୍ୟମ କରିଥିଲେ। ଏହି ଘଟଣା ପରେ ମାଲକାନଗିରି ଟାଉନ ଥାନାରେ ବିଭାଗୀୟ ଅଧିକାରୀଙ୍କ ପକ୍ଷରୁ ଏକ ଏଫଆଇଆର ଦାୟର କରାଯାଇଥିଲା। ଅଭିଯୋଗ ପାଇବା ମାତ୍ରେ ଥାନା ଆଇଆଇସି ତୁରନ୍ତ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ। ପୁଲିସ ଅଭିଯୁକ୍ତଙ୍କ ଘରେ ଚଢ଼ାଉ କରି ଏକରୁ ଅଧିକ ବନ୍ଧୁକ ସମେତ ଅନ୍ୟାନ୍ୟ ବନ୍ଧୁକ ତିଆରି ସାମଗ୍ରି ସମେତ ଧାରୁଆ ଅସ୍ତ୍ରଶସ୍ତ୍ର ଜବତ କରିଛି।

## ଟାଙ୍ଗରମୁଣ୍ଡା ବୁଲାଣି ନିକଟରେ ରାସ୍ତା ଧସି ବିପଦଜନକ ସ୍ଥିତି

### ତୁରନ୍ତ ମରାମତି ପାଇଁ ଦାବି



ସୁନ୍ଦରଗଡ଼, ୨୨।୭ (ସଂଚାର ବ୍ୟୁରୋ): ସୁନ୍ଦରଗଡ଼ ଜିଲ୍ଲା ଟାଙ୍ଗରପାଲି ବ୍ଲକ ଅନ୍ତର୍ଗତ ଟାଙ୍ଗରମୁଣ୍ଡା ବୁଲାଣି ନିକଟରେ ଲଗାଣ ବର୍ଷା ଯୋଗୁଁ ରାସ୍ତା ପାର୍ଶ୍ୱ ଧସି ଗଭୀର ଗାତ ସୃଷ୍ଟି ହୋଇଥିବାରୁ ଯାତାୟାତ ବିପଦଜନକ ହୋଇପଡ଼ିଛି। ପ୍ରତିଦିନ ଶତାଧିକ ଲୋକ ଓ ଯାନବାହନ ଏହି ରାସ୍ତା ଦେଇ ଯାତାୟାତ କରୁଥିବାରୁ ଯେକୌଣସି ସମୟରେ ବଡ଼ ଧରଣର ଦୁର୍ଘଟଣା ଘଟିବା ସହ ଅନେକ ଜୀବନ ଓ ଜୀବିକା ଅନ୍ଧକାରକୁ ଠେଲି ହୋଇଯିବାର ଆଶଙ୍କା ରହିଛି।

ଏହି ପ୍ରସଙ୍ଗରେ ଜଣେ ସଚେତନ ଯୁବକ ଚନ୍ଦ୍ରଭାନୁ ଜୁରା ସମ୍ପୃକ୍ତ ବିଭାଗଙ୍କୁ ତୁରନ୍ତ ଘଟଣାସ୍ଥଳ ପରିଦର୍ଶନ କରି ରାସ୍ତାର ମରାମତି କାର୍ଯ୍ୟ ଆରମ୍ଭ କରିବା ସହ ସେପର୍ଯ୍ୟନ୍ତ ସତର୍କ ସୂଚନା ବୋର୍ଡ ଓ ବ୍ୟାରିକେଡ୍ ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି। ଲୋକଙ୍କ ସୁରକ୍ଷାକୁ ସର୍ବାଧିକ ପ୍ରାଥମିକତା ଦେଇ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ସେ ଆହ୍ୱାନ ଜଣାଇଛନ୍ତି।

## ଲଗାଣ ବର୍ଷାରେ କେନାଲ ବୁଡ଼ି ଚାଷ ଜମିକୁ ମାଡ଼ିଗଲା ପାଣି

### ଚିନ୍ତାରେ ଚାଷୀ



ନୀଳଗିରି, ୨୨।୭ (ସଂଚାର ବ୍ୟୁରୋ): କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନାରେ ନିର୍ମାଣାଧୀନ ସାଳନ୍ଦୀ କେନାଲ ଚାଷୀଙ୍କ ହିତ ଦୃଷ୍ଟିରେ କରାଯାଉଥିବା ବେଳେ ଦୀର୍ଘ ବର୍ଷ ଧରି କଚ୍ଛପ ଗତିରେ କାମ କରାଯାଉଥିବାରୁ ତାହା ସମ୍ପୂର୍ଣ ହୋଇନାହିଁ । ଫଳରେ ଚାଷୀମାନଙ୍କ ପାଇଁ ଘାତକ ସାଜିଛି। ଲଗାଣ ବର୍ଷାଯୋଗୁଁ କେନାଲରେ ପାଣି ତଳକୁ ନିଷ୍କାସନ ହୋଇ ନପାରି ବହୁ ସ୍ଥାନରେ ପାଣି ଚାଷ ଜମିକୁ ମାଡ଼ିଯାଉଥିବାରୁ ଚାଷୀମାନେ ପକାଇଥିବା ଧାନ ତଳି ଓ ରୁଆଯାଇଥିବା ଧାନ ଗଛ ସବୁ ନଷ୍ଟ ହେବାକୁ ବସିଲାଣି । ଚାଷର ଅବସ୍ଥା ଦେଖି ଚାଷୀମାନେ ମୁଣ୍ଡରେ ହାତଦେଇ ବସିଲେଣି।

ଏଭଳି ଅଭାବନୀୟ ଘଟଣା ନୀଳଗିରି ବିଜ୍ଞାପିତ ଅଞ୍ଚଳର ୫ନମ୍ବର ୱାଡ଼ ବରୀସାହି ଠାରେ ଦେଖିବାକୁ ମିଳିଛି । କେନାଲ ବୁଡ଼ିଯାଇ ପାଣି ବାହାରକୁ ମେଡ଼ିଯାଇଥିବାରୁ ବହୁ ଚାଷ ଜମି ନଷ୍ଟ ହୋଇ ଯାଇଛି । ବର୍ଷାଋତୁ ପୂର୍ବରୁ ଚାଷୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ପାଣିନିଷ୍କାସନର ବ୍ୟବସ୍ଥା ନ କରି ଠିକାଦାର ଚାଷୀମାରଣ ନୀତି ଆପଣେଇ ଥିବାର କୁହାଯାଉଛି । ଠିକାଦାରଙ୍କ ମନମାନିରେ କେନାଲ କାର୍ଯ୍ୟ ଚାଲୁଥିବାରୁ କେନାଲକୁ ଲାଗି ହେକ୍ଟର ହେକ୍ଟର ଚାଷ ଜମି ନଷ୍ଟ ହେବାକୁ ବସିଛି। ଆହୁରି ଦୁଇଦିନ ଧରି ଲଗାଣ ବର୍ଷା ହେବାର ସମ୍ଭାବନା ଥିବାବେଳେ ଚାଷୀମାନେ ନିଜ ନିଜ ଜମିରେ ଚାଷର ସୁରକ୍ଷା ପାଇଁ ଜଗିରହୁଥିବାର ଦେଖିବାକୁ ମିଳିଛି।

ଏଥିପ୍ରତି ଉପଜିଲ୍ଲାପାଳ ନୀଳଗିରି, ବିଧାୟକ ନୀଳଗିରି ଓ ସାଂସଦ ବାଲେଶ୍ୱର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ଲଗାଣ ବର୍ଷାରେ ଏକତାନଗର ଜଳମଗ୍ନ



ସୁନ୍ଦରଗଡ଼, ୨୨।୭ (ସଂଚାର ବ୍ୟୁରୋ): ସୁନ୍ଦରଗଡ଼ ପୌରାଞ୍ଚଳର ୱାର୍ଡ ନଂ ୧୫ ଡେଙ୍ଗିଭାଡ଼ିର ତଳି ଅଞ୍ଚଳ ଏକତାନଗର ଗତକାଲିର ଲଗାଣ ବର୍ଷା ଯୋଗୁଁ ଏକ ପ୍ରକାର ଜଳମଗ୍ନ। ଏହି କଲୋନୀର ରାସ୍ତା ଓ ଡ୍ରେନ ନିର୍ମାଣ ପାଇଁ ଅନେକ ଥର ପୌରପାଳିକାରେ ଅଭିଯୋଗ କରିବା ସହ ଜିଲ୍ଲାପାଳଙ୍କୁ ଭେଟି ନିଜର ଦୁଃଖ ବଖାଣିଥିଲେ। କିନ୍ତୁ କେହି ଶୁଣିଲେ ନାହିଁ। ବର୍ତ୍ତମାନ ବର୍ଷା ଋତୁରେ ଏହି କଲୋନୀର ଦୁର୍ଦ୍ଦଶା କହିଲେ ନ ସରେ। ଆଣ୍ଠୁଏ ପାଣିରେ ଯିବା ଆସିବାକୁ ପଡୁଛି। ତୁରନ୍ତ ଏହାର ସମାଧାନ କରିବାକୁ ଏକତାନଗର କଲୋନୀବାସୀ ଅନୁରୋଧ କରିଛନ୍ତି।

## ବିପର୍ଯ୍ୟୟ ପରିଚାଳନା ତାଲିମ କାର୍ଯ୍ୟକ୍ରମ ଉଦ୍‌ଯାପିତ




ବେତନଟୀ, ୨୨।୭ (ସଂଚାର ବ୍ୟୁରୋ): ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଙ୍କ ସହାୟତା ରେ ଆୟୋଜିତ ସାତ ଦିନିଆ ଆଶ୍ରୟ ସ୍ଥଳୀ ନ ଥିବା ୪ଟି ଗ୍ରାମର ସ୍ୱେଚ୍ଛାସେବୀ ମାନଙ୍କୁ ନେଇ ତାଲିମ କାର୍ଯ୍ୟକ୍ରମ ପଂଚାୟତ ସମିତି,ବଡସାହି ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସଂକଳ୍ପ'ର ମିଳିତ ଉଦ୍ୟମରେ ଯୋଗି ନୁଆଗାଁ ଗ୍ରାମ ପଞ୍ଚାୟତର ବର୍ତନା ଆଶ୍ରୟସ୍ଥଳୀଠାରେ ୧୩ ଜୁଲାଇରୁ ୨୦ ଜୁଲାଇ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇ ଯାଇଛି। ଉଦ୍‌ଯାପନୀ ଉତ୍ସବର ମୁଖ୍ୟ ଅତିଥି ବଡ଼ସାହି ପଚାୟତ ସମିତିର ବିଡ଼ିଓ ବନଜା ଦାସ, ଜିଲ୍ଲା ଜରୁରୀ କାର୍ଯାଳୟ. ମୟୁରଭଞ୍ଜ ର ଜିଲ୍ଲା ପ୍ରକଳ୍ପ ଅଧିକାରୀ ଜଗବନ୍ଧୁ ମହାନ୍ତି, ଜିପିଡ଼ିଓ ଅବିନାଶ ପଣ୍ଡା, କୋଚିଳାଖୁଣ୍ଟା ପଞ୍ଚାୟତର ପୂର୍ବତନ ସରପଞ୍ଚ ନରେନ୍ଦ୍ର କୁମାର ସିଂ, 'ସଂକଳ୍ପ'ର ସମ୍ପାଦକ ପ୍ରଦୀପ କୁମାର ଦାସ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ସ୍ୱେଚ୍ଛାସେବୀ ତାଲିମାର୍ଥୀ ମାନଙ୍କୁ ଉତ୍ସାହିତ କରି ମାନପତ୍ର ଏବଂ ଫଳ ଗଛ ପ୍ରଦାନ କରିଥିଲେ। ଏହି ସାତ ଦିନିଆ ତାଲିମ କାର୍ଯ୍ୟକ୍ରମରେ ଯୋଗିନୂଆଗାଁ ପଂଚାୟତର ବାରିହାପାଳ, ଡିଙ୍ଗିରା, ବର୍ତନା, କୋଚିଲା ଖୁଣ୍ଟା ପଂଚାୟତ ର ପାଇକପଡା ଗ୍ରାମର ୪୦ ଜଣ ଯୁବକ ଯୁବତୀ ତାଲିମରେ ଅଂଶଗ୍ରହଣ କରିଥିଲେ।

## ଦୋକାନରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି

ସୁନ୍ଦରଗଡ଼, ୨୨।୭ (ସଂଚାର ବ୍ୟୁରୋ): ସୁନ୍ଦରଗଡ଼ ଟାଉନ ଥାନା ସାମ୍ନାରେ ମହାପାତ୍ର ମୋବାଇଲ ଦୋକାନରୁ ଗତକାଲି ରାତିରେ କିଛି ଦୁର୍ବୃତ୍ତ ଦୋକାନର ଆଜବେଷ୍ଟର ଫାଡ଼ି ଦୋକାନ ଭିତରୁ ସାତଟି ମୋବାଇଲ, ନଗଦ ପଚାଶ ହଜାର ଟଙ୍କାରୁ ଉର୍ଦ୍ଧ, ସିଗାରେଟ ଓ ପାନମସଲା ପ୍ୟାକେଟ ଯାହାର ଆନୁମାନିକ ମୂଲ୍ୟ ପଚାଶ ହଜାର ଟଙ୍କା ହେବ ବୋଲି ନିଜର ଏତଲାରେ ଦାୟର କରିଛନ୍ତି ଅଭିଯୋଗକାରୀ। ଆଶ୍ଚର୍ଯ୍ୟର କଥା ଟାଉନ ଥାନାର ମୁଖ୍ୟ ଗେଟରୁ ପଚାଶ ମିଟର ଦୂରରେ ଥିବା ଏହି ଦୋକାନରୁ ପୂର୍ବରୁ ଦୁଇଥର ଚୋରି ହୋଇଥିବା ବେଳେ ଆଜି ତୃତୀୟ ଥର ଚୋରି ହୋଇଛି। ଏହା ଦୁର୍ବୃତ୍ତଙ୍କ ସାହସ ନା ପୁଲିସର ଦୁର୍ବଳତା ବୋଲି ଅନେକ ପ୍ରଶ୍ନ କରିଛନ୍ତି।

## କଳିଙ୍ଗ ଯୁବ ବିକାଶ ପରିଷଦ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ



ବାଲିଅନ୍ତା, ୨୨।୭ (ସଂଚାର ବ୍ୟୁରୋ): ସମାଜସେବୀ ଭଗବାନ ସାହୁ (ଭିକି)ଙ୍କ ଜନ୍ମଦିନ ଅବସରରେ କଳିଙ୍ଗ ଯୁବ ବିକାଶ ପରିଷଦ ପକ୍ଷରୁ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପରିବେଶ ସୁରକ୍ଷା ଓ ସବୁଜ ପୃଥିବୀ ଗଠନର ଉଦ୍ଦେଶ୍ୟରେ ପରିଷଦ ପକ୍ଷରୁ ବିଭିନ୍ନ ପ୍ରକାରର ଚାରାଗଛ ରୋପଣ ଚାଲିଛି ।

ଏହି କାର୍ଯ୍ୟକ୍ରମରେ ପରିଷଦର ସଦସ୍ୟ ଗୋବିନ୍ଦ ଚନ୍ଦ୍ର ପ୍ରଧାନ, ନାରାୟଣ ପ୍ରଧାନ, ବିଶ୍ୱଜିତ ପ୍ରଧାନ, ସୁଦର୍ଶନ ପ୍ରଧାନ, ରାକେଶ ପ୍ରଧାନ, ଲିଟୁ, କାଳିଆ, ରଞ୍ଜିତ ବେହେରା, ପୁଷ୍ପାଞ୍ଜଳି ପାତ୍ର, କାଜଲ ମିଶ୍ର, ସଂସିତା ପ୍ରଧାନ, ସତ୍ୟବାନ ସାହୁ ଓ ସନ୍ତୋଷ ନାୟକ ସକ୍ରିୟ ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲ । ରୋପଣ କରାଯାଇଥିବା ଗଛଗୁଡ଼ିକର ସୁରକ୍ଷା ଓ ଯତ୍ନ ନେବା ପାଇଁ ପରିଷଦ ସଂକଳ୍ପ ନେଇଥିଲେ। ଭଗବାନ ସାହୁ (ଭିକି)ଙ୍କ ଜନ୍ମଦିନକୁ ସମାଜସେବା ଓ ପରିବେଶ ସଚେତନତାର ବାର୍ତ୍ତା ସହ ପାଳନ କରିବାର ଏହି ପଦକ୍ଷେପକୁ ସମସ୍ତେ ପ୍ରଶଂସା କରିଥିଲେ।

'ଗଛ ଲଗାନ୍ତୁ, ପରିବେଶ ବଞ୍ଚାନ୍ତୁ' ଏହି ବାର୍ତ୍ତାକୁ ଆଧାର କରି କଳିଙ୍ଗ ଯୁବ ବିକାଶ ପରିଷଦ ଭବିଷ୍ୟତରେ ମଧ୍ୟ ଏଭଳି ସମାଜସେବାମୂଳକ କାର୍ଯ୍ୟକ୍ରମ ଜାରି ରଖିବ ବୋଲି ଜଣାଇଛି।

## ଦିଲ୍ଲୀ ଘଟଣାକୁ ନେଇ କଂଗ୍ରେସର ବିକ୍ଷୋଭ



କୋରାପୁଟ, ୨୨।୭ (ସଂଚାର ବ୍ୟୁରୋ): ଦିଲ୍ଲୀରେ ଛାତ୍ରଛାତ୍ରୀଙ୍କ ଆନ୍ଦୋଳନ ସମୟରେ ପୁଲିସ କାର୍ଯ୍ୟାନୁଷ୍ଠାନ ଏବଂ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ପ୍ରତି ହୋଇଥିବା ବ୍ୟବହାରକୁ ବିରୋଧ କରି ମଙ୍ଗଳବାର କୋରାପୁଟରେ ଜିଲ୍ଲା କଂଗ୍ରେସ ପକ୍ଷରୁ ଜୋରଦାର ପ୍ରତିବାଦ ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ଅବସରରେ କଂଗ୍ରେସ କର୍ମୀମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ରାଜ୍ୟ ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ କୁଶପୁତ୍ତଳିକା ଦାହ କରିଥିଲେ।

ଜିଲ୍ଲା କଂଗ୍ରେସ ସଭାପତି ରୂପକ ତୁରୁକଙ୍କ ନେତୃତ୍ୱରେ କୋରାପୁଟ ଉପଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଆୟୋଜିତ ଏହି ପ୍ରତିବାଦରେ ବହୁ ସଂଖ୍ୟକ ଦଳୀୟ କର୍ମୀ ଓ ନେତୃବୃନ୍ଦ ଯୋଗଦେଇଥିଲେ। ସଭାପତି ଶ୍ରୀ ତୁରୁକ କହିଥିଲେ ଯେ, ନିଟ୍ ପରୀକ୍ଷା ପେପର ଲିକ୍ ଘଟଣାକୁ ନେଇ ଦେଶବ୍ୟାପୀ ଅସନ୍ତୋଷ ଦେଖାଦେଇଥିବା ବେଳେ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି ନ୍ୟାୟସଙ୍ଗତ। ଏହି ଦାବିକୁ ନେଇ ଆନ୍ଦୋଳନ କରୁଥିବା ଛାତ୍ରଛାତ୍ରୀଙ୍କ ଉପରେ ପୁଲିସ ଦ୍ୱାରା ବଳପ୍ରୟୋଗ ଗଣତାନ୍ତ୍ରିକ ମୂଲ୍ୟବୋଧର ବିରୋଧୀ ବୋଲି ସେ ଅଭିଯୋଗ କରିଥିଲେ।

କେନ୍ଦ୍ର ଶିକ୍ଷାମନ୍ତ୍ରୀ ନୈତିକ ଦାୟିତ୍ୱ ଗ୍ରହଣ କରି ତୁରନ୍ତ ପଦତ୍ୟାଗ କରିବା ଉଚିତ। ଦାବି ପୂରଣ ନହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ସେ ଚେତାବନୀ ଦେଇଥିଲେ।

### ସହିଦ ରେଣ୍ଡୋ ମାଝୀ ଭେଷଜ ମହାବିଦ୍ୟାଳୟ ଓ ଡାକ୍ତରଖାନାର ବିକଳ ଚିତ୍ର

# ଖାଲିପଡ଼ିଛି ୧୧୯ ଡାକ୍ତର ପଦ, ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ




ଭବାନୀପାଟଣା,୨୨।୭(ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲ୍ଲାର ସରକାରୀ ମେଡିକାଲ କଲେଜ ଖୋଲିବା ପରେ ରୋଗୀମାନେ ସ୍ୱାସ୍ଥ୍ୟ ସେବା ପାଇପାରିବେ ବୋଲି ଆଶା ବାନ୍ଧିଥିଲେ। ବର୍ତ୍ତମାନ କଲେଜ ଓ ହସପିଟାଲରେ ଡାକ୍ତର ଅଭାବ ଯୋଗୁଁ ରୋଗୀ ଜିଲ୍ଲା ବାହାରକୁ ରେଫର୍ ହେବାରେ ଲାଗିଛନ୍ତି । ସ୍ୱାସ୍ଥ୍ୟ ସେବାରୁ ଗରିବ ରୋଗୀ ବଞ୍ଚିତ ହେଉଥିବାରୁ ଜିଲ୍ଲାବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନାଯୋଗ୍ୟ ସହିଦ ରେଣ୍ଡୋ ମାଝି ସରକାରୀ ମେଡିକାଲ କଲେଜ ଓ ହସପିଟାଲରେ ୧୦ଟି ପ୍ରଫେସର ପଦ ଖାଲି ରହିଛି। ଫିଜୋଲୋଜି, ବାଇଓକ୍ୟାମେଷ୍ଟ୍ରି, ମାଇକ୍ରୋ ବାଇଓଲୋଜୀ, କମ୍ୟୁନିଟି ମେଡିସିନ, ଜେନେରାଲ ମେଡିସିନ, ପେଡିଆଟ୍ରୀକ୍, ଚର୍ମାଟୋଲୋଜି, ସୈକାଟ୍ରୀକ, ଜେନେରାଲ ସର୍ଜ୍ରରି, ଗାଇନିକ, ଡେନଟୀଷ୍ଟ, ଆରଟିଏଚସି, ୟୁଟିଏଚସି, ବିଭାଗର ପ୍ରଫେସର ପଦ ଖାଲିଥିବାରୁ ପାଠପଢା ଓ ସ୍ୱାସ୍ଥ୍ୟସେବା ବ୍ୟାଘାତ ହେଉଛି ।

ଆସୋସିଏଟ ପ୍ରଫେସର ୧୦ଟି, ଆସିଷ୍ଟାଣ୍ଟ ପ୍ରଫେସର ୪ଟି ଓ ସିନିୟର୍ ରେସିଡେଣ୍ଟ ଓ ଟ୍ୟୁଟର ୧୭ଟି ପଦ ଖାଲି ପଡ଼ିଛି। ଏଥିଯୋଗୁଁ ମେଡିକାଲ କଲେଜର ଶିକ୍ଷାଦାନ ବାଧାପ୍ରାପ୍ତ ହୋଇଛି। ୭୬ ଜଣ ନର୍ସିଂ ଅଫିସର ପଦରୁ ୩୨ ପଦ ଖାଲି ପଡ଼ିଛି। ୧୩ ଜଣ ରେଡିଓଗ୍ରାଫର ମଧ୍ୟରୁ ୭ଟି ପଦ ଖାଲି ପଡ଼ିଛି। ୩୯ ଜଣ ଲ୍ୟାବ ଟେକ୍ନିସିଆନ ମଧ୍ୟରୁ ୧୨ଟି ପଦ ଖାଲି ପଡ଼ିଛି। ବର୍ତ୍ତମାନ୍ ୨୨ ଜନ ଆଉଟସୋସିଂରେ ନିୟୋଜିତ କରାଯାଇଛି । ୧୫ ଜଣ ସିନିୟର୍ ଫାର୍ମାସୀ ଅଫିସ ଲେବଲ- ୨ ପଦ ମଧ୍ୟରୁ ୯ଟି ପଦ ଖାଲି ପଡ଼ିଛି। ୧୫ଜଣ ଫାର୍ମାସୀ ଅଫିସର ମଧ୍ୟରୁ ୫ଟି ପଦ ଖାଲି ପଡ଼ିଛି।

ସଦର ମୁଖ୍ୟ ଡାକ୍ତଖାନାରେ ୧୪୫ ଜଣ ଡାକ୍ତର ମଧ୍ୟରୁ ୧୧୯ଟି ଡାକ୍ତର ପଦ ଖାଲି ରହିଛି । ନର୍ସିଂ ଅଫିସର ୧୩୯ରୁ ୪୪ଟି ପଦ ଖାଲି ପଡ଼ିଛି। ୨୬ ଜଣ ଫାର୍ମାସୀ ଅଫିସର ମଧ୍ୟରୁ ୧୦ଟି ପଦ ଖାଲି ରହିଛି। ରେଡିଓଗ୍ରାଫର୍ ୬ଟି ପଦରୁ ଗୋଟିଏ ପଦ ଖାଲି ପଡ଼ିଛି। ଲ୍ୟାବଟେକ୍ନିସିଆନ ୧୫ରୁ ୩ଟି ପଦ ଖାଲି ରହିଥିବା ବେଳେ ଗୋଟିଏ ଡେଣ୍ଟାଲ ଆସିଷ୍ଟାନ ପଦ କଣ୍ଟ୍ରାକ୍ଟ୍ୟୁଆଲ ନିୟୋଜିତ ଅଛନ୍ତି। ମେଡିକାଲ କଲେଜରେ ପ୍ରଫେସର ପଦ ଓ ଟିଚିଂ ହସ୍ପିଟାଲରେ ୧୧୯ ପଦ ଖାଲି ଥିବାରୁ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହେବାରେ ଲାଗିଛି। ଗୁରୁତର ରୋଗୀ ଏହି ଟିଚିଂ ଡାକ୍ତରଖାନାକୁ ଆସିଥିବା ବେଳେ କେବଳ ରେଫର ହୋଇ ଅନ୍ୟ ଜିଲ୍ଲାକୁ ପଠାଯାଉଛି ।

ବେଡ ଅଭାବରୁ ରୋଗୀ ବାରଣ୍ଡାରେ ଚିକିତ୍ସିତ ହେଉଛନ୍ତି। ଟିଚିଂ ହସ୍ପିଟାଲରେ ୧୧ଟି ବିଭାଗର ୩୩୦ଟି ବେଡ ଥିବା ବେଳେ ଆଇସିୟୁ, ଏସଏନସିୟୁ, ଏନଆରସି, କେମୋଥେରାପି ସମେତ ଅନ୍ୟାନ୍ୟ ବିଭାଗ ୧୩୨ ବେଡ ରହିଛି। ସମୁଦାୟ ୪୬୨ଟି ବେଡ ଥିବାବେଳେ ମାତ୍ରାଧିକ ରୋଗୀ ଆସୁଥିବା ଯୋଗୁଁ ରୋଗୀମାନେ ବାରଣ୍ଡାରେ ଗଡୁଥିବା ଦୃଶ୍ୟ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ଜିଲ୍ଲା ସଦରମୁଖ୍ୟ ଡାକ୍ତଖାନାରେ ଅଭଳି ଚିତ୍ର ଯୋଗୁଁ ସରକାର ତୁରନ୍ତ ହସ୍ତକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ଅସହାୟ ମହିଳାଙ୍କ ଶବ ସଂସ୍କାର କଲା ଟିମ ଶ୍ମଶାନ ବନ୍ଧୁ



ସୁନ୍ଦରଗଡ଼, ୨୨।୭ (ସଂଚାର ବ୍ୟୁରୋ): ଭଷ୍ମା ଥାନା ଅନ୍ତର୍ଗତ ତେଲିପାଲି ଗ୍ରାମର ସିଭିଲ ସୋରେଙ୍ଗଙ୍କ ଧର୍ମପତ୍ନୀ ୪୫ ବର୍ଷୀୟ ସନ୍ଧ୍ୟା ଖଡିଆଙ୍କ ମଙ୍ଗଳବାର ସକାଳେ ସନ୍ଦେହଜନକ ମୃତ୍ୟୁ ଘଟିଥିଲା। ଭଷ୍ମା ଥାନାରେ ୟୁଡି କେସ ନମ୍ବର ୧୮/୨୬ରେ ଏକ କେସ ରୁଜୁ କରିବା ସହିତ ତଦନ୍ତ ଜାରି ରଖିଥିଲେ । ମୃତ ସନ୍ଧ୍ୟାଙ୍କ ବାପଘର ତୁମୁଲିଆ ହୋଇଥିବା ବେଳେ ସେ ଆଗରୁ ଆଉ ଜଣଙ୍କୁ ବିବାହ କରିଥିଲେ ଓ ତାଙ୍କୁ ଛାଡି ଦେବା ପରେ ତେଲିପାଲିର ସିଭିଲ ସୋରେଙ୍ଗଙ୍କୁ ପ୍ରେମ ବିବାହ କରିଥିଲେ।

ଗତକାଲି ସୁନ୍ଦରଗଡ ମୁଖ୍ୟ ଚିକିତ୍ସାଳୟର ମର୍ଗ ହାଉସରେ ସଂରକ୍ଷିତ ରଖିବା ସହିତ ବୁଧବାର ସନ୍ଧ୍ୟା ରେ ବାପଘରଙ୍କ ଉପସ୍ଥିତିରେ ଶବ ପଞ୍ଚନାମା ସହିତ ଶବ ବ୍ୟବଚ୍ଛେଦ କରାଯାଇ ତାଙ୍କ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲେ ସୁଦ୍ଧା ଶବସଂସ୍କାର ନିମନ୍ତେ ଅକ୍ଷମତା ପ୍ରକାଶ କରିଥିଲେ ଓ ଟିମ ଶ୍ମଶାନ ବନ୍ଧୁର ସଦସ୍ୟ ମାନଙ୍କର ସହଯୋଗ ଲୋଡ଼ିଥିଲେ। ଟିମ ଶ୍ମଶାନ ବନ୍ଧୁର ସଦସ୍ୟ ମାନେ ସୁନ୍ଦରଗଡ ମୁଖ୍ୟ ଚିକିତ୍ସାଳୟରୁ ସୁନ୍ଦରଗଡ ସ୍ୱର୍ଗଦ୍ୱାରକୁ ମରଶରୀର ନେବା ସହିତ ପ୍ରବଳ ବର୍ଷା ସତ୍ତ୍ୱେ ସମ୍ମାନର ସହିତ ଶେଷକୃତ ସମ୍ପନ୍ନ କରିଥିଲେ।

ଟିମ ଶ୍ମଶାନ ବନ୍ଧୁର ସଦସ୍ୟ ସିଦ୍ଧାନ୍ତ କୁମାର ପଣ୍ଡାଙ୍କ ସହିତ ଶିଶିର କୁମାର ବେହେରା ଓ ଚିଣ୍ଟୁ ରକ୍ସାଙ୍କ ଉଦ୍ୟମରେ ଶେଷକୃତ ସମ୍ପନ୍ନ ହୋଇଥିବା ବେଳେ ଜୟ ଜଗନ୍ନାଥ ଟ୍ରକର୍ସ ଆସୋସିଏସନ ତରଫରୁ ଶବସଂସ୍କାର ନିମନ୍ତେ ଆବଶ୍ୟକ ସାମଗ୍ରି ଗୁଡିକ ଯୋଗାଇ ଦିଆଯାଇଥିଲା।

# ମାଲକାନଗିରିରେ ପ୍ରଥମ ଯାତ୍ରୀ ବିମାନ ଅବତରଣ




ମାଲକାନଗିରି, ୨୨।୭ (ସଂଚାର ବ୍ୟୁରୋ): ମାଲକାନଗିରି ଜିଲ୍ଲାବାସୀଙ୍କ ପାଇଁ ଖୁସି ଖବର। ରାଜଧାନୀ ଭୁବନେଶ୍ୱର ଯିବା ଲାଗି ଆଉ ବସରେ ବସି ୧୫ ଘଣ୍ଟାର ଲମ୍ବା ଯାତ୍ରା କରିବାକୁ ପଡ଼ିବ ନାହିଁ। କାରଣ ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବ ମାଲକାନଗିରି ବିମାନ ବନ୍ଦର। ଆଜି ମାଲକାନଗିରି ବିମାନ ବନ୍ଦରରେ ଇଣ୍ଡିଆ ଅନ୍ ଏୟାରର ପ୍ରଥମ ଯାତ୍ରୀବାହୀ ବିମାନ ପରୀକ୍ଷାମୂଳକ ଭାବେ ଅବତରଣ କରିଛି।

ବିମାନ ବନ୍ଦରର ସୁରକ୍ଷା ବ୍ୟବସ୍ଥା ସହ ଆନୁଷଙ୍ଗିକ ବ୍ୟବସ୍ଥାର ତଦାରଖ କରିବା ପାଇଁ ମାଲକାନଗିରି ବିମାନ ବନ୍ଦରରେ ପହଞ୍ଚିଛନ୍ତି ବେସାମରିକ ବିମାନ ଚଳାଚଳ ବିଭାଗର ୨ ଜଣ ବରିଷ୍ଠ ଅଧିକାରୀ ମନୋଜ କୁମାର ଦାସ ଓ ନିରଜ କୁମାର ନାୟକ। ବିମାନ ବନ୍ଦରର ରନୱେ, ଟର୍ମିନାଲ, ଅଗ୍ନି ନିରାପତ୍ତା ବ୍ୟବସ୍ଥା, ଆଡଭାନ୍ସ ଲାଇଫ ସପୋର୍ଟ ସହ ବିମାନ ବନ୍ଦର ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିଛନ୍ତି।

ବିମାନ ଅବତରଣ କରିବାର ୩ ଘଣ୍ଟା ପୂର୍ବରୁ ସମସ୍ତ ବିଭାଗ ପ୍ରସ୍ତୁତ ରହିଥିଲେ। ଇଣ୍ଡିଆ ଅନ୍ ଏୟାରର ୯ ଆସନ ବିଶିଷ୍ଟ ବିମାନ ମାଲକାନଗିରି ଏୟାରପୋର୍ଟରେ ପହଞ୍ଚିବା ପରେ ଦମକଳ ବାହିନୀ ପକ୍ଷରୁ ୱାଟର କ୍ୟାନନ୍ ଦିଆଯାଇ ବିମାନଟିକୁ ସ୍ୱାଗତ କରାଯାଇଛି। ଟ୍ରାଏଲ୍ ରନ୍ ସଫଳ ହୋଇଥିବା ପାଇଲଟ୍ କହିଛନ୍ତି। ଖୁବ୍‌ଶୀଘ୍ର ସାଧାରଣ ଯାତ୍ରୀ ମାଲକାନଗିରିରୁ ବିମାନରେ ବସି ଯାତ୍ରୀ କରିପାରିବେ ବୋଲି ଅତିରିକ୍ତ ଜିଲ୍ଲାପାଳ କହିଛନ୍ତି।

## ରେଳ ବଜେଟ ଆବଣ୍ଟନ ୧୩ ଗୁଣ ବଢ଼ିଛି

# ନୂଆ ରେଳ ଟ୍ରାକ୍ ନିର୍ମାଣ ୩.୫ ଗୁଣ ବୃଦ୍ଧି



- ୮୧,୭୩୯ କୋଟି ବ୍ୟୟବରାଦ, ୫୫ ପ୍ରକଳ୍ପକୁ ମଞ୍ଜୁରୀ
- ୫୦ ଷ୍ଟେସନର ଉନ୍ନତିକରଣ କାମ ଜାରି
- ୩୬ଟି ଗତିଶକ୍ତି ଟର୍ମିନାଲକୁ ନୀତିଗତ ଅନୁମୋଦନ

ଭୁବନେଶ୍ୱର, ୨୨।୭ (ସଂଚାର ବ୍ୟୁରୋ): ଓଡ଼ିଶାକୁ ରେଳ ବଜେଟ୍ ଆବଣ୍ଟନ ଗତ ୧୨ ବର୍ଷ ମଧ୍ୟରେ ପ୍ରାୟ ୧୩ ଗୁଣ ବୃଦ୍ଧି ପାଇଛି। ଆଜି ଲୋକସଭାରେ ଏହି ସୂଚନା ଦେଇଛନ୍ତି କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ। କେନ୍ଦ୍ର ରେଳମନ୍ତ୍ରୀ କହିଛନ୍ତି ଯେ ଗତ ୨୦୦୯ରୁ ୨୦୧୪ ମଧ୍ୟରେ ରାଜ୍ୟକୁ ବାର୍ଷିକ ୮୩୮ କୋଟି ଟଙ୍କାର ରେଳ ବଜେଟ୍ ମିଳୁଥିଲା। ୨୦୨୬-୨୭ରେ ଏହା ୧୩ ଗୁଣ ବୃଦ୍ଧି ପାଇ ୧୦ ହଜାର ୯୨୮ କୋଟି ଟଙ୍କାରେ ପହଞ୍ଚିଛି। ସେହିପରି ଓଡ଼ିଶାରେ ନୂଆ ରେଳ ଟ୍ରାକ୍ ନିର୍ମାଣ ସାଢ଼େ ୩ ଗୁଣ ବଢ଼ିଛି। ୨୦୦୯-୧୪ ମଧ୍ୟରେ ବାର୍ଷିକ ହାରାହାରି ନୂଆ ଟ୍ରାକ୍ ନିର୍ମାଣ ୫୩ କିମି ରହିଥିବା ବେଳେ ୨୦୧୪-୨୬ରେ ଏହା ୧୮୬ କିମିକୁ ବୃଦ୍ଧି ପାଇଛି ବୋଲି ରେଳ ମନ୍ତ୍ରୀ ସୂଚନା ଦେଇଛନ୍ତି।

ଚଳିତ ବର୍ଷ ଏପ୍ରିଲ୍ ପହିଲା ସୁଦ୍ଧା ୧୯ଟି ନୂଆ ଲାଇନ୍ ଓ ୩୬ଟି ରେଳ ଲାଇନର ଦୋହରୀକରଣ ସମେତ ମୋଟ ୫୫ଟି ପ୍ରକଳ୍ପକୁ ମଞ୍ଜୁର କରାଯାଇଛି। ମୋଟ୍ ୪,୨୫୬ କିମି ରେଳ ଲାଇନ୍ ନିର୍ମାଣ ଲାଗି ୮୧,୭୩୯ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ନିକଟରେ ଦୈତାରୀ-ବାଂଶପାଣୀ ନୂଆ ଲାଇନ, ଝାରସୁଗୁଡ଼ା-ସରଡେଗା ନୂଆ ଲାଇନ, ହରିଦାସପୁର-ପାରାଦୀପ ନୂଆଲାଇନ, ସମ୍ବଲପୁର-ଟିଟିଲାଗଡ଼ ଲାଇନ ଦୋହରୀକରଣ ଆଦି ସମେତ ୩୨ ଶହ କୋଟି ଟଙ୍କାର ୧୧ଟି ରେଳ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି। ବର୍ତ୍ତମାନ ୨୭ଟି ରେଳ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଜାରି ରହିଛି ବୋଲି ସେ କହିଛନ୍ତି।

ଅମୃତ ଭାରତ ଷ୍ଟେସନ ଯୋଜନାରେ ଓଡ଼ିଶାର ମୋଟ୍ ୫୯ଟି ଷ୍ଟେସନର ପୁନର୍ବିକାଶ କାମ ଚାଲୁ ରହିଛି। ଭୁବନେଶ୍ୱରକୁ ବିଶ୍ୱସ୍ତରୀୟ ଷ୍ଟେସନରେ ପରିଣତ କରିବା ଲାଗି ବ୍ୟାପକ ବିକାଶ କାମ ଜାରି ରହିଛି। କଟକ, ପୁରୀ, ମଞ୍ଚେଶ୍ୱର, ଲିଙ୍ଗରାଜ ରୋଡ ଷ୍ଟେସନକୁ ମଧ୍ୟ ବିକଶିତ କରିବା ଲାଗି ପଦକ୍ଷେପ ଗ୍ରହଣ କରାଯାଉଛି। ଗୋପାଳପୁର-ରେଢ଼ାଖୋଲ ନୂଆ ଲାଇନ ନିର୍ମାଣ ଲାଗି ମଧ୍ୟ ପ୍ରୟାସ ଆରମ୍ଭ ହୋଇଛି। ଦେଶରେ ମୋଟ୍ ୧୪୨ଟି ଓ ଓଡ଼ିଶାରେ ୧୨ଟି ଗତିଶକ୍ତି କାର୍ଗୋ ଟର୍ମିନାଲ କାର୍ଯ୍ୟକ୍ଷମ ହୋଇଛି। ଆହୁରି ୩୬ଟି ଗତିଶକ୍ତି ଟର୍ମିନାଲକୁ ନୀତିଗତ ମଞ୍ଜୁରୀ ମିଳିଛି। ଓଡ଼ିଶାରେ ସମ୍ପୂର୍ଣ୍ଣ ବ୍ରଡଗଜ୍ ନେଟୱର୍କର ବିଦ୍ୟୁତିକରଣ ଶେଷ ହୋଇଛି ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି।

# ଅଳିଆ ଗଦାରୁ ମୃତଦେହ ଉଦ୍ଧାର

## ଋଣ ଟଙ୍କା ପାଇଁ ହତ୍ୟା!

ଗଜପତି, ୨୨।୭ (ସଂଚାର ବ୍ୟୁରୋ): ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ସୁବାସ ନଗର ଛକ ନିକଟରୁ ରାଜଗୁରୁ ସାହିର ସନ୍ତୋଷ କୁମାର ଭୁକ୍ତା ନାମକ ଜନୈକ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ସନ୍ତୋଷ ବିଭିନ୍ନ ସ୍ଥାନରୁ ଧାରକରଜ ଆଣି ପରିଶୋଧ କରୁ ନଥିଲେ। ଫଳରେ ଋଣ ଦେଇଥିବା ଲୋକମାନଙ୍କ ସହ ପ୍ରାୟ ସମୟରେ ଗଣ୍ଡଗୋଳ ଲାଗୁଥିଲା। କରଜ ଟଙ୍କା ପରିଶୋଧ ନ କରିବାକୁ ନେଇ ତାଙ୍କୁ କେହି ହତ୍ୟା କରିଛି ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ପରିବାର ସୂତ୍ରରୁ ପ୍ରାପ୍ତ ଖବର ଅନୁଯାୟୀ, ମଙ୍ଗଳବାର ସନ୍ଧ୍ୟାରେ ସନ୍ତୋଷ ଘରୁ ବାହାରି ଯାଇ ବିଳମ୍ବିତ ରାତି ଯାଏ ଆଉ ଫେରି ନ ଥିଲେ। ଶେଷରେ ବୁଧବାର ସକାଳୁ ସନ୍ତୋଷଙ୍କ ମୃତଦେହ ଘାସି ସାହି ଛକ ନିକଟରେ ପଡ଼ିଥିବା ଦେଖାଯାଇଥିଲା। କେହି ସନ୍ତୋଷଙ୍କୁ ହତ୍ୟା କରି ଘୋଷାରି ଘୋଷାରି ଆଣି ଅଳିଆ ଗଦା ନିକଟରେ ପକାଇ ଦେଇଥିଲା।

# ସ୍କୁଟି ଉପରେ ଚଢ଼ିଗଲା ଇନୋଭା, ୨ ମୃତ



ଢେଙ୍କାନାଳ, ୨୨।୭ (ସଂଚାର ବ୍ୟୁରୋ): ୫୫ନମ୍ବର ଜାତୀୟ ରାଜପଥର ଢେଙ୍କାନାଳ ବାଏପାସ୍‌ରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ବାଏପାସର କାଠଗୋଲା ନିକଟରେ ସ୍କୁଟି ଉପରେ ଏକ ଇନୋଭା ଚଢ଼ିଯିବା ଫଳରେ ସ୍କୁଟିରେ ଥିବା ୩ଜଣ ଯୁବକଙ୍କ ମଧ୍ୟରୁ ୨ଜଣଙ୍କର ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଯୁବକ ଗୁରୁତର ହୋଇଛନ୍ତି। ଗୁରୁତର ଯୁବକଙ୍କୁ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ମୃତହତମାନଙ୍କ ସଠିକ ପରିଚୟ ମିଳି ପାରି ନଥିଲେ ମଧ୍ୟ ସେମାନେ ଜୋରନ୍ଦା କାବେରା ଗ୍ରାମର ବୋଲି ଜଣାପଡିଛି। ସ୍କୁଟି ଯୋଗେ ବାଏପାସ୍‌ରେ କଟକ ଆଡ଼କୁ ଯାଉଥିବା ବେଳେ ପଛରୁ ଇନୋଭା କାର୍‌ଟି ଆସି ସେମାନଙ୍କ ଉପରେ ମାଡ଼ି ଯାଇଥିବା ପ୍ରତ୍ୟକ୍ଷଦର୍ଶୀମାନେ କହିଛନ୍ତି। ଘଟଣାସ୍ଥଳରେ ଜଣେ ଯୁବକର ମୃତ୍ୟୁ ହୋଇଥିବାବେଳେ ଅନ୍ୟଜଣଙ୍କର ଡାକ୍ତରଖାନାରେ ମୃତ୍ୟୁ ଘଟିଛି। ଇନୋଭା ଡ୍ରାଇଭର ଫେରାର ଅଛନ୍ତି। ଟାଉନ୍‌ଥାନା ପୁଲିସ ଦୁର୍ଘଟଣା କାର୍‌କୁ ଜବତ କରି ତଦନ୍ତ ଆରମ୍ଭ କରିଛି।

## ● ରାଜଧାନୀ ରାଜପଥରେ ଦୁର୍ଘଟଣା

# କାର-ଅଟୋ ଧକ୍କାରେ ୨ ଆହତ



ଭୁବନେଶ୍ୱର, ୨୨।୭ (ସଂଚାର ବ୍ୟୁରୋ): ରାଜଧାନୀର ପଟିଆ ଜୟଦେବ ବିହାର ମୁଖ୍ୟ ରାସ୍ତାରେ ଆଜି ଘଟିଛି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ହୋଟେଲ ଟ୍ରାଇଡେଣ୍ଟ ସମ୍ମୁଖରେ ଏକ ଅଟୋକୁ ପଛପଟୁ ଖୁବ୍ ଜୋର୍‌ରେ ଧକ୍କା ଦେଇଛି କାର। ତେବେ ଧକ୍କା ଏତେ ଜୋରଦାର ଥିଲା ଯେ କାର୍ ମାଡ଼ରେ ଅଟୋଟି ସମ୍ପୂର୍ଣ୍ଣ ଚୂର୍‌ମାର୍ ହୋଇଯାଇଛି। ଏଥିସହ ଏହି ଦୁର୍ଘଟଣାରେ ଦୁଇ ଜଣ ଲୋକ ମଧ୍ୟ ଆହତ ହୋଇଥିବା ସୂଚନା ମିଳିଛି। ସ୍ଥାନୀୟ ଲୋକେ ଆହତମାନଙ୍କୁ ଉଦ୍ଧାର କରି ନିକଟସ୍ଥ ହସ୍ପିଟାଲକୁ ପଠାଇଛନ୍ତି। ତେବେ ଦୁର୍ଘଟଣା ପରେ ଘଟଣାସ୍ଥଳରେ କିଛି ସମୟ ପାଇଁ ଉତ୍ତେଜନାପୂର୍ଣ୍ଣ ପରିବେଶ ସୃଷ୍ଟି ହୋଇଥିଲା। ଦୁର୍ଘଟଣା ପରେ କିଛି ସମୟ ପାଇଁ ପଟିଆ- ଜୟଦେବ ବିହାର ରାସ୍ତାରେ ଯାନବାହନ ଚଳାଚଳ ବନ୍ଦ ରହିଥିଲା। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗାଡ଼ି ଚଳାଚଳକୁ ସ୍ୱାଭାବିକ କରିବା ସହ ଦୁର୍ଘଟଣାଗ୍ରସ୍ତ କାର୍ ଓ ଅଟୋକୁ ହଟାଇଥିଲା। ତେବେ କାରଟି କେଉଁ କାରଣରୁ ଅଟୋକୁ ଧକ୍କା ଦେଲା, ତା'ର ତଦନ୍ତ ପୁଲିସ୍ ଜାରି ରଖିଛି।

# ଫାଟିଲା କାର୍ ଟାୟାର୍: ଜଣେ ମୃତ



ନୟାଗଡ଼, ୨୨।୭ (ସଂଚାର ବ୍ୟୁରୋ): କାର୍‌ର ପଛ ଟାୟାର ଫାଟିଯିବାରୁ କାର୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଫଳରେ ଜଣେ ମୃତ୍ୟୁବରଣ କରିଥିବା ବେଳେ ୩ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ଅଞ୍ଚଳର ୪ ଜଣ ଯୁବକ ଚିକିତ୍ସା ପାଇଁ କଟକ ଆସୁଥିଲେ। ତେବେ ଖୋର୍ଦ୍ଧା ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥ ଦେଇ ସେମାନେ ଆସୁଥିବା ସମୟରେ ନୟାଗଡ଼ ଜିଲ୍ଲା ସଦର ଥାନା ଶିମିଳିସାହିଠାରେ ସେମାନଙ୍କ ଗାଡ଼ିର ପଛ ଟାୟାର ଫାଟିଯାଇଥିଲା। ଫଳରେ ଗାଡ଼ିଟି ରାସ୍ତା କଡ଼ରେ ଥିବା ଏକ ଆମ୍ବ ଗଛରେ ପିଟି ହୋଇଯାଇଥିଲା। ଏଥିଯୋଗୁଁ ପଛରେ ବସିଥିବା ଜୟନ୍ତ ରାଉତ ଡୋର୍ ଖୋଲିଯିବାରୁ ରାସ୍ତାରେ ପଡ଼ିଯାଇଥିଲେ। ଅନ୍ୟମାନେ ମଧ୍ୟ ଆହତ ହୋଇଥିଲେ। ସମସ୍ତଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ନୟାଗଡ଼ ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟ ୩ ଜଣ ସାମାନ୍ୟ ଆହତ ହୋଇଥିବା ବେଳେ ସେମାନଙ୍କର ଚିକିତ୍ସା କରାଯାଇଛି। ଖବର ପାଇ ସଦର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ତଦନ୍ତ ଚଳାଇଥିବା ଜଣାପଡ଼ିଛି।

## ଉପକୂଳରେ ଘୂର୍ଣ୍ଣିବଳୟ ଓ ଡବଲ୍ ଟ୍ରଫ୍

# ୫ ଦିନ ଯାଏ ପ୍ରବଳ ବର୍ଷା, ୱାର୍ଣ୍ଣିଂ ଜାରି




ଭୁବନେଶ୍ୱର, ୨୧।୭ (ସଂଚାର ବ୍ୟୁରୋ): ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ଓ ଏହା ସଂଲଗ୍ନ ଉତ୍ତର ଆନ୍ଧ୍ରପ୍ରଦେଶ ଉପକୂଳରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏଥିସହ ଦୁଇଟି ଟ୍ରଫ୍ (ମୌସୁମୀ ରେଖା) ପ୍ରଭାବରେ ରାଜ୍ୟରେ ବର୍ଷା ଜାରି ରହିଛି। ଆସନ୍ତା ୫ ଦିନ ଯାଏ ମଧ୍ୟ ବର୍ଷା ଲାଗିରହିବାର ସମ୍ଭାବନା ରହିଛି। ତେବେ ବଙ୍ଗୋପ ସାଗରରେ ଲଘୁଚାପ ସୃଷ୍ଟି ହେବା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ। କିନ୍ତୁ ପ୍ରବଳ ବର୍ଷା ସକାଶେ ବିଭିନ୍ନ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି। ବୁଧବାର ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, କେନ୍ଦୁଝର ଓ ମୟୂରଭଞ୍ଜ ଆଦି ଜିଲ୍ଲାକୁ ଅତି ପ୍ରବଳ ବର୍ଷା ହେବା ନେଇ ପୂର୍ବାନୁମାନ କରାଯିବା ସହ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାକୁ ଝଡ଼ବର୍ଷା ନେଇ ୱାର୍ଣ୍ଣିଂ ବି ଦିଆଯାଇଛି।

ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସୂଚନାନୁସାରେ, ରାଜ୍ୟରେ ଅଦ୍ୟାବଧି ସ୍ୱାଭାବିକ ବର୍ଷାଠାରୁ ୧୩ ପ୍ରତିଶତ ଅଧିକ ବର୍ଷା ହୋଇଛି। ମଙ୍ଗଳବାର କେତେକ ଜିଲ୍ଲାକୁ ବାଦ୍ ଦେଲେ ରାଜ୍ୟର ବାକି ଜିଲ୍ଲାଗୁଡ଼ିକରେ ପ୍ରବଳ ବର୍ଷା ହୋଇଛି। ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ବରଗଡ଼ ଓ ନୂଆପଡ଼ା ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇଥିବା ବେଳେ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଦେବଗଡ଼, ଭଦ୍ରକ, ଯାଜପୁର, ଢେଙ୍କାନାଳ, ଅନୁଗୋଳ, ଯାଜପୁର, କଟକ, ଖୋର୍ଦ୍ଧା, ପୁରୀ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ବୌଦ୍ଧ, ସୋନପୁର, ବଲାଙ୍ଗୀର, କନ୍ଧମାଳ, ନୟାଗଡ଼, କଳାହାଣ୍ଡି, ଗଞ୍ଜାମ, ନବରଙ୍ଗପୁର ଆଦି ଜିଲ୍ଲାରେ ପ୍ରବଳ ବର୍ଷା ହୋଇଥିବା ରେକର୍ଡ କରାଯାଇଛି।

# ଲାଞ୍ଚ ନେଇ ଓଏଭି ପ୍ରିନ୍ସିପାଲ ଗିରଫ



ଭବାନୀପାଟଣା, ୨୨।୭ (ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଓଏଭି)ର ଭାରପ୍ରାପ୍ତ ପ୍ରିନ୍ସିପାଲ ସୀତାକାନ୍ତ ରଣାଙ୍କୁ ଆଜି କୋରାପୁଟ ଭିଜିଲାନ୍ସ ଗିରଫ କରିଛି। ଗିରଫ ପରେ ତାଙ୍କୁ ଭିଜିଲାନ୍ସ ପକ୍ଷରୁ କୋର୍ଟ ଚାଲାଣ କରାଯାଇଥିବା ଜଣାପଡ଼ିଛି। ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ସଫେଇ କାର୍ଯ୍ୟରେ ନିୟୋଜିତ ଥିବା ଏସ୍‌ଏଚ୍‌ଜି ମହିଳାଙ୍କ ୩ ମାସର ବକେୟା ବିଲ୍ କରେଇଦେବା ପାଇଁ ଶ୍ରୀ ରଣା ୧୦ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ତେବେ ଏସ୍‌ଏଚ୍‌ଜିର ସଦସ୍ୟମାନେ ଏନେଇ ଭିଜିଲାନ୍ସକୁ ଜଣାଇବା ପରେ ଆଜି ପୂର୍ବ ଯୋଜନା ଅନୁସାରେ ଶ୍ରୀ ରଣାଙ୍କୁ ଗିରଫ କରାଯାଇଛି। ଏଥିସହ ତାଙ୍କ ନିକଟରୁ ଲାଞ୍ଚ ବାବଦ ୧୦ ହଜାର ଟଙ୍କା ମଧ୍ୟ ଜବତ କରାଯାଇଛି। ଆହୁରି ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ସନ୍ଦେହରେ ଶ୍ରୀ ରଣାଙ୍କ ଭବାନୀପାଟଣାସ୍ଥିତ ଭଡ଼ାଘର ସମେତ ଏକାଧିକ ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ ଜାରି ରହିଛି। ଏଥିରେ ଜୟପୁର ଭିଜିଲାନ୍ସ ଏସପିଙ୍କ ନେତୃତ୍ୱରେ ଏକ ୪ଜଣିଆ ଟିମ୍ ସାମିଲ ରହିଛି। ଗିରଫ ପରେ ଶ୍ରୀ ରଣାଙ୍କୁ ଭବାନୀପାଟଣା ଭିଜିଲାନ୍ସ ଅଫିସକୁ ଆଣି ଅଟକ ରଖି ଭିଜିଲାନ୍ସ ଟିମ୍ ଅଧିକ ପଚରାଉଚରା କରିବା ପରେ କୋର୍ଟ ପଠାଇଥିବା ଜଣାପଡ଼ିଛି। ଏନେଇ ଭିଜିଲାନ୍ସ ୧୭/୨୦୨୬ରେ ଏକ ମାମଲା ମଧ୍ୟ ରୁଜୁ କରିଛି।

## ● ବିବାହ ଉତ୍ସବରେ ମରଣାନ୍ତକ ଆକ୍ରମଣ

# ବାପା ସହ ଦୁଇ ପୁଅ ଗିରଫ

ବାରଙ୍ଗ, ୨୨।୭ (ସଂଚାର ବ୍ୟୁରୋ): ବିବାହ ଉତ୍ସବ ଚାଲିଥିବା ସମୟରେ ମରଣାନ୍ତକ ଆକ୍ରମଣ ହୋଇଛି। କଟକ ୩ ନମ୍ବର ୱାର୍ଡର ବିଦ୍ୟାଧରପୁର ଗ୍ରାମରେ ଘଟିଛି ଏହି ଘଟଣା। ଜନୈକ ଗୁରୁତର ଯୁବକଙ୍କ ମା'ଙ୍କ ଅଭିଯୋଗରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ବାପା ଓ ଦୁଇ ପୁଅଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ପୁଲିସ। ଏ ସଂକ୍ରାନ୍ତରେ ପୁଲିସ୍ ଦେଇଥିବା ସୂଚନାନୁସାରେ, ଆଜି ବିଦ୍ୟାଧରପୁର ଗ୍ରାମରେ ଏକ ବିବାହ ଉତ୍ସବ ଚାଲିଥିବା ସମୟରେ କୌଣସି କାରଣରୁ ଗଣ୍ଡଗୋଳ ହୋଇଥିଲା। ଉକ୍ତ ଗ୍ରାମର ମହିମା ରାଉତ ଓରଫ ଜୟ ଏହି ଗଣ୍ଡଗୋଳକୁ ଅଟକାଇବାକୁ ଯାଇଥିଲେ। କିଛି ସମୟ ପରେ ବିବାହ ଉତ୍ସବରୁ ଜୟ ଫେରୁଥିବା ସମୟରେ ରାସ୍ତାରେ ଉକ୍ତ ଗ୍ରାମର ବିଜୟ ବେହେରା, ଜଗୁ ଓରଫ ଜଗନ ବେହେରା ଓ ବିଶ୍ୱଜିତ ବେହେରା ଓରଫ ବଣ୍ଟି ତାଙ୍କୁ ଅଟକାଇଥିଲେ। ସେଠାରେ ଏକ ବାଉଁଶ ଠେଙ୍ଗାରେ ସେମାନେ ଜୟଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ଜୟଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଫଳରେ ଗୁରୁତର




ଅବସ୍ଥାରେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏ ସଂକ୍ରାନ୍ତରେ ଜୟଙ୍କ ମା' ଜିତା ରାଉତ ଗୋଡ଼ିସାହି ଫାଣ୍ଡିରେ ଅଭିଯୋଗ କରିଥିଲେ। ଅଭିଯୋଗ ଭିତ୍ତିରେ ପୁଲିସ୍ ଉପରୋକ୍ତ ୩ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଆକ୍ରମଣରେ ବ୍ୟବହୃତ ବାଉଁଶ ଠେଙ୍ଗା ବି ଜବତ କରିଛି। ଏଥିସହ ଏହି ଘଟଣା ସହ ଜଡ଼ିତ ଥିବା ଅନ୍ୟ ଫେରାର ଅଭିଯୁକ୍ତଙ୍କୁ ଧରିବା ପାଇଁ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି।

## ● ଧରାପଡ଼ିଲା ଆନ୍ତଃରାଜ୍ୟ ଡକାୟତ ଗ୍ୟାଙ୍ଗ

# ୪ ଗିରଫ, ୨୭ ମୋବାଇଲ୍ ଜବତ

କରଞ୍ଜିଆ, ୨୨।୭ (ସଂଚାର ବ୍ୟୁରୋ): ଦିନରେ ରାଜମିସ୍ତ୍ରି ଆଉ ରାତିରେ ଡକାୟତି। ଏଭଳି ଏକ ଡକାୟତି ଗ୍ୟାଙ୍ଗକୁ ଧରିବାରେ ସଫଳ ସଫଳ ହୋଇଛି ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ପୁଲିସ। ରାତ୍ରିକାଳୀନ ପାଟ୍ରୋଲିଂ ବେଳେ ୪ ଆନ୍ତଃରାଜ୍ୟ ଡକାୟତ ଗ୍ୟାଙ୍ଗକୁ ପୁଲିସ ଗିରଫ କରିଛି। ଏମାନେ ପଶ୍ଚିମବଙ୍ଗରୁ ଆସି ଦିନବେଳା ରାଜମିସ୍ତ୍ରି ଓ ରାତିରେ କରୁଥିଲେ ଡକାୟତି। ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଲେ ପଶ୍ଚିମବଙ୍ଗର ହୁମାୟୁନ ସେକ୍, ଆସଲମ୍ ସେକ୍, ମିଣ୍ଟୁ ଏସକେ ଓ ଆଦୁତ



ସେକ୍। ସୂଚନାନୁଯାୟୀ, ଗତକାଲି ରାତି ପ୍ରାୟ ୨ଟା ସମୟରେ କରଞ୍ଜିଆ ପୁଲିସ ପାଟ୍ରୋଲିଂ କରୁଥିଲା। ଏହି ସମୟରେ କାଳିକାପୁର ଜଙ୍ଗଲ ନିକଟରେ କରଞ୍ଜିଆ ପଟୁ ୪ଟି ମୋଟର ସାଇକେଲରେ କିଛି ଲୋକ ଯଶିପୁର ଆଡ଼କୁ ଯାଉଥିବା ଦେଖି ପୁଲିସ୍ ସେମାନଙ୍କୁ ଅଟକାଇଥିଲା। ହେଲେ ପୁଲିସକୁ ଦେଖି ମୋଟର ସାଇକେଲ ଛାଡ଼ି ସେମାନେ ଦୌଡ଼ି ପଳାଇଥିଲେ। ପୁଲିସ୍ ବହୁ କଷ୍ଟରେ ତାଙ୍କ ମଧ୍ୟରୁ ୪ ଜଣଙ୍କୁ ଧରିବାରେ ସଫଳ ହୋଇଥିଲା। ସେମାନଙ୍କ ମୋଟର ସାଇକେଲ ଯାଞ୍ଚ କରିବା ପରେ ବିଭିନ୍ନ ପ୍ରକାରର ହାତହତିଆର ମିଳିଥିଲା। ଏନେଇ ମୋଟର ସାଇକେଲ୍ ଆରୋହୀମାନେ ମଧ୍ୟ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରିନଥିଲେ। ଏନେଇ ଥାନାରେ ଏକ ମାମଲା ରୁଜୁ କରି ସେମାନଙ୍କ ଘଡାଘାଗୁରି ଗ୍ରାମସ୍ଥିତ ଭଡ଼ାଘରେ ପୁଲିସ୍ ଚଢ଼ାଉ କରିଥିଲା। ଚଢ଼ାଉ ସମୟରେ ସେଠାରୁ ୨୭ଟି ମୋବାଇଲ୍, ୭ଟି ଗ୍ୟାସ ସିଲିଣ୍ଡର, ୧୫ଟି ମନିପର୍ସ, ୪ଟି ଭଙ୍ଗାତାଲା, ୧୫ଟି ଚାବିକାଠି, ୩୭ଟି ମୋବାଇଲ ଚାର୍ଜର, ୧୮ଟି ଆଧାର କାର୍ଡ, ୬ଟି ପାନ୍ କାର୍ଡ, ୮ଟି ଭୋଟର ପରିଚୟପତ୍ର, ୮ଟି ଏଟିଏମ୍ କାର୍ଡ, ନଗଦ ୫୧ ହଜାର ୯୨୦ ଟଙ୍କା ସହ ସୁନା ଅଳଙ୍କାର ମଧ୍ୟ ଜବତ କରାଯାଇଛି।

# ତାମିଲନାଡୁରୁ ଆସିପାରୁନି ପୁଅ ମୃତଦେହ



## ଫେରାଇ ଆଣିବାକୁ ନିବେଦନ

କେନ୍ଦୁଝର, ୨୨।୭ (ସଂଚାର ବ୍ୟୁରୋ): ଗତ ୪ ଦିନ ହେବ ତାମିଲନାଡୁରେ ପଡ଼ିରହିଛି ଗଣେଶ ଜୁଆଙ୍ଗ ମୃତଦେହ। ଗଣେଶଙ୍କ ମୃତଦେହ ଓଡ଼ିଶା ଆଣିବାକୁ ତାମିଲନାଡୁରେ ଥିବା ସହଯୋଗୀଙ୍କୁ ଅଡୁଆ କରିଛି ଭାଷାଗତ ସମସ୍ୟା, ଯେଉଁଥିପାଇଁ ମୃତଦେହର ବ୍ୟବଚ୍ଛେଦ ହୋଇପାରୁନି କି ତା' ଓଡ଼ିଶା ଆସିପାରୁନି। ଏସବୁର ଅସୁବିଧା ପାଇଁ ଶ୍ରମ ବିଭାଗର ଅବହେଳା ମୁଖ୍ୟ ଅସନ୍ତୋଷର କାରଣ ସାଜିଛି। ଗରିବ ପରିବାର ମୃତଦେହକୁ ଆଣିବା ଅବସ୍ଥାରେ ନ ଥିବା ବେଳେ ଜିଲ୍ଲା ଏସ୍‌ପି ନୀତିନ କୁଶଲକରଙ୍କ ହସ୍ତକ୍ଷେପ ପରେ ଆଜି ମୃତଦେହ ବ୍ୟବଚ୍ଛେଦ ପରେ କେନ୍ଦୁଝର ଅଣାଯିବା ପାଇଁ ବ୍ୟବସ୍ଥା କରାଯାଇଥିବା ସୂଚନା ମିଳିଛି। ଏପଟେ ମୃତଦେହ ପହଞ୍ଚି ନ ଥିବାରୁ ଚିନ୍ତାରେ ପରିବାର ଲୋକ ଆଖିରୁ ଲୁହ ଶୁଖୁନାହିଁ।

କେନ୍ଦୁଝର ହରିଚନ୍ଦନପୁର ବ୍ଲକ୍ ରେବଣାପଲାସପାଳ ଅଞ୍ଚଳରୁ ଦାଦନ ଖଟିବାକୁ ସୁଦୂର କେରଳ ରାଜ୍ୟକୁ ଯାଉଥିବା ବେଳେ ଅଧା ବାଟରେ ଗଣେଶଙ୍କ ଜୀବନ ଚାଲିଯାଇଥିଲା। ଗଣେଶ ଉକ୍ତ ଗ୍ରାମର ଗୁନେଇ ଜୁଆଙ୍ଗ ଓ ଗୌରା ଜୁଆଙ୍ଗଙ୍କ ସହ ଅନ୍ୟ ଗ୍ରାମର କେତେକ ଯୁବକଙ୍କ ସହ ବସ୍ ଯୋଗେ ଯାଉଥିଲେ। ଗତ ଶନିବାର ତାମିଲନାଡୁର ଚିତ୍ତୋର ଥାନାଞ୍ଚଳରେ ଏକ ସଡ଼କ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ହୋଇଥିଲା। ଗଣେଶଙ୍କ ମୃତଦେହ ଗାଁକୁ ଆଣିବା ଦିଗରେ ସହଯୋଗ କରିବା ସକାଶେ ବାପା ଯଦୁ ଜୁଆଙ୍ଗ ଗତ ସୋମବାର ତାଙ୍କ ଅକ୍ଷମତା ପ୍ରକାଶ କରିବା ସହ କେନ୍ଦୁଝର ଜିଲ୍ଲା ଶ୍ରମ ଅଧିକାରୀଙ୍କୁ ନିବେଦନ କରିଥିଲେ। ଅନ୍ୟପକ୍ଷରେ ମୃତଦେହ ନିକଟରେ ଦାଦନ ଖଟିବାକୁ ଯାଉଥିବା ଅନ୍ୟ ଶ୍ରମିକ ରହିଥିଲେ ମଧ୍ୟ ସେମାନେ ସେଠାକାର ଭାଷା ବୁଝିବାକୁ ସମସ୍ୟା ହେଉଥିବା ଯୋଗୁ ମୃତଦେହ ବ୍ୟବଚ୍ଛେଦ ହୋଇପାରିନାହିଁ। ଜିଲ୍ଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କେନ୍ଦୁଝର ଆରକ୍ଷୀ ଅଧୀକ୍ଷକଙ୍କୁ ଚିଠି କରାଯାଇ ମୃତଦେହକୁ ତାମିଲନାଡୁରୁ କେନ୍ଦୁଝରକୁ ଆଣିବା ପାଇଁ ଆପତ୍ତିବିହୀନ ପ୍ରମାଣପତ୍ର (ଏନ୍‌ଓସି) ପ୍ରଦାନ ପାଇଁ ଚିଠି କରିଛନ୍ତି। ମାତ୍ର ସେଭଳି କୌଣସି ବ୍ୟବସ୍ଥା ନ ଥିବା ବେଳେ ଶ୍ରମ ବିଭାଗ ମୃତଦେହକୁ ବ୍ୟବଚ୍ଛେଦ କରାଇବା ଓ ଆଣିବା ପାଇଁ ଉଚିତ ପଦକ୍ଷେପ ଗ୍ରହଣ କରୁ ନ ଥିବା ଯଦୁ ଅଭିଯୋଗ କରିଛନ୍ତି।

## ● ବିଦେଶୀ ମଦ ଦୋକାନକୁ ବିରୋଧ

# ତାତିଲେ ଏସ୍‌ଏଚ୍‌ଜି ସଦସ୍ୟା

ନୂଆପଡ଼ା, ୨୨।୭ (ସଂଚାର ବ୍ୟୁରୋ): ବିଦେଶୀ ମଦ ଦୋକାନ ଖୋଲିବା ନେଇ ପ୍ରତିବାଦ। ତାତିଲେ ସ୍ୱୟଂ ସହାୟିକା ଗୋଷ୍ଠୀ (ଏସଏଚଜି) ସଦସ୍ୟା। ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସହରସ୍ଥିତ ଆମ୍ବେଦକର ଛକଠାରେ ଏକ ବିଦେଶୀ ମଦ ଦୋକାନ ଖୋଲିଥିବା ବେଳେ ଏହାକୁ ତୀବ୍ର ବିରୋଧ କରିଛନ୍ତି ଏସ୍‌ଏଚ୍‌ଜି ସଦସ୍ୟା। ଏହା ପ୍ରତିବାଦରେ ମହିଳାମାନେ ଶୋଭାଯାତ୍ରା କରିବା ସହ ବିଦେଶୀ ମଦ ଦୋକାନକୁ ଘେରାଉ କରିଛନ୍ତି। ଖଡ଼ିଆଳ ସହରର ଆମ୍ବେଦକର ଛକ ଏକ ଜନଗହଳି ପୂର୍ଣ୍ଣ ସ୍ଥାନ ହୋଇଥିବା ବେଳେ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ଛକ ଉପରେ ବିଦେଶୀ ମଦ ଦୋକାନ ଖୋଲାଯାଇଥିବାରୁ ଏହାକୁ ନେଇ ମହିଳାଙ୍କ ସହ ସ୍ଥାନୀୟ ବୁଦ୍ଧିଜୀବୀମାନେ ମଧ୍ୟ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି ମଦ ଦୋକାନର ପ୍ରଭାବ ସ୍ଥାନୀୟ ଛାତ୍ରଛାତ୍ରୀ ଓ ଯୁବକମାନଙ୍କ ଉପରେ ପଡ଼ିବ ବୋଲି ସେମାନେ ଆଶଙ୍କା କରୁଛନ୍ତି। ତେଣୁ ଏହାକୁ ଦୃଷ୍ଟିରେ ରଖି ଏହି ମଦ ଦୋକାନକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ମହିଳାମାନେ ନୂଆପଡ଼ା ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଦାବି କରିଛନ୍ତି। କିନ୍ତୁ ଏ ଦିଗରେ ସ୍ଥାନୀୟ ପ୍ରଶାସନ କୌଣସି ପ୍ରକାର ପଦକ୍ଷେପ ନେଇନାହିଁ। ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଆଜି ଖଡ଼ିଆଳ ଆମ୍ବେଦକର ଛକରୁ ତୁରନ୍ତ ବିଦେଶୀ ମଦ ଦୋକାନକୁ ଉଚ୍ଛେଦ କରିବା ପାଇଁ ସ୍ଥାନୀୟ ମହିଳାମାନେ ରାଜରାସ୍ତାକୁ ଓହ୍ଲାଇ ପ୍ରତିବାଦ ଜଣାଇଛନ୍ତି। ଏଥିସହ ବିଦେଶୀ ଦୋକାନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ର ହେବ ବୋଲି ମହିଳାମାନେ କହିଛନ୍ତି।

## ସରକାରୀ କାମରେ ଏଆଇ ବ୍ୟବହାର

# ଆପ୍ କିଣିବାକୁ ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରସ୍ତାବ




ଭୁବନେଶ୍ୱର, ୨୨।୭ (ସଂଚାର ବ୍ୟୁରୋ): କୃତ୍ରିମ ବୁଦ୍ଧିମତା (ଏଆଇ) କରିବ ସରକାରୀ କାମ। ଏଥିପାଇଁ ଚାଟ୍ ଜିପିଟି, ଗୁଗୁଲ ଏଆଇ ପ୍ଲସ୍, ଗୁଗଲ ଏଆଇ ପ୍ରୋ, ଗୁଗଲ ୱାନ୍ ଭଳି ଏଆଇ ଆପ କିଣିବାକୁ ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରସ୍ତାବ ଦେଇଛି। ଏଥିସହ ଅଧିକ କ୍ଲାଉଡ ଷ୍ଟୋରେଜ, ଉନ୍ନତ ଭିଡିଓ କନଫରେନ୍ସିଂ ଓ ଏଆଇ ସେବା ପାଇଁ ଆର୍ଥିକ ମଞ୍ଜୁରୀ ଲୋଡ଼ିଲା ବିଭାଗ। ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା (ପିଏମଜିଏସୱାଇ)ର ପ୍ରକଳ୍ପ ପରିଚାଳନା, ଅନଲାଇନ୍ ସମୀକ୍ଷା ଓ ଦୈନନ୍ଦିନ ପ୍ରଶାସନିକ କାର୍ଯ୍ୟକୁ ଅଧିକ ଦ୍ରୁତ, ଆଧୁନିକ ଓ ତଥ୍ୟଭିତ୍ତିକ କରିବା ପାଇଁ ଚାଟ ଜିପିଟି, ଗୁଗଲ ଏଆଇ ପ୍ଲସ୍, ଗୁଗଲ ଏଆଇ ପ୍ରୋ, ଗୁଗଲ ୱାନ ଭଳି ପ୍ରିମିୟମ୍ ଡିଜିଟାଲ ସେବା କ୍ରୟ କରିବାକୁ ବିଭାଗ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି। ଏନେଇ ଇଞ୍ଜିନିୟର-ଇନ୍-ଚିଫ୍ କାର୍ଯ୍ୟାଳୟରୁ ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରମୁଖ ସଚିବଙ୍କ ନିକଟକୁ ଚିଠି ଲେଖି ଆବଶ୍ୟକ ପ୍ରଶାସନିକ ଅନୁମୋଦନ ଓ ଆର୍ଥିକ ମଞ୍ଜୁରୀ ପ୍ରଦାନ କରିବାକୁ ଅନୁରୋଧ କରାଯାଇଛି। ସୂଚନାନୁସାରେ, ପିଏମଜିଏସୱାଇ ଅଧୀନରେ ରାଜ୍ୟରେ ସଡ଼କ ନିର୍ମାଣ ଓ ରକ୍ଷଣାବେକ୍ଷଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ ଡିଜିଟାଲ ବ୍ୟବସ୍ଥା ସହ ଯୋଡ଼ାଯାଉଛି। ପ୍ରକଳ୍ପଗୁଡ଼ିକର ରିଅଲ୍-ଟାଇମ୍ ମନିଟରିଂ, ତଥ୍ୟ ବିଶ୍ଳେଷଣ ଓ ଦ୍ରୁତ ନିଷ୍ପତ୍ତି ଗ୍ରହଣ ଉପରେ ବର୍ତ୍ତମାନ ଅଧିକ ଗୁରୁତ୍ୱ ଦିଆଯାଉଛି। ଏଥିସହ ପ୍ରତିଦିନ ବହୁ ପରିମାଣର ଡିଜିଟାଲ ତଥ୍ୟ ସୃଷ୍ଟି ହେଉଛି। ଉଚ୍ଚ ମାନର ସଡ଼କ ଆଲାଇନମେଣ୍ଟ ମାନଚିତ୍ର, ବିସ୍ତୃତ ପ୍ରକଳ୍ପ ରିପୋର୍ଟ, ନିର୍ମାଣ କାର୍ଯ୍ୟର ଫଟୋ, ଜିଓ-ଟ୍ୟାଗ୍ ରେକର୍ଡ ଓ ଆର୍ଥିକ ତଥ୍ୟର ପରିମାଣ ଦିନକୁ ଦିନ ବଢୁଥିବାରୁ ବର୍ତ୍ତମାନର ମାଗଣା ଡିଜିଟାଲ ସୁବିଧା ଆଉ ପର୍ଯ୍ୟାପ୍ତ ହେଉନାହିଁ।

ଏଭଳି ପରିସ୍ଥିତିରେ ବିଭାଗ ପକ୍ଷରୁ ପ୍ରିମିୟମ୍ କ୍ଲାଉଡ୍ ଷ୍ଟୋରେଜ୍, ଉନ୍ନତ ଭିଡିଓ କନଫରେନ୍ସିଂ ସୁବିଧା ଓ ଏଆଇ ଆଧାରିତ କାର୍ଯ୍ୟ ସହାୟକ ସେବାକୁ ଅନ୍ତର୍ଭୁକ୍ତ କରିବାର ପ୍ରସ୍ତାବ ଦିଆଯାଇଛି। ଚାଟ୍ ଜିପିଟି ମାଧ୍ୟମରେ ବିଭିନ୍ନ ସରକାରୀ ଚିଠି, ରିପୋର୍ଟ, ଟିପ୍ପଣୀ ଓ ପ୍ରେଜେଣ୍ଟେସନ୍ ପ୍ରସ୍ତୁତି ଭଳି ଦୈନନ୍ଦିନ କାର୍ଯ୍ୟକୁ ଦ୍ରୁତ ଓ ଦକ୍ଷତାର ସହ ସମ୍ପନ୍ନ ହୋଇପାରିବ। ଗୁଗଲ ଏଆଇ ପ୍ରୋ ଓ ଗୁଗଲ ୱାନ୍ ସେବା ମାଧ୍ୟମରେ ଅଧିକ କ୍ଲାଉଡ୍ ଷ୍ଟୋରେଜ, ଡାଟା ପରିଚାଳନା ଓ ଉନ୍ନତ ଅନଲାଇନ୍ ସହଯୋଗ ବ୍ୟବସ୍ଥା ଉପଲବ୍ଧ ହେବ ବୋଲି ବିଭାଗ ଆଶା ପ୍ରକାଶ କରିଛି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003, Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

SANCHAR
ସଂଚାର
ଗୁରୁବାର ୨୩ ଜୁଲାଇ ୨୦୨୬
BUSINESS

## ସାଂସଦ ଦିଲ୍ଲୀପ ରାୟଙ୍କ ପ୍ରଶ୍ନର ଉତ୍ତରରେ ଅର୍ଥମନ୍ତ୍ରୀଙ୍କ ସୂଚନା

# ଦେଶର ଋଣ ବୋଝ ୨୦୦ ଲକ୍ଷ କୋଟିରୁ ଅଧିକ




**ଭୁବନେଶ୍ୱର, ୨୨।୭ (ସଂଚାର ବ୍ୟୁରୋ):** ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଭାରତର ଋଣ ପରିମାଣ ୨୧୮ଲକ୍ଷ କୋଟି ଟଙ୍କାରୁ ଅଧିକ ହେବ ବୋଲି କେନ୍ଦ୍ର ସରକାର ୨୦୨୬-୨୭ର ବଜେଟ୍‌ରେ ଅନୁମାନ କରିଛନ୍ତି। ତେବେ ଗତ ମାର୍ଚ୍ଚ ଶେଷ ସୁଦ୍ଧା ଦେଶର ଋଣ ପରିମାଣ ୨୦୧ଲକ୍ଷ କୋଟି ଟଙ୍କାରୁ ଅଧିକ ରହିଛି। ରାଜ୍ୟସଭାରେ ସାଂସଦ ଦିଲ୍ଲୀପ ରାୟଙ୍କ ଏକ ପ୍ରଶ୍ନର ଉତ୍ତରରେ ଅର୍ଥ ବିଭାଗ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ ଦେଇଥିବା ତଥ୍ୟରୁ ଏହା ଜଣାପଡ଼ିଛି।

କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ପ୍ରଦାନ କରିଥିବା ସୂଚନା ମୁତାବକ ୨୦୨୫-୨୬ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଭାରତର ଋଣବୋଝ ୨୦୧.୧୭ଲକ୍ଷ କୋଟି ଟଙ୍କା ଥିଲା। ଏହି ସମୟ ବେଳକୁ ବିଦେଶୀ ଋଣ ପରିମାଣ ୯.୮୯ଲକ୍ଷ କୋଟି ଟଙ୍କା ରହିଥିଲା। ତେବେ ୨୦୨୬-୨୭ ବର୍ଷ ଶେଷସୁଦ୍ଧା ଦେଶର ଋଣ ବୋଝ ୨୧୮.୬୩ଲକ୍ଷ କୋଟି ଟଙ୍କାରେ ପହଞ୍ଚିବା ଘେନି ବଜେଟ୍‌ରେ ଅନୁମାନ କରାଯାଇଛି। ବର୍ଷଶେଷ ସୁଦ୍ଧା ଦେଶର ବୈଦେଶିକ ଋଣ ପରିମାଣ ୯.୬୪ ଲକ୍ଷ କୋଟି ଟଙ୍କାରେ ପହଞ୍ଚିପାରେ। ବର୍ତ୍ତମାନର ବୈଦେଶିକ ମୁଦ୍ରା ବିନିମୟ ହାର ଅନୁଯାୟୀ ବୈଦେଶିକ ଋଣର ଆକଳନ କରାଯାଇଥିବା ଏଥିରେ ଦର୍ଶାଯାଇଛି।

ସାଂସଦ ଶ୍ରୀ ରାୟଙ୍କ ଏହି ପ୍ରଶ୍ନର ଉତ୍ତରରେ କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ଯେଉଁ ତଥ୍ୟ ଦେଇଛନ୍ତି ସେଥିରୁ ବର୍ଷକୁ ବର୍ଷ ଋଣର ମୂଳ ଓ ସୁଧ ପରିଶୋଧ ପରିମାଣ ବଢୁଛି। ୨୦୨୦-୨୧ ବର୍ଷରେ ୨.୬୨ଲକ୍ଷ କୋଟି ଟଙ୍କା ମୂଳ ପରିଶୋଧ ହୋଇଥିବାବେଳେ ୨୦୨୧-୨୨ରେ ୩ଲକ୍ଷ କୋଟି, ୨୦୨୨-୨୩ରେ ୩.୫୩ଲକ୍ଷ କୋଟି, ୨୦୨୩-୨୪ରେ ୪.୮୮ଲକ୍ଷ କୋଟି, ୨୦୨୪-୨୫ରେ ୪.୧୬ଲକ୍ଷ କୋଟି ଟଙ୍କା ସୁଝା ଯାଇଥିଲା। ୨୦୨୫-୨୬ରେ କେନ୍ଦ୍ର ସରକାର ୪.୬୧ଲକ୍ଷ କୋଟି ଟଙ୍କାର ଋଣ ସୁଝିଥିବାବେଳେ ୨୦୨୬-୨୭ର ବଜେଟ୍ ଆକଳନ ଅନୁଯାୟୀ ଏହି ପରିମାଣ ୬.୨୨ଲକ୍ଷ କୋଟି ଟଙ୍କା ହେବ ବୋଲି ଆଶା କରାଯାଉଛି।

କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀଙ୍କ ପ୍ରଦତ୍ତ ସୂଚନା ମୁତାବକ ୨୦୨୦-୨୧ ବର୍ଷରେ କେନ୍ଦ୍ର ସରକାର ଋଣ ଉପରେ ସୁଧ ବାବଦକୁ ୬.୮୦ ଲକ୍ଷ କୋଟି ଟଙ୍କା ପ୍ରଦାନ କରିଥିବାବେଳେ ୨୦୨୧-୨୨ ବର୍ଷରେ ୮.୦୫ ଲକ୍ଷ କୋଟି ଟଙ୍କା, ୨୦୨୨-୨୩ରେ ୯.୨୯ ଲକ୍ଷ କୋଟି ଟଙ୍କା, ୨୦୨୩-୨୪ରେ ୧୦.୬୪ ଲକ୍ଷ କୋଟି ଟଙ୍କା ଓ ୨୦୨୪-୨୫ ବର୍ଷରେ ୧୧.୧୬ ଲକ୍ଷ କୋଟି ଟଙ୍କା ଦେଇଥିଲେ। ୨୦୨୫-୨୬ ବର୍ଷରେ ସୁଧ ବାବଦରେ କେନ୍ଦ୍ର ସରକାର ୧୨.୪୩ ଲକ୍ଷ କୋଟି ଟଙ୍କା ଦେୟ କରିଥିବାବେଳେ ଚଳିତ ଆରôଥକ ବର୍ଷରେ ଏ ବାବଦରେ ୧୪.୦୪ ଲକ୍ଷ କୋଟି ଟଙ୍କା ପ୍ରଦାନ କରିବେ ବୋଲି ବଜେଟ୍ ଅଟକଳ ହୋଇଛି।

ଶ୍ରୀ ରାୟଙ୍କ ଅନ୍ୟ ଏକ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ର ମନ୍ତ୍ରୀ ପ୍ରତାପ ରାଓ ଯାଦବ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନାରେ ଭୁବନେଶ୍ୱରସ୍ଥିତ ଏମ୍ସର ବାଲେଶ୍ୱରଠାରେ ଏକ ସାଟେଲାଇଟ୍ କେନ୍ଦ୍ର କାର୍ଯ୍ୟ କରୁଛି। ଏବେ ରାଜ୍ୟରେ ଆଉ ନୂଆ ସାଟେଲାଇଟ୍ କେନ୍ଦ୍ର ପ୍ରତିଷ୍ଠା ପାଇଁ ପ୍ରସ୍ତାବ ନାହିଁ। ଏଠାରେ ଉଲ୍ଲେଖନୀୟ ଯେ ଜନସାଧାରଣଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ରାଉରକେଲାରେ ଏମ୍ସର ଏକ ଶାଖା ଖୋଲିବା ପାଇଁ ସାଂସଦ ଶ୍ରୀ ରାୟ ଦୀର୍ଘବର୍ଷ ହେବ ଦାବି କରିଆସୁଛନ୍ତି।

# ବିନା ଇଣ୍ଟରନେଟ୍‌ରେ ହେବ ୟୁପିଆଇ ପେମେଣ୍ଟ

ନୂଆଦିଲ୍ଲୀ, ୨୧।୭: ସାଧାରଣ ଲୋକଙ୍କ ପାଇଁ ୟୁନିଫାଇଡ୍ ପେମେଣ୍ଟସ୍ ଇଣ୍ଟରଫେସ୍ (ୟୁପିଆଇ) କୁ ନେଇ ଆସିଛି ବଡ଼ ଖବର । ଏବେ ନେଟୱାର୍କ ନଥିଲେ ବି ଆପଣ ସହଜରେ ୟୁପିଆଇ ପେମେଣ୍ଟ କରିପାରିବେ । ଭାରତୀୟ ନ୍ୟାସନାଲ ପେମେଣ୍ଟସ୍ କୋର୍ପୋରେସନ୍ (ଏନ୍‌ପିଏସ୍‌ଆଇ) ଏପରି ଏକ 'ଟେପ୍ ଟୁ ପେ ' ଫିଚର ଉପରେ କାମ କରୁଛି, ଯାହା ଦ୍ୱାରା ଗ୍ରାହକ ଏବଂ ବ୍ୟବସାୟୀ ଉଭୟଙ୍କ ମୋବାଇଲ୍ କିମ୍ବା ଡିଭାଇସ୍‌ରେ ଇଣ୍ଟରନେଟ୍ ନଥିଲେ ମଧ ପିଓଏସ୍ ଟର୍ମିନାଲ୍ ମାଧମରେ କାରବାର ସମ୍ଭବ ହୋଇପାରିବ । ନିୟର-ଫିଲ୍ଡ କମ୍ୟୁନିକେସନ୍ ଟେକ୍ନୋଲୋଜି ଆଧାରରେ ଏହି ସେବା କାର୍ଯ୍ୟ କରିବ । ବିମାନ ଯାତ୍ରା (ଇନ୍-ଫ୍ଲିଟ୍) କିମ୍ବା ମେଟ୍ରୋ / ଅଣ୍ଡରଗ୍ରାଉଣ୍ଡ ଟ୍ରେନ୍ ଭଳି ଯେଉଁଠି ନେଟୱାର୍କ ଆଦୌ ନଥାଏ, ସେଠାରେ ଏହି ସୁବିଧା ବିଶେଷ ସହାୟକ ହେବ । ଏନ୍‌ଏଫସି ଥିବା ଫୋନ୍‌କୁ ଅଫଲାଇନ୍ ପିଓଏସ୍ ଟର୍ମିନାଲରେ ଟ୍ୟାପ୍ କରି ଗ୍ରାହକ ଥରକରେ ୨,୦୦୦ ପର୍ଯ୍ୟନ୍ତ ପେମେଣ୍ଟ କରିପାରିବେ । କିପରି କରିବେ ପେମେଣ୍ଟ ? ପ୍ରଥମେ ଇଣ୍ଟରନେଟ୍ ଥିବା ସମୟରେ ଗ୍ରାହକ ନିଜ ଫୋନର ୟୁପିଆଇ ଲାଇଟ୍ ଓଉଲେଟ୍ ରେ ଟଙ୍କା ଲୋଡ୍ କରିବେ । ପରବର୍ତ୍ତୀ ସମୟରେ ନେଟୱାର୍କ ନଥିବା ସ୍ଥାନରେ କୌଣସି ୟୁପିଆଇ ପିନ୍ ନଦେଇ ବିନା ଇଣ୍ଟରନେଟରେ ସିଧାସଳଖ ଟ୍ୟାପ୍ କରି ପେମେଣ୍ଟ କରିପାରିବେ । ବ୍ୟବସାୟୀମାନଙ୍କ ପାଖରେ ଥିବା ପିଓଏସ୍ ହାଡ୍‌ଓଏର୍ ଡିଭାଇସ୍ ଗୁଡ଼ିକୁ ଅଫଲାଇନ୍ କାରବାର ପାଇଁ ସକ୍ଷମ କରିବାକୁ ଏନ୍‌ପିଏସ୍‌ଆଇ ସାର୍ଟିଫିକେସନ୍ ଦେବ । ଅଫଲାଇନ୍ ସମୟରେ ପିଓଏସ୍ ଟର୍ମିନାଲ୍ ଗ୍ରାହକଙ୍କ 'ପେମେଣ୍ଟ ଅଥରାଇଜେସନ୍' କୁ ଷ୍ଟୋର୍ କରି ରଖିବ। ପରେ ଯେତେବେଳେ ଟର୍ମିନାଲ୍‌ରେ ନେଟୱାର୍କ/ଇଣ୍ଟରନେଟ୍ ଫେରିଆସିବ, ସେତେବେଳେ ଏହା ସ୍ୱୟଂଚାଳିତ ଭାବେ ବ୍ୟାଙ୍କ ନିକଟକୁ ଯାଇ ଭେରିଫିକେସନ୍ ଏବଂ ସେଟଲମେଣ୍ଟ ପ୍ରସେସ୍ ସମ୍ପୂର୍ଣ୍ଣ କରିବ । ବ୍ୟାଙ୍କ ଏବଂ ଥାର୍ଡ-ପାର୍ଟି ୟୁପିଆଇ ଆପ୍ସ ଯେପରିକି ଗୁଗୁଲ୍ ପେ, ଫେନ୍ ପେ ଇତ୍ୟାଦି ନିଜ ଆପ୍‌ରେ ଏହି ଫିଚର ଯୋଡ଼ିବା ପାଇଁ କାମ କରୁଛନ୍ତି । ୟୁପିଆଇ ଲାଇଟ୍ ଏକ୍ସରୁ ଏହା କିପରି ଭିନ୍ନ ? ଏନ୍‌ପିଏସ୍‌ଆଇ ପୂର୍ବରୁ ସେପ୍ଟେମ୍ବର ୨୦୨୩ରେ ୟୁପିଆଇ ଲାଇଟ୍ ଏକ୍ସ ଆଣିଥିଲା, ଯାହା ଅଫଲାଇନ୍ ପେମେଣ୍ଟ ପାଇଁ ଡିଜାଇନ୍ କରାଯାଇଥିଲା । ଏହା ସହିତ ଗତଦିନରେ " ସ୍କାନ୍ ଅର୍ ଫେପ୍ ଟୁ ପେ" ପାଇଁ ଷ୍ଟାଟିକ୍/ଡିନାମିକ୍ କ୍ୟୁଆର୍ କୋଟ୍ ଓ ସାଉନ୍ଡବକ୍ସ ର ଗାଇଡଲାଇନ୍ସ ଆସିଥିଲା । ପୂର୍ବରୁ କେବଳ ଫୋନ୍-ଟୁ-ଫୋନ୍ କିମ୍ବା ଏନ୍‌ଏଫସି ମାଧମରେ କାରବାର ହେଉଥିବା ବେଳେ, ଏବେ ଦୋକାନୀଙ୍କ ପାଖରେ ଥିବା ପ୍ରାମାଣିକ/ସାର୍ଟିଫାଇଡ୍ ପିଓଏସ୍ ଟର୍ମିନାଲ୍ ରେ ମଧ ଅଫଲାଇନ୍ ୟୁପିଆଇ ଟ୍ୟାପ୍ ପେମେଣ୍ଟ ସମ୍ଭବ ହୋଇପାରିବ ।




# ମାତ୍ର ୮ ଲକ୍ଷ ଟଙ୍କାରେ ସବୁ ଫିଚର୍ ଦେବ ସିଟ୍ରୋଏନ୍

**ନୂଆଦିଲ୍ଲୀ, ୨୨।୭:** ସିଟ୍ରୋଏନ୍ ଇଣ୍ଡିଆ ନିଜର ଏସୟୁଭି ବାସାଲ୍ଟର ନୂଆ 'ବାସାଲ୍ଟ ଏକ୍ସ କମ୍ଫର୍ଟ ଏଡିସନ୍' ଭାରତୀୟ ବଜାରରେ ଲଞ୍ଚ କରିଛି। ଏହାର ପ୍ରାରମ୍ଭିକ ମୂଲ୍ୟ ୮.୭୫ ଲକ୍ଷ ଟଙ୍କା (ଏକ୍ସ-ଶୋ'ରୁମ୍)। ଯାହା ମୂଳ 'ୟୁ' ଭାରିଆଣ୍ଟ (୮.୫୫ ଲକ୍ଷ ଟଙ୍କା) ଠାରୁ ମାତ୍ର ୨୦,୦୦୦ ଟଙ୍କା ଅଧିକ। ଏୟାରକ୍ରସ୍ ପରେ ସିଟ୍ରୋଏନ୍‌ର ଏହା ଦ୍ୱିତୀୟ ଗାଡ଼ି, ଯେଉଁଥିରେ 'କମ୍ଫର୍ଟ ଏଡିସନ୍' ଆଣିଛି। କ'ଣ ସବୁ ନୂଆ ସୁବିଧା ଏବଂ ଫିଚର୍ସ ରହିଛି ? ବିଶେଷଜ୍ଞଙ୍କ ଅନୁଯାୟୀ, ଗ୍ରାହକଙ୍କ ଆରାମ ଏବଂ ପସନ୍ଦକୁ ଧାନରେ ରଖି ଏଥିରେ ପ୍ରିମିୟମ୍ ଇଣ୍ଟିରିୟର ଏବଂ ନୂଆ କମ୍‌ଫଟ୍ ଏଏକ୍ସଏସ୍ ପେକ୍ ଦିଆଯାଇଛି । ଗାଡ଼ି ଭିତରେ ବେଜ୍ କଲରର ଲେଦର ସିଟ୍ ରହିଛି, ଯାହା ଏହାକୁ ପ୍ରିମିୟମ୍ ଲୁକ୍ ଦେଉଛି । ଇନଫୋଟେନ୍‌ମେଣ୍ଟ ଓ ସାଉଣ୍ଡ: ୧୦.୨୫ ଇଞ୍ଚର ଆଣ୍ଡ୍ରଏଡ୍ ଟଚ୍‌ସ୍କ୍ରିନ୍ ସିଷ୍ଟମ୍ ଏବଂ ଜେବିଏଲ୍ ସାଉଣ୍ଡ ସିଷ୍ଟମ୍ ସାମିଲ । ସୁରକ୍ଷା ଓ ସ୍ମାର୍ଟ ଟେକ୍ନୋଲୋଜି ରହିଛି । ସୁରକ୍ଷା ପାଇଁ ଡୁଆଲ୍ ଡ୍ୟାସକ୍ୟାମ୍ ଏବଂ ପ୍ରେଡିକ୍ଟିଭ୍ ସେଫ୍ଟି ଆଲର୍ଟ। ୱାୟାରଲେସ୍ ଫୋନ୍ ଚାର୍ଜର ଏବଂ ରିୟର-ଭ୍ୟୁ କ୍ୟାମେରା ଦିଆଯାଇଛି । ପଛ ସିଟରେ ବସୁଥିବା ଯାତ୍ରୀଙ୍କ ଆରାମ ପାଇଁ ଟିଲ୍ଟ କୁସନ୍ ଏବଂ ୱିଙ୍ଗଡ୍ ହେଡରେଷ୍ଟ ରହିଛି । ଗାଡ଼ିର କ୍ୟାବିନକୁ ଏକ ସୁନ୍ଦର ଲୁକ୍ ଦେବା ପାଇଁ ଲାଇଟିଂ ବ୍ୟବସ୍ଥା କରାଯାଇଛି। ଡ୍ୟାସବୋର୍ଡ ଏବଂ ଡୋର୍ ପ୍ୟାନେଲରେ କଳା ରଙ୍ଗର ପ୍ରିମିୟମ୍ ସଫ୍ଟ-ଟଚ୍ ମ୍ୟାଟେରିଆଲ୍ ଲାଗିଛି। ଏଥିରେ ରହିଛି ଅଟୋମେଟିକ୍ କ୍ଲାଇମେଟ୍ କଣ୍ଟ୍ରୋଲ୍ । ୧୪°C ପର୍ଯ୍ୟନ୍ତ ଦ୍ରୁତ କୁଲିଂ କରିପାରୁଥିବା ଅଟୋ ଏସି ସହ ପଛ ସିଟ୍ ପାଇଁ ଏସି ଭେଣ୍ଟ ରହିଛି ।




# ୪ ଘଣ୍ଟାର ଟ୍ରେଡିଂରେ ୪ ଲକ୍ଷ କୋଟି ଟଙ୍କାର ଝଟ୍‌କା, ଖସିଲା ସେସସେକ୍ସ-ନିଫ୍ଟି

**ନୂଆଦିଲ୍ଲୀ, ୨୨।୭:** ଭାରତୀୟ ସେୟାର ବଜାରରେ 'ଭୂକମ୍ପ'। ବୁଧବାର ୨୨ ଜୁଲାଇରେ ମଧାହ୍ନ ଯାଏଁ ଏହି ଝଟକା ଏତେ ଜୋରଦାର ଥିଲା ଯେ, ସେନସେକ୍ସ ଓ ନିଫ୍ଟି ଭଳି ପ୍ରମୁଖ ସୂଚକାଙ୍କରେ ୧% ହ୍ରାସ ଦେଖିବାକୁ ମିଳିଛି। ସେଭଳି ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ସେୟାରରେ ଏଥିରେ ଅଧିକ ହ୍ରାସ ହୋଇଛି। ଚାରିଘଣ୍ଟା ଟ୍ରେଡିଂରେ ବିଏସ୍‌ଇ ନିବେଶକଙ୍କୁ ପ୍ରାୟ ୪ ଲକ୍ଷ କୋଟିର କ୍ଷତି ସହିବାକୁ ପଡିଛି। ଏହି ଲିଷ୍ଟେଡ୍ କମ୍ପାନୀର ମାର୍କେଟ କ୍ୟାପ୍ ୪,୮୦,୩୪,୩୪୦.୨୭ ଟଙ୍କା ରହି ଯାଇଛି। ଏହା ପୂର୍ବରୁ ୨୧ ଜୁଲାଇରେ ମୋଟ ମାର୍କେଟ କ୍ୟାପ୍ ୪,୮୪,୨୯,୮୩୯.୧୦ ଟଙ୍କା ଥିଲା। ଆଜି ମଧାହ୍ନ ପର୍ଯ୍ୟନ୍ତ ସେନସେକ୍ସ ୮୦୦ ପଏଣ୍ଟରୁ ଅଧିକ (ପ୍ରାୟ ୧%) ହ୍ରାସ ପାଇ ୭୬,୬୪୧.୧୯ ନିମ୍ନ ସ୍ତରରେ ପହଁଞ୍ଚି ଯାଇଛି। ସେଭଳି ନିଫ୍ଟି ୫୦% ନିଜର ଗୁରୁତ୍ୱପୂର୍ଣ୍ଣ ସମର୍ଥନ ସ୍ତର ୨୪,୦୦୦ ରେ ତଳକୁ ଖସି ୨୩,୯୬୧.୪୦ ପର୍ଯ୍ୟନ୍ତ ଆସିଯାଇଛି, ଯାହାକି ୨୦୦ ପଏଣ୍ଟ (ପ୍ରାୟ ୧%) ହ୍ରାସ ଥିଲା। ନିଫ୍ଟି




ମିଡକ୍ୟାପ୍ ୧୦୦ ଓ ସ୍ମଲକ୍ୟାପ୍ ୧୦୦ ଇଣ୍ଡେକ୍ସରେ ପ୍ରାୟ ଦେଢ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ ଘଟିଥିଲା। ସେୟାର ବଜାରରେ ଆଜି ହ୍ରାସର ୫ କାରଣ ୧- ଟ୍ରମ୍ପଙ୍କ ଟାରିଫ୍ : ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ୍ ଟ୍ରମ୍ପ ୧ ଅଗଷ୍ଟ ୨୦୨୮ରୁ ଆମେରିକାରୁ ଆସୁଥିବା ସବୁ ଜେନେରିକ୍ ଔଷଧ ଉପରେ ୧୦୦% ଟାରିଫ ଲଗାଇବାର ନିଷ୍ପତ୍ତି ନେଇଥିଲେ, ଯାହାପି ଆସନ୍ତା ବର୍ଷରୁ ବଢି ୨୦୦% ହୋଇଯିବ। ଏହାଛଡ଼ା, ଆମେରିକା ବାଣିଜ୍ୟ ପ୍ରତିନିଧି ସଙ୍କେତ ଦେଇଛନ୍ତି ଯେ, ବହୁ ଦେଶ ଉପରେ ଖୁବ୍ ଶୀଘ୍ର ନୂଆ ଟାରିଫ୍ ଲାଗିପାରେ। ଏହାଦ୍ୱାରା ବଜାରର ଧାରଣା ଦୁର୍ବଳ ହୋଇଛି। ୨- ଆମେରିକା-ଇରାନ ସଂଘର୍ଷ ବଢ଼ିବା : କୁଏତରେ ଥିବା ଆମେରିକାର ଆଡ୍ଡା ଉପରେ ଇରାନ ଡ୍ରୋନ୍ ହମଲା କରିବା ଏବଂ ଆମେରିକା ଇରାନର ପରମାଣୁ ୟୁନିଟ୍ ନିକଟରେ ଆକ୍ରମଣ କରିବା ଏହାର ଏକ କାରଣ। ଇରାନ ଚେତାବନୀ ଦେଇଛି ଯେ, ଯଦି ଆକ୍ରମଣ ଜାରି ରୁହେ ତେବେ ସଂଘର୍ଷ ଆହୁରି ବଢ଼ିବ।ଏହି ବିବାଦ କାରଣରୁ ତୈଳ ଦର ବଢିବାରେ ଲାଗିଛି, ଯାହା ଭାରତ ଭଳି ବଡ ଅଏଲ ଆମଦାନୀ କରୁଥିବା ଦେଶ ପାଇଁ ଚିନ୍ତାର ବିଷୟ ପାଲଟିଛି। ୩- ତୈଳ ଦାମ୍ ୯୨ ଡଲାର ପ୍ରତି ବ୍ୟାରେଲ ପାର: ଲଗାତାର ଚତୁର୍ଥ ଦିନ ତୈଳ ଦର ବୃଦ୍ଧି ଓ ବ୍ରେଣ୍ଟ କ୍ରୁଡ୍ ୯୨.୬୭ ଡଲାର ପ୍ରତି ବ୍ୟାରେଲ୍ ପହଁଞ୍ଚି ଯାଇଛି, ଯାହାକି ଚଳିତ ବର୍ଷ ୧୧ ଜୁନ୍ ପରେ ସବୁଠାରୁ ଉଚ୍ଚସ୍ତରରେ ରହିଛି। ଏହାଦ୍ୱାରା ଦରଦାମ୍ ବୃଦ୍ଧି ଓ ସୁଧ ହାର ବଢ଼ିବାର ଡର ରହିଛି। ୪- ଟଙ୍କା ଦୁର୍ବଳ ହେବା : ବୁଧବାର ପ୍ରାରମ୍ଭିକ କାରବାରରେ ଟଙ୍କା ୧୧ ପଇସା ହ୍ରାସ ପାଇ ୯୬.୩୬ ଟଙ୍କା ପ୍ରତି ଡଲାରରେ ଆସିଯାଇଥିଲା। ତୈଳ ଦାମ୍ ଓ ଆମେରିକା-ଇରାନ ବିବାଦ କାରଣରୁ ଡଲାର ଆବଶ୍ୟକତା ବଢ଼ିଯାଇଥିଲା, ଯାହାଫଳରେ ଚାପ ପଡିଥିଲା। ଏହାଦ୍ୱାରା ଭାରତର ବିଲ୍ ଓ ଦରଦାମ୍ ବୃଦ୍ଧ ଚିନ୍ତା ବଢି ଯାଇଥିଲା। ୫- ଡଲାର ଓ ଆମେରିକା ବଣ୍ଡ ୟିଲ୍ଡରେ ବୃଦ୍ଧି : ଡଲାର ଇଣ୍ଡେକ୍ସ ୧୦୧ ଉପରେ ରହିଛି ଓ ଆମେରିକା ୧୦ ବର୍ଷର ବଣ୍ଡର ୟିଲ୍ଡ ୪.୫୪୫% ରୁ ବଢି ୪.୬୩୫% ହୋଇଯାଇଛି। ସେଭଳି ଡଲାର ଓ ବଣ୍ଡ ୟିଲ୍ଡ ଯଦି ବଢେ, ତେବେ ବିଦେଶୀ ନିବେଶକ ଭାରତ ଭଳି ଉଦୀୟମାନ ଅର୍ଥ ବ୍ୟବସ୍ଥାରୁ ନିଜର ଟଙ୍କା ବାହାର କରି ଆମେରିକାରେ ସୁରକ୍ଷିତ ନିବେଶରେ ଲଗାଇବା ଆରମ୍ଭ କରିଦେଇଥାନ୍ତି। ଯାହାଫଳରେ ସେୟାର ବଜାରରେ ବିକ୍ରିର ଚାପ ବଢ଼ିଥାଏ।



# ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୪୬,୫୧୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୪,୩୦୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୪୬,୫୧୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୧,୩୪,୩୦୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୪୬,୫୧୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୩୪,୩୦୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୪୬,୩୧,୫୬୦ ଟଙ୍କା ଓ ୨୨ କ୍ୟାରଟେ ୧,୩୪,୪୫୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୪୬,୫୧୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୩୪,୩୦୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୪୬,୫୧୦ ଓ ୨୨ କ୍ୟାରେଟ ମୂଲ୍ୟ ୧,୩୪,୩୦୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୪୦,୦୦୦ ଟଙ୍କା ହୋଇଛି ।



# ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ପେଟ୍ରୋଲ ଓ ଡିଜେଲ ଦାମ ହ୍ରାସ ପାଇଛି । ଲଗାତାର କିଛିଦିନ ହେଲାଣି ସ୍ଥିର ରହିଛି ପେଟ୍ରୋଲ କିମ୍ବା ଡିଜେଲ ଦର । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୮.୯୭ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୦.୬୮ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୨୦ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୧ ଟଙ୍କା ୧୮ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୭.୮୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୧୩. ୫୧ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୮୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୭୭ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା୬୫ ପଇସା ରହିଛି ।

### ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ

# ସ୍ଥାୟୀ ସହକାରୀ ମଣ୍ଡଳ ଶିକ୍ଷାଧିକାରୀ ନିଯୁକ୍ତି ଦାବି

ନିଶ୍ଚିନ୍ତକୋଇଲି,୨୨।୭ (ସଂଚାର ବ୍ୟୁରୋ)ଃ କଟକ ଶିକ୍ଷା ଜିଲ୍ଲା ଅଧିନ ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଦୀର୍ଘ ଦୁଇବର୍ଷ ହେବ ତିନୋଟି ସହକାରୀ ମଣ୍ଡଳ ଶିକ୍ଷାଧିକାରୀ ପଦବୀ ଖାଲି ପଡ଼ିଛି। ସରକାରଙ୍କ ଶିକ୍ଷାବିଭାଗର ଅବହେଳାର ସୁଯୋଗ ନେଇ ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରିଣୀ ବରିଷ୍ଠତାକୁ ଉପେକ୍ଷା କରିବା ସହ ଯୋଗ୍ୟତାକୁ ଅଣଦେଖା କରି ପ୍ରୀୟାପ୍ରୀତି ତୋଷଣ ନ୍ୟାୟରେ ଅସ୍ଥାୟୀ ଭାବରେ ଦୁଇଗୋଟି ସହକାରୀ ମଣ୍ଡଳ ଶିକ୍ଷାଧିକାରୀ ନିଯୁକ୍ତି ଦେଇଛନ୍ତି। ଏବେ ଆଉ ଜଣଙ୍କୁ ନିଯୁକ୍ତି ଦେବା ପାଇଁ ମସୁଧା ଚାଲିଥିବା ଆଲୋଚନା ହେଉଛି।

ଏଲିମେଣ୍ଟାରୀ କ୍ୟାଡ଼ର ଅନୁଯାୟୀ ବିଏ ବିଏଡ଼ ଯୋଗ୍ୟତା ଧାରୀ ଶିକ୍ଷକଙ୍କୁ ତୃତୀୟବର୍ଗ ପ୍ରଧାନଶିକ୍ଷକ ପଦବୀରେ ନିଯୁକ୍ତି ମିଳିବା କଥା କିନ୍ତୁ ପରବର୍ତ୍ତୀ ଅବସ୍ଥାରେ ସରକାରଙ୍କ ତରଫରୁ ଯୋଗ୍ୟତାରେ କୋହଳ କରାଯାଇଥିଲା। ତେଣୁ କେତେକ ବିଏ ସିଟି ଯୋଗ୍ୟତାଧାରୀ ଶିକ୍ଷକ ଶିକ୍ଷୟିତ୍ରୀ ତୃତୀୟ ବର୍ଗକୁ ଉନ୍ନୀତ ହୋଇ ପ୍ରଧାନଶିକ୍ଷକ ପଦବୀକୁ ପଦୋନ୍ନତି ପାଇଥିଲେ। ସହକାରୀ ମଣ୍ଡଳ ଶିକ୍ଷାଧିକାରୀ ପଦବୀ ପାଇଁ ବିଏଡ଼ ଯୋଗ୍ୟତା ନିଶ୍ଚିତ ଆବଶ୍ୟକ ଥିବା ବେଳେ ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରିଣୀ ନିୟମର ଖୋଲା ଉଲ୍ଲଙ୍ଘନ କରି ବିଏ ସିଟି ଯୋଗ୍ୟତାଧାରୀକୁ ସହକାରୀ ମଣ୍ଡଳ ଶିକ୍ଷାଧିକାରୀ ଭାବେ ନିଯୁକ୍ତି ଦେଲେ। ଏହା ଉଚ୍ଚ ଯୋଗ୍ୟତା ସମ୍ପନ୍ନ ବରିଷ୍ଠ ପ୍ରଧାନଶିକ୍ଷକଙ୍କ ପ୍ରତି ଅବମାନନା ବୋଲି ଶିକ୍ଷାବିତ୍‌ଙ୍କ ମହଲରେ ଚର୍ଚ୍ଚା ହେଉଛି।

ବରିଷ୍ଠତା ଓ ଯୋଗ୍ୟତା ଭିତ୍ତିରେ ସହକାରୀ ମଣ୍ଡଳ ଶିକ୍ଷାଧିକାରୀ ନିଯୁକ୍ତି ପାଇଁ ପ୍ରଧାନଶିକ୍ଷକ ସୁନିଲ କୁମାର ସ୍ୱାଇଁ, ସୌଭାଗ୍ୟ କୁମାର ବରାଳ, ଜାକିର ହୁସେନ୍ ପଦବୀ ନପାଇ ଚାକିରୀରୁ ଅବସର ନେଇସାରିଲେଣି। ଏବେ ସୁନିଲ କୁମାର ଚକ୍ରବର୍ତ୍ତୀ ଓ ପ୍ରଭାତ କୁମାର ବେହେରା ଅସ୍ଥାୟୀ ସହକାରୀ ମଣ୍ଡଳ ଶିକ୍ଷାଧିକାରୀ ଭାବେ କାର୍ଯ୍ୟ ଭାର ତୁଲାଉଛନ୍ତି। କିନ୍ତୁ ବରିଷ୍ଠତା ଓ ଯୋଗ୍ୟତା ଭିତ୍ତିକୁ ଲକ୍ଷ୍ୟ କଲେ ଶିକ୍ଷକ ସୁବାଷ ଚନ୍ଦ୍ର ସାହୁ, କିଶୋର କୁମାର ସାହୁ, ଲକ୍ଷ୍ମୀପ୍ରିୟା ପଣ୍ଡା, ବିରଞ୍ଚିନାରାୟଣ ପାଣି ପ୍ରମୁଖ ସହକାରୀ ମଣ୍ଡଳ ଶିକ୍ଷାଧିକାରୀ ପାଇଁ ଯୋଗ୍ୟ ଥିବା ବେଳେ ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଚଞ୍ଚକତା କରାଯାଉଥିବା ନେଇ ଅଭିଯୋଗ ହୋଇଛି।

ତେଣୁ ଶିକ୍ଷା ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଖାଲି ପଡ଼ିଥିବା ସହକାରୀ ମଣ୍ଡଳ ଶିକ୍ଷାଧିକାରୀ ପଦବୀରେ ସ୍ଥାୟୀ ନିଯୁକ୍ତି ପାଇଁ ଶିକ୍ଷାବିତ୍ ଓ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

## ନୀଳଗିରିରେ ଭାଲୁ ଆତଙ୍କ



ନୀଳଗିରି, ୨୨।୭ (ସଂଚାର ବ୍ୟୁରୋ)ଃ ନୀଳଗିରି ବ୍ଲକ ମହିଶାପାଟ ପଞ୍ଚାୟତର ପାଟଣା ଗାଁରେ ନେତ୍ରାନନ୍ଦ ବେହେରାଙ୍କ କାଠ ପଲା ଭିତରେ ଭାଲୁ ପଶିଯାଇଥିଲା । ସକାଳୁ ଉଠି ବାହାରକୁ ଆସି ହଠାତ କାଠପଲା ଭିତରୁ ସଁ ସଁ ଶବ୍ଦ ଶୁଣି ଭୟଭୀତ ହୋଇ ଦେଖିବାକୁ ପାଇଥିଲେ ଯେ ଭାଲୁ ଶୋଇଥିବାର । ଏହି ଖବର ଗ୍ରାମରେ ପ୍ରଚାରିତ ହେବାପରେ ଭାଲୁକୁ ଦେଖିବା ପାଇଁ ଗାଁ ଲୋକ ରୁଣ୍ଡ ହୋଇ ଯାଇଥିଲେ। ଭାଲୁକୁ ଉଦ୍ଧାରକରି ବାହାର କରି ଜଙ୍ଗଲ ଆଡକୁ ଘଉଡାଇବା ପାଇଁ ଚେଷ୍ଟାକରି ବିଫଳ ହେବାପରେ ବନବିଭାଗକୁ ଖବର ଦେଇଥିଲେ । ଫରେଷ୍ଟର ମନୋରଞ୍ଜନ ମହାଳିକ ସଦଳ ବଳେ ସାଇରନ ସହ ଘଟଣାସ୍ଥଳରେ ପହଂଚିଥିଲେ। ଭାଲୁକୁ ଦେଖିବା ପାଇଁ ରୁଣ୍ଡ ହୋଇଥିବା ଲୋକଙ୍କୁ ଦୂରକୁ ଘଉଡ଼ାଇ ଦେଇ ଭାଲୁକୁ ସୁରକ୍ଷିତ ଭାବେ କାଠ ପଲାରୁ ବାହାର କରି ଗ୍ରାମର ହିମାଂଶୁ ପ୍ରଷ୍ଟି, ଗଉତମ ବେହେରା, ମନୋରଞ୍ଜନ ବେହେରା, ତାପସ ବେହେରା, ମୁନା ବେହେରା, ବିଶୁ ବେହେରା, ଲିପୁ ବାରିକ, ସତ୍ୟଜିତ ଦାସ ପ୍ରମୁଖ ଉଦ୍ୟମିମୁକ୍ତ ମାନଙ୍କ ସହଯୋଗରେ ଜଙ୍ଗଲ ଭିତରକୁ ଘଉଡ଼ାଇ ଦେଇଥିଲେ ।

ଲଗାତାର ଭାବେ ତିନିଦିନ ଧରି ଉକ୍ତ ଗ୍ରାମକୁ ଭାଲୁ ପଶୁଥିବାରୁ ଗ୍ରାମର ଲୋକମାନେ ଆତଙ୍କିତ ଭାବେ ରହୁଥିବାର କୁହାଯାଉଛି । ଜଙ୍ଗଲରେ ଖାଦ୍ୟ ଅଭାବ ଯୋଗୁଁ ବନ୍ୟଜନ୍ତୁମାନେ ଗାଁ ମୁହାଁ ହେଉଥିବା କୁହାଯାଉଛି ।

## ଶ୍ରୀଜଗନ୍ନାଥଙ୍କ ବୁଦ୍ଧ ବେଶରେ ଭକ୍ତଙ୍କୁ ଦେଲେ ଦର୍ଶନ



ସୁନ୍ଦରଗଡ଼, ୨୨।୭ (ସଂଚାର ବ୍ୟୁରୋ)ଃ ସୁନ୍ଦରଗଡ଼ ରଙ୍ଗାଢିପା ମାଉସୀ ମା ମନ୍ଦିରରେ ବୁଧୁବାର ମହାପ୍ରଭୁ ଶ୍ରୀଜଗନ୍ନାଥ ବୁଦ୍ଧ ଅବତାର ବେଶରେ ଭକ୍ତ ମାନଂକୁ ଦର୍ଶନ ଦେଇ ଶାନ୍ତି, ମୈତ୍ରୀ, ସତ୍ୟର ପ୍ରତିଷ୍ଠା ବାର୍ତ୍ତା ପ୍ରଦାନ କରିଛନ୍ତି,ଏହି ବେଶରେ ଭକ୍ତ ମାନଙ୍କ ମନରେ ସାହସ, ଶକ୍ତି, ଶାନ୍ତି, ମୈତ୍ରୀ, ସତ୍ୟର ପ୍ରତିଷ୍ଠା ଭକ୍ତ ମାନଙ୍କ ମନରେ ପ୍ରେରଣା ସୃଷ୍ଟି କରେ,ଏହି ଅବସରରେ ଆଜି ବହୁ ସଂଖ୍ୟାରେ ଭକ୍ତ ମାନେ ସନ୍ଧ୍ୟା ଆଳତୀ ସମୟରେ ମହାପ୍ରଭୁଙ୍କ ବୁଦ୍ଧ ଅବତାର ବେସର ଦର୍ଶନ କରି ନିଜକୁ ଧନ୍ୟ ମନେ କରିଛନ୍ତି,ମାଉସୀ ମା ମନ୍ଦିର ର ମୁଖ୍ୟ ପୂଜକ ଉପେନ୍ଦ୍ର ମିଶ୍ର ପୂଜା ଦାୟିତ୍ୱ ତୁଲାଇଛନ୍ତି, ମଣ୍ଡପରେ ଜୟଦୁର୍ଗା କ୍ଲବର ବରିଷ୍ଠ ସଦସ୍ୟ ହରେକୃଷ୍ଣ ମିଶ୍ର, ଗୋପାଳ ଚନ୍ଦନ, ବୀରବର ସାହୁ, ପ୍ରମୋଦ ସା, ସଞ୍ଜୁ ମିଶ୍ର, ଅମୀୟ ପଟ୍ଟନାୟକ, ସଂଜୀବ ପଟେଲ ପ୍ରମୁଖ ସହଯୋଗ କରୁଛନ୍ତି, ପ୍ରତିଦିନ ଭକ୍ତ ମାନଙ୍କ ପାଇଁ ଅଭଡ଼ା ଓ ରାତିରେ ପ୍ରସାଦ କମିଟି ତରଫରୁ ବଣ୍ଟନ କରାଯାଉଛି

## ନ୍ୟାସନାଲ ସୋସିଆଲ ୱାର୍କର ଆସୋସିଏସନର ବୈଠକ

ସୁନ୍ଦରଗଡ଼, ୨୨।୭ (ସଂଚାର ବ୍ୟୁରୋ)ଃ ନେସନାଲ ସୋସିଆଲ ୱାର୍କର ଆସୋସିଏସନ ପକ୍ଷରୁ ପିଡବ୍ଲ୍ୟୁଡି କନଫରେନ୍ସ ହଲ୍‌ରେ ଏକ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଥିଲା । ସାମାଜିକ କର୍ମୀ ସଚିନ ବିଶ୍ୱକର୍ମାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ବୈଠକରେ ସଂଗଠନର ଭବିଷ୍ୟତ କାର୍ଯ୍ୟପନ୍ଥା, ସମାଜ ସେବା କ୍ଷେତ୍ରରେ ନୂତନ ପଦକ୍ଷେପ ଏବଂ ଜିଲ୍ଲାରେ ବିକାଶକୁ ନେଇ ବିସ୍ତୃତ ଆଲୋଚନା ହୋଇଥିଲା।



ବୈଠକରେ ବକ୍ତାମାନେ କହିଥିଲେ ଯେ, ସମାଜରେ ବ୍ୟାପିଥିବା ନିଶା ସେବନ ପ୍ରବୃତ୍ତିକୁ ରୋକିବା ପାଇଁ ସଚେତନତା ଅଭିଯାନକୁ ଅଧିକ ବ୍ୟାପକ କରିବା ସହ ଯୁବପିଢ଼ିଙ୍କୁ ସକାରାତ୍ମକ ଦିଗରେ ପ୍ରେରିତ କରିବା ଉପରେ ସଂଗଠନ ଗୁରୁତ୍ୱ ଦେବ। ସେହିପରି ଜିଲ୍ଲାର ଦୁର୍ଗମ ଓ ଉପାନ୍ତ ଅଞ୍ଚଳରେ ବସବାସ କରୁଥିବା ଏବଂ ସରକାରଙ୍କ ବିଭିନ୍ନ ମୌଳିକ ସୁବିଧା ଓ କଲ୍ୟାଣକାରୀ ଯୋଜନାରୁ ବଞ୍ଚିତ ହୋଇ ରହିଥିବା ହିତାଧିକାରୀମାନଙ୍କୁ ଚିହ୍ନଟ କରି ସରକାରୀ ଯୋଜନାରେ ସାମିଲ କରାଇବା ପାଇଁ ଏକ ସମନ୍ୱିତ ପ୍ରୟାସ କରାଯିବ। ଏହା ସହିତ ଜିଲ୍ଲାର ବିକାଶ, ସ୍ଥାନୀୟ କଳା, ସଂସ୍କୃତି, ପରମ୍ପରାର ସଂରକ୍ଷଣ ଓ ପ୍ରଚାର, ସ୍ୱାବଲମ୍ବନ ବୃଦ୍ଧି, ଦକ୍ଷତା ବିଶ୍ୱବିଦ୍ୟାଳୟ, ପ୍ରଦୂଷଣ ନିୟନ୍ତ୍ରଣ, ବିସ୍ଥାପିତ ସମସ୍ୟା, ମାନବ ଚାଲାଣ ରୋକିବା ପାଇଁ ଜନସଚେତନତା ଅଭିଯାନକୁ ଜୋରଦାର କରିବା ଉପରେ ସର୍ବ ସମ୍ମତିକ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।

ବିଭିନ୍ନ ସାମାଜିକ ସମସ୍ୟାର ସମାଧାନ ପାଇଁ ସରକାରୀ ବିଭାଗ, ସ୍ୱେଚ୍ଛାସେବୀ ସଂଗଠନ ଏବଂ ସାଧାରଣ ଜନତାଙ୍କ ମଧ୍ୟରେ ସମନ୍ୱୟ ସ୍ଥାପନ କରି କାର୍ଯ୍ୟ କରିବାକୁ ବୈଠକରେ ମତ ପ୍ରକାଶ ପାଇଥିଲା। ବୈଠକରେ ସଂଗଠନକୁ ଆଗାମୀ ଦିନରେ ଆହୁରି ସୁଦୃଢ଼, ସକ୍ରିୟ ଓ ଜନମୁଖୀ କରିବା ଲକ୍ଷ୍ୟରେ ସଦସ୍ୟ ସଂଖ୍ୟା ବୃଦ୍ଧି, ନିୟମିତ ସାମାଜିକ କାର୍ଯ୍ୟକ୍ରମ ଆୟୋଜନ ଏବଂ ଜିଲ୍ଲାର ପ୍ରତ୍ୟେକ ବ୍ଲକ ଓ ପଞ୍ଚାୟତ ସ୍ତରରେ ସଂଗଠନକୁ ସୁଦୃଢ଼ କରିବା ପାଇଁ ମଧ୍ୟ ଆଲୋଚନା ହୋଇଥିଲା। ସମାଜର ପ୍ରତ୍ୟେକ ବର୍ଗର ଲୋକଙ୍କୁ ସାଙ୍ଗରେ ନେଇ ଜନହିତକର କାର୍ଯ୍ୟକ୍ରମକୁ ଅଧିକ ବ୍ୟାପକ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

## ଅବକାରୀ ବିଭାଗର ଚଢ଼ାଉ, ବିପୁଳ ପରିମାଣର ମଦ ଜବତ, ୨ ଗିରଫ



ପାରାଦ୍ୱୀପ, ୨୨।୭ (ସଂଚାର ବ୍ୟୁରୋ)ଃ ପାରାଦ୍ୱୀପ ଅବକାରୀ ଥାନା ପୋଲିସ ପକ୍ଷରୁ ଆଜି ବେଆଇନ ମଦ କାରବାର ଉପରେ ସ୍ୱତନ୍ତ୍ର ଚଢ଼ାଉ କରାଯାଇଛି। ଅବକାରୀ ଅଧିକ୍ଷିକା ମାଡାମଙ୍କ ନିର୍ଦ୍ଦେଶରେ ହୋଇଥିବା ଏହି ଚଢ଼ାଉରେ ପାରାଦ୍ୱୀପ ଗଡ଼ ବାଜାର, ପାରାଦ୍ୱୀପ ଲକ ଥାନା ଏବଂ ଜୟଶଙ୍ଖାପୁର କୁଜଙ୍ଗ ଥାନା ଅଞ୍ଚଳରୁ ବିପୁଳ ପରିମାଣର ମଦ ଜବତ ହୋଇଛି।

ଚଢ଼ାଉ ବେଳେ ଅବକାରୀ ବିଭାଗ ରତ୍ନାକର ସାହୁ ଓ ଅଭିରାମ ବେହେରା ନାମକ ଦୁଇ ଜଣ ବ୍ୟକ୍ତିଙ୍କୁ ଗିରଫ କରିଛି। ସେମାନଙ୍କ ଠାରୁ ,୪ ଲିଟର ଦେଶୀ ମଦ ଏବଂ ୬. ୫୦୦ ଲିଟର ବିଅର ଜବତ କରାଯାଇଛି। ଏ ନେଇ ଅବକାରୀ ଆଇନ ଅନୁଯାୟୀ ମାମଲା ରୁଜୁ କରାଯାଇ ଆସାମୀ ଦୁଇ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି।

ଏହି ସଫଳ ଅଭିଯାନ ପାଇଁ ଜିଲ୍ଲାପାଳ ଜେ ସୋନାଲ , ଅବକାରୀ ଅଧିକ୍ଷିକା ମାଡାମ ଏବଂ ପାରାଦ୍ୱୀପର ସମସ୍ତ ଅଫିସର ଓ କର୍ମଚାରୀଙ୍କୁ ଅଭିନନ୍ଦନ ଜଣାଯାଇଛି। ଜିଲ୍ଲାରେ ବେଆଇନ ମଦ କାରବାର ରୋକିବା ପାଇଁ ଏଭଳି ଚଢ଼ାଉ ଜାରି ରହିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଇଯାଇଛି।

## ଦ୍ୱିତୀୟ ଶ୍ରୀକ୍ଷେତ୍ରରେ ମହାପ୍ରଭୁଙ୍କ ରାଜ ରାଜେଶ୍ୱର ବେଶ



ବାରିପଦା, ୨୨।୭ (ସଂଚାର ବ୍ୟୁରୋ)ଃ ରବିବାର ପାଖରୁ ପ୍ରତ୍ୟେହ ସନ୍ଧ୍ୟାରେ ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ଶ୍ରୀ ଗୁଣ୍ଡିଚା ମିନ୍ଦିରର ଆଡ଼ପ ମଣ୍ଡପରେ ମହାପ୍ରଭୁମାନେ ବିଭିନ୍ନ ବେଶରେ ସଜିତ ହୋଇ ଭକ୍ତମାନଙ୍କୁ ଦର୍ଶନ ଦେଉଛନ୍ତି। ଆଜି ବୁଧବାର ସନ୍ଧ୍ୟାରେ ଆଡ଼ପ ମଣ୍ଡପରେ ତିନି ଠାକୁର ରାଜ ରାଜେଶ୍ୱର ବେଶରେ ସଜିତ ହୋଇ ଭକ୍ତମାନଙ୍କୁ ଦର୍ଶନ ଦେଇଛନ୍ତି । ଆଜି ମହାପ୍ରଭୁମାନଙ୍କର ବେଶ ଦର୍ଶନ କରିବା ପାଇଁ ଭକ୍ତଙ୍କର ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା । ଆସନ୍ତାକାଲି ଗୁରୁବାର ମହାପ୍ରଭୁମାନଙ୍କର କଳକୀ ବେଶ। ଶୁକ୍ରବାର ଶେଷ ବେଶ ଦର୍ଶନ । ଦ୍ୱାରିକା (ସୁନା) ବେଶରେ ତିନି ଠାକୁର ସଜିତ ହୋଇ ଭକ୍ତମାନଙ୍କୁ ଦର୍ଶନ ଦେବାପରେ ବାହୁଡା ପହଣ୍ଡି ହୋଇ ରଥ ଉପରକୁ ବିଜେ କରିବେ ।

ସେହିପରି ବାରିପଦା ର ଅନ୍ୟତମ ସାନ ଜଗନ୍ନାଥ ମନ୍ଦିରର ଗୁଣ୍ଡିଚା ମନ୍ଦିରର ଆଡ଼ପ ମଣ୍ଡପରେ ମହାପ୍ରଭୁମାନଙ୍କୁ ଆଜି ସନ୍ଧ୍ୟାରେ ପଦ୍ମ ବେଶରେ ଭକ୍ତମାନେ ଦର୍ଶନ କରିଛନ୍ତି। ଏଠାରେ ମଧ୍ୟ ଶୁକ୍ରବାର ଦିନ ତିନି ଠାକୁର ଦ୍ୱାରିକା (ରୁପା) ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେବାପରେ ବାହୁଡା ପହଣ୍ଡି ହୋଇ ରଥ ଉପରକୁ ବିଜେ କରିବେ ।

## ଷ୍ଟେଟବ୍ୟାଙ୍କ ପେନସନର୍ସ ସମସ୍ୟା ସମାଧାନ ଆଲୋଚନାଚକ୍ର




କେନ୍ଦ୍ରାପଡ଼ା, ୨୨।୭ (ସଂଚାର ବ୍ୟୁରୋ)ଃ ପାରାଦୀପସ୍ଥିତ ଷ୍ଟେଟ ବ୍ୟାଙ୍କ ଆଞ୍ଚଳିକ ବାଣିଜ୍ୟ କାର୍ଯ୍ୟାଳୟ ପକ୍ଷରୁ କେନ୍ଦ୍ରାପଡା ଷ୍ଟେଟବ୍ୟାଙ୍କ ମୁଖ୍ୟଶାଖା ସମ୍ମିଳନୀ କକ୍ଷରେ ବୁଧବାର ଅପରାହ୍ନରେ ଷ୍ଟେଟବ୍ୟାଙ୍କ ପେନସନର୍ସମାନଙ୍କ ସମସ୍ୟା ସମାଧାନ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରାପଡା ଷ୍ଟେଟବ୍ୟାଙ୍କ ମୁଖ୍ୟଶାଖାର ମୁଖ୍ୟ ପରିଚାଳକ ଅର୍କଜ୍ୟୋତି ଭଟ୍ଟାଚାର୍ଯ୍ୟ ଏହି ବୈଠକରେ ପୌରହିତ୍ୟ କରିଥିଲେ ।

ଷ୍ଟେଟବ୍ୟାଙ୍କ ଆଞ୍ଚଳିକ ବାଣିଜ୍ୟ କାର୍ଯ୍ୟାଳୟ, ପାରାଦୀପର ମାନବସମ୍ବଳ ପରିଚାଳକ ଶକ୍ତିପ୍ରସନ୍ନ ପତି ବୈଠକ ପରିଚାଳନା କରିବା ସହ ପେନସନର୍ସମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଷ୍ଟେଟବ୍ୟାଙ୍କ ପେନସନର୍ସ ସଙ୍ଘ ଓଡିଶା ସର୍କଲର ଆଞ୍ଚଳିକ ସମ୍ପାଦକ ଗଣେଶ୍ୱର ମେକାପ ବିଭିନ୍ନ ସମସ୍ୟା ଉତ୍‌ଥାପନ କରିବା ସହ ପାରାଦୀପ ଆଞ୍ଚଳିକ କାର୍ଯ୍ୟାଳୟର ଷ୍ଟେଟବ୍ୟାଙ୍କ ଡିସପେନ୍‌ସରୀ (ଚିକିତ୍ସା କେନ୍ଦ୍ର) ସହ ଡାଇଗ୍ନୋଷ୍ଟିକ ସେରର ସୁପାରିଶ କରିବା ନିମନ୍ତେ ଦୀର୍ଘଦିନର ଦାବିକୁ ବ୍ୟାଙ୍କ କର୍ତୃପକ୍ଷ ବାରମ୍ବାର ଅଣଦେଖା କରୁଥିବାରୁ ଗଭୀର ଉଦବେଗ ପ୍ରକାଶ କରିଥିଲେ। ମୁଖ୍ୟପରିଚାଳକ ଶ୍ରୀ ଭଟ୍ଟାଚାର୍ଯ୍ୟ ଓ ମାନବସମ୍ବଳ ପରିଚାଳକ ଶ୍ରୀ ପତି ଡାଇଗ୍ନୋଷ୍ଟିକ ସେର ଖୋଲାଯିବାକୁ ସୁପାରିଶ କରାଯିବ ବୋଲି ଦୃଢ଼ ପ୍ରତିଶୃତି ଦେଇଥିଲେ । ବୈଠକରେ ଷ୍ଟେଟବ୍ୟାଙ୍କ ପେନସନର୍ସ ସଙ୍ଘର ମାଧବାନନ୍ଦ ମହାପାତ୍ର, ଶରତ କୁମାର ମୁଦୁଲି, ଦୁର୍ଯ୍ୟୋଧନ ସେଠୀ, ଗୋଲକ ବିହାରୀ ବେହେରା,ଏସାନ ମହମ୍ମଦ, ନିତ୍ୟାନନ୍ଦ ସେଠୀ, ପରମାନନ୍ଦ ସେଠୀ, ରବିନ ଗୋଛାୟତ, ହରିହର ଗୋଛାୟତ, ଜିତେନ ଗୋଛାୟତ, ହରିପଦ ପଣ୍ଡା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଶେଷରେ ଆଳିକ ସମ୍ପାଦକ ଶ୍ରୀ ମେକାପ ଧନ୍ୟବାଦ ଅର୍ପଣ କରିଥିଲେ ।

## ବାବା ମୋଟର୍ସ ପକ୍ଷରୁ ରକ୍ତଦାନ ଶିବିର

### ୫୬ ୟୁନିଟ ରକ୍ତ ସଂଗୃହିତ




ବାଲିଆପାଳ, ୨୨।୭ (ସଂଚାର ବ୍ୟୁରୋ)ଃ ବାଲିଆପାଳର ପ୍ରତିଷ୍ଠିତ ବ୍ୟବସାୟିକ ପ୍ରତିଷ୍ଠାନ ବାବା ମୋଟର୍ସ ସହଯୋଗରେ ଏକ ମେଗା ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବାଲିଆପାଳ ପ୍ରତିଷ୍ଠିତ ବାବା ହିରୋ ସୋରୁମ୍ ପରିସରରେ ଅନୁଷ୍ଠିତ ଏହି ଶିବିରରେ ମୋଟ ୫୬ଜଣ ସେଚ୍ଛାକୃତ ରକ୍ତଦାତା ରକ୍ତଦାନ କରିଥିଲେ। ମୁଖ୍ୟ ଅତିଥି ଭାବରେ ବାଲିଆପାଳ ୟୁକୋ ବ୍ୟାଙ୍କ ମ୍ୟାନେଜର ହେମନ୍ତ ଦାସ; ବାଲିଆପାଳ ପୂର୍ବତନ ସରପଞ୍ଚ ମଧୁସୂଦନ ଦାରିକ ଯୋଗଦେଇ ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍‌ପାଳନ କରଥିଲେ। ସମ୍ମାନିତ ଅତିଥି ଭାବରେ ସମାଜସେବୀ ବେଣୁଧର ଜେନା ପ୍ରମୁଖ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ।

ବାବା ମୋଟର୍ସର ପ୍ରୋପାଇଟର ଅମୀୟ କୁମାର ବାରିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରକୁ ସୋରୁମର ମ୍ୟାନେଜର ସରୋଜ କୁମାର ପ୍ରମାଣିକ, ବଳରାମ ବିଶ୍ୱାଳ, ପ୍ରଶାନ୍ତ ରଣଜିତ, ଜୟନ୍ତ ସେଠି, ଭୋଳାନାଥ ପାଣିଗ୍ରାହୀ, ସତ୍ୟଜିତ ସେନାପତି, ସୁବ୍ରତ ବାରିକ, ସେକ ଫରାଜୟୁଦ୍ଦିନ, ଚନ୍ଦନ ଜେନା, ପପୁ ସାହୁ, ଅନିଲ ମହଲ, ମନୋଜ ମୁଖି, ବ୍ରଜକିଶୋର ପାତ୍ର, ଅଞ୍ଜନ ଆଚାର୍ଯ୍ୟ, ପୁନଃ ସାହୁ, ଦେବବ୍ରତ ସାହୁ, ହେମନ୍ତ ସାହୁ, କମଳାକାନ୍ତ ଦେ, ସେକ ସବୁଦିନ, ସକିଲ ଖାନ, ସେକ ମୈୟୁର, ପ୍ରତାପ ପ୍ରାମାଣିକ, ସେକ ତାଜୀରୁଦିନ, ରାଜେଶ, ଦିବ୍ୟ, ଜଗନ୍ନାଥ ସେନାପତି, ମାନସ ପରିଡା, ଲିପି ପାତ୍ର ପ୍ରମୁଖ ମିସ୍ତ୍ରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ବାଲେଶ୍ୱର ରକ୍ତ ଭଣ୍ଡାରର ଡାକ୍ତର ମୃଣ୍ମୟ ରେଞ୍ଚଦାର ରକ୍ତ ଦାତାମାନଙ୍କର ସ୍ୱାସ୍ଥ୍ୟପରୀକ୍ଷା କରିଥିଲା ବେଳେ ଟେକନିସିଆନ ଅକ୍ଷୟ ଜେନା, ସଭାଗ୍ୟବତୀ ପରିଡା, ମୋନାଲିସା ମହାନ୍ତି, ଖିରୋଦ ବାହେରା ରକ୍ତସଂଗ୍ରହ କରିଥିଲେ। ସାମ୍ବାଦିକ ଉମାକାନ୍ତ ନାୟକ ପ୍ରମୁଖ ଶିବିର ପରିଚାଳନା କରିଥିଲେ। ଏହି ଅବସରରେ ପ୍ରୋପାଇଟର ଶ୍ରୀ ବାରିକ ସମସ୍ତ ରକ୍ତଦାତାମାନଙ୍କୁ ମାନପତ୍ର ପ୍ରଦାନ କରିଥିଲେ।

## ନିମ୍ନମାନର ଛାତ କାମକୁ ବନ୍ଦ କଲେ ଗ୍ରାମବାସୀ



ମାହାଙ୍ଗା, ୨୨।୭ (ସଂଚାର ବ୍ୟୁରୋ)ଃ ମାହାଙ୍ଗା ବ୍ଲକ ଅନ୍ତର୍ଗତ ଭଦ୍ରେଶ୍ୱର ପଞ୍ଚାୟତ ସ୍ଥିତ ପୁରୁଷୋତମପୁର ଗ୍ରାମରେ ପ୍ରତିଷ୍ଠିତ ବରୁଣେଇ ୟୁ.ଜି. ଏମଇ ବିଦ୍ୟାଳୟର ନୂତନ ଗୃହ କାର୍ଯ୍ୟରେ ନିମ୍ନମାନର କାର୍ଯ୍ୟ ନେଇ ଗ୍ରାମବାସୀ ମାନେ ବନ୍ଦ କରିଥିବା ଜଣାଯାଇଛି।

ସୂଚନା ମୁତାବକ ଏହି ବିଦ୍ୟାଳୟର ନୂତନ ଗୃହ ନିମନ୍ତେ ୮ ଲକ୍ଷ ଟଙ୍କା ବ୍ୟୟ ମଞ୍ଜୁର କରାଯାଇ ନିର୍ମାଣ କାର୍ଯ୍ୟ କରାଯାଉଛି। ପ୍ରଥମେ ପୁରୁଣା ଗୃହ ଭଙ୍ଗା ଯାଇଥିଲା। ପରେ ନୂତନ ଗୃହ ଆରମ୍ଭ ହୋଇଥିବା କାର୍ଯ୍ୟରେ ପୁରୁଣା ଗୃହର ଇଟା ଲଗା ଯିବା ସହ ସହ ନିମ୍ନମାନର ଗୃହ କାର୍ଯ୍ୟ କରାଯାଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏହି ବିଦ୍ୟାଳୟର ନୂତନ ଗୃହର ଛାତ କାର୍ଯ୍ୟ ଚାଲୁଥିବା ସମୟରେ ଦାୟିତ୍ୱରେ ଥିବା ଯନ୍ତ୍ରୀ ଅନୁପସ୍ଥିତି ଥିଲେ। ଏହାର ସୁଯୋଗ ନେଇ ସମ୍ପୃକ୍ତ ଠିକାଦାର ନିମ୍ନମାନର କାର୍ଯ୍ୟ କରୁଥିଲେ। ଏହି ସମ୍ପର୍କରେ ସ୍ଥାନୀୟ ଗ୍ରାମବାସୀ ଜାଣିବା ପରେ ଛାତ ପକା କାର୍ଯ୍ୟ ବନ୍ଦ କରିଥିଲେ। ଯେ ପର୍ଯ୍ୟନ୍ତ ବିଭାଗୀୟ ଯନ୍ତ୍ରୀ କାର୍ଯ୍ୟସ୍ଥଳରେ ପହଞ୍ଚି ନାହାନ୍ତି ସେତେବେଳ ପର୍ଯ୍ୟନ୍ତ କାର୍ଯ୍ୟ ବନ୍ଦ ରହିବ ବୋଲି ଗ୍ରାମବାସୀ ମାନେ ଜିଦ ଧରିଥିଲେ। ଦୀର୍ଘ ୩ ଘଣ୍ଟା ବିଳମ୍ବରେ ଆସି ବିଭାଗୀୟ ଯନ୍ତ୍ରୀ ପହଞ୍ଚିବା ବେଳକୁ ଛାତ କାର୍ଯ୍ୟ ଅଧା କାର୍ଯ୍ୟ ହୋଇଥିଲା। ପରେ ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ ଢଳେଇ କାର୍ଯ୍ୟରେ ବ୍ୟବହୃତ ସଲିଡ ସିମେଣ୍ଟ ବଦଳରେ ଅଲଟ୍ରାଟେକ ସିମେଣ୍ଟ ବ୍ୟବହାର କରାଯାଇଥିଲା। କେବଳ ସେତିକି ନୁହେଁ ସ୍ଥାନୀୟ ଗ୍ରାମବାସୀଙ୍କ କହିବା ଅନୁଯାୟୀ ବାରଣ୍ଡା ଛାତ ୫ ଫୁଟ ବଦଳରେ ମାତ୍ର ୩ ଫୁଟ ପଡ଼ିଛି। ଏଥି ସହିତ ଗୃହ କାର୍ଯ୍ୟରେ ବ୍ୟବହୃତ ସାମଗ୍ରୀର ଭାଗ ମାପ ମଧ୍ୟ ଠିକ୍ ନ ଥିବା ଏବଂ ଛାତରେ ବ୍ୟବହୃତ ହେଉଥିବା ରଡ ଆବଶ୍ୟକ ମୁତାବକ ଦିଆ ନ ଯାଇଥିବା ଗ୍ରାମବାସୀ ମାନେ ଅନୁରୂପ ଅଭିଯୋଗ କରିଛନ୍ତି।

## ଗୃହରକ୍ଷୀ ୱେଲଫେୟାର ଫଣ୍ଡରୁ ଅବସରକାଳୀନ ଆର୍ଥିକ ସହାୟତା



ଫୁଲବାଣୀ,୨୨।୭ (ସଂଚାର ବ୍ୟୁରୋ)ଃ କନ୍ଧମାଳ ଜିଲ୍ଲା ଜି ଉଦୟଗିରି ଥାନାରେ ହୋମଗାର୍ଡ ଭାବେ ଟୁନା ନାୟକ ୧୯୮୨ମସିହା ଠାରୁ ଗୃହରକ୍ଷୀ ବିଭାଗରେ ରହି ବିଭାଗର ନିୟମାବଳୀ ଅନୁସାରେ ଥାନାରେ ଶୃଙ୍ଖଳାଗତ କାର୍ଯ୍ୟ କରି ୨୦୨୬ ମସିହାରେ ଗୃହରକ୍ଷୀ ବିଭାଗରୁ ଅବସର ଗ୍ରହଣ କରିଛନ୍ତି। ଦୀର୍ଘ ୪୪, ବର୍ଷ ହୋମଗାର୍ଡ ବିଭାଗରେ ଚାକିରି କରି ଅବସର ଗ୍ରହଣ କରିଥିବା ଟୁନା ନାୟକଙ୍କୁ ରାଜ୍ୟ ସରକାରଙ୍କ ତରଫରୁ କୈଣସି ଅନୁକମ୍ପା ସହାୟତା ନିଥିବାରୁ ଆଜି କନ୍ଧମାଳ ଏସ୍ପି ତଥା ଗୃହରକ୍ଷୀ କମାଣ୍ଡେଣ୍ଟ ରାମେନ୍ଦ୍ର ପ୍ରସାଦଙ୍କ ଦ୍ୱାରା କନ୍ଧମାଳ ଜିଲ୍ଲା ଗୃହରକ୍ଷୀ ଓ୍ୱେଲଫର ଫଣ୍ଡରୁ ତିନି ଲକ୍ଷ ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି।

କନ୍ଧମାଳ ଜିଲ୍ଲା ଶୃଙ୍ଖଳିତ ପଞ୍ଜୀକୃତ ହୋମଗାର୍ଡ ସଂଘ କର୍ମକର୍ତ୍ତାଙ୍କ ଉଦ୍ୟମରେ ଉପରିସ୍ଥ ଅଧିକାରୀଙ୍କ ଆଲୋଚନା ପ୍ରକାରେ ୨୦୨୫, ମସିହାରେ କନ୍ଧମାଳ ଏସ୍ପି ଶ୍ରୀ ଯୁକ୍ତ ହରିସ ବିସିଙ୍କ ସୋହଯୋଗରେ ହୋମଗାର୍ଡ କର୍ମଚାରୀ ମାନଙ୍କୁ ନେଇ ଏକ ଗୃହରକ୍ଷୀ କଲ୍ୟାଣ ପାଣ୍ଠି ଗଠନ କରାଯାଇଛି।

# ପନିପରିବା ଦର ଆକାଶ ଛୁଆଁ

 କାକଟପୁର/ଅସ୍ତରଙ୍ଗ, ୨୨।୭ (ସଂଚାର ବ୍ୟୁରୋ)ଃ ଶ୍ରାବଣ ମାସ ଆରମ୍ଭ ହେଲା। ଆଉ ଏହା ସହ ଆରମ୍ଭ ହେଲା ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରେ ପନିପରିବା ଦର ଦୌଡ଼। ମଙ୍ଗଳବାର ସାପ୍ତାହିକ ହାଟରେ ଗ୍ରାହକଙ୍କ ଭିଡ ଥିଲା କିନ୍ତୁ କାହା ମୁହଁରେ ହସ ନଥିଲା। କାରଣ ଦର ଶୁଣିଲେ ଆଖି ବିସ୍ଫାରିତ।

ହାଟରେ ପୋଟଳ ୮୦, କାଙ୍କଣ ୭୦, ବିନି ୧୪୦, ବାଇଗଣ ୮୦, ଟମାଟୋ ୪୦, ଗାଜର ୪୦, ଝୁଡ଼ଙ୍ଗ ୮୦, କଲରା ୮୦, ଫୁଲ କୋବି ୬୦/ପିସ, ଜହ୍ନି ୭୦, ଭେଣ୍ଡି ୬୦, ପତ୍ର କୋବି୫୦/ପିସ।

ଗତ ସପ୍ତାହ ତୁଳନାରେ ପ୍ରାୟ ସବୁ ପନିପରିବାର ଦର ୩୦ ରୁ ୫୦ ପ୍ରତିଶତ ବଢ଼ିଯାଇଛି।

ଅସ୍ତରଙ୍ଗ ମାର୍କେଟକୁ ପରିବା ଆସେ ଝାରିଆ, ଖଣ୍ଡାସାହି, ଓସ୍ତପୁର, ବେଗୁନିଆବସ୍ତ ରୁ। କିନ୍ତୁ ରାଜ୍ୟରେ ଅତ୍ୟଧିକ ବର୍ଷା ଓ ବନ୍ୟା ଯୋଗୁଁ ଫସଲ ନଷ୍ଟ। ଯୋଗାଣ କମିଲା, ଦର ବଢ଼ିଲା।



କିନ୍ତୁ ସ୍ଥାନୀୟ ବ୍ୟବସାୟୀ ଜଗବନ୍ଧୁ ସ୍ୱାଇଁ ଆଙ୍ଗୁଠି ଉଠାଇଲେ ପ୍ରଶାସନ ଉପରେ। ସେ କହିଛନ୍ତି "ସବୁଠୁ ବଡ ସମସ୍ୟା ହେଲା ଅସ୍ତରଙ୍ଗ ଓ କାକଟପୁରରେ ଶୀତଳ ଭଣ୍ଡାର ନାହିଁ। ଫଳରେ ଆମକୁ ଅନ୍ୟ ସ୍ଥାନରୁ ଉଚ୍ଚ ଦରରେ କିଣିବାକୁ ପଡୁଛି। ସେଥିପାଇଁ ବିକ୍ରି ମଧ୍ୟ ମହଙ୍ଗା। "ଦର ବୃଦ୍ଧିରେ ମଧ୍ୟବିତ୍ତ ପରିବାର ନାକେଦମ। ଗ୍ରାହକ ଅର୍ଜୁନ ମଲ୍ଲିକ କହିଛନ୍ତି , ଯେଉଁଠି ଏକ କିଲୋ ନେଉଥିଲୁ, ଏବେ ଅଧା କିଲୋ ନେଉଛୁ। ପକେଟ ଖାଲି ହୋଇଯାଉଛି କିନ୍ତୁ ବ୍ୟାଗ ଭରୁନି। ହାଣ୍ଡିଶାଳ ଚଳାଇବା ବ୍ରତ ହୋଇଗଲା। "ତାଙ୍କର ସିଧା ପ୍ରଶ୍ନ - "ନିର୍ବାଚନ ବେଳେ ସରକାର କହିଥିଲେ ଶୀତଳ ଭଣ୍ଡାର ହେବ। ଭୋଟ ସରିଲା, ପ୍ରତିଶ୍ରୁତି ପାଣିର ଗାର ହୋଇଗଲା। ହାଟରେ ରେଟ ଚାର୍ଟ ନାହିଁ। ବ୍ୟବସାୟୀ ଯାହା ଇଚ୍ଛା ସେହି ଦର ନେଉଛନ୍ତି। ଆଉ ଯୋଗାଣ ଅଧିକାରୀ ? ସେ ବ୍ଲକର ଏସି ରୁମରେ ବସିଛନ୍ତି। କଳାବଜାର ଉପରେ କୌଣସି ନଜର ନାହିଁ।

### ଏସି ରୁମରେ ଯୋଗାଣ ଅଧିକାରୀ
### ଶୀତଳ ଭଣ୍ଡାର, ରେଟ ଚାର୍ଟ ଓ ନିୟନ୍ତ୍ରଣ ନାହିଁ

"ବର୍ଷାରେ ସ୍ଥାନୀୟ ଫସଲ ନଷ୍ଟ। ଶୀତଳ ଭଣ୍ଡାର ନ ଥିବାରୁ ସଂରକ୍ଷଣ ନାହିଁ। ଯୋଗାଣ ଓ ଚାହିଦା ମଧ୍ୟରେ ବ୍ୟବଧାନ। ଫଳରେ ଦର ଆକାଶ ଛୁଆଁ। ଶ୍ରାବଣରେ ପରିବା ଚାହିଦା ବଢ଼େ। କିନ୍ତୁ ପ୍ରଶାସନର ପ୍ରସ୍ତୁତି ଶୂନ। ନା ଅଛି ଶୀତଳ ଭଣ୍ଡାର, ନା ଅଛି ବଜାର ନିୟନ୍ତ୍ରଣ, ନା ଅଛି ରେଟ ଚାର୍ଟ।

ମଧ୍ୟବିତ୍ତ ଓ ନିମ୍ନବିତ୍ତ ପରିବାର ଏବେ ପ୍ରଶ୍ନ କରୁଛନ୍ତି - ଭୋଟ ବେଳେ ମନେ ପଡେ, ଶାସନ ବେଳେ କାହିଁକି ମନେ ପଡେ ନାହିଁ ? ଲୋକଙ୍କ ଦାବି - ତୁରନ୍ତ ଶୀତଳ ଭଣ୍ଡାର ନିର୍ମାଣ ହେଉ, ବଜାରରେ କଡା ନଜର ରଖାଯାଉ। ନଚେତ ଶ୍ରାବଣ ସରିବା ବେଳକୁ ଲୋକଙ୍କ ପକେଟ ସମ୍ପୂର୍ଣ୍ଣ ଖାଲି ହୋଇଯିବ।

## ସମାଜସେବୀ ସୌଦାମିନି ସାମଲଙ୍କୁ ଶ୍ରଦ୍ଧାଞ୍ଜଳି



କେନ୍ଦ୍ରାପଡ଼ା, ୨୨।୭ (ସଂଚାର ବ୍ୟୁରୋ)ଃ ସମାଜସେବୀ ତଥା ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକ ଆପଦ କୁମାର ସାମଲଙ୍କ ଧର୍ମପତ୍ନୀ ସୌଦାମିନି ସାମଲଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ତାଙ୍କ ଡିହବଳରାମପୁରସ୍ଥିତ ବାସଭବନରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ କେଦାରନାଥ ସାମନ୍ତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ପୂର୍ବତନ ଆଞ୍ଚଳିକ ପାଣିପାଗ ବିଭାଗ ନିର୍ଦ୍ଦେଶକ ଡ. ଶରତ ଚନ୍ଦ୍ର ସାହୁ, ପ୍ରଫେସର ଡ. ଲିଙ୍ଗରାଜ ଶତପଥୀ, ଡ. ନବଘନ ପରିଡା, ଡା. ସଞ୍ଜୀୟ ବେହେରା, ମେଜର ଭରତ ଚନ୍ଦ୍ର ଜେନା,ଜିଲ୍ଲା ପ୍ରତିଭା ପୂଜା ସଂସଦ ସଭାପତି ପ୍ରଦିପ କୁମାର ମହାନ୍ତି, ବିଜେପି ରାଜ୍ୟ ପ୍ରବକ୍ତା ଉମାକାନ୍ତ ପଟ୍ଟନାୟକ, ପିସିସି ସମ୍ପାଦିକା ସସ୍ମିତା ପଣ୍ଡା ପ୍ରମୁଖ ଯୋଗଦେଇ ସ୍ୱର୍ଗତା ସାମଲଙ୍କ ବହୁମୁଖୀ ପ୍ରତିଭାର ଅବତାରଣା କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହି ଉପଲକ୍ଷେ ଏକ ସ୍ମରଣିକାକୁ ଅତିଥିମାନେ ଉନ୍ମୋଚନ କରିବା ସହିତ ସ୍ୱର୍ଗତା ସାମଲଙ୍କ ଏକ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଥିଲା ।






# ପେଟ ଓ ପରିସ୍ରାରେ ପୋଡ଼ା ସମସ୍ୟାରୁ କିପରି ପାଇବେ ମୁକ୍ତି ?



ପେଟରେ ପୋଡ଼ା ଅନୁଭବ ଏବଂ ପରିଶ୍ରା କରିବା ସମୟରେ ପୋଡ଼ା କିମ୍ବା ଜ୍ୱଳନ ଏକ ସାଧାରଣ ସମସ୍ୟା ପାଲଟିଲାଣି। କିନ୍ତୁ ଏହାକୁ ଅବହେଳା କରିବା ଉଚିତ ନୁହେଁ। ପେଟରେ ପୋଡ଼ା ଅଧିକାଂଶ ସମୟରେ ଏସିଡିଟି, ଗ୍ୟାସ କିମ୍ବା ଅସ୍ୱାସ୍ଥ୍ୟକର ଖାଦ୍ୟାଭ୍ୟାସ ଯୋଗୁଁ ହୋଇଥାଏ। ସେହିପରି ପରିଶ୍ରାରେ ପୋଡ଼ା ସାଧାରଣତଃ ପାଣିର ଅଭାବ, ମୂତ୍ର ସଂକ୍ରମଣ (UTI), ଅତ୍ୟଧିକ ମସଲାଯୁକ୍ତ ଖାଦ୍ୟ କିମ୍ବା ଅନ୍ୟ କେତେକ ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ହୋଇପାରେ। ଯଦି ବାରମ୍ବାର ଏସିଡିଟି କିମ୍ବା ପେଟରେ ଜ୍ୱଳନ ହେଉଛି, ତେବେ ପ୍ରଥମେ ଖାଦ୍ୟାଭ୍ୟାସରେ ପରିବର୍ତ୍ତନ ଆଣନ୍ତୁ। ଅତ୍ୟଧିକ ତେଲିଆ, ମସଲାଯୁକ୍ତ ଏବଂ ଭଜା ଖାଦ୍ୟ ଖାଆନ୍ତୁ ନାହିଁ। ଏକାଥରେ ଅଧିକ ଖାଇବା ପରିବର୍ତ୍ତେ ଅଳ୍ପ ଅଳ୍ପ କରି ଦିନକୁ ୪ ରୁ ୫ ଥର ଖାଇବା ଭଲ। ଖାଇ ସାରିବା ପରେ ସଙ୍ଗେ ସଙ୍ଗେ ଶୋଇବା ଉଚିତ ନୁହେଁ। ଅତି କମରେ ୨ ରୁ ୩ ଘଣ୍ଟା ପରେ ଶୋଇବା ଭଲ। ଅଦା, କଦଳୀ, ଓଟସ୍, ଦହି ଭଳି ହାଲୁକା ଖାଦ୍ୟ ପେଟ ପାଇଁ ଉପକାରୀ ହୋଇପାରେ। ଚା, କଫି, ମଦ୍ୟପାନ ଏବଂ ଧୂମପାନ କମ୍ କିମ୍ବା ବନ୍ଦ କରିବା ଉଚିତ, କାରଣ ଏଗୁଡ଼ିକ ଏସିଡିଟି ବଢ଼ାଇପାରେ।

ପରିଶ୍ରା କରିବା ସମୟରେ ପୋଡ଼ା ହେଲେ ସର୍ବପ୍ରଥମେ ପର୍ଯ୍ୟାପ୍ତ ପରିମାଣରେ ପାଣି ପିଅନ୍ତୁ। ଦିନକୁ ପ୍ରାୟ ୨ ରୁ ୩ ଲିଟର ପାଣି ପିଇଲେ ଶରୀରରେ ପାଣିର ଅଭାବ ଦୂର ହୋଇଥାଏ ଏବଂ ମୂତ୍ରପଥ ସଫା ହୋଇଯାଏ। ନଡ଼ିଆ ପାଣି, ଲେମ୍ବୁ ପାଣି କିମ୍ବା ଅଧିକ ଚିନି ନଥିବା ତରଳ ପାନୀୟ ମଧ୍ୟ ଉପକାରୀ ହୋଇପାରେ।

ବ୍ୟକ୍ତିଗତ ସ୍ୱଚ୍ଛତା ରକ୍ଷା କରିବା ମଧ୍ୟ ଜରୁରୀ। ପରିଶ୍ରାକୁ ଦୀର୍ଘ ସମୟ ଧରି ଅଟକାଇ ରଖିବା ଉଚିତ ନୁହେଁ। ଯଦି ପୋଡ଼ା ସହିତ ବାରମ୍ବାର ପରିଶ୍ରା ଲାଗୁଛି, ଜ୍ୱର ହେଉଛି, ରକ୍ତ ଆସୁଛି କିମ୍ବା ତଳ ପେଟରେ ଅଧିକ ଯନ୍ତ୍ରଣା ଅନୁଭବ ହେଉଛି, ତେବେ ଏହା ମୂତ୍ର ସଂକ୍ରମଣର ଲକ୍ଷଣ ହୋଇପାରେ। ଏପରି ସ୍ଥିତିରେ ଡାକ୍ତରଙ୍କ ପରାମର୍ଶ ନେବା ନିହାତି ଆବାଶ୍ୟକ। ସୁସ୍ଥ ଜୀବନଶୈଳୀ ଅନେକ ପେଟ ଓ ମୂତ୍ର ସମସ୍ୟାକୁ ରୋକିପାରେ। ପ୍ରତିଦିନ ହାଲୁକା ବ୍ୟାୟାମ କରନ୍ତୁ, ପର୍ଯ୍ୟାପ୍ତ ନିଦ୍ରା ନିଅନ୍ତୁ ଏବଂ ମାନସିକ ଚାପ କମ୍ ରଖନ୍ତୁ। ଅଧିକ ଫଳ, ପନିପରିବା ଏବଂ ଫାଇବରଯୁକ୍ତ ଖାଦ୍ୟ ଖାଇବା ଦ୍ୱାରା ପାଚନ ପ୍ରକ୍ରିୟା ଭଲ ରହିଥାଏ।

ଏଥିସହ ଜାଣିରଖନ୍ତୁ ଯେ, ଯଦି ପେଟରେ ପୋଡ଼ା ବାରମ୍ବାର ହେଉଛି, ଓଜନ କମିଯାଉଛି, ବାନ୍ତିରେ ରକ୍ତ ଆସୁଛି କିମ୍ବା କଳା ରଙ୍ଗର ମଳ ହେଉଛି, ତେବେ ଶୀଘ୍ର ଡାକ୍ତରଙ୍କୁ ଦେଖାନ୍ତୁ। ସେହିପରି ପରିଶ୍ରାରେ ପୋଡ଼ା ୧ରୁ୨ ଦିନରୁ ଅଧିକ ରହିଲେ, ଜ୍ୱର, ଅଧିକ ଯନ୍ତ୍ରଣା କିମ୍ବା ରକ୍ତ ଆସିଲେ ମଧ୍ୟ ଚିକିତ୍ସା ଆବଶ୍ୟକ। ଏହା କେବେ କେବେ ସଂକ୍ରମଣ, କିଡନୀ ଷ୍ଟୋନ୍ କିମ୍ବା ଅନ୍ୟ କୌଣସି ରୋଗର ଲକ୍ଷଣ ହୋଇପାରେ। ପେଟ ଏବଂ ପରିଶ୍ରାରେ ପୋଡ଼ା ଭଳି ସମସ୍ୟାକୁ ହାଲୁକା ଭାବରେ ନେବା ଉଚିତ ନୁହେଁ। ସଠିକ୍ ଖାଦ୍ୟାଭ୍ୟାସ, ପର୍ଯ୍ୟାପ୍ତ ପାଣି ପିଇବା, ସ୍ୱଚ୍ଛତା ରକ୍ଷା ଏବଂ ସୁସ୍ଥ ଜୀବନଶୈଳୀ ଆପଣାଇଲେ ଏହି ସମସ୍ୟାରୁ ଅନେକ ସମୟରେ ମୁକ୍ତି ମିଳିପାରିବ। ଯଦି ଲକ୍ଷଣ ଦୀର୍ଘ ସମୟ ଧରି ରହେ କିମ୍ବା ଗୁରୁତର ହୁଏ, ତେବେ ଡାକ୍ତରଙ୍କ ପରାମର୍ଶ ନେଇ କାରଣ ଜାଣି ଉଚିତ ଚିକିତ୍ସା କରାଇବା ହିଁ ସର୍ବୋତ୍ତମ ପଦକ୍ଷେପ।

# ସକାଳୁ ଉଷୁମ ପାଣି, ଫଳ ଶରୀର ପାଇଁ ଉପକାରୀ

ସକାଳ ସମୟରେ ଆମେ କ'ଣ ଏବଂ କିପରି ଖାଉ ତାହା ସାରା ଦିନ ଆମର ସ୍ୱାସ୍ଥ୍ୟ, ଶକ୍ତି ଏବଂ ପାଚନକୁ ପ୍ରଭାବିତ କରିଥାଏ। ବିଶେଷକରି ସକାଳ ସମୟରେ ଆମ ପେଟ ଖାଲିଥାଏ । ଏହି ସମୟରେ କ'ଣ ଖାଇବା ଉଚିତ କ'ଣ ନଖାଇବା ଉଚିତ ତାହାକୁ ନେଇ ଲୋକଙ୍କ ମନରେ ଦ୍ୱନ୍ଦ୍ୱ ରହିଥାଏ। ତେବେ ଆସନ୍ତୁ ଜାଣିବା ସକାଳ ସମୟରେ କେଉଁ ଖାଦ୍ୟ ଖାଇବା ଉଚିତ। ଖାଲି ପେଟରେ କଫି, ଚା, କିମ୍ବା ସାଇଟ୍ରସ୍ ଫଳ ଖାଇବା ଦ୍ୱାରା ଏହା ଆମ ଶରୀରରେ ସମସ୍ୟା ସୃଷ୍ଟି କରିପାରେ।

ସକାଳେ ପ୍ରଥମେ ଏକ ଗ୍ଲାସ୍ ଉଷୁମ ପାଣି ପିଇବା ଦ୍ୱାରା ପେଟ ବିଷମୁକ୍ତ ହୁଏ। ଏଥିରେ ଅଳ୍ପ ଲେମ୍ବୁ ମିଶାଇ ପିଇଲେ ଶରୀରରୁ ବିଷାକ୍ତ ପଦାର୍ଥ ବାହାରିବା ସହିତ ମେଟାବୋଲିଜିମ୍ ବୃଦ୍ଧି କରିବାରେ ସାହାଯ୍ୟ କରେ। ଏହା ପାଚନ ତନ୍ତ୍ରକୁ ହାଲୁକା ଏବଂ ସକ୍ରିୟ ରଖେ। ଯାହା ଆପଣଙ୍କୁ ଦିନସାରା କାମ କରିବା ପାଇଁ ଶକ୍ତି ଯୋଗାଇଥାରଏ। ସକାଳେ ଖାଲି ପେଟରେ ତେଲ କିମ୍ବା ଭାରି ଖାଦ୍ୟ ଖାଇବା ଦ୍ୱାରା ଗ୍ୟାସ୍ ବଢ଼ିପାରେ। ଏହି କ୍ଷେତ୍ରରେ ଓଟ୍ସ ଭଳି ହାଲୁକା ଖାଦ୍ୟ ଖାଇବା ହେଉଛି ସର୍ବୋତ୍ତମ ବିକଳ୍ପ। ଏଭଳି ଖାଦ୍ୟରେ ଫାଇବର ପ୍ରଚୁର ପରିମାଣରେ ରହିଥାଏ। ଯାହାକି ପାଚନ କ୍ରିୟାରେ ସାହାଯ୍ୟ କରିଥାଏ। ଯଦି ଆପଣ ସକାଳ ସମୟରେ କିଛି ହାଲୁକା ଏବଂ ଶୀଘ୍ର ଖାଇବାକୁ ଚାହୁଁଛନ୍ତି ତେବେ କଦଳୀ, ସେଓ କିମ୍ବା ଅମୃତଭଣ୍ଡା ଖାଇ ପାରିବେ। ଏହି ଫଳଗୁଡ଼ିକ ସହଜରେ ହଜମ ହୁଏ ଏବଂ ପେଟକୁ ଥଣ୍ଡା ରଖିଥାଏ। ଖାଲିପେଟରେ ପଇଡ଼ ପାଣି ବି ପିଇ ପାରିବେ। ସକାଳେ ଖାଲି ପେଟରେ ରାତିସାରା ଭିଜା ହୋଇଥିବା କିସମିସ୍, ବାଦାମ କିମ୍ବା ଅଖରୋଟ ଖାଇବା ଅତ୍ୟନ୍ତ ଲାଭଦାୟକ। ଏହା କେବଳ ହଜମକୁ ସମର୍ଥନ କରେ ନାହିଁ ବରଂ ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରିବା ସହିତ ପେଟ ସମସ୍ୟାକୁ ଦୂର କରିଥାଏ।



# ହାର୍ଟ ଫେଲ୍ୟୁଅର୍ କିପରି ହୋଇଥାଏ ?





ଦ୍ରୁତ ଗତିରେ ବଦଳୁଥିବା ଜୀବନଶୈଳୀ ଏବଂ ବର୍ଦ୍ଧିତ ଚାପ ସହିତ, ହୃଦଘାତ ଆଜି ଏକ ଗମ୍ଭୀର ସମସ୍ୟା ପାଲଟିଛି। ପୂର୍ବରୁ ଏହି ଅବସ୍ଥା କେବଳ ବୟସ୍କ ବ୍ୟକ୍ତିମାନଙ୍କ ପାଇଁ ସୀମିତ ବୋଲି ବିବେଚନା କରାଯାଉଥିଲା । କିନ୍ତୁ ବର୍ତ୍ତମାନ ଯୁବପିଢ଼ି ମଧ୍ୟ ଏହାର ଶିକାର ହେଉଛନ୍ତି। ଏହି ଅବସ୍ଥା ସେତେବେଳେ ଘଟେ ଯେତେବେଳେ ହୃତପିଣ୍ଡ ସାରା ଶରୀରରେ ରକ୍ତ ପମ୍ପ କରିବାର କ୍ଷମତା ହରାଇଦିଏ । ଯାହା ଫଳରେ ଶରୀର ପର୍ଯ୍ୟାପ୍ତ ଅମ୍ଳଜାନ ପହଞ୍ଚି ନପାରି ହୃଦଘାତ ହୋଇଥାଏ ।

### ହୃଦଘାତ କିପରି ହୁଏ ?

ଏହା ସେତେବେଳେ ଘଟେ ଯେତେବେଳେ ହୃଦୟ ମାଂସପେଶୀ ଅତ୍ୟଧିକ କଠିନ କିମ୍ବା ଅତ୍ୟଧିକ ଦୁର୍ବଳ ହୋଇଯାଏ। ଏହା ହେତୁ ହୃତପିଣ୍ଡ ରକ୍ତକୁ ଦକ୍ଷତାର ସହିତ ପମ୍ପ କରିପାରି ନଥାଏ, ଯାହା ଫଳରେ ଶରୀରର ବିଭିନ୍ନ ଅଂଶରେ ତରଳ ପଦାର୍ଥ ଜମା ହୁଏ। ଏହି କାରଣରୁ ଏହାକୁ କେତେକ ସମୟରେ କଞ୍ଜେଷ୍ଟିଭ୍ ହାର୍ଟ ଫେଲ୍ୟୁଅର କୁହାଯାଏ, କାରଣ ରକ୍ତ ଏବଂ ତରଳ ପଦାର୍ଥ ଶରୀରର ଟିସୁଗୁଡ଼ିକରେ ଜମା ହୁଏ। ହୃଦୟର ଡାହାଣ ପାର୍ଶ୍ୱ ଫୁସଫୁସକୁ ରକ୍ତ ପମ୍ପ କରେ, ଯେତେବେଳେ ବାମ ପାର୍ଶ୍ୱ ଫୁସଫୁସରୁ ଶରୀରର ଅନ୍ୟାନ୍ୟ ଅଂଶକୁ ଅମ୍ଳଜାନ ଯୁକ୍ତ ରକ୍ତ ପମ୍ପ କରେ। ଯେତେବେଳେ ଏହି ପ୍ରକ୍ରିୟା ବିଫଳ ହୁଏ, ସେତେବେଳେ ଶ୍ୱାସକ୍ଳାନ୍ତି, ଥକ୍କାପଣ ଏବଂ ଫୁଲା ଭଳି ଲକ୍ଷଣ ଦେଖାଯାଏ।

### ହୃଦଘାତର ଆଶଙ୍କା କାହାର ଅଧିକ ଥାଏ ?

ହୃଦଘାତ ଯେକୌଣସି ବୟସରେ ହୋଇପାରେ, କିନ୍ତୁ ବୟସ୍କ ଲୋକଙ୍କର ବିପଦ ଅଧିକ ଥାଏ। ଏହାର ସାଧାରଣ କାରଣ ହେଉଛି କରୋନାରୀ ଧମନୀ ରୋଗ, ଉଚ୍ଚ ରକ୍ତଚାପ, ମଧୁମେହ, ସ୍ଥୂଳତା ଏବଂ ଧୂମପାନ। ଏହି ଅବସ୍ଥା ପ୍ରାୟତଃ ଧୀରେ ଧୀରେ ବିକଶିତ ହୁଏ। ଲୋକମାନେ ପ୍ରାୟତଃ ପ୍ରାରମ୍ଭିକ ପର୍ଯ୍ୟାୟରେ କୌଣସି ଲକ୍ଷଣ ଅନୁଭବ କରନ୍ତି ନାହିଁ । କିନ୍ତୁ ସମୟ ସହିତ, ନିଶ୍ୱାସ ନେବାରେ କଷ୍ଟ, ଥକ୍କାପଣ ଏବଂ ଗୋଡ଼ କିମ୍ବା ପେଟ ଫୁଲିବା ବୃଦ୍ଧି ପାଏ।

# ବର୍ଷାଦିନେ କ୍ଷୀର ପିଇବା ସ୍ୱାସ୍ଥ୍ୟ ପାଇଁ ହାନିକାରକ



ବର୍ଷା ଦିନେ କ୍ଷୀର ପିଇବା ପାଇଁ ଘରର ବୟସ୍କ ବ୍ୟକ୍ତିମାନେ ମନା କରିଥାନ୍ତି। କିନ୍ତୁ ଆପଣ କେବେ ଭାବିଛନ୍ତି କି ଏଭଳି କାହିଁକି କୁହାଯାଇଥାଏ। ବର୍ଷା ଦିନେ କ୍ଷୀର ପିଇବା ଦ୍ୱାରା ପେଟ ସମ୍ବନ୍ଧୀୟ ଅନେକ ସମସ୍ୟା ଦେଖାଯାଇଥାଏ। ଏହା ବ୍ୟତୀତ କ୍ଷୀର ଆପଣଙ୍କ ଡାଇଜେଷ୍ଟିଭ ସିଷ୍ଟମକୁ ଖରାପ କରିଥାଏ। କ୍ଷୀର ଫୁଡ ପଏଜନିଙ୍ଗର କାରଣ ହୋଇପାରେ। କ୍ଷୀର ପିଇବା ଦ୍ୱାରା ଏସିଡିଟି ଏବଂ ପେଟ ଖରାପ ହେବାର ସମ୍ଭାବନା ଥାଏ। ଏହି ବର୍ଷା ଦିନରେ କ୍ଷୀର ପିଇବା ଦ୍ୱାରା ଶରୀରକୁ ଅନେକ କ୍ଷତି ପହଞ୍ଚିଥାଏ।

ଆୟୁର୍ବେଦ ଅନୁଯାୟୀ, ବର୍ଷା ଋତୁରେ କ୍ଷୀର ପିଇବା ଉଚିତ ନୁହେଁ କାରଣ ଏହା ଶରୀରକୁ ଅନେକ ପ୍ରକାରର କ୍ଷତି ପହଞ୍ଚାଏ। ତେବେ ବର୍ଷା ଋତୁରେ କୀଟ ପତଙ୍ଗମାନଙ୍କର ମାତ୍ରା ଅଧିକ ବଢ଼ିଯାଏ। ଏପରି ପରିସ୍ଥିତିରେ ଗାଈ ଏବଂ ମଇଁଷି ମାନଙ୍କ ଘାସରେ ବିଷାକ୍ତ କୀଟ ପତଙ୍ଗ ରହିଥାନ୍ତି। ପଶୁ ମାନେ ସେହି ଘାସ ଖାଇବା ପରେ ସେମାନେ ସଂକ୍ରମିତ ହୋଇପାରନ୍ତି। ଯାହା ପରେ ଆପଣ କ୍ଷୀର ପିଇବା ଦ୍ୱାରା ଫୁଡ ପଏଜନିଙ୍ଗର ଶିକାର ହୋଇପାରନ୍ତି। ଏହି ଋତୁରେ କ୍ଷୀର ପିଇବା ଦ୍ୱାରା ଆପଣଙ୍କ ହଜମ ପ୍ରକ୍ରିୟାରେ ସମସ୍ୟା ଦେଖାଯାଇ ପାରେ ଏବଂ ଡାଇଜେଷ୍ଟିଭ ଏନଜାଇମ୍ କୁ କ୍ଷତି ପହଞ୍ଚିଥାଏ। ଏହା ବ୍ୟତୀତ ଶରୀରରେ ଅନେକ ପ୍ରକାରର ପ୍ରତିକ୍ରିୟା ମଧ୍ୟ ହୋଇପାରେ। ଯଦି ଆପଣ କୌଣସି ଜିନିଷ ଖାଉଛନ୍ତି , ତେବେ ଏହା ହଜମ ହେବା ପାଇଁ ସମୟ ଲାଗିଥାଏ ଏବଂ ଏହା ଦ୍ୱାରା ସ୍ଲୋ ମେଟାବୋଲିଜିମ୍ ହୋଇଥାଏ | ବର୍ଷା ଦିନରେ ପଶୁ ମାନଙ୍କୁ ରୋଗ ହେବାର ଆଶଙ୍କା ଅଧିକ ଥାଏ। ଏପରିସ୍ଥିତିରେ କ୍ଷୀର ପିଇବା ଆପଣଙ୍କ ଶରୀର ପାଇଁ ହାନିକାରକ ହୋଇପାରେ। ତେଣୁ ଏହି ଦିନରେ କ୍ଷୀର ପିଇବା ଠାରୁ ଦୂରେଇ ରୁହନ୍ତୁ। କ୍ଷୀର ପିଇବାକୁ ଚାହୁଁଥିଲେ ଏହାକୁ ଭଲ ଭାବେ ଫୁଟାଇବା ପରେ ଏଥିରେ ଅଳ୍ପ ହଳଦୀ ମିଶାଇ ପିଇ ପାରିବେ। ଏହି କ୍ଷୀର ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ହାନିକାରକ ହେବ ନାହିଁ।

# ଲାଇଟ୍ ବନ୍ଦ କରି ଶୋଇଲେ ହୃଦୟକୁ ଲାଭ ମିଳେ

ଆମେ ସମସ୍ତେ ଜାଣିଛେ ସୁସ୍ଥ ଶରୀର ପାଇଁ ନିଦ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କାରଣ ଯେତେବେଳେ ଆମେ ଶୋଇଥାଉ, ଆମର ଶରୀର ଆରାମ କରିଥାଏ । ଶାରିରୀକ ଏବଂ ମାନସିକ ସୁସ୍ଥତା ଆସିଥାଏ । ରୋଗ ପ୍ରତିରୋଧକ ଶକ୍ତି ସହ ମସ୍ତିଷ୍କର କାର୍ଯ୍ୟକୁ ଉନ୍ନତ କରେ । ତେବେ ଆମେ କିପରି ଶୋଇବା, କିମ୍ବା କେଉଁ ପରିବେଶରେ ଶୋଇବା, ତାହା ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ଆପଣ କ'ଣ ଜାଣନ୍ତି ଯେ ସମ୍ପୂର୍ଣ୍ଣ ଅନ୍ଧାର, ଅଳ୍ପ ଆଲୋକ କିମ୍ବା ଅଧିକ ଲାଇଟ୍ରେ ଶୋଇବା ଆପଣଙ୍କ ହୃଦୟ ଉପରେ ମଧ୍ୟ ପ୍ରଭାବ ପକାଇଥାଏ ? ଆସନ୍ତୁ ଜାଣିବା ଏହି ରିପୋର୍ଟ ବିଷୟରେ ।

**ଡିମ୍ ଆଲୋକ:** ଗବେଷଣାରୁ ଜଣାପଡ଼ିଛି ଯେ, ଡିମ୍ ଆଲୋକ ସହିତ ଶୋଇବା ଦ୍ୱାରା ଶରୀରର ପ୍ରାକୃତିକ ସର୍କାଡିଆନ୍ ବାଧାପ୍ରାପ୍ତ ହୁଏ, ଯାହା ଜୈବିକ ପ୍ରକ୍ରିୟାଗୁଡ଼ିକୁ ନିୟନ୍ତ୍ରଣ କରେ । ଶରୀର ଏହି ପ୍ରାକୃତିକ ଜୈବିକ ଚକ୍ରଗୁଡ଼ିକୁ ବ୍ୟବହାର କରି ହୃଦୟ, ମେଟାବୋଲିଜିମ୍ ଏବଂ ରୋଗ ପ୍ରତିରୋଧକ ପ୍ରଣାଳୀ ସମେତ ଏହାର ଅଙ୍ଗଗୁଡ଼ିକୁ ସୁଗମ ଭାବରେ ପରିଚାଳନା କରିଥାଏ । ରାତି ସମୟରେ ଡିମ୍ ଆଲୋକର ସଂସ୍ପର୍ଶରେ ଆସିବା ଦ୍ୱାରା ମେଲାଟୋନିନ୍ ଉତ୍ପାଦନ ହ୍ରାସ ପାଏ, ଯାହା ଫଳରେ ହୃଦସ୍ପନ୍ଦନ ବୃଦ୍ଧି ପାଏ ଏବଂ ରକ୍ତରେ ଶର୍କରା ସ୍ତର ପରିବର୍ତ୍ତନ ହୁଏ ।

**ସମ୍ପୂର୍ଣ୍ଣ ଅନ୍ଧାରର ଲାଭ:** ଆପଣଙ୍କ ଶୟନ କକ୍ଷରେ ଲାଇଟ୍ ଅଫ ନପଡିବା ଆପଣଙ୍କୁ ଅଧିକ ସମୟ ପାଇଁ ନିଦ୍ରା ବଜାୟ ରଖିବା ସହିତ ଶୀଘ୍ର ଶୋଇବାକୁ ସକ୍ଷମ କରିଥାଏ । ଉତ୍ତମ ନିଦ୍ରା ଗୁଣବତ୍ତା ଉନ୍ନତ ମନୋଭାବ, ଚାପ ହ୍ରାସ କରିଥାଏ, ଆପଣଙ୍କ ପ୍ରତିରକ୍ଷା ପ୍ରଣାଳୀକୁ ମଜବୁତ କରିଥାଏ ଏବଂ ଆପଣଙ୍କ ଭୋକ ଏବଂ ହରମୋନକୁ ନିୟନ୍ତ୍ରଣ କରିଥାଏ । ବ୍ଲାକଆଉଟ୍ ପରଦା, ଆଖି ମାସ୍କ ଏବଂ ଇଲେକ୍ଟ୍ରୋନିକ୍ ଆଲୋକ ଉତ୍ସ ଅପସାରଣର ମିଶ୍ରଣ ଏକ ଉପଯୁକ୍ତ ନିଦ୍ରା ପରିବେଶ ସୃଷ୍ଟି କରିଥାଏ । ଲାଇଟ୍ ଅଫ୍ କରି ଅନ୍ଧାରରେ ଶୋଇବା ଦ୍ୱାରା ହୃଦୟକୁ ଲାଭ ମିଳିଥାଏ । ଗବେଷଣାରୁ ଜଣାପଡିଛି କି, ଶୋଇବା ସମୟରେ ଯେକୌଣସି ଆଲୋକ ଉପସ୍ଥିତି ମସ୍ତିଷ୍କ ଚାପ ସୃଷ୍ଟି କରେ । ମସ୍ତିଷ୍କ ଚାପ ପ୍ରତିକ୍ରିୟା ଧମନୀ ପ୍ରବାହ ସୃଷ୍ଟି କରେ, ଯାହା ଦୀର୍ଘ ସମୟ ମଧ୍ୟରେ ହୃଦଘାତ ଏବଂ ଷ୍ଟ୍ରୋକର ବିପଦ ବୃଦ୍ଧି କରେ। ୧୦ ବର୍ଷର ଗବେଷଣା ଅଧ୍ୟୟନରୁ ଜଣାପଡିଛି ଯେ, ଯେଉଁମାନେ ଶୋଇବା ସମୟରେ ଆଲୋକ ସଂସ୍ପର୍ଶରେ ଆସିଥାନ୍ତି, ସେମାନଙ୍କର ହୃଦୟ ଉପରେ ପ୍ରଭାବ ପଡିବା ସମ୍ଭାବନା ଅଧିକ ଥାଏ । ହୃଦୟ ମସ୍ତିଷ୍କ ସହିତ ସିଧାସଳଖ ସମ୍ପର୍କ ବଜାୟ ରଖେ, ତେଣୁ ଧମନୀ କ୍ଷତି ବ୍ୟାପକ ସ୍ୱାସ୍ଥ୍ୟ ପରିଣାମ ସୃଷ୍ଟି କରେ । ଅନ୍ଧାରରେ ଶରୀରରେ ମେଲାଟୋନିନ୍ ସୃଷ୍ଟି ହୁଏ, ଯାହା ରକ୍ତଚାପକୁ କମ୍ କରିବାରେ ସାହାଯ୍ୟ କରେ।



### ବଜାରରେ ବଢ଼ୁଛି ଅଣ୍ଡାଦର

# ପୁରୁଣା ଦରରେ ଅଟକିଛି ସରକାରୀ ଅନୁଦାନ

ଗଜପତି,୨୨।୭(ସଂଚାର ବ୍ୟୁରୋ): ସରକାରୀ ଅନୁଦାନ ପୁରୁଣା ଦରରେ ଅଟକି ରହିଥିବା ବେଳେ ବଜାରରେ ଅଣ୍ଡା ଦର ହୁ ହୁ ହୋଇ ବଢ଼ିବାରେ ଲାଗିଛି। ଫଳରେ ଗଜପତି ଜିଲ୍ଲା ମୋହନା ଓ ଆର. ଉଦୟଗିରି ବ୍ଲକର ଅଙ୍ଗନବାଡ଼ି କର୍ମୀମାନେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ନିଜ ପକେଟରୁ ଟଙ୍କା ଗଣି ଶିଶୁ, ଗର୍ଭବତୀ ଓ କିଶୋରୀଙ୍କୁ ଅଣ୍ଡା ଯୋଗାଉଛନ୍ତି କର୍ମୀ। ବଜାରରେ ଦିନକୁ ଦିନ ଅଣ୍ଡା ଦର ଆକାଶଛୁଆଁ ହେଉଛି। ଗୋଟିଏ ଅଣ୍ଡା ୮ ଟଙ୍କା ୫୦ ପଇସାରୁ ୯ ଟଙ୍କାରେ ମିଳୁଛି। ହେଲେ ସରକାରଙ୍କ ନିର୍ଦ୍ଧାରିତ ଅନୁଦାନ କିନ୍ତୁ ପୁରୁଣା ଦରରେ ରହିଛି। ଏସ୍ଏନ୍‌ପି ଯୋଜନାରେ ପ୍ରି-ସ୍କୁଲ ଶିଶୁଙ୍କ ପାଇଁ ଅଣ୍ଡା ବାବଦକୁ ମୁଣ୍ଡପିଛା ୪ ଟଙ୍କା ୫୦ ପଇସା। ଟିଏଚ୍ଆର୍ ଯୋଜନାରେ ଗର୍ଭବତୀ ମହିଳା ଓ କିଶୋରୀଙ୍କ ପାଇଁ ୭ ଟଙ୍କା ମଞ୍ଜୁର ହେଉଛି। ଫଳରେ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକରେ ଅଣ୍ଡା ଯୋଗାଇବା କର୍ମୀଙ୍କ ପାଇଁ ବଡ଼ ସମସ୍ୟା ପାଲଟିଛି। ଏନେଇ ବାରମ୍ବାର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନି। ବାଧ୍ୟ ହୋଇ କର୍ମୀମାନେ ନିଜ ପକେଟରୁ ଟଙ୍କା ଦେଇ କେନ୍ଦ୍ର ଚଳାଉଛନ୍ତି। ମୋହନା ଓ ଆର.ଉଦୟଗିରୀ ବ୍ଲକର ବିଭିନ୍ନ ଅଙ୍ଗନବାଡ଼ି କେନ୍ଦ୍ରରୁ ଆସିଛି ଏପରି ଚିତ୍ର। ଏପଟେ କିଛି ମାସ ହେବ ଦରମା ନିୟମିତ ମିଳୁନଥିବା ଅଭିଯୋଗ କରିଛନ୍ତି କର୍ମୀ। ଅନ୍ୟପଟେ ସମସ୍ୟା ନେଇ ଗଜପତି ଜିଲ୍ଲାପାଳ କହିଛନ୍ତି, ଯଦି ପ୍ରକୃତରେ ଏଭଳି ସମସ୍ୟା ରହିଛି, ତେବେ ଜିଲ୍ଲା ପାଣ୍ଠିରୁ ସହାୟତା ଯୋଗାଇ ଦିଆଯିବ। ସରକାର ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ଅଣ୍ଡା ବାବଦକୁ ଅନୁଦାନ ବୃଦ୍ଧି କରିବାକୁ ଦାବି ହୋଇଛି।



## ଏସଆଇଆର ସଚେତନତା ଓ ଜନଶୁଣାଣି ବୈଠକ



ଲାଞ୍ଜିଗଡ଼,୨୨।୭(ସଂଚାର ବ୍ୟୁରୋ): ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶାନୁସାରେ ଚାଲିଥିବା ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ (ଆଇଆର୍‌ସି) କାର୍ଯ୍ୟକ୍ରମକୁ ନେଇ ଲାଞ୍ଜିଗଡ଼ ବ୍ଲକର ଦୁର୍ଗମ ଅଞ୍ଚଳରେ ସଚେତନତା ଓ ଜନଶୁଣାଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଲାଞ୍ଜିଗଡ଼ ବିଡିଓ ଶଶାଙ୍କ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭୋଟର ତାଲିକାରେ ନାମ ସଂଯୋଗ, ସଂଶୋଧନ ଓ ବିଲୋପ ପ୍ରକ୍ରିୟା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିଥିଲେ। ସେ ସମସ୍ତ ଯୋଗ୍ୟ ନାଗରିକଙ୍କୁ ନିଜ ଭୋଟର ପରିଚୟ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଯାଞ୍ଚ କରି ଆବଶ୍ୟକ ସଂଶୋଧନ କରିବାକୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସୁପରଭାଇଜର ଜଗଦିଶ ପୁଟା, ପାହାଡ଼ପଦର ସରପଞ୍ଚ ଲକ୍ଷ୍ମଣ ମାଝୀ, ସମାଜସେବୀ ବୈଦନାଥ ନାଏକ, ଭିଏଲଓ ସୌଦାଗର ବାଗ, ହୀରାଲାଲ ବେହେରା, ଜୟଶଙ୍କର ନାଏକ ଓ ଆଦିତ୍ୟ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ସଚେତନତା ବୈଠକ ବୁଥ ନଂ ୧୨୦(ପାହାଡ଼ପଦର), ୧୨୨ (ବୋରପଦର) ଏବଂ ୧୨୩ (ପୁଞ୍ଜାମ) ଅଞ୍ଚଳରେ ଆୟୋଜିତ ହୋଇଥିଲା। ସ୍ଥାନୀୟ ଜନସାଧାରଣ ଉତ୍ସାହର ସହ କାର୍ଯ୍ୟକ୍ରମରେ ଯୋଗଦେଇ ଭୋଟର ତାଲିକା ସଂଶୋଧନ ସମ୍ପର୍କିତ ବିଭିନ୍ନ ବିଷୟରେ ମତାମତ ରଖିବା ସହ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ।

## ଡ୍ରେନ ସଫେଇ ହେଉନି, ଦେଓପାଲିରେ ଜଳବନ୍ଦୀ ସ୍ଥିତି

ଝାରସୁଗୁଡା,୨୨।୭(ସଂଚାର ବ୍ୟୁରୋ): ଗାଁ ଦାଣ୍ଡରେ ଆଣ୍ଠୁଏ ପାଣି, ଦୁର୍ଦ୍ଦଶାରେ ଛାତ୍ରଛାତ୍ରୀ ଓ ଗ୍ରାମବାସୀ; ସ୍ଥାୟୀ ସମାଧାନ ଦାବି ଲଘୁଚାପ ଜନିତ ଲଗାଣ ବର୍ଷା ପ୍ରଭାବରେ ଝାରସୁଗୁଡ଼ା ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଜନଜୀବନ ପ୍ରଭାବିତ ହୋଇଥିବା ବେଳେ ଲଖନପୁର ବ୍ଲକ ଅନ୍ତର୍ଗତ ମଚିଦା ଗ୍ରାମ ପଞ୍ଚାୟତର ଦେଓପାଲି ଗ୍ରାମରେ ଡ୍ରେନେଜ୍ ବ୍ୟବସ୍ଥାର ଅବ୍ୟବସ୍ଥା ଯୋଗୁଁ ପରିସ୍ଥିତି ସଙ୍କଟଜନକ ହୋଇପଡ଼ିଛି। ବର୍ଷା ପାଣି ନିଷ୍କାସନ ହୋଇପାରୁ ନଥିବାରୁ ଗ୍ରାମର ମୁଖ୍ୟ ରାସ୍ତାରେ ଆଣ୍ଠୁଏ ଉଚ୍ଚତାର ପାଣି ଜମି ରହିଥିବାରୁ ସାଧାରଣ ଯାତାୟାତ ଗୁରୁତର ଭାବେ ବାଧାପ୍ରାପ୍ତ ହେଉଛି। ଗ୍ରାମରେ ଡ୍ରେନେଜ୍ ବ୍ୟବସ୍ଥା ଥିଲେ ମଧ୍ୟ ଦୀର୍ଘଦିନ ଧରି ଡ୍ରେନର ସଫେଇ ଓ ରକ୍ଷଣାବେକ୍ଷଣ ହୋଇନଥିବାରୁ ବାଲି, ମାଟି ଓ ଆବର୍ଜନାରେ ଡ୍ରେନଗୁଡ଼ିକ ପୋତି ହୋଇଯାଇଛି। ଫଳରେ ବର୍ଷା ଜଳ ନିଷ୍କାସନରେ ବାଧା ସୃଷ୍ଟି ହୋଇ ଗାଁ ଦାଣ୍ଡ ଦେଇ ପାଣି ପ୍ରବାହିତ ହେଉଛି। ଏହାର ସବୁଠାରୁ ଅଧିକ ପ୍ରଭାବ ସ୍କୁଲ ପଢ଼ୁଆ ଛାତ୍ରଛାତ୍ରୀଙ୍କ ଉପରେ ପଡ଼ିଛି। ପ୍ରତିଦିନ ସେମାନେ ଆଣ୍ଠୁଏ ପାଣି ଭିତରେ ଚାଲି ବିଦ୍ୟାଳୟକୁ ଯାଉଥିବାରୁ ଦୁର୍ଘଟଣାର ଆଶଙ୍କା ବଢ଼ିଛି।

## ଦିନକରେ ଏମସିଏଲ ଲଗାଇଲା ୩ ଲକ୍ଷରୁ ଅଧିକ ଚାରା



ସମ୍ବଲପୁର,୨୨।୭(ସଂଚାର ବ୍ୟୁରୋ): ମହାନଦୀ କୋଲଫିଲ୍ଡସ୍ ଲିମିଟେଡ (ଏମ୍‌ସିଏଲ୍) ନିଜର ଖଣି ଅଞ୍ଚଳଗୁଡ଼ିକରେ ଗୋଟିଏ ଦିନରେ ଏକ ବିଶାଳ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜନ କରି ମଙ୍ଗଳବାର ଦିନ ୧୧୦.୯୫୨୫ ହେକ୍ଟର ଜମିରେ ୩, ୨୧, ୯୪୫ ଟି ଚାରା ରୋପଣ କରିଛି। ମାନ୍ୟବର କୋଇଲା ଓ ଖଣି ମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ, ସାରା ଦେଶରେ ଚାଲିଥିବା 'ସବୁଜ କୋଇଲା ଖନନ ଅଭିଯାନ' ଏବଂ 'ଗିନିଜ ୱାର୍ଲ୍ଡ ରେକର୍ଡ ବୃକ୍ଷରୋପଣ ଅଭିଯାନ'ର ଅଂଶସ୍ୱରୂପ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ଖଣି ଅଞ୍ଚଳ ଏବଂ ଏହାର ଆଖପାଖରେ ସବୁଜିମା ବୃଦ୍ଧି କରିବା, ପାରିପାର୍ଶ୍ୱିକ ସନ୍ତୁଳନ ଫେରାଇ ଆଣିବା, ଜୈବବିବିଧତା ସଂରକ୍ଷଣ କରିବା ଏବଂ ଅଙ୍ଗାରକାମ୍ଳ ଶୋଷଣ କ୍ଷମତାକୁ ସୁଦୃଢ଼ କରି ଜଳବାୟୁ ସହନଶୀଳତାରେ ଯୋଗଦାନ ଦେବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ। ଓଡ଼ିଶାର ୪ଟି ଜିଲ୍ଲାରେ ବ୍ୟାପିଥିବା ୩୪ଟି ଚିହ୍ନଟ ସ୍ଥାନରେ ୧୧୦ ହେକ୍ଟରରୁ ଅଧିକ ଜମିରେ ଏହି ବୃକ୍ଷରୋପଣ କରାଯାଇଛି। ଏଥିରେ ଏମସିଏଲର କାର୍ଯ୍ୟକ୍ଷମ ଅଞ୍ଚଳ, ପୁରୁଣା ଖଣି ଜମି, ଓଭରବର୍ଡେନ ଡମ୍ପ, କାର୍ଯ୍ୟାଳୟ ପରିସର, ରାସ୍ତାକଡ଼ ସହିତ ନିକଟବର୍ତ୍ତୀ ଗ୍ରାମ ଓ ସରକାରୀ ଜମି ସାମିଲ ରହିଛି। ଜୈବବିବିଧତାକୁ ପ୍ରୋତ୍ସାହିତ କରିବା ଏବଂ ସ୍ଥାୟୀ ସବୁଜ ପରିସଂସ୍ଥା ସୃଷ୍ଟି କରିବା ପାଇଁ ଏହି ଅଭିଯାନରେ ନିମ୍ବ, କାଞ୍ଚନ, ଜାମୁ, କରଞ୍ଜ, ପିଜୁଳି, ଶିରିସା, ଆମ୍ବ, ଶିଶୁ ଭଳି ବିଭିନ୍ନ ସ୍ଥାନୀୟ ଓ ଉପଯୁକ୍ତ ପ୍ରଜାତିର ଚାରା ରୋପଣ କରାଯାଇଥିଲା। ଏହି ସବୁଜିମା ଅଭିଯାନରେ କର୍ମଚାରୀ, ସ୍ଥାନୀୟ ଜନସାଧାରଣ, ଛାତ୍ରଛାତ୍ରୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍ଏଚ୍‌ଜି), ଜନପ୍ରତିନିଧି ଏବଂ ଅନ୍ୟାନ୍ୟ ସଂପୃକ୍ତ ବ୍ୟକ୍ତିବିଶେଷ ସକ୍ରିୟ ଭାବେ ଅଂଶଗ୍ରହଣ କରି ପରିବେଶର ସ୍ଥାୟିତ୍ୱ ଦିଗରେ ମିଳିତ ପ୍ରଚେଷ୍ଟାର ଏକ ଉଦାହରଣ ସୃଷ୍ଟି କରିଛନ୍ତି। ଉତ୍ତରଦାୟୀ ଖନନ ଏବଂ ପରିବେଶ ସଂରକ୍ଷଣ ପ୍ରତି ଏମସିଏଲର ନିରନ୍ତର ପ୍ରତିବଦ୍ଧତାର ଏହା ଏକ ଅଂଶ, ଯେଉଁଥିରେ ସ୍ଥାୟୀ ବିକାଶ, ପାରିପାର୍ଶ୍ୱିକ ପୁନରୁଦ୍ଧାର ଏବଂ ଆର୍ଥପୂର୍ଣ୍ଣ ଜନଭାଗୀଦାରୀ ଉପରେ ଗୁରୁତ୍ୱ ଦିଆଯାଉଛି।

## ବିଦ୍ୟାଳୟରେ ଅଭିଭାବକ ଓ ଶିକ୍ଷକ ମିଳିତ ବୈଠକ



ବୈଶିଙ୍ଗା,୨୨।୭(ସଂଚାର ବ୍ୟୁରୋ): ଆଜି ବୁଧବାର ମୟୂରଭଞ୍ଜ ଜିଲ୍ଲା ଅନ୍ତର୍ଗତ ବୈଶିଙ୍ଗାସ୍ଥିତ ମହାତ୍ମାଗାନ୍ଧୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶିକ୍ଷକ ଅଭିଭାବକ ଓ ଛାତ୍ରଛାତ୍ରୀଙ୍କୁ ନେଇ ଏକ ମିଳିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ତଥା ଇଂରାଜୀ ବିଭାଗର ବରିଷ୍ଠ ପ୍ରାଧ୍ୟାପକ ବୀରେନ୍ଦ୍ର କୁମାର ବେହେରା ବୈଠକରେ ସଭାପତିତ୍ୱ କରି ଅଭିଭାବକ, ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ଜଣାଇ ଗୁଣାତ୍ମକ ଶିକ୍ଷା ଓ ମୂଲ୍ୟବୋଧ ଉପରେ ଗୁରୁତ୍ୱ ଆରୋପ କରି ପାଠପଢ଼ା ସହିତ ଚରିତ୍ରର ବିକାଶ କେବଳ ଶିକ୍ଷକ ଓ ଅଭିଭାବକ ମାନଙ୍କ ସମନ୍ୱୟରେ ହାସଲ କରାଯାଇ ପାରିବ ବୋଲି ପରାମର୍ଶ ଦେଇଥିଲେ। ତାଙ୍କ ବକ୍ତବ୍ୟରେ ଅନୁଷ୍ଠାନର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଛାତ୍ରଛାତ୍ରୀ ମାନଙ୍କ ପାଇଁ ଏକ ଉତ୍ତମ ଓ ଭୟମୁକ୍ତ ଶୈକ୍ଷିକ ପରିବେଶ ସୃଷ୍ଟିରେ ସମର୍ପିତ ବୋଲି ପ୍ରକାଶ କରିଥିଲେ। ଉପସ୍ଥିତ ଅଭିଭାବକ ମାନଙ୍କ ମଧ୍ୟରୁ ବୈଶିଙ୍ଗା ନିବାସୀ ସମରେନ୍ଦ୍ର ପଣ୍ଡା ଓ ଯୁଗପୁରା ନିବାସୀ ହରେକୃଷ୍ଣ ମହାପାତ୍ର ଆଲୋଚନାରେ ଅଂଶ ଗ୍ରହଣ କରି ଅଧ୍ୟକ୍ଷଙ୍କ ଦ୍ୱାରା ନିଆ ଯାଉଥିବା ଶିକ୍ଷାଦାନ ସମ୍ବନ୍ଧୀୟ ବିଭିନ୍ନ ପଦକ୍ଷପକୁ ପ୍ରଶଂସା କରିବା ସହିତ ଛାତ୍ର ଛାତ୍ରୀ ମାନଙ୍କୁ ଅଧ୍ୟୟନରେ ନିଷ୍ଠା ରଖିବାକୁ ପରାମର୍ଶ ଦେଇଥିଲେ। ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା ଉକ୍ତ କାର୍ଯ୍ୟକ୍ରମରେ ସାମିଲ ହୋଇ ଛାତ୍ରଛାତ୍ରୀମାନଙ୍କୁ ପ୍ରେରଣା ଦେଇଥିଲେ। ଅନୁଷ୍ଠାନର ଏକାଡେମିକ୍ ବୃସାର ବିଜୟ କୁମାର ତ୍ରିପାଠୀ ଏହି ସଭାକାର୍ଯ୍ୟକୁ ସଂଯୋଜନା କରିଥିଲେ।

## ବିରଳ ବଜ୍ରକାପ୍ତା ଉଦ୍ଧାର, ଜଣେ ଯୁବକ ଗିରଫ

ଗଞ୍ଜାମ,୨୨।୭(ସଂଚାର ବ୍ୟୁରୋ): କିରାପଲ୍ଲୀ ଗ୍ରାମରେ ଜଣେ ବ୍ୟକ୍ତିଙ୍କଘରେ ବୁଗୁଡ଼ା ଫରେଷ୍ଟରେଞ୍ଜ କର୍ମଚାରୀ ମାନେ ଚଢାଉ କରି ଏକ ବିରଳ ପ୍ରଜାତିର ବଜ୍ରକାପ୍ତା ଉଦ୍ଧାର କରିଛନ୍ତି। ବଜ୍ରକାପ୍ତାର ଓଜନ ପ୍ରାୟ ୭କେଜି୧୦୦ ରହିଛି। ଏହି ଘଟଣରେ ବଜ୍ରକାପ୍ତାଟିକୁ ଘରେ ରଖିଥିବା ଅଭିଯୋଗରେ ସନ୍ତୋଷ ଗଉଡ(୩୨)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏହି ବଜ୍ରକାପ୍ତାଟିର ମୂଲ୍ୟ ପ୍ରାୟ ୩୫ଲକ୍ଷ ଟଙ୍କା ଆନ୍ତର୍ଜାତିକ ବଜାରରେ ହେ୍ ୱୋଲି ରେଞ୍ଜର ମାନସ କୁମାର ସାହୁ ସୂଚନା ଦେଇଛନ୍ତି। ବଜ୍ରକାପ୍ତାଟିକୁ ନିକଟସ୍ଥ ଜଙ୍ଗଲରେ ଛାଡି ଦିଆଯାଇଛି।

## ଜଗନ୍ନାଥଙ୍କୁ ବାମନ ବେଶରେ ଦର୍ଶନ କଲେ ଶ୍ରଦ୍ଧାଳୁ

ଗଞ୍ଜାମ,୨୨।୭(ସଂଚାର ବ୍ୟୁରୋ): ପିତଲ୍ଲଜାର ଆଡପମଣ୍ଡପରେ ଗତକାଲି ଅପରାହ୍ନରେ ପ୍ରଭୂ ଜଗନ୍ନାଥ ଭଗବାନ ୱାମନ୍ଦେଶରେ ସଜ୍ଜିତ ହୋଇ ଭକ୍ତ ମାନଙ୍କୁ ଦର୍ଶନ ଦେଇଛନ୍ତି। ଅପରାହ୍ନରୁ ରାତି ଯାଏ ବର୍ଷା ଲାଗି ରହିଥିଲେ ମଧ୍ୟ ପ୍ରଭୂ ଦର୍ଶନ ଓ ସନ୍ଧ୍ୟାରେ ଆଳତି ଦର୍ଶନ ପାଇଁ ପିତଳ, ସନ୍ତୋଷପୁର, ତହର, କାଞ୍ଚିଆମା, ଭେଟସିଙ୍ଗି, ବ୍ରାହ୍ମଣ ଛାଇ, ପାକିଡି, ଓ ନରେନ୍ଦ୍ର ପୁର ପଞ୍ଚାୟତ ବିଭିନ୍ନ ଗ୍ରାମରୁ ବହୁ ଶ୍ରଦ୍ଧାଳୁ ଆସି ସମାଗମ ହୋଇଥିଲେ। ଗୁଣ୍ଡିଚା ମଣ୍ଡପରେ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ବିଭିନ୍ନ ବଦାନ୍ୟ ବ୍ୟକ୍ତିଙ୍କ ପକ୍ଷରୁ ମିଷ୍ଟାନ୍ନ ଭୋଗପ୍ରସାଦ ଉପ ସ୍ଥିତ ଶ୍ରଦ୍ଧାଳୁ ମାନଙ୍କୁ ବିତରଣ କରାଯାଉଛି।

### ବିସ୍ଥାପନ ପାଇଁ ତାତିଲେ ଆଦିବାସୀ

## ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି ପ୍ରତିବାଦ



ବଲାଙ୍ଗୀର,୨୨।୭(ସଂଚାର ବ୍ୟୁରୋ): ବୁଧବାର ଦ୍ୱିତୀୟ ଦିନରେ ଲୋୟର ସୁକତେଲ ଡ୍ୟାମ ପ୍ରଭାବିତ କୁମିଆପାଲି ଗାଁରେ ବିସ୍ଥାପନ ପ୍ରକ୍ରିୟା ଆରମ୍ଭ କରିବାକୁ ଜିଲ୍ଲା ପ୍ରଶାସନର ଟିମ୍ ପହଞ୍ଚିଥିଲା। ମାତ୍ର ଆଜି ବି ଗ୍ରାମବାସୀ ମିଳିତ ଭାବେ ଗାଁର ରାମଜୀ ମଣ୍ଡପରେ ଧାରଣା ଦେଇଛନ୍ତି। ଆଜି ଆଦିବାସୀମାନେ ଧନୁତୀର, ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି ମଣ୍ଡପରେ ବସି ରହିଛନ୍ତି। ପ୍ରକୃତ ସର୍ଭେ, ଉଚିତ କ୍ଷତିପୂରଣ ଓ ଥଇଥାନ ନ କରି ପ୍ରଶାସନ କିଭଳି ଭାବେ ଗ୍ରାମବାସୀଙ୍କୁ ବିସ୍ଥାପିତ କରିବାକୁ ଆସିଛ ବୋଲି ପ୍ରଶ୍ନ କରିଛନ୍ତି। ବୁଧବାର ଅତିରିକ୍ତ ଜିଲ୍ଲାପାଳ (ଏଡିଏମ) ପବିତ୍ର ବେହେରା କୁମିଆପାଲି ଗାଁକୁ ଯାଇ ଲୋକଙ୍କ ସହ ଆଲୋଚନା କରିଥିଲେ। ତେବେ ଲୋକ ମାନେ ସେମାନଙ୍କ ଦାବି ପୂରଣ ଉପରେ ଗୁରୁତ୍ୱ ଦେଇଥିଲେ। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ସେମାନେ ଗାଁ ଛାଡ଼ିବେ ନାହିଁ ବୋଲି କହିଥିଲେ। ଏଭଳିକି ଏଡିଏମ୍‌ଙ୍କ ସମ୍ମୁଖରେ ଗ୍ରାମବାସୀ ସେମାନଙ୍କ ରାଶନକାର୍ଡ଼, ଭୋଟର କାର୍ଡ, ଆଧାର କାର୍ଡକୁ ରଖି ଦେଇ ପ୍ରତିବାଦ ଜଣାଇଥିଲେ। ଲୋୟର ସୁକତେଲ ପ୍ରକଳ୍ପ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ସୁରେନ୍ଦ୍ର ଭୋଇ ଓ ଅନ୍ୟ ଅଧିକାରୀମାନେ ମଧ୍ୟ ଗାଁରେ ଉପସ୍ଥିତ ଅଛନ୍ତି। ଆନ୍ଦୋଳନ କାରୀମାନେ ଖବର ଲେଖାହେବା ସୁଦ୍ଧା ଆନ୍ଦୋଳନ ଜାରି ରଖିଛନ୍ତି।

## କେନ୍ଦୁଆ ପଞ୍ଚାୟତର ଅହୋରାତ୍ର ଗଣଧାରଣା ଷଷ୍ଠ ଦିନରେ: ପ୍ରଶାସନ ନୀରବଦ୍ରଷ୍ଟା



ବୈଶିଙ୍ଗା,୨୨।୭(ସଂଚାର ବ୍ୟୁରୋ): ବର୍ତ୍ତମାନ ଡବଲ ଇଞ୍ଜିନ ସରକାର ରାଜ୍ୟରେ କିପରି କାମ କରୁଛି ତାହା ଜନତା ଜାଣି ସାରିଲେଣି। ପୂର୍ବ ବିଜେଡି ସରକାର ଏପରି କିଛି କାମ କରିଥିଲେ ଯାହା ଏବେବି ଲୋକେ ଝୁରୁଛନ୍ତି। ବର୍ତ୍ତମାନର ସରକାର ନିଜର ଦୋଷ ତ୍ରୁଟି ଲୁଚାଇବାକୁ ଯାଇ ପୋଲିସ ପ୍ରଶାସନକୁ ଅପ ବ୍ୟବହାର କରୁଥିବାର ଦେଖିବାକୁ ମିଳୁଛି। ଏହାର ଉଦାହରଣ ପାଲଟିଛି କେନ୍ଦୁଆ ପଞ୍ଚାୟତର ଗଣଧାରଣା। ଆଜକୁ ଛଅ ଦିନ ହେବ ପଞ୍ଚାୟତବାସୀ କେନ୍ଦୁଆ ଅସ୍ଥାୟୀ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ ମଧ୍ୟ ପୁଲିସ୍ ଓ ପ୍ରଶାସନ ନୀରବ ଦ୍ରଷ୍ଟା ସାଜିଛି। ଆଉ ଗୋଟିଏ ଦିନ ପରେ ୧୮ ନଂ ଜାତୀୟ ରାଜପଥ ଅବରୋଧ କରାଯିବା ପାଇଁ ପୂର୍ବରୁ ଗ୍ରାମବାସୀ ମାନେ ଚେତାବନୀ ଦେଇଛନ୍ତି।

● ମାସେ ହେବ ବସୁଧା ପାନୀୟ ଅଚଳ

## ବିଦ୍ୟୁତ ବିଭାଗୀୟ ଅଧିକାରୀଙ୍କ ଅବହେଳା



କନ୍ଧମାଳ,୨୨।୭(ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା କ ନୂଆଗାଁ ବ୍ଲକ ବଣ୍ଡଗୁଡା ପଞ୍ଚାୟତର ଉପର କଙ୍ଗେରିକିଆ ଗ୍ରାମରେ ଗୋଟିଏ ମାସ ହେବ ବସୁଧା ପାନୀୟ ଜଳ ପ୍ରକଳ୍ପ ଅଚଳ। ଗ୍ରାମାଞ୍ଚଳରେ ଲୋକମାନଙ୍କ ପାଇଁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ନିମନ୍ତେ କରାଯାଉଛି ଲାକ୍ଷାଧିକ ଟଙ୍କା ର ବ୍ୟୟ ଅଟକଳ ପାନୀୟ ଜଳ ପ୍ରକଳ୍ପ କିନ୍ତୁ କିଛି ଦିନ ତଳେ ତାହା ଅଚଳ ହୋଇ ପଡ଼ି ରହିଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ କଙ୍ଗେରିକିଆ ଗ୍ରାମରେ ପ୍ରାୟ ୧୦୦ ରୁ ଉର୍ଦ୍ଧ୍ୱ ପରିବାର ବସବାସ କରନ୍ତି। ଗ୍ରାମବାସୀଙ୍କ ପାନୀୟ ଜଳ ଆବଶ୍ୟକ ମେଣ୍ଟାଇବା ପାଇଁ ବହୁତ ବର୍ଷ ପୂର୍ବରୁ ବସୁଧା ପାନୀୟ ପ୍ରକଳ୍ପ ନିର୍ମାଣ କରାଯାଇଥିଲା। ବର୍ତ୍ତମାନ ଗୋଟିଏ ମାସ ହେବ ପାନୀୟ ଜଳ ପାଇବାରୁ ବଞ୍ଚିତ। ପାଣି ପମ୍ପ କୁ ବିଦ୍ୟୁତ ଠିକ୍ ଭାବରେ ଯାଉନଥିବାରୁ ରୁ ତାହା ସମ୍ପୂର୍ଣ୍ଣ ଭାବେ ଅଚଳ ହୋଇ ପଡ଼ି ରହିଛି। ଏହି ବିଷୟରେ ବିଦ୍ୟୁତ ବିଭାଗୀୟ ଅଧିକାରୀ ଓ ଦାୟିତ୍ୱ ରେ ପାନୀୟଜଳ ଯନ୍ତ୍ରୀ ଙ୍କୁ ଅଭିଯୋଗ କରିଥିଲେ ମଧ୍ୟ ତା ମରାମତି ହୋଇ ପାରୁନଥିବା ଅଭିଯୋଗ କରିଛନ୍ତି ଯୋଶବନ୍ତ ପ୍ରଧାନ, ରିଙ୍କୁ ପ୍ରଧାନ, ଶଙ୍କର ପ୍ରଧାନ, କୃପା ନନ୍ଦ ପ୍ରଧାନ, ବିମିରାଜ ପ୍ରଧାନ, ସନ୍ତୋଷ ପ୍ରଧାନ, ସମେତ କଙ୍ଗେରିକିଆ ଅଞ୍ଚଳବାସୀ ଦାବି କରିଛନ୍ତି।

## ବନ୍ଧୁକ ସହ ବନ୍ଧୁକ ତିଆରି ସାମଗ୍ରୀ ଜବତ, ଜଣେ ଗିରଫ

ମାଲକାନଗିରି,୨୨।୭(ସଂଚାର ବ୍ୟୁରୋ): ମାଲକାନଗିରି ସଦର ବ୍ଲକ ସ୍ଥିତ ଗୌଡ଼ଗୁଡା ଗ୍ରାମପଞ୍ଚାୟତ ଅନ୍ତର୍ଗତ ନୀଲିମାରୀ ଗ୍ରାମରୁ ବନ୍ଧୁକ ତିଆରି ସାମଗ୍ରୀ ସହ ଗୋଟିଏ ବନ୍ଧୁକ ଜବତ, ଜଣଙ୍କୁ ଗିରଫ କରିଛି ମାଲକାନଗିରି ପୋଲିସ!ଘଟଣାରୁ ପ୍ରକାଶ ମାସିକିଆ ବିଦ୍ୟୁତ ବିଲ ଆଦାୟ କରିବାକୁ ଯାଇଥିବା ବେଳେ ଟାଟା ପାୱାର କମ୍ପାନୀର ଠିକା କର୍ମଚାରୀ ଦିପକ ବିଶ୍ୱାସଙ୍କୁ ବନ୍ଧୁକ ଦେଖାଇ ଜୀବନ ରେ ମାରିଦେବା ଧମକ ଦେଲେ ଜଣେ ବ୍ୟକ୍ତି। ମାଲକାନଗିରି ଥାନା ଅନ୍ତଗତ ନିଲିମାରି ଗ୍ରାମର ଅନୂକୁଳ ନାୟକଙ୍କ ପୂର୍ବରୁ ପ୍ରାୟ ୧୭ ହଜାର ଟଙ୍କାର ବିଦ୍ୟୁତ ବିଲ ବାକି ରହିଥିବା ବେଳେ ଗତ ମାସରେ ୨୧୯ ଟଙ୍କାର ବିଲ ଆସିଛି। ତେବେ ଟାଟା ବିଦ୍ୟୁତ କର୍ମଚାରୀ ଟଙ୍କା ଆଦାୟ କରିବାକୁ ଯାଇଥିବା ବେଳେ ତାଙ୍କୁ ପ୍ରଥମେ ଛୁରୀ ସହ ଆକ୍ରମଣ କରିଥିଲେ, ପରେ ବନ୍ଧୁକ ଦେଖାଇ ଭୟବିତ କରିଥିଲେ ଅନୂକୁଳ।ନିକଟରେ ଉପସ୍ଥିତ ଥିବା ଗ୍ରାମବାସୀ ଦୀପକୁ ନେଇ ଭୟବିତ ଅବସ୍ଥାରେ ସେଠାରୁ ଖସି ଆସି ଥାନାରେ ଏତଲା ଦେଇଥିଲେ। ମାଲକାନଗିରି ଆଦର୍ଶ ଥାନା ପୋଲିସ ନିଲିମାରି ଗାଁକୁ ଯାଇ ଅନୂକୁଳ ନାୟକ କୁ ଗିରଫ କରିଛି। ହେଲେ ତାଙ୍କ ଘରେ ପୋଲିସ ଯାଞ୍ଚ ତଲାସି କରିବା ସମୟରେ ଗୋଟିଏ ବନ୍ଧୁକ ସହ ବନ୍ଧୁକ ତିଆରି କରିବା ଅନେକ ସାମଗ୍ରି ଜବତ ହୋଇଛି। ଉକ୍ତ ଘଟଣାର ଅଧିକ ତଦନ୍ତ କରୁଥିବା ଥାନା ଅଧିକାରୀ ରିଗାନ କିଣ୍ଡୋ ପ୍ରକାଶ କରିଛନ୍ତି।

## ମାଛ ଧରିବାକୁ ଯାଇ ଯୁବକଙ୍କ ମୃତ୍ୟୁ

ମାଲକାନଗିରି,୨୨।୭(ସଂଚାର ବ୍ୟୁରୋ): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଅନ୍ତର୍ଗତ ଧୁଙ୍ଗିଆପୁଟ ପଞ୍ଚାୟତର ଡୁର୍କାଯୋଡ଼ି ଗ୍ରାମରେ ମାଛ ଧରିବାକୁ ଯାଇ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଡମ୍ବରୁ ଓଡି (୩୫)। ସୂଚନା ଅନୁଯାୟୀ, ଗ୍ରାମବାସୀମାନେ ମିଳିତ ଭାବେ ନଦୀରେ ଏକ ଅସ୍ଥାୟୀ ବନ୍ଧ ନିର୍ମାଣ କରି ମାଛ ଧରୁଥିଲେ। ଏହି ସମୟରେ ଡମ୍ବରୁ ଓଡି ମାଛ ଧରିବା ପାଇଁ ନଦୀକୁ ଯାଉଥିବାବେଳେ ଅସାବଧାନତାବଶତଃ ପାଣିର ପ୍ରଖର ସ୍ରୋତରେ ଭାସିଯାଇ ନିଖୋଜ ହୋଇଯାଇଥିଲେ। ଘଟଣା ସମ୍ପର୍କରେ ଜିଲ୍ଲାପରିଷଦ ସଦସ୍ୟା ଲକ୍ଷ୍ମୀପ୍ରିୟା ନାୟକ ଜାଣିବା ପରେ ସେ ମାଥିଲି ଥାନା ଆଇଆଇସି ଦୀପାଞ୍ଜଳି ପ୍ରଧାନଙ୍କୁ ସୂଚନା ଦେଇଥିଲେ। ଖବର ପାଇ ଅଗ୍ନିଶମ ବାହିନୀ ଓ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୀର୍ଘ ସମୟ ଧରି ତଲାସି ଅଭିଯାନ ଚଳାଇଥିଲେ।

## ୪ ମାସର ବକେୟା ଭତ୍ତା ଅପେକ୍ଷାରେ ହିତାଧିକାରୀ



ଗୁଡାରି,୨୨।୭(ସଂଚାର ବ୍ୟୁରୋ): ସାମାଜିକ ସୁରକ୍ଷା ଯୋଜନାରେ ଗୁଡାରି ବ୍ଲକର ବହୁ ହିତାଧିକାରୀ ଗତ ୪ ମାସ ହେବ ଭତ୍ତା ପାଇନଥିବା ଅଭିଯୋଗ କରିଛନ୍ତି । ଏ ନେଇ ବହୁ ହିତାଧିକାରୀ ଗତ ସୋମବାର ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ କରିଥିଲେ। ଗୁଡାରି ବ୍ଲକର ମଧୁବନ ଗ୍ରାମପଞ୍ଚାୟତ ଅନ୍ତର୍ଗତ ରାଉତଗୁଡା ଗ୍ରାମର ସୁକୁମାରୀ ଶବର, ଲାବଣ୍ୟ ଶବର, ସୁକୁମାରୀ ଶବର ସେହିପରି ସର୍ଗିଡାଙ୍ଗ ଗ୍ରାମର କାନ୍ଦରୀ ଶବର ଓ ସୁକୁମାରୀ ଶବର ଏବଂ ଭରତଗୁଡା ଗ୍ରାମର ରତ୍ନ ଶବର ଓ କମଳା ଶବର ଗତ ୪ ମାସ ହେଲା ଭତ୍ତା ମିଳିନଥିବା ପ୍ରକାଶ କରିଛନ୍ତି । ଏହି ୭ ଜଣ ହିତାଧିକାରୀ ୪ ମାସ ହେଲା ଭତ୍ତା ମିଳିନଥିବାରୁ ବହୁ ଅସୁବିଧାର ସମ୍ମୁଖୀନ ହେଉଅଛୁ ବୋଲି କୋହଭରା କଣ୍ଠରେ କହିଛନ୍ତି । ଭତ୍ତା ଟଙ୍କା ପାଇବା ପାଇଁ ସେମାନେ ବ୍ୟାଙ୍କ ଓ ବ୍ଲକ ଅଫିସ କୁ ବାରମ୍ବାର ଯାଇଥିଲେ ମଧ୍ୟ କିଛି ଫଳପ୍ରଦ ହେଉନଥିବା କହିଛନ୍ତି । ଏହି ପରିଣତ ବୟସରେ ସେମାନଙ୍କୁ ଭତ୍ତା ପଇସା ହିଁ ରୋଜଗାରର ଏକ ମାତ୍ର ମାଧ୍ୟମ ହୋଇଥିବା ବେଳେ ମାସ ମାସ ଧରି ଭତ୍ତା ପଇସା ମିଳୁନଥିବାରୁ ସେମାନେ ବିଚଳିତ ଅବସ୍ଥାରେ ଅଛନ୍ତି। ମୁଖ୍ୟତଃ ବାର୍ଦ୍ଧକ୍ୟ ଅବସ୍ଥାରେ ଔଷଧ କିଣିବା ପାଇଁ ସେମାନଙ୍କୁ ଅର୍ଥ ଆବଶ୍ୟକ ହେଉଥିବା ସେମାନେ ଗୁରତ୍ୱ ଦେଇଛନ୍ତି।

## ୫ କେଜି ଗଞ୍ଜେଇ ଜବତ, ଯୁବକ ଗିରଫ

ଝାରସୁଗୁଡ଼ା,୨୨।୭(ସଂଚାର ବ୍ୟୁରୋ): ଲଖନପୁର ପୁଲିସ୍ ଏନ୍ଏଚ୍ ୪୯ରେ ଚଢ଼ାଉ କରି ଚୋରା ଗଞ୍ଜେଇ ଚାଲାଣ କରୁଥିବା ଜନୈକ ଯୁବକଙ୍କୁ ଗିରଫ କରିଛି। ଗିରଫ ଯୁବକ ଜଣକ ଅଢ଼ାପରା ଗ୍ରାମର ଅଜୟ କୁମାର ନାୟକ (୨୭)। ତାଠାରୁ ୫ କେଜି ୨୯୬ ଗ୍ରାମ ଗଞ୍ଜେଇ ସହ ବାଇକ ଓ ମୋବାଇଲ ଫୋନ୍ ଜବତ ହୋଇଛି। ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପୂର୍ଣ୍ଣମୀ ଓରାମ ସୂଚନା ଦେଇଛନ୍ତି। ସୂଚନା ମୁତାବକ, ଆରକ୍ଷୀ ଅଧକ୍ଷଙ୍କ ନିର୍ଦ୍ଦେଶକ୍ରମେ ଲଖନପୁର ପୁଲିସ୍ ପକ୍ଷରୁ ଏସଆଇ ରଶ୍ମି ଓରାମଙ୍କ ନେତୃତ୍ୱରେ ଏକ ପୁଲିସ୍ ଟିମ୍ ଏନ୍ଏଚ୍ ୪୯ ସ୍ଥିତ ବେହେରାଗୁଡ଼ା ଛକ ନିକଟରେ ଯାନବାହନ ଯାଞ୍ଚ କରୁଥିଲେ। ଏହି ସମୟରେ ଅଜୟ ଏକ ବାଇକରେ କଳା ଏୟାର ବ୍ୟାଗ ନେଇ ଯାଉଥିବା ଦେଖି ସନ୍ଦେହ କରି ପୁଲିସ ତାର ପିଛା କରି ନୂଆଁବନ୍ଧ ଛକରେ ଅଟକାଇଥିଲା।

## ଗ୍ରାମରେ ହନ୍ତସନ୍ତ ଚାଷୀ , ପ୍ରଶାସନ ନିରବଦ୍ରଷ୍ଟା



ଧର୍ମଗଡ,୨୨।୭(ସଂଚାର ବ୍ୟୁରୋ): ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ । ଏଠି ଲୋକଙ୍କ ମୁଖ୍ୟ କାର୍ଯ୍ୟ ହେଉଛି ଚାଷ କାର୍ଯ୍ୟ କଳାହାଣ୍ଡି ଜିଲ୍ଲା ମଧ୍ୟ ଏକ କୃଷି ପ୍ରଧାନ ଜିଲ୍ଲା । ଏହି ଜିଲ୍ଲାର ଲୋକ ପ୍ରାୟତଃ ଚାଷବାସ ଉପରେ ନିର୍ଭର କରି ନିଜର ଜୀବନ ଜୀବିକା ପ୍ରତିପ୍ରାଦନ କରିଥାନ୍ତି । ସରକାର ମଧ୍ୟ ଚାଷୀ ମାନଙ୍କୁ ଚାଷକାର୍ଯ୍ୟରେ ତାଙ୍କ ଜମିକୁ ପାଣି ସୁଚାରୁ ରୂପେ ପହଞ୍ଚାଇବା ପାଇଁ ଚାଷ ଜମି ମାନଙ୍କରେ ବିଦ୍ୟୁତ ବିଭାଗ ସହାୟତା ରେ ଏଲ୍ଆଇ ପଏଣ୍ଟର ବ୍ୟବସ୍ଥା କରିଛନ୍ତି। ଯାହାଫଳରେ ଜଳସଙ୍କଟ ସମୟରେ ମଟର ସାହାଯ୍ୟରେ ଜଳ ସେଚନ କରି ଚାଷୀଙ୍କ ଚାଷ କାର୍ଯ୍ୟ ଅତ୍ୟନ୍ତ ସରସ ସୁଗମ ହେଉଛି । ଚାଷିଙ୍କ ଚାଷ କାର୍ଯ୍ୟ ପାଇଁ କଳାହାଣ୍ଡି ଜିଲ୍ଲାର ମ.ରାମପୁର ବ୍ଲକ୍ ନୁନପୁର ପଞ୍ଚାୟତର ଚାଷୀ ଜଗମୋହନ ରଣା ତାଙ୍କ ଚାଷ ଜମି ପାଇଁ ଗଙ୍ଗା ଜମୁନା ପାଣି ପଞ୍ଚାୟତ ଏଲ୍ଆଇ ପଏଣ୍ଟରୁ ବିଦ୍ୟୁତ ସଂଯୋଗ କରି ମଟର ଯୋଗେ ଜଳସେଚନ କରି ଚାଷବାସ କରୁଥିଲେ । କିନ୍ତୁ ଗତ ୧୫ ଜାନୁଆରୀ ୨୦୨୬ ତାରିଖ ରେ ଉକ୍ତ ଲାଇନ ସଂଯୋଗ କରୁଥିବା ଚାଷ ଜମିକୁ ଯିବା ବେଳେ ବିଦ୍ୟୁତ ଖୁଣ୍ଟ ରୁ ଗଙ୍ଗା ଯମୁନା ପାଣି ପଞ୍ଚାୟତ ଏଲ . ଆଇ ପଏଣ୍ଟ କୁ ସଂଯୋଗ କରୁଥିବା ପ୍ରାୟ ୧.୫ କେମି ପର୍ଯ୍ୟନ୍ତ ୧୧ କେଭି ବିଦ୍ୟୁତ ତାର କେହି ଦୁର୍ବୃତ୍ତ ଚୋରି କରି ନେଇଯାଇ ଥିଲେ । ତୁରନ୍ତ ଏହାର ଏକ ଲିଖିତ ଅଭିଯୋଗ ମ . ରାମପୁର ଥାନାରେ ଦିଆଯାଇଥିଲେ ମଧ୍ୟ, ଆଜି ପର୍ଯ୍ୟନ୍ତ ଚୋରି କିମ୍ବା ଚୋରି ହୋଇଥିବା ୧୧ କେ . ଭି ବିଦ୍ୟୁତ ତାର ଜବତ ହୋଇପାରି ନାହିଁ ।

### ୩ ଅବୋଧ ଅନାଥ ସନ୍ତାନଙ୍କ ଆଖିରେ ଲୁହ

## ପଞ୍ଚାୟତ ଓ ପ୍ରଶାସନର ସହାୟତା ଦାବି



ଧର୍ମଗଡ଼,୨୨।୭(ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ ବୁଢ଼ିଦର ଗ୍ରାମ ପଞ୍ଚାୟତର ତେତେଲପଡ଼ା ଗାଁରୁ ଆସିଛି ଏକ ଅତ୍ୟନ୍ତ ହୃଦୟ ବିଦାରକ ଘଟଣା। ଏହି ଗାଁର ନିବାସୀ ଲଳିତା ନାଏକଙ୍କ ପରଲୋକ ପରେ ତାଙ୍କର ତିନି କଅଁଳ ସନ୍ତାନ ସମ୍ପୂର୍ଣ୍ଣ ଅନାଥ ହୋଇପଡ଼ିଛନ୍ତି। ତିନି ବର୍ଷ ପୂର୍ବେ ପରିବାରର ମୁଖ୍ୟ ଫକୀର ନାଏକଙ୍କ ମୃତ୍ୟୁ ଘଟିଥିଲା। ସେହି ଦୁଃଖକୁ ଛାତିରେ ଚାପି ଲଳିତା ନାଏକ ଅନେକ କଷ୍ଟ, ଅଭାବ ଓ ସଂଘର୍ଷ ମଧ୍ୟରେ ନିଜ ତିନି ସନ୍ତାନଙ୍କୁ ଲାଳନ ପାଳନ କରିଆସୁଥିଲେ। କିନ୍ତୁ ଗତକାଲି ସେ ମଧ୍ୟ ଆରପାରିକୁ ଚାଲିଯିବା ପରେ ତିନି କଅଁଳ ଛୁଆଙ୍କ ମୁଣ୍ଡ ଉପରୁ ବାପା ମା'ଙ୍କ ସ୍ନେହ, ସୁରକ୍ଷା ଓ ଆଶ୍ରୟ ସବୁଦିନ ପାଇଁ ହଟିଯାଇଛି। ଘର ଭିତରେ ଏବେ ନୀରବତା, ଆଖିରେ ଲୁହ ଓ ଆଗାମୀ ଦିନର ଅନିଶ୍ଚିତତା। ବୟସ ବୁଝିବା ପୂର୍ବରୁ ଏହି ତିନି ନିରୀହ ଶିଶୁ ଜୀବନର ସବୁଠୁ ବଡ଼ ଦୁଃଖର ସମ୍ମୁଖୀନ ହୋଇଛନ୍ତି। ଆଜି ସେମାନଙ୍କୁ ସାନ୍ତ୍ୱନା ଦେବାକୁ ବାପା ନାହାନ୍ତି, ମା'ର ସ୍ନେହଭରା ହାତ ମଧ୍ୟ ନାହିଁ। ଭୋକ ଲାଗିଲେ କିଏ ଖାଇବା ଦେବ, ଦେହ ଖରାପ ହେଲେ କିଏ ଚିକିତ୍ସା କରିବ, ସ୍କୁଲକୁ କିଏ ପଠାଇବ ଏହି ପ୍ରଶ୍ନଗୁଡ଼ିକ ଆଜି ସମସ୍ତଙ୍କ ମନକୁ ବିଚଳିତ କରୁଛି। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଫକୀର ନାଏକଙ୍କ ମୃତ୍ୟୁ ପରେ ଲଳିତା ନାଏକ ଦିନମଜୁରି କରି, କେବେ ପଡ଼ୋଶୀଙ୍କ ସହାୟତା ନେଇ ତ କେବେ ନଖାଇ ରହି ନିଜ ସନ୍ତାନଙ୍କ ମୁହଁରେ ଦାନା ଦେଇଥିଲେ। ଦାରିଦ୍ର୍ୟ ଓ ଅଭାବ ତାଙ୍କ ପରିବାରର ନିତିଦିନିଆ ସାଥୀ ହୋଇଥିଲା। ତଥାପି ମା' ଭାବରେ ସେ ନିଜ ସନ୍ତାନଙ୍କୁ ବଞ୍ଚାଇ ରଖିବା ପାଇଁ ସବୁ ପ୍ରକାର ଚେଷ୍ଟା କରିଥିଲେ। ଭାଗ୍ୟର ନିଷ୍ଠୁର ପରିହାସ ଆଗରେ ଶେଷରେ ସେ ହାର ମାନି ଆଖି ବୁଜିଦେଲେ। ବର୍ତ୍ତମାନ ଏହି ପରିବାରର ନିଜର ବୋଲି କେହି ନାହାନ୍ତି। ସରକାରୀ ସହାୟତା କହିଲେ କେବଳ ରାସନ ଯୋଜନାରେ ମିଳୁଥିବା ୫ କେଜି ଚାଉଳ। କିନ୍ତୁ କେବଳ ଚାଉଳରେ କେବେ ଜୀବନ ଚାଲେ ନାହିଁ। ପିଲାମାନଙ୍କ ପାଇଁ ପୁଷ୍ଟିକର ଖାଦ୍ୟ, ପୋଷାକ, ଶିକ୍ଷା, ପୁସ୍ତକ, ଔଷଧ, ବାସସ୍ଥାନ ଓ ଦୈନନ୍ଦିନ ଖର୍ଚ୍ଚର ଆବଶ୍ୟକତା ରହିଛି। ଏହି ସମସ୍ତ ଖର୍ଚ୍ଚ କିପରି ପୂରଣ ହେବ, ତାହାକୁ ନେଇ ସମଗ୍ର ଅଞ୍ଚଳରେ ଚିନ୍ତା ପ୍ରକାଶ ପାଇଛି।